ଓଁ ଶ୍ରୀ ଶ୍ରୀ ଅରକ୍ଷ ରକ୍ଷକ ମହାପୁରୁଷ ସନ୍ଥ ଅରକ୍ଷିତ ଦାସାୟ ନମୋନମଃ



# ଭକ୍ତି

(ଏକ ସମର୍ପିତ ଆଲେଖ)



ପ୍ରଜ୍ଞାପନ
ପଦ୍ମ ଶ୍ରୀ ବିଦ୍ୟାବାଚସ୍ପତି
ଡ. ଶ୍ରୀନିବାସ ଉଦ୍‌ଗାତା



ତତ୍ୱବଧାରକ
ଶରଣାରବିନ୍ଦ



ବର୍ଣ୍ଣ-ମାର୍ଜନ ସହଯୋଗ
ସୁଶ୍ରୀ ବିଜୟଲକ୍ଷ୍ମୀ



- ପ୍ରକାଶକ -
ଓଲାଶୁଣୀ ଗୁମ୍ଫା (ପୀଠ) ପ୍ରଚାର ପ୍ରସାର କମିଟି କର୍ତ୍ତୃକ
ନବକିଶୋର ସାମଲ, ଲଳିତଗିରି

ଓଁ ଶ୍ରୀଶ୍ରୀ ଅରକ୍ଷ ରକ୍ଷକ ମହାପୁରୁଷ ସନ୍ଥ ଅରକ୍ଷିତ ଦାସାୟ ନମୋନମଃ

# ଭକ୍ତି


ପଦ୍ମଶ୍ରୀ ବିଦ୍ୟାବାଚସ୍ପତି

**ଡ.ଶ୍ରୀନିବାସ ଉଦ୍‌ଗାତା**


ବର୍ଣ୍ଣ-ମାର୍ଜନ ସହଯୋଗ

**ସୁଶ୍ରୀ ବିଜୟଲକ୍ଷ୍ମୀ**


ପ୍ରକାଶକ

**ଓଲାଶୁଣୀ ଗୁମ୍ଫା (ପୀଠ) ପ୍ରଚାର ପ୍ରସାର କମିଟୀ**

□ **ଭକ୍ତି (ଏକ ସମର୍ପିତ ଆଲେଖ)**

୦ ପ୍ରଜ୍ଞାପନ ୦ ପଦ୍ମ ଶ୍ରୀ ଉତ୍କଳ ଶ୍ରୀନିବାସ ଉଦ୍‌ଗାତା

୦ ବର୍ଣ-ମାର୍ଜନ ୦ ସୁଶ୍ରୀ ବିଜୟଲକ୍ଷ୍ମୀ ସାମଲ

୦ ଆଦ୍ୟ ପ୍ରକାଶନ -୨୦୨୩ ଅକ୍ଷୟ ତୃତୀୟା ୦

ପ୍ରକାଶକ - ଓଳାଶୁଣୀ ଗୁମ୍ଫା (ପୀଠ) ପ୍ରଚାର ପ୍ରସାର କମିଟୀ କର୍ତ୍ତୃକ

ଶ୍ରୀ ନବକିଶୋର ସାମଲ ୦ ତତ୍ତ୍ୱାବଧାରକ - ଶ୍ରୀ ଶରଣାରବିନ୍ଦ

୦ ଡିଟିପି - ଗୁଲୁଗ୍ରାଫିକ୍ସ , ବଲାଙ୍ଗୀର

୦ ମୁଦ୍ରଣ -

□ **ମୁଖ୍ୟ କାର୍ଯ୍ୟାଳୟ-**

ପ୍ଲଟ ନଂ୬୧୨, ଶବର ସାହି, ରସୁଲଗଡ଼, ଭୁବନେଶ୍ୱର, ୭୫୧୦୧୦ ।

ଶାଖା କାର୍ଯ୍ୟାଳୟ - ମୁ/ପୋ ଲଳିତଗିରି , ଥାନା -ମାହାଙ୍ଗା, ଜିଲ୍ଲା - କଟକ - ୭୫୪ ୨୦୫

ଚଳଭାଷ - ୭୯୭୮୬୨୮୭୨୯/୯୭୭୬୩୪୩୫୦୩/ ୯୯୩୭୬୩୨୩୩୯୩

ସହଯୋଗ ରାଶି -

ଆପଣଙ୍କର ତନ୍ମୟ ଭକ୍ତି ର ଅନୁରୂପ ପ୍ରଦାନ କରିବାକୁ ଅନୁରୋଧ। ତାହା ଆଗାମୀ ପ୍ରକାଶନର ସହଯୋଗୀ ହେବ।

ବିଶ୍ୱ ଶାନ୍ତି, ମୈତ୍ରୀ ପ୍ରୀତି, ଭକ୍ତି
ପାରସ୍ପରିକ ପରିପୂରକ ସ୍ନେହ ସୋହରପଣ
ଅଭିନ୍ନ, ଅଭେଦୀ, ଅନ୍ତରଙ୍ଗ ଭାବ ସଂବନ୍ଧର
ଆସକ୍ତ ଅନୁରାଗ ଜଗତ କର୍ତା ପାଳକ କରୁଣା ବରୁଣାଳୟ
ଅବ୍ୟକ୍ତ, ଅବ୍ୟୟ, ଅକ୍ଷୟ, ଅସୀମ, ଅନନ୍ତ, ଅଭୟ
ପ୍ରଭୁ ଶ୍ରୀଚରଣକମଳରେ, ଚରମ ଆସ୍ଥା, ବିଶ୍ୱସ ପ୍ରତି
ଉତ୍ସର୍ଗୀକୃତ

# ସୂଚୀ


| | | |
|---|---|---|
| ୧. | ଉପକ୍ରମଣିକା | ୭ |
| ୨. | ଭକ୍ତି ଯୋଗ | ୧୦ |
| ୩. | ଭକ୍ତି ।। ଏକ ।। | ୧୪ |
| ୪. | ଇନ୍ଦ୍ରପ୍ରସ୍ଥ | ୧୭ |
| ୫. | ଭଗତି ଭାବେ ଭୋଳ ଭଗତ ଗାଥା | ୨୦ |
| | *(ପୁରୋବାକ୍ ଉପରାନ୍ତ (କ)ରୈକ୍ୱ ଉପାଖ୍ୟାନ* | |
| | *(ଖ) ରସ ଖାନ । କବି ସାଲବେଗ (ଗ) ଜବ ମନ ହୋ ଚଙ୍ଗା (ରୈଦାସ)* | |
| ୬. | ମାଁ ବଲେ ଡାକିତେ ଜାନନା ... | ୨୮ |
| | *(ଶ୍ରୀଶ୍ରୀ ଠାକୁର ରାମକୃଷ୍ଣ ପରମହଂସ / ପଣ୍ଡିତ ଅର୍ଜୁନ ହୋତା)* | |
| ୭. | କନ୍ୟା ଆଉ ବଧୂରୂପା ବରଦା, "ଭକ୍ତି" ରୂପିଣୀ "ଶବରୀ" | ୩୬ |
| ୮. | ରାମେଶ୍ୱର ଆତ୍ମ ସମର୍ପିତ ତନ୍ମୟ ଭକ୍ତ ରାବଣ | ୪୨ |
| ୯. | ସଖା ଭାବ ଭୋଳା ଭଗତ ଆତ୍ମ ସମର୍ପିତ ଭକ୍ତ ଉଦ୍ଧବ ୦ ।।ସୁଦାମା।। | ୪୭ |
| ୧୦. | ମାଆ କୋଳଠାରୁ | ୫୫ |
| ୧୧. | ଭକତି ଭାବର ଶରଧାବାଲି । ଭକତ ସିଦ୍ଧ ଅମର ମେଳି।। | ୬୦ |
| ୧୨. | ଭକତି ଭକତ ସିଦ୍ଧ ନଭଚାରୀ ..... | ୬୫ |
| ୧୩. | ଭକତି ଭାବ ଭୋଳୀ ମହାସତୀ ଅଭିଶାପ | ୭୦ |
| | ଘେନା କି କରିବେ ନାହିଁ ଭକତ ଦାସ !! | |
| ୧୪. | ପରଘରେ ଆସି । | ୭୦ |
| ୧୫. | ଓଳାଶୁଣୀରେ ଉଦ୍‌ଗାତା... | ୭୪ |
| ୧୬. | ସବକା ମାଲିକ ଏକ | ୮୧ |
| ୧୭. | ଓଁ ଶ୍ରୀଶ୍ରୀ ମହାପୁରୁଷ ଅରକ୍ଷିତ ଦାସାୟ ନମ: | ୮୫ |
| ୧୮. | ଆତଙ୍କ ନାଶନ ହେ ! | ୮୭ |
| ୧୯. | ସର୍ବନାମ କୃପାମୟ କରତା ପୁରୁଷର | ୯୦ |
| ୨୦. | ହରି ଅନନ୍ତ ହରିକଥା ଅନନ୍ତା। | ୯୨ |
| ୨୧. | ଅନାଥର ନାଥ | ୯୬ |


୦୦୦

# ।। ଭକ୍ତି ।।

## ଉପକ୍ରମଣିକା

**ଶ୍ରୀ**କୃଷ୍ଣ ଦ୍ୱୈପାୟନ ମହର୍ଷି ନାରାୟଣସ୍ୱରୂପ ଶ୍ରୀମଦ୍‌ଭାଗବତ ମହାପୁରାଣରଏକାଦଶ ସ୍କନ୍ଧରେ ଏହା ପ୍ରଜ୍ଞାପିତ କରିଛନ୍ତି। କରାଳ କଳି ସମୁପାଗତ। ସିଦ୍ଧ ଋଷି-ମୁନି-ତପସ୍ୱୀ-ଯୋଗୀ-ସାଧକ-ସାଧୁ-ଭକ୍ତମଣ୍ଡଳୀ କିପରି ଆଗାମୀ ଦୁର୍ବିସହ ବିପର୍ଯ୍ୟୟର ପ୍ରତିକାର କରି ଜଗତ ଓ ଜଗତଜନ, ମାନବେତର ପ୍ରାଣୀ ଆଉ ବାନସ୍ପତିକ ଜଗତର ସୁରକ୍ଷା ପୂର୍ବକ ଉଦ୍ଧାର କରି ପାରିବେ, ସେହି ପ୍ରସଙ୍ଗରେ ଚର୍ଚ୍ଚା ଓ ମତପୋଷଣ କରିବାକୁ ନୈମିଷାରଣ୍ୟରେ ଆହୂତ ସମାବେଶରେ ଯୋଗ ଦେବାକୁ ଦେବର୍ଷି ନାରଦ ବାମଦେବ ଯାତ୍ରା କରୁଥିବା ବେଳେ ଏକ ବୃକ୍ଷଛାୟାରେ ବିଷଣ୍ଣ ମଳିନ ବଦନରେ ବସିଥିବା ଏକ ତରୁଣୀକୁ ଦେଖିଲେ। ତରୁଣୀର ଦୁଇ ପାଖରେ ଦୁଇଜଣ ରୁଗ୍‌ଣ ଅସମର୍ଥ ବୃଦ୍ଧ ଶୋଇ ରହିଥିଲେ। ନାରଦଙ୍କୁ ତରୁଣୀ ଚିହ୍ନିଲା ଚିହ୍ନିଲା ଭଳି ମନେହେଲେ,ମାତ୍ର ତାଙ୍କର ଦୀନ ମଳିନ କରୁଣ ରୂପ ହେତୁ ସଠିକ ଠଉରେଇ ପାରିଲେନାହିଁ। କିନ୍ତୁ, ତାଙ୍କୁ ଦେଖି ତରୁଣୀ ପ୍ରଣାମ କରି କହିଲେ - " ଦେବର୍ଷି, ମୁଁ ଆପଣଙ୍କର ଅପେକ୍ଷାରେ ରହିଛି। ଆପଣ ଏଇ ପଥଦେଇ ଯିବେ ତାହା ଅନୁମାନରେ ଜାଣିଛି। ନୈମିଷାରଣ୍ୟରେ ଯାହା ଜଗତ ଉଦ୍ଧାର ହେତୁ ଆପଣମାନେ ସ୍ଥିର କରିବେ, ଫେରି ମୋତେ ଜଣେଇ ଯିବାକୁ ପ୍ରାର୍ଥନା କରୁଛି। ବାମଦେବ ନାରଦଙ୍କ ନିକଟରେ ମାତା "ଭକ୍ତି"ଙ୍କର ପରିଚୟ ଅଗୋଚର ହୋଇ ରହିଲାନାହିଁ। ମୁଁ ଭକ୍ତି, କଳି ଆସିବ ବୋଲି, ମାତ୍ର ସେତିକିରେ ଯିଦ ମୋର ଦୁଇ ପୁତ୍ରଙ୍କର ଏ ଦୁରବସ୍ଥା ତାପରେ ତ ଆଉ ବି ବହୁ କାଳ ରହିଛି। ନାରଦ ପଚାରିଲେ "ମାତା. ଆପଣ ତରୁଣୀ କିନ୍ତୁ, ଆପଣ ଯେଉଁମାନଙ୍କୁ ଆପଣଙ୍କର ପୁତ୍ର ବୋଲି କହୁଛନ୍ତି ସେମାନେ ପରିଣତ ଅସମର୍ଥ ବୃଦ୍ଧ।" ଭକ୍ତି କହିଲେ - ମୋର ତନୁଲାବଣ୍ୟ ଜ୍ୟୋତିହୀନ ମ୍ଳାନ । କିନ୍ତୁ ମୋର ଦୁଇ ପୁତ୍ର "ଜ୍ଞାନ" ଓ "ବୈରାଗ୍ୟ" ଙ୍କର ଅବସ୍ଥା ତ ଦେଖୁଛନ୍ତି।" ନାରଦ କହିଲେ - "ମାତା, "ଭକ୍ତି" ସର୍ବଦା ନିର୍ମଳ ପବିତ୍ର ଧବଳ ଦୀପ୍ତ କାନ୍ତି ତାହା ଦେଦୀପ୍ୟମାନ ହୋଇ ରହିଥିବ । ନାରାୟଣ, ନାରାୟଣ !! କି ବିଚାର କରିବେ, ତୁମକୁ ଗୋଚର ସିନା। ତେବେ, ମୁଁ ଭାବୁଛି ତାଙ୍କର ପାରୁଶରେ ରହିଥିବା ସାଧୁ ସନ୍ଥମାନଙ୍କୁ ଜଗତ କଲ୍ୟାଣ ହେତୁ ବରଗି

ଧରାବତରିତ କରେଇବେ । କରିବେ କରେଇବେ ସେଇ କର୍ତାପୁରୁଷ...ଆପଣ ମାତା ଚିନ୍ତା କରନ୍ତୁ ନାହିଁ।"

ଦେବର୍ଷି ବାମ ଦେବ ନାରବ ଫେରି ମାତାଙ୍କୁ କହିଲେ – "ମାତା, କଲୌ ନାମେବ କେବଳମ୍।" ତେବେ ନିର୍ମଳ ଭକ୍ତି ବିନା ନାମୋଚ୍ଚାରଣ ମାତ୍ର ଏକ ଅଭିନୟ ସିନା! ଆପଣାର ସ୍ୱାର୍ଥ, ଐଶ୍ୱର୍ଯ ପ୍ରଦର୍ଶନ ଯାହା ରାଜନୀତିର ଭ୍ରଷ୍ଟପୁରୁଷ, କଳାବଜାରୀ ପରସ୍ୱ ଅପହରଣକାରୀ ସୌହାର୍ଦ୍ଦର ଛଳନାମୟ ସହାନୁଭୂତି ଆଳରେ ଚିକିତ୍ସକର ଲୁଣ୍ଠନଆଦି କରି ଥାଆନ୍ତି, ଯାହାକଳିରେ ହେବ। ତେବେ ଯାହା ଯେତିକି ଏ ବିଶ୍ୱର ବିଷମ ବିପର୍ଯ୍ୟୟ ଧରିତ୍ରୀର ଆତୁର ରୋଦନ ନିବେଦନ, ପୁରାଣ ଇତିହାସ ଲିପିବଦ୍ଧ କରିଛନ୍ତି ତାହା ଠାରୁ ବହୁ ଶତଗୁଣ ଅଧିକ ସମକାଳୀନ ଧରିତ୍ରୀ ର ଆର୍ତନାଦ। ପଡ଼ୋଶୀ ରାଷ୍ଟ୍ର ମିତ୍ର ନୁହନ୍ତ, ଅଇରୀ। ବିପୁଳ ନରସଂହାର ସଂପୁର୍ଣ ଭୂମି ଛାରଖାର କରି ଦେବାକୁ ଉଭୟ ପକ୍ଷରୁ ଆଣବିକ ତଥା ନବଉଦ୍ଭାବିତ ମାରଣରାସ୍ତ୍ର ର ପ୍ରୟୋଗ। ସମାନ ରାଷ୍ଟରେ ପଡୋଶୀ ପ୍ରଦେଶମାନଙ୍କର ସ୍ୱାର୍ଥୀ ଷଡ଼ଯନ୍ତ୍ର। ଜଗତକରତା ଜଗତନାଥ, ଶ୍ରୀମନ୍ଦିର ବି ତହିଁରୁ ମୁକ୍ତ ନୁହେଁ। ମଝି ଦାଣ୍ଡରେ ସେବକ ସେବାୟତଙ୍କର ହତ୍ୟା, ରୁଷ୍ଟ ପ୍ରକୃତିର ଋତୁ ବିପରୀତ ବିନାଶକ ତାଣ୍ଡବ ଆଦି ଆଦି । ତାରି ଭିତରେ ମଣିମା ହେ ତମର ସାଧୁଭଗତଙ୍କର ଆଶ୍ୱାସନା ନିରୀହମାନଙ୍କୁ ଜିଇଁ ରହିବାର ବୋଧ ଦେଉଛି ସିନା? ମାଆଲୋ, ସେଇ ସାଧୁ ଭଗତ ସମୁଦାୟ ଭିତରେ ତୁ ଦୀପ୍ତିମତୀ, ଲାବଣ୍ୟମୟୀ ଅନନ୍ତଯୌବନା **ଭକ୍ତି** ବିଭୁ ନିରାଜନାର ଯୋଗସୂତ୍ର ହୋଇ ରହିଛୁ ବୋଲି ଦୁଷ୍କୃତ ବିନାଶ ଧର୍ମ ସଂସ୍ଥାପନ, ସାଧୁ-ପରିତ୍ରାଣ, ଯେତେବେଳେ ବି ଧର୍ମର ଗ୍ଳାନି କାଳ ଉପସ୍ଥିତ ହେବ, ହେ ଭରତବଂଶୋଦ୍ଭବ ପାର୍ଥ ମୁଁ ସମ୍ଭବିତ ହେବି। ଶ୍ରୀ ଗୀତା- ଯଦା ଯଦାହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ / ପରିତ୍ରାଣାୟ ସାଧୂନାଂ ବିନାଶାୟଚ ଦୁଷ୍କୃତାଂ, ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ)। ହେ ଲୀଳାବିହାରୀ, ତୁମେ ଇ ତ ଜଗତକୁ ଆଶ୍ୱାସିତ କରିଛ। ସେହି ଦ୍ୱାପରରେ କଂସ ଜରାସନ୍ଧର ବିନାଶ କରି ଭକ୍ତି ପ୍ରୀତିର ତନ୍ମୟୀ ସମର୍ପିତା ପ୍ରିୟତମା ରୁକ୍ମଣୀଙ୍କର ହରଣ କରିଛ । ଦୁଷ୍କୃତ ନାଶନ ଓ ଧର୍ମସଂସ୍ଥାପନ ର ଚରମ ନିଦର୍ଶନ ତ ମହାଭାରତ ମହାସମର। ଉଚ୍ଛୃଂଖଳ ଅନନୁଶାସିତ ଅହଂକାରୀ ଆପଣାର ଯଦୁବଂଶର ବିନାଶ ହେତୁ ତିଳାର୍ଦ୍ଧପ୍ରମାଣ ହେଳା ବି କରିନାହଁ କରୁଣା -ନିଧାନ।

ପ୍ରେମମୟ ପ୍ରୀତି ଓ ଭକ୍ତି ତ ଅଭେଦୀ, ଏକ ଅଭିନ୍ନ। ତାର ଚରମ ନିଦର୍ଶନ ବ୍ରଜ ଗୋପାଙ୍ଗନାଙ୍କର ଅଲୌକିକ ପ୍ରୀତି । ତୁମେ ସବୁରି, ହେ ପ୍ରତିଆ। ଷୋହଳ ସହସ୍ର ଗୋପାଙ୍ଗନା ନଟନାଗର ମୋର ବୋଲି ପରତେ କରୁଥିଲେ । ତାହା ସକାଶେ ସେମାନଙ୍କର ଶ୍ରଦ୍ଧା ଆଉ ପ୍ରତୀକ୍ଷା ଧଇର୍ଯ ର ତୁଳନା ନାହିଁ। ତ୍ରେତୟାରେ ରାମାବତାରରେ ଅରଣ୍ୟ ପଥରେ ତମକୁ ଦେଖି ସେହି ଷୋହଳ ସହସ୍ର ସିଦ୍ଧ ଋଷି ମୁନି ତପସ୍ୱୀ ମୋହିତ ହୋଇ

ତୁମର ସଖ୍ୟ, ସନ୍ନିଧିର କାମନା କରିଥିଲେ । ସେମାନଙ୍କୁ କଥା ଦେଲ – " ଏ ଜନ୍ମରେ ନୁହେଁ, ମୁଁ ଦ୍ୱାପରରେ ଶ୍ରୀକୃଷ୍ଣ ଭାବରେ ଅବତରିତ ହେବି । ମୋର ଲୀଳା ଖେଳାର ବାଲ୍ୟକାଳ ଗୋପ ବ୍ରଜରେ ଅତିବାହିତ ହେବ ସେତେବେଳେ ଆପଣମାନେ ସେଠାରେ ବ୍ରଜ ଗୋପାଙ୍ଗନା ଭାବରେ ଜନ୍ମ ହୋଇ ଯାହା ଅଭିଳାଟ କରିଛନ୍ତି ପ୍ରାପତ ହେବେ । ମଣିମା ଅନନ୍ତ ... ଭକ୍ତିର ଅନ୍ୟତମ ଚରମ ଅନୁରାଗୀ ଗୋସ୍ୱାମୀ ପ୍ରଜ୍ଞାପିତ କରିଛନ୍ତି "ହରି ଅନନ୍ତ, ହରି କଥା ଅନନ୍ତା"।

ସେହି ଗୋପାଙ୍ଗନାମାନଙ୍କର ପ୍ରୀତି ଭକ୍ତିର ହେତୁସ୍ୱରୂପ ପ୍ରଭୁ ଉପରେ ଅଧିକାର ବି ବିଚିତ୍ର ଅନୁପମ । ମାତ୍ର, ଅଗଣିତରୁ କେବଳ ଗୋଟିଏର ଅବତାରଣା କରୁଛି । ଗୋପୀ କହୁଛି "ହେ ମୂରହର ମା କୁରୁ ମୁରଲୀ ରବଂ ମଧୁରମ୍"। ତମର ବଂଶୀ ନାଦ ଶୁଣି ପାରୁଛି। ତମେ ଜାଣ ମୁଁ ଏକ ଗୃହିଣୀ । ରନ୍ଧନ ବ୍ୟବସ୍ଥା କରି ଦେଇ ଯିବାମୋର କର୍ତବ୍ୟ, ମାତ୍ର ମୁଁ ତାହା ପାରୁନାହିଁ। କାରଣ ବଂଶୀର ମୂର୍ଚ୍ଛନାରେ ଯେ ଜାଳେଣୀ ଦେଇଛି ତାହା ପଲ୍ଲବିତ ହୋଇ ଯାଉଛି ଓ ଜାଳ ଲିଭି ଯାଉଛି ବୋଲି କହୁଛି, ହେ ମୂର ଦୈତ୍ୟର ସଂହାରକ ବଂଶୀର ସେ ମଧୁର ବାଦନ କରନାହିଁ। ଏ ରୂପ ଅପରିମିତ ଉଦାହରଣ ମୂଳ ସଂସ୍କୃତ ଆଉ ଉତ୍କଳୀୟ ଶ୍ରୀମଭାଗବତରେ ରହିଛି। ସେହି ଅପ୍ରାକୃତ ପ୍ରୀତି ଭକ୍ତିର ବିବେଚନା ହେତୁ ଅଭିମନ୍ୟୁ ସାମନ୍ତ ସିଂହାରଙ୍କର "ବିଦଗ୍ଧ ଚିନ୍ତାମଣି" ଉଲ୍ଲେଖନୀୟ। ଅପାରେ କାବ୍ୟ ସଂସାରେ କବିରୈବ ପ୍ରଜାପତି ବୋଲି କୁହା ଯାଇଛି ତାହା ସହିତ "କବି " ମନୀଷୀ, ସ୍ୱୟମ୍ଭୂ, ସର୍ବଶ୍ରେଷ୍ଠ କବି, ଗାୟକ, କଳାକାର ଜଗତ ପାଳକ କର୍ତାଙ୍କର ପ୍ରତିରୂପ ଅନ୍ତରାତ୍ମା ବୋଲି ବି ବିଦିତ, ମାତା ଶାରଦା ସରସ୍ୱତୀ ତାଙ୍କର ମୁଖ ପତ୍ରିକା। ପ୍ରଭୁଙ୍କର ପ୍ରୀତିର ଅନୁପମ ଚିତ୍ରଣ କରି "କବି" କହିଛନ୍ତି। କୋସଲୀ ଅବଧି ବର୍ଗର ରଚନା – ବେଣୁପାଣ ବଂଶୀ ବାଦନ କରୁଛନ୍ତି -ରାଗ ବାଗେଶ୍ରୀ, ଯେଉଁ ମୁଦ୍ରିକା ଆଙ୍ଗୁଠିରେ ଅଛି ତାହା ରାଧା ନାମାଙ୍କିତ। ରଚନା "ବାଁସରୀ ମେଁ ବାଗେଶ୍ରୀ, ମୁଁଦରୀ ମେଁ ରାଧାକା ନାମ " । ଗାୟନ କରିଛନ୍ତି ଭାରତରତ୍ନ ପରମପୂଜନୀୟ ପଣ୍ଡିତ ଭୀମସେନ ଯୋଷୀ, ଓ କୋକିଳ କଣ୍ଠୀ ପରମ ଆଦରଣୀୟା ଲତାମଙ୍ଗେଶ କର। ରାସ ର କାଳ ଶରତ ପୂର୍ଣମା, ମଧ୍ୟରାତ୍ର, ଆବାହନର ମନ୍ତ୍ର ଧ୍ୱନୀ "ବାଗେଶ୍ର"। ମାତ୍ର, ଯେଉଁ ଅରୂପ ଅଣାକାର ବିଶ୍ୱ ନିୟନ୍ତାଙ୍କର ପ୍ରତିରୂପ " ଭକ୍ତି" ଅନୁପ୍ରେରିତ, ଯାହା ଭାଗବତର ପାଂଚୋଟି ଅଧ୍ୟାୟରେ ବ୍ୟକ୍ତ, ପ୍ରଜ୍ଞାପିତ, ତାହା ଜ୍ଞାନଗମ୍ୟ ନୁହେଁ ବୋଧଗମ୍ୟ । ପରବର୍ତୀ କାଳରେ ରସମର୍ମଜ୍ଞ ଭକ୍ତ ବିଦ୍ୱାନ " ରାସ ପଂଚାଧ୍ୟାୟୀ" ଭାବରେ ସଂଗ୍ରହୀତ କରି ସମୀକ୍ଷାତ୍ମକ ବିଚାର ବିବେଚନା କରିଛନ୍ତି। ଯାହା କେବଳ ଏକାତ୍ମ ଅଭିନ୍ନ ପ୍ରୀତି-ଭକ୍ତି ର ଶାଶ୍ୱତ ସନାତନ ବିଚାର। ଏହି ବିଚାରରେ ଶ୍ରୀମଭାଗବତ ଏ ମହାନତମ ତନ୍ମୟ ପ୍ରୀତି କାବ୍ୟ, କୁହାଯାଇ ପାରିବ।

୦୦୦

# ଭକ୍ତି ଯୋଗ

୦

**ଭ**କ୍ତି ଯୋଗ । ଭକ୍ତିଯୋଗ କୌଣସି ସାଧନା ତପସ୍ୟା, କର୍ମକାଣ୍ଡୀୟ କ୍ରିୟା ନୁହେଁ,ତାହା ଜଗତ୍‌ପାଳକ କର୍ତ୍ତା ପୁରୁଷ ର କରୁଣା। ଅରକ୍ଷ ରକ୍ଷକ ମହାପୁରୁଷ ଅରକ୍ଷିତ ଦାସ,ତାଙ୍କରି ଭାଷାରେ ନିଜଘରୁ ପରଘରକୁ ଅବତରଣ କରି ଆସିବା କାଳରେ ଯେଉଁ କର୍ତାପୁରୁଷର ଚରଣାଶ୍ରୀତ ହୋଇ ରହିଥିଲେ ସେଇ ପରମ ଦାତା କିଛି ବରଗି ଜଗତ କଲ୍ୟାଣ ହେତୁ ଧରାବତରିତ କରି, ତାଙ୍କରି ଭିତରେ **ଭକ୍ତି** ର ସଂସ୍ଥାପନ କରି ଏରୂପ ମୋହିତ ସମ୍ମୋହିତ କରିଛନ୍ତି ଯେ ସକଳ ସୁଖ ସ୍ୱାଚ୍ଛନ୍ଦ୍ୟ ଭୋଗ କରିବାର ମୋହ ପରିତ୍ୟାଗ କରି ରାଜପୁତ୍ର ଆପଣାର ରାଜଗୃହ ତେଜି ମହୀରେ ଭ୍ରମିତ ହେବା ଆଉ ପରୋକ୍ଷରେ ସତ୍ୟର ଅନ୍ୱେଷାବ୍ରତୀ ହେବା ଭିତରେ ଆନନ୍ଦାନୁଭବ କରିଥିଲେ। ମହାପୁରୁଷ ଅରକ୍ଷିତ ଦାସଙ୍କର ଗୃହତ୍ୟାଗ ଏବଂ ତଥାଗତଙ୍କର ଗୃହତ୍ୟାଗ ଆପାତତ: ଚିନ୍ତା ଚେତନାରେ ଏକ। ଏ ପାବନ ଉତ୍କଳ ମାଟିରେ ଯେତେ ବୁଦ୍ଧ ବିହାର ସମୟକ୍ରମରେ ପ୍ରତିଷ୍ଠିତ ହୋଇ ରହିଛି ସେତିକି ଅନ୍ୟତ୍ର ରହିନାହିଁ। କପିଳେଶ୍ୱର ପ୍ରସାଦ ତଥାଗତଙ୍କର ପବିତ୍ର ଜନ୍ମଭୂମି। ତାହା ଭିନ୍ନ ଏକ ପ୍ରସଙ୍ଗ। ତେବେ ଏକ ଶିଳାଲେଖ ସମ୍ରାଟ୍ ଅଶୋକଙ୍କର ମିଳିଛି ଯହିଁରେ ସେ ଉଲ୍ଲେଖ କରିଛନ୍ତି, ଯେହେତୁ କପିଳେଶ୍ୱର ପ୍ରସାଦ ତଥାଗତଙ୍କର ଜନ୍ମଭୂମି ମୁଁ ରତ୍ନଗିରି ବିହାର ପ୍ରତିଷ୍ଠାର ସହଭାଗୀ ହୋଇଛି। ପ୍ରସଙ୍ଗ ଅଧିକ ପଲ୍ଲବିତ ନକରି ବିଦଗ୍ଧ ଜିଜ୍ଞାସୁ ଅନ୍ୱେଷୀ ପାଠକବର୍ଗଙ୍କୁ ଅନୁରୋଧ କରିବାର ଇଛା କରିବି ସେମାନେ ମହାପୁରୁଷ ପ୍ରଜ୍ଞାପିତ "ମହୀମଣ୍ଡଳ ଗୀତା" ର ମନନ ଅନୁଧ୍ୟାନ କରନ୍ତୁ। ମୁଁ ତାର ହିନ୍ଦୀ ଭାଷାନ୍ତରଣ କରିଛି ଗ୍ରନ୍ଥର ଅନେକତ୍ର ଭକ୍ତି ସମ୍ବନ୍ଧରେ ଟିପ୍ପଣୀ ଓ ତାର ବ୍ୟାଖ୍ୟା କରିଛି । ତାର ପ୍ରଥମ ମୁଦ୍ରଣ ମହାପୁରୁଷଙ୍କର ୨୬୦ତମ ଜନ୍ମ ବାର୍ଷିକ ଉତ୍ସବ ସୁନାବେଶ ଏକାଦଶୀ ୨୦୨୧ ଅବସରରେ ପ୍ରକାଶିତ ହୋଇଛି । ସେହି କାବ୍ୟାନନ୍ତରିତ ଭାଷାନ୍ତରଣ ମୋର ସ୍ୱାସ୍ଥ୍ୟାଦି ବିଚାରରେ ସମ୍ଭବ ହେବ ନାହିଁ କହିବାରୁ କୃପାବାରିଧି ମହାପୁରୁଷ ସ୍ୱପ୍ନରେ ଉଦେ ଓ ବରାଜିତ ହୋଇ କହିଲେ " ମୁଁ ଅଛି, ତମର ପାରୁଶରେ ଥିବି, କରିଦେବା, ହେବ" ଓ ତାହା ସମାପିତ ହୋଇଛି । ଓ ଓଲାଶୁଣୀ ପୀଠ ମୋତେ ସମ୍ବର୍ଦ୍ଧିତ (୩.୪.୨୦୨୨) (ରବିବାର)ଅଭିନନ୍ଦିତ କରିଛନ୍ତି । ଭବ୍ୟ ସମାବେଶ ଅବିସ୍ମରଣୀୟ। " ଓଲାଶୁଣୀ ରେ

ଉଦ୍‌ଗାତା... " ଆମନ୍ତ୍ରଣ ପତ୍ରରେ ଅତିଥି ବକ୍ତା ଥିଲେ ଚଉଦ ଜଣ । ସେମାନଙ୍କ ଭିତରେ ସୁଲେଖିକା ଶ୍ରୀମତୀ ସୌଦାମିନୀ,ଶରଣାରବିନ୍ଦ (ପ୍ରାର୍ଥନା) ଚିନ୍ତାମଣି ବିଶ୍ୱାଳ, ଅଭିନେତା ଚିତ୍ରକର, ଭାଇ ମତଲୁବଙ୍କର ପୁତ୍ର ସେକ୍ ମସୁଦ ସ୍ୱମୁଦ ଅଲ୍ଲୀ, ଦୂରଦର୍ଶନ ନିର୍ଦ୍ଦେଶିକା ଶ୍ରୀମୟୀ ଦୀପ୍ତି ମିଶ୍ର, ଇଂରାଜୀ ଅନୁବାଦକ ଶ୍ରୀ ଜୀବନାନନ୍ଦ ପଣ୍ଡା ପ୍ରମୁଖ। କବି ଭାଇ ପ୍ରସନ୍ନକୁମାର ପାଟଶାଣୀ ପହଂଚିବାରେ ବିଳମ୍ବ ହେଲା, ସେ ଆସି ମୋର ଅତିଥି କକ୍ଷରେ ସାକ୍ଷାତ କରିଥିଲେ ...ଶ୍ରୀ ନବ କିଶୋର ଓ ସୁଶ୍ରୀ ବିଜୟଲକ୍ଷ୍ମୀ ଓ ମୋର ମାଆ ସନ୍ଧ୍ୟାରାଣୀଙ୍କର ଉପସ୍ଥିତିରେ । ସମାରୋହ ଅଭିନବ ଉପସ୍ଥାପନା କରିଥିଲେ ଆୟୁଷ୍ମାନ ଶରଣରବିନ୍ଦ, ଦୂର ଦର୍ଶନ ରୁ କାର୍ଯକ୍ରମ ପ୍ରସାରିତ ହୋଇଥିଲା ଓ ପରେ କେନ୍ଦ୍ରରେ ମୋର ସାକ୍ଷାତ୍କାର ମଧ ପ୍ରସାରିତ ହୋଇଥିଲା।

ମୁଁ ମୋର ସେହି ସଂବର୍ଦ୍ଧନାର ଉତ୍‌ତରସ୍ୱରୂପ କହିଥିଲି, ଯାହା କରିଛନ୍ତି ମହାପୁରୁଷ କରିଛନ୍ତି। ତେବେ, ମୁଁ ସେହି ମହତ୍ୱପୂର୍ଣ୍ଣ ସାରସ୍ୱତ ସର୍ଜନା ହେତୁ ପ୍ରମୁଦିତ, ଗର୍ବିତ। ଏଠାରେ କହି ରଖିବା ଉଚିତ ମନେ କରୁଛି ଯେ ଅରକ୍ଷ ରକ୍ଷକ ମହାପୁରୁଷ ଅରକ୍ଷିତ ଦାସଙ୍କ ପରି ପରମ କର୍ତା ପୁରୁଷ ପ୍ରଭୁର ନିତାନ୍ତ ଆପଣାର, ସେମାନେ ଅମରାତ୍ମା, ସିଦ୍ଧ, ମାତ୍ର ନିଜକୁ ସିଦ୍ଧ ବୋଲି ପରତେ କରନ୍ତି ନାହିଁ ଓ ଅନବରତ ସେଇ ଅରୁପ ଅଣାକାର ପ୍ରଭୁ ମୋତେ ଭକ୍ତି ଯୋଗର ସିଦ୍ଧି ପ୍ରଦାନ କର ବୋଲି ଅତୁଟ ପ୍ରର୍ଥନା କରୁ ଥାଆନ୍ତି।

ଏହାପରେ "ମହୀମଣ୍ଡଳ ଗୀତା"ର କର୍ମ ସମ୍ପାଦନର ର ମୁହୂର୍ତ ଗୁଡ଼ିକରେ ମୁଁ ମୋର ଅଲୌକିକ, ରୋମାଂଚକର . ଅନୁଭବ-ପ୍ରଜ୍ଞାପନର ଇଚ୍ଛା କରିବି। ମୁଁ ନିଶ୍ଚିତ ମହୀମଣ୍ଡଳ ଗୀତାର ହିନ୍ଦୀ କାବ୍ୟାନ୍ତରଣ କରିବି ତାରି ପଛରେ ରହିଥିଲା ସାରସ୍ୱତ ସତ୍‌ପୁରୁଷ ଭାଇ ସେକ୍ ମତଲୁବ ଅଲୀଙ୍କର ଅତୁଟ ଅଳି, ଯାହା ମୋତେ ମୋର ପରିଣତ ଆୟୁ ଓ ଭଗ୍ନସ୍ୱାସ୍ଥ୍ୟର ତାଡ଼ନା ସତ୍ୱେ ଆପାତତ: ବାଧ କରିଥିଲା। ସେତେ ବେଳେ ଅନୁଭବ କଲି ଯେମିତି ମୋର ଚେତନତା ଚହଲେଇ ଦେଇ ମହାପୁରୁଷ କହୁଛନ୍ତି - "ମନା କରନାହିଁ। ମୁଁ ବରାବର ତମସହିତ ବିଦ୍ୟମାନ ହୋଇ ରହିଥିବି ।" ଆଉ ମୁଁ ଆଖିକି ଦେଖାଯାଉ ନଥିବ, ଯବକାଚ ଦେଇ ବର୍ଣ୍ଣ ଚିହ୍ନିଚିହ୍ନି, କମ୍ପ୍ୟୁଟର ରେ ଅକ୍ଷର ଜୁମକରି ଘଂଟାକର କାମକୁ ଦିନେ ଦୁଇଦିନ କରି ଶୀଥିଳ କ୍ଲାନ୍ତିରେ ଧୈର୍ଯ ଧରି ଆଗେଇ ଗଲା ବେଳେ, ମହାପୁରୁଷ ମୋ ସହିତ ରହିଛନ୍ତି ବୋଲି ଅନୁଭବ କରିଛି। ଅମରାତ୍ମା ମହାପୁରୁଷ ମେତେ ଅବିକଶିତ ଓଳାଶୁଣି ଗୁମ୍ଫା ତଥା ସମାଧିର କ୍ଷେତ୍ର ବୁଲେଇ ଦଖେଇଛନ୍ତି। ମୁଁ କେବେ ବି ଓଳାଶୁଣି ଯାଇନାହିଁ ଅଥଚ ସବୁକିଛି ସଠିକ ଦେଖିଲା ଭଳି କହିଗଲା ବେଳେ କଲ୍ୟାଣୀୟ

ବାପା ନବକିଶୋର ବିସ୍ମୟ ଚକିତ ହୋଇ ପଚାରିଛନ୍ତି – "ଆପଣ କଣ ମହାପୁରୁଷଙ୍କୁ ଦେଖିଛନ୍ତି ?" କାଳ ସମର୍ପିତ ହେବା ଆରମ୍ଭ କରିଥିବା ନେତ୍ରଜ୍ୟୋତି ସକାଶେ ଛବି ଆଙ୍କିବା ମୋ ସକାଶେ ସମ୍ଭବ ନୁହେଁ। ତେବେ, ସେତେବେଳେ ମହାପୁରୁଷଙ୍କର ମୁଁ ଦର୍ଶନ କରିଥିବା ରୂପ କେଜାଣି କେଉଁ କୃପା କରୁଣା ବଳରେ ଆଙ୍କି ଦେଇ ପାରିଲି ଓ ତାହା ମୋର ପରିଚିତ ପୋଖତ ଚିତ୍ରକର ଶ୍ରୀ ଦିଲ୍ଲୀପ ସିଂହଦେଓ ମୋର ନିର୍ଦ୍ଦେଶ ଓ ମାର୍ଗ ଦର୍ଶନରେ ରେଖାଙ୍କିତ କରି ନେଲେ । ଅବଶେଷରେ ତାହାରି ଅବଲମ୍ବିତ ହୋଇ ଶିଳ୍ପୀ ଚନ୍ଦ୍ରମଣି ବିଶ୍ୱାଳ "ଦେଢ଼ –ଦୁଇ" ଆକାରରେ କରିଦେବେ ବୋଲି ସେଦିନ ମୋତେ ଓଲାଶୁଣୀ ରେ ଅଭିନନ୍ଦିତ ସମ୍ମାନିତ କଲା ଦିନ ସ୍ୱୀକାର କରିଛନ୍ତି। ବର୍ତ୍ତମାନ ଗୁମ୍ଫା ଓ ସମାଧି ପୀଠ ଅପୂର୍ବ ବିକଶିତ। ତାହା ସହିତ ମାତା ଅଭୟଦା "ଓଲାଶୁଣୀ" ଙ୍କର ନିରାଜନା ମନ୍ଦିର, ଭବ୍ୟ ମନ୍ଦିର, ଭବନ, ଅତିଥିଭବନ, ସଭାଗାର କିଏ ଇଚ୍ଛା କଲା, କେମିତି ହେଲା, ତାହା ଅକଳ୍ପନୀୟ । ଭକ୍ତି ସିଦ୍ଧ ଯାହା ମନ କରିବ ଜଗତ କରତା ପାଳକ ପ୍ରଭୁ ସ୍ରଷ୍ଟା ପୁରୁଷ ତାହା ନିଜେ କରି କରେଇ ନେବେ । ସେ କର୍ତ୍ତା। ସେହି ଭକ୍ତିର ଅଭୟଦା ପ୍ରେରଣାରେ ଆୟୁଷ୍ମାନ ନବକିଶୋର, ଯାହା ପାଇ ଯେଉଁପରି ଭାବରେ ସବୁକିଛି ସୁବ୍ୟବସ୍ଥିତ କରିଚାଲିଛନ୍ତି, ତାହା ସେ କରୁ ନାହାନ୍ତି, କର୍ତ୍ତାପୁରୁଷ କରୁଛନ୍ତି।

ପରମାନନ୍ଦ ଅରୂପ ଅଣାକାର ଜଗତ୍ ପାଳକ ସ୍ରଷ୍ଟା ପୁରୁଷର ପ୍ରତିରୂପ ସେଇ ଅରୂପ ଅଣାକାର ଭକ୍ତି। ତାର କରୁଣା, ସେ ସ୍ୱତ: ଉଦେ ଓ ବିରାଜିତ ହେବା ପରେ ଏକାଗ୍ର, ତନ୍ମୟ, କର୍ମନିଷ୍ଠ ଆଦି ହୋଇଯାଏ, ହୁଏତ ତାହା ତାର ନିରାଜନା ର ମନ୍ତ୍ର ଯାହା ଉଚ୍ଚାରିତ ବାକ୍ ନୁହେଁ ମୌନ କର୍ମାନୁଷ୍ଠାନ। କେତେବେଳେ ମାତାର ସେ କରୁଣା ଉଦ୍‌ଭାସିତ ହେଲା ଅମରାତ୍ମ ମହାପୁରୁଷ ଅନୁଭବରେ ମାର୍ଗଦର୍ଶୀ ହୋଇ ରହିଲେ, ଯାହା ମୋ ଦ୍ୱାରା ସମ୍ଭବ ହେବ ନାହିଁ ବୋଲି ବିଚାର କରୁଥିଲି କାବ୍ୟ ବିନ୍ୟାସର ବିଭିନ୍ନ ପରିପନ୍ଥୀ ପ୍ରୟୋଗ ହେତୁ, ତାହା କିପରି ନିହାତି ସ୍ୱଳ୍ପ ସମୟରେ ସମାପିତ ହେଲା, ତାହା ମୋର ନିଜସକାଶେ ବି ବିସ୍ମୟକର। ଯାହା ହେଲା ତାହା ଭକ୍ତ ର କରୁଣାରେ ମହାପୁରୁଷ ହିଁ କରିଛନ୍ତି। ମୁଁ ନିମିତ୍ତମାତ୍ର ଏ ପ୍ରସଙ୍ଗ ଉଲ୍ଲେଖ କରୁଥିବା ସମୟରେ ମନେ ପଡୁଛି ଭକ୍ତିର ପରମ ଭକ୍ତ ଅତୁଳିତ ବଳଧାମ ମାରୁତି ନନ୍ଦନଙ୍କର ଉକ୍ତି। ଯେତେବେଳେ ବାନର ସମୂହ ତାଙ୍କର ପ୍ରଶଂସା କରି କହିଲେ କେଶରୀ ନନ୍ଦନ ତୁମେ ବୋଲି ଏ ଶତଯୋଜନ ମହାସାଗର ଅକ୍ଲେଶରେ ଲଂଘନ କରି ଯାଇ ପାରିଛ। ସେତେବେଳେ ଅତ୍ୟନ୍ତ ବିନୀତ କଣ୍ଠରେ ଯୋଡ଼ହସ୍ତ ହୋଇ ସେ କହଲେ – " ମୁଁ କିଛି ବୋଲି କିଛି କରି ନାହିଁ। ତାହା ସେ ପରମ କୃପାମୟ ଶ୍ରୀରାମ ପ୍ରଭୁଙ୍କର କୃପା ଯେ ବିଶାଳ ମହୋଦଧି ମୋତେ ଗାଈଖୋଜ ପରି ମନେହେଲା, ଆଉ ମୁଁ ଅକ୍ଲେଶରେ ଅତିକ୍ରମ କରିଗଲି । ତାହା ଭକ୍ତିର ନିଦର୍ଶନ।

ଗୋସ୍ୱାମୀ ତୁଳସୀ ଦାସ ତାଙ୍କର ଏକ ସଂସ୍କୃତ ରଚନାରେ ତାକୁ "ଗୋସ୍ପଦ କଅତ ବାରିଧିଂ" ବୋଲି କରିଛନ୍ତି। ଭକ୍ତିର ଭକ୍ତ ଶେରୋମଣି ଆଦି ମହାକବି ବାଲ୍ମୀକିଙ୍କର ପରାବତାର ଙ୍କର ଜୀବନବୃତ୍‌ତାନ୍ତର ରଚନା କରିଛନ୍ତି ବାବୂଜୀ ଅମୃତଲାଲ ନାଗର। "ମାନସ ହଂସ" ର ଓଡ଼ିଆ ଭାଷାନ୍ତରଣ ଏ ଅଧମ କରିଥିଲା, ଯାହା ୨୦୦୨ରେ ଗ୍ରନ୍ଥ ମନ୍ଦିର, କଟକ ପ୍ରକାଶ କରିଥିଲେ । (ଦ୍ରଷ୍ଟବ୍ୟ)

ସ୍ୱୟଂ ମର୍ଯାଦା ପୁରୁଷୋତ୍‌ତମ ସକଳ ସଦ୍‌ଗୁଣଧାମ ଶ୍ରୀରାମଙ୍କୁ, ଲଂକା ବିଜୟ, ପ୍ରବଳ ପରାକ୍ରମୀ ରାବଣ ସଂହାର ପରେ ଫେରି, ଦିନେ ଚଉଦ ବରଷକୁ ବାକି ଥିଲା ବୋଲି ଯହିଁ ଭରତ ବିଦ୍ୟମାନ ଥିଲେ, ତାହା ନନ୍ଦୀଗ୍ରାମଳ ସେଠାରେ ପହଂଚି, ଯେତେବେଳେ ରାଜଗୁରୁ ଦେବ ମହର୍ଷି ବଶିଷ୍ଠ କହିଲେ " ଶ୍ରୀରାମ ପୁରୁଷୋତ୍‌ତମ ତୁମେ, ବୋଲି ଏ ବିଜୟ ସମ୍ଭବ ହେଲା । " ପ୍ରଭୁ ଉତ୍‌ତର ଦେଲେ - " ଗୁରୁଦେବ, ମୁଁ କିଛି କରି ନାହିଁ। ଆପଣଙ୍କର ଆଶୀର୍ବାଦ ବିନା ତାହା କଣ ସମ୍ଭବ ?" ସେଇ ଅରୂପ ଅଣାକାର ଭକ୍ତି, ଭକ୍ତି ର ଅପ୍ରମିତ ଅତୁଳିତ ଶକ୍ତି କଳ୍ପନୀୟ।

୦୦୦

୧.୬.୨୦୨୨

# ଭକ୍ତି

## ।। ଏକ ।।

୦

**ଭା**ରତୀୟ ପୁରାଣ ଇତିହାସରେ, ଉପନିଷଦୀୟ କଥା କହାଣୀରେ, କିଂବଦନ୍ତୀ ଜାତକକଥାଦି ଓ ମହାପୁରୁଷମାନଙ୍କର ବିବୃତ କଥା ବାଚନାଦିରେ "ଭକ୍ତି" ରହିଥିଲେ ହେଁ ପରମାନନ୍ଦମୟ ଅବ୍ୟକ୍ତ ଅଣାକାର ଜଗତ୍‌ସ୍ରଷ୍ଟା ପାଳକ ପ୍ରଭୁ ଅନୁରୂପ ଜ୍ଞାନଗମ୍ୟ ନୁହନ୍ତି ବୋଧ ଗମ୍ୟ । ସେ ପ୍ରାପ୍ତି ଜନ ଜନ ରେ ଭିନ୍ନ। ଜଗନ୍ନାଥ ଦାସଙ୍କର ଉତ୍କଳୀୟ ଶ୍ରୀମଭାଗବତର ଉକ୍ତିରେ " ଯେ ପକ୍ଷୀଉଡ଼େ ଯେତେଦୂର । ସେ ଜାଣେ ତହିଁର ବେଭାର।" ଭକ୍ତ ଗାଥା ଉପରୋକ୍ତ ସାରସ୍ୱତ ସମ୍ଭାରମାନଙ୍କରେ ଶତସହସ୍ରାଧିକ ରହିଛି। ଯାହା ଭେଦ କରିବା ସକାଶେ ଆୟୁଷ୍କାଳ ଅନେକାନେକ ଊଣା। ଏହି ଭକ୍ତମାନେ ଅମରାତ୍ମା ଓ ଆତ୍ମଭୋଳା । ସେମାନେ ଯାହା ଚିନ୍ତା କରନ୍ତି ସର୍ବନିୟନ୍ତା ପାଳକ ପ୍ରଭୁ ତାହା ତୁଲେଇ ଦେଇଥାଆନ୍ତି । ଏ ରଚନାର ଅନ୍ତିମ ପର୍ଯାୟରେ ସେରୂପ କିଛି କଥାର ଅବତାରଣା କରିବାର ଇଚ୍ଛା କରିଛି। ଯାହା ସକଳ ଦୁ:ଖାବସାଦ ହର୍ତା ମୋର ଶ୍ୟାମସଖା ଙ୍କର ଇଚ୍ଛା।

ଓଁ ଅରକ୍ଷ ରକ୍ଷକ, ମହାପୁରୁଷ ଅରକ୍ଷିତ ଦାସାୟ ନମ:। "କାଲୋୟହଂ ନିରବଧି ବିପୁଳାଚ ପୃଥ୍ୱୀ" । ସବୁତ "ଓଳାଶୁଣୀ" ଦେଖେଇ ଦେଲା । ଏ ବିପୁଳାୟତନା ଧରିତ୍ରୀର ଆଉ କାହିଁ ତୋତେ ବୋଧରେ ଭେଟିବାର ଅନୁରାଗରେ ଭ୍ରମିଭ୍ରମି ଭରମିବି କାହିଁକି ମାଆଲୋ ? ତୋର କରୁଣା ଊଣା କରିବୁ ନାଇଁ। ଅଧମ ମୁଁ, ମୋର କି ସାଧ । ଆପଣାର ଅକ୍ଷମ ଅସମର୍ଥତା ହେତୁ ତୋର ଆରାଧନାର ଦେଉଳ ତୋଳିବାକୁ ନାହିଁ ନାହିଁ କହି ହଁ ଭରିଛି । ମୋର ଜଗତକରତା ପାଳକ ଶ୍ୟାମସଖା ଆଉ କଲ୍ୟାଣୀ ମାତା ଭକ୍ତି ତୋର କରୁଣାର ଆଶ୍ରିତ ହୋଇ। ଜାଗତିକ ବିଚାରରେ ଅସମର୍ଥ କୁ ତ କୃପା କରୁଣାର ବରଷା କରି, ସେ ଅକପଟ ଚିତ୍‌ତରେ ଚିନ୍ତା କରୁ, ଇଚ୍ଛା କରୁ କରତା ପୁରୁଷ ତୁଲେଇଦେବେ, ତୁ ତ ତାହା ପ୍ରତିପାଦିତ କରି ଦେଇଛୁ ଅରକ୍ଷ ଜନକୁ ତୋର କରୁଣାରେ ମୋହିତ, ସମ୍ମୋହିତ କରି।

କେହି ପ୍ରତିପତ୍‌ତିଶୀଳ, ଧନାଢ଼୍ୟ, କ୍ଷମତା ସମ୍ପନ୍ନ ନୁହେଁ, ମୁଁ ସେହି କୃତଜ୍ଞ, ବିନୟୀ **ନବକିଶୋର ସାମଲ** ପ୍ରସଙ୍ଗରେ କହୁଛି। ସମକାଳୀନ ଜାଗତିକ ବିଚାରରେ

ଅତି ସାଧାରଣ ମଣିଷ ଜଣେ। ତାଙ୍କର ସୌଭାଗ୍ୟ ଯେ ତାଙ୍କୁ ଭକ୍ତି ର କରୁଣା ପ୍ରଦାନ କରିବାର କୃପା କରିଛୁ।,

ଜୀବିକା ତାଙ୍କର କୌଣସି ପଦ ପଦବୀର ନୁହେଁ ଚତୁର୍ଥ ଶ୍ରେଣୀ । ତଦନୁରୂପ ଶିକ୍ଷାଗତ ଯୋଗ୍ୟତା। ଓଲାଶୁଣୀ ଗୁମ୍ଫା କୁ ଦେଇ ନାନା କଥା ଅନବରତ ଭାବି ହେଉଛନ୍ତି, ସେ ଇଚ୍ଛା କଲେ ତାହା ପରମାନନ୍ଦପୁରୁଷ ତୁଲେଇ ଦେବେ ;କେମିତି କେଜାଣି କେଉଁ ରୂପରେ ତାହାର କଳ୍ପନା କରିବା ସମ୍ଭବ ନୁହେଁ। ସେ ଭାବିଲେ ଯେ ତାହା ଜଣକର କାମ ନୁହେଁ। ଓଲାଶୁଣି ଗୁମ୍ଫାର ପ୍ରଚାର ପ୍ରସାର ନିମନ୍ତେ ଏକ ସମିତି ଗଠନ ନିତାନ୍ତ ଆବଶ୍ୟକ ଓ କେତେକଙ୍କୁ ନେଇ ଓଲାଶୁଣି ଗୁମ୍ଫା ପ୍ରଚାର ସ୍ରସାର କମିଟୀ ଗଢ଼ା ହୋଇଗଲା। କଣ ପ୍ରସାରିତ ହେଲା କେଉଁ କଥାର ପ୍ରଚାର ହେଲା, କିଏ କଲା। ଏଇନେ ପ୍ରତିଦିନ ସହସ୍ରାଧିକ ଦର୍ଶନାର୍ଥୀ ଆସି ମିନତୀ ମାଗୁଣି କରି ଯାଉଛନ୍ତି। ସେହି ପରିସରରେ ଶ୍ରୀରାଧାକୃଷ୍ଣ ଙ୍କର ମନ୍ଦିର ମହନ୍ତ ଅଛନ୍ତି, ଶ୍ରୀଶ୍ରୀ ନାମାନନ୍ଦ ଜୀ ମହାରାଜ, ବିଦ୍ୱାନ। ବିଶାଳ ସୁଠାମ ବପୁ ଆଲୁଳାୟିତ କେଶ ଶ୍ମଶ୍ରୁ, ଦେବଗୁରୁ ବୃହସ୍ପତିସଦୃଶ ପ୍ରଶାନ୍ତ ମୁଖମୁଦ୍ରା । ସେ ମୋତେ **ମହୀମଣ୍ଡଳ ଗୀତା**ର କାବ୍ୟାନ୍ତରଣ ଓ ମଝିରେ ମଝିରେ **ଭକ୍ତି** ର ଟୀକା ଟିପ୍ପଣୀ ହେତୁ ଅଭିନନ୍ଦିତ କରିଛନ୍ତି।

ବଲାଙ୍ଗୀର ଅନବରତ ମୋର ପରିଣତ ବୟସରେ ସୁରକ୍ଷା ସ୍ୱାଚ୍ଛନ୍ଦ୍ୟ ହେତୁ ଏକନିଷ୍ଠ ତତ୍ପର ମୋର ପୁଅ ଶୁଭେନ୍ଦ୍ର (ଲୁଲୁ) ନିଜେ ଆମର ଗାଡ଼ି ଚଳେଇ ଭୁବନେଶ୍ୱର ପର୍ଯ୍ୟନ୍ତ ନେଇଥିଲା। ଆମ ସହିତ କଲ୍ୟାଣୀୟା ଭଉଣୀ ଆହ୍ଲାଦିନୀ ଓ ପ୍ରବୀଣ ଚିତ୍ରକର ତଥା ସଙ୍ଗୀତଜ୍ଞ (ତବଲା) ଭଗିନୀପତି ଆୟୁଷ୍ମାନ ଶ୍ରୀ ପଦ୍ମନାଭ ମିଶ୍ର ମୋର ଅଭିନନ୍ଦନ ସମାବେଶର ଅଂଶୀଦାର ହେବାକୁ ଯିବେବୋଲି ପୂର୍ବ ନିଶ୍ଚିତ ଯୋଜନାର ସୂଚନା ପାଇ ଆନନ୍ଦିତ ହୋଇ କଲ୍ୟାଣୀୟ ନବ କିଶୋର କହିଲେ ଭୁବନେଶ୍ୱରରୁ ମୁଁ ନିଜେ ସାଙ୍ଗରେ ଥାଇ ଗାଡ଼ି କରି ନେଇଯିବି। କାରଣ ସେଠାରୁ ବାଟକଢ଼େଇ ନେବା ନିହାତି ଦରକାର । ଆପଣ ଆପଣଙ୍କର ଗାଡ଼ି ଏଇଠି ରଖି ଦେଇ ଯିବେ। ଦୁଇଟି ବାଟରୁ ଏସି ବନ୍ଦ ଗାଡ଼ିଭିତରୁ ମୋର ଦୁଇଟି ମନେ ଅଛି, ଗଲାବେଳେ ବାଳିଚନ୍ଦ୍ରପୁର ବଜାର ଓ ଫେରିବା ବାଟରେ ସାଲେପୁର। ଆମେ ସେଠାରେ ଅରକ୍ଷ ରକ୍ଷକ ସନ୍ଥ ଙ୍କର ସମାଧି ପୀଠର ଅତିଥି ଶାଳାରେ ତିନି ଦିନ ରହି ଆସିଲୁଁ। ବାସ୍ତବିକ ଆମେ ଆମ ଗାଡ଼ିନେଇ ଯାଇଥିଲେ ହଇରାଣ ହୋଇ ଥାଆନ୍ତୁ । ନବ କଶୋର ଗାଡ଼ି ନେଇ ଆସିଲେ, ଆମେମାନେ ତାଙ୍କରି ମାର୍ଗଦର୍ଶନରେ ବାହାରି ଗଲୁଁ। ମୁଁ, ସୌଦାମିନୀ, ଲୁଲୁ, ଆହ୍ଲାଦିନୀ,ପଦ୍ମନାଭ ସମେତ ସେଇ ବଡ଼ଗାଡ଼ିରେ ନବକିଶୋର ଓ ଚାଳକ ସକାଶେ କିଛି ଅସୁବିଧା ନଥିଲା।

ନବକିଶୋର କହିଲେ ମହାପୁରୁଷଙ୍କର ଦୟାରେ ଦୁଇଟି କାର୍ଯ୍ୟାଳୟ ଅଛି । ଗାଡ଼ି ନେଇ ଚାଳକ ଅଛନ୍ତି। କେହି ଭକ୍ତ ଇଚ୍ଛା କଲେ ନେଇଯିବେ ବ୍ୟୟ ବି ବାହାର ତୁଳନାରେ ଉଚିତ। ମାର୍ଗ ଦୁର୍ଗମ ନୁହେଁ, ତେବେ ଦିଶା ଭ୍ରମିତ ହେବାର ପର୍ଯ୍ୟାପ୍ତ ଆଶଂକା ରହିଛି।

ଏ କାର୍ଯ୍ୟାଳୟମାନଙ୍କର ସ୍ଥାପନା ୨୦୦୭ ରେ ହୋଇଛି । ପ୍ରତିଷ୍ଠାତା ଭାବରେ ଉଲ୍ଲିଖିତ ନବ କିଶୋର ସାମଲ। ସେଇ ସମର୍ପିତ ଏକନିଷ୍ଠ ଭକ୍ତ ଇଚ୍ଛା କରିଥିବେ। ତାହା ସର୍ବ ନିୟନ୍ତା ପ୍ରଭୁ ଅନ୍ତର୍ଯ୍ୟାମୀ ପୁରୁଷ ତୁଲେଇ ଦେଇଛନ୍ତି । କଲ୍ୟାଣୀୟ ନବ ବି ଜାଣନ୍ତିନାହିଁ। କିଏ କଲା, କେମିତି କଲା, ଅର୍ଥ ବ୍ୟବସ୍ଥା କେମିତି ହେଲା । ଆଦିଆଦି

**ମୁଖ୍ୟ କାର୍ଯ୍ୟାଳୟ**

ପ୍ଲଟ ୬୧୨, ଶବର ସାହି, ରସୁଲ ଗଡ଼, ଭୁବନେଶ୍ୱର ୭୫୧୦୧୦

**ଶାଖା କାର୍ଯ୍ୟାଳୟ**

ସା/ପୋ – ଲଳିତଗିରି । ଥାନା : ମହାଙ୍ଗା, ଜି କଟକ ପିନ୍ ୭୫୪୨୦୫।

ଚଳଭାଷ ।। ୭୯୭୮୬୨୮୭୨୯ / ୯୭୭୬୩୪୩୫୦୩ / ୯୯୩୭୬୩୨୩୯୩

ବାରବାର କୃତଜ୍ଞତା ଜ୍ଞାପନ ଦ୍ୱିରୁକ୍ତି ନୁହେଁ ବୋଲି ଭାବୁଛି। ନେତ୍ରଜ୍ୟୋତି କାଳ ଫେରେଇ ନେବାର ଉପକ୍ରମ କରିଛି ।ଏ ପରିଣତ ଅଠାଅଶୀରେ ଦେଖି ପଢ଼ିପାରୁନାହିଁ ଯବକାଚ ଦେଇ ବର୍ଣ ଚିହ୍ନୁଛି। କମ୍ପ୍ୟୁଟରରେ ଅକ୍ଷର ଜୁମ୍ କରି ବିନାଚିଠାରେ ମନେ କରୁଛି କରୁଣାନିଧାନ ମୋର ଶ୍ୟାମସଖା ଯାହା ଡାକି ଦେଉଛନ୍ତି ଉତାରି ଦେଉଛି । ମୋର କି ଦକ! ଯେତେ ଦିନ ଯାହା ବରଗି ଯିବେ "ଆଲୋ ଦାସୀ" ବୋଲି ଡାକିଲେ "ଓ" କରି ତୁଲେଇ ଦେବି। ମୋଠାରୁ ୫/୧୦ ବରଷର କନିଷ୍ଠ ସାରସ୍ୱତ ମିତ୍ରମାନେ ନିଜଘରକୁ ବାହୁଡ଼ି ଯାଉଛନ୍ତି, ମୋତେ କେତେଦିନ ରଖିବ ସଖା ?...ନିଜ ଘରେ ତମର ପୟର ପାରୁଶରେ କିଛି କାଳ ରହିବାର ମନ ହେଲାଣି ଭାରି ଭାରତୀୟ ବୈଷ୍ଣବ ସୈଦ୍ଧାନ୍ତିକ ବିଚାରରେ ସେଇ କର୍ତାପୁରୁଷ ଲୀଳାମୟମାୟର ହିଁ ଏକମାତ୍ର ପୁରୁଷ ଓ ବାକି ମାନବ ମାନବେତର, ବାନସ୍ପତିକ ପ୍ରକୃତି ସମସ୍ତେ ନାରୀ, ଜଗତ୍‌ପତି !...

ବାରମ୍ବାର ସତ୍ୟର ଉଚ୍ଚାରଣ ପାପ ନୁହେଁ, ମିଥ୍ୟା ଥରେ ମାତ୍ରକର ଉଚ୍ଚାରଣ ପାପ ସିନା ?

୦୦୦

୪.୬.୨୦୨୨

# ଇନ୍ଦ୍ରପ୍ରସ୍ଥ

୦

**ମା**ୟାଧର, ବିନୋଦ ବିହାରୀ, ସର୍ବନିୟନ୍ତା, ଅନନ୍ତଦାତା ମହାବାହୁ ! ପିତାମହ ଭୀଷ୍ମଦେବ ସମେତ ମୌନ ଶ୍ରକୃଷ୍ଣଦ୍ୱୈପାୟନ ନାରାୟଣସ୍ୱରୂପ ମହର୍ଷି ବ୍ୟାସଦେବ, ଭକ୍ତିର ପ୍ରତୀକ ନୀତିବନ୍ତ ମହାତ୍ମା ବିଦୁରଙ୍କର ତମରି ଚେତନାରେ ତନ୍ମୟ ସମ୍ମୋହିତ ଅନୁଜ ଦାସୀପୁତ୍ର ତଥା ସଭାସଦମାନଙ୍କର ସମର୍ଥନ କ୍ରମରେ ନିଷ୍ପତ୍ତି ହେଲା ଯେ କାଳ କାଳର ବୈରୀ ବିବାଦ ର ଅନ୍ତ କରି ରାଜ୍ୟ ଦୁଇଭାଗରେ ବିଭାଜିତ କରିଦେବା ଉଚିତ ହେବ। ସେତେବେଳେ, ଭକ୍ତି ପ୍ରୀତିର ପ୍ରତୀକ ମହିମା ବାରାନିଧି ! ପାଣ୍ଡବମାନେ କହିଲେ ନା ଆମସକାଶେ ଶ୍ରକୃଷ୍ଣ ଯାହା ସ୍ଥିର କରି ବାଛି ଦେବେ, ତାହା ଅମଲାଗି ଅପରିବର୍ତ୍ତନୀୟ। ମନେ ପକେଇ ଦେଉଛି ବୋଲି ଦୋଷ ଧରିବ ନାଇଁ କରୁଣା ଅକୂପାର ଶ୍ୟାମସଖା ! ସେତେବେଳେ, ହେ ପୀତବାସ ରଙ୍ଗଅଧରରେ ମନ୍ଦହାସ ଉକୁଟାଇ ନିଶ୍ଚିନ୍ତ ସଭା ସମକ୍ଷରେ କହି ଦେଲ – "ଠିକ ଅଛି, ପାଣ୍ଡବମାନଙ୍କୁ ଇନ୍ଦ୍ରପ୍ରସ୍ଥ ପ୍ରଦାନ କରନ୍ତୁ। ସଭା ଚକିତ। କୌରବମାନେ ଆନନ୍ଦ ବିଭୋର। ବୟୋଜ୍ୟେଷ୍ଠ ହିତୈଷୀମାନେ ଅବାକ୍ ନିର୍ବାକ୍ ! ପାଣ୍ଡବମାନେ ସ୍ତବ୍ଧ, ଯାହା ଶ୍ୟାମସଖା, ତୁମର ନିର୍ଣ୍ଣୟ,ସ୍ୱୀକାର କରି ନେବା ବ୍ୟତୀତ ଆଉ କିଛି ଗତ୍ୟନ୍ତର ନ ଥିଲା।

ପ୍ରସ୍ତରମୟ ଦନ୍ତୁରିତ କଠିଣ, ସର୍ପ ବିଷଧର ସରୀସୃପ ସଙ୍କୁଳ ଜଳହୀନ ଅନୁର୍ବର ଭୂମି ଶତଯୋଜନ ସୀମାରୁ ଆରମ୍ଭ ପାଣ୍ଡବମାନଙ୍କର ଅଧିକାରର କ୍ଷେତ୍ର। କମଳନୟନ ପଚାରିଲ ନା "ଉଚିତ ହେଲା ତ ?" କଣବୋଲି କହି ଥାଆନ୍ତେ ସେମାନେ ମୌନ ସମ୍ମତି ପ୍ରକାଶ କରି ପ୍ରଣାମ କରି ମଥାନତ ହେଲେ । ସେତେବେଳେ ନିଶ୍ଚନ୍ତ ଚିତ୍‌ତରେ କହିଲ –

"ସବୁ ତ ହେଲା। ମୁଁ ଦ୍ୱାରକା ଯାଇ ଯଥା ସମୟରେ ଫେରି ଆସିବି। ତାରି ଭିତରେ ଜ୍ୟେଷ୍ଠଭ୍ରାତା ସାନୁଜ ରାଜଲକ୍ଷ୍ମୀ ଦ୍ରୌପଦୀଙ୍କ ସହିତ ଇନ୍ଦ୍ରପ୍ରସ୍ଥ ସକାଶେ ପ୍ରସ୍ଥାନ କରନ୍ତୁ । ସମସ୍ତେ ଭୂମି ସମତଳ କରିବାର କର୍ମ ସମ୍ପାଦନ କରୁଥିବେ । କୌଣସି ପ୍ରକାର ମଜୁରିଆ ସେବକ ନିଯୁକ୍ତ କରିବେ ନାହିଁ।"

" ଆଉ ସଖା ପାର୍ଥ ତମେ ଖାଣ୍ଡବବନ ଦହନ କରି ବିଷଧରମାନଙ୍କୁ ଘଉଡ଼ିବାର ପ୍ରୟାସ କରିବ। ପ୍ରତିରୋଧ କରି ଯେ ମରଣ ବରଣ କରିବ, କରିବ, ତମର କିଛି ଦୋଷ ନାହିଁ।

ସେମାନେ ଯାଇ ଯେ ଯାହାର କାମରେ ଲାଗିଗଲେ । ରାଜମାତା କୁନ୍ତୀ କେବଳ ଶ୍ରମ ନକରି ସେମାନଙ୍କ ସହିତ ହସ୍ତୀନାରୁ ଶାସନର ଅତ୍ୟାଚାର ପ୍ରତ୍ୟାଖ୍ୟାନ କରି ଯେତେ ପ୍ରଜା ଚାଲିଆସିଥିଲେ ସମସ୍ତଙ୍କ ସକାଶେ ଭୋଜନ ବ୍ୟବସ୍ଥା କରୁଥିଲେ। ସାମ୍ରାଜ୍ଞୀ ଯଜ୍ଞସମ୍ଭବା ଯାଜ୍ଞସେନୀ ବୋଝଡ଼ାଲା ଧରି ମୁଲିଆଣୀ ପାଲଟି ରହିଥିଲେ ।

ମଣିମା ହେ, ତମେ ଆସି ଉପସ୍ଥିତ ହେଲ ଯେତେବେଳେ ସେତେବେଳ ତମର ପ୍ରିୟ ସଖୀ କୃଷ୍ଣା ଏକ ବକୁଳ ତରୁର ଭରାଦେଇ ଚଉତରାରେ କ୍ଳାନ୍ତ ଶ୍ରାନ୍ତ ବସିଥିଲେ । ସନ୍ଧ୍ୟା ଉପରାନ୍ତ ଅନ୍ୟାନ୍ୟ ଭାଇମାନେ ବିଶ୍ରାମ କରୁଥିଲେ ।

ଆସି ଉପସ୍ଥିତ ହୋଇ ପଚାରିଲ - "ତମେ କ୍ଳାନ୍ତ। ମୋର ଉପରେ ରୋଷ କରି ରୁଷିବସିଛ ପ୍ରିୟତମା ।

ଆଉ ଆପଣା କୋଳ ଥାପୁଡ଼େଇ କହିଲ -" ଆସ, ଘଡ଼ିଏ ବିଶ୍ରାମ କରି ନିଅ।" ମୋହିତା କୃଷ୍ଣା ତମର କୋଳରେ ମଥା ଥାପି ରହିବା ପରେ ତମେ ଥାପୁଡେଇ ଦେବାକୁ ଲାଗିଲ । ଆଉ କୃଷ୍ଣା ଗୋଟାଏ ମାତ୍ର ପଲକରେ ଗହନତମ ନିଦ୍ରାରେ ଆପଣାକୁ ହଜେଇ ଦେଲେ। ହେ ମାୟାଧର, ମାୟା ସ୍ଥପତି ମୟଙ୍କୁ ନିର୍ମାଣର ଅଦେଶ ଦେଇ ବ୍ରାହ୍ମ ମୁହୂର୍ତ୍ତରେ କୃଷ୍ଣାଙ୍କୁ ହଲେଇ ଉଠେଇଲ, କହିଲ ନା ମଣିମା - "ଉଠ ସଖୀ, ଉଠ ଇନ୍ଦ୍ରପ୍ରସ୍ଥ ନିର୍ମାଣ ହୋଇ ସାରିଛି। ତେବେ ତମ ମାଇକିନାଙ୍କର ଖୋଇ, କହିବ ନାହିଁ ଯେ "ହେଲା ଯେ, ଏମିତି ଆଉ ଟିକିଏ ହୋଇଥିଲେ ଭଲ ହୋଇ ଥାଆନ୍ତା। ଆଉ ଗୋଟିଏ ପ୍ରହର ବାକି ଅଛି, ତୁମେ ଯାହା ଦେଖି କହିବ ତଦନୁରୂପ ହୋଇଯିବାକୁ, ତମକୁ ଆହ୍ଲାଦିତ କରିବାକୁ ହୋଇଯିବ। କୃଷ୍ଣାଙ୍କର କିଛି କହିବାର ନଥିଲା । ଆନନ୍ଦ ବିଭୋର କୃଷ୍ଣା ଆପଣକୁ ପ୍ରଭୁଙ୍କର ଗହନ ଆଶ୍ଳେଷରେ ହଜେଇ ଦେଇ ଆତ୍ମହରା ହୋଇ ରହିଥିଲେ। ସେ ଅପ୍ରାକୃତ ଭକ୍ତି ପ୍ରୀତିର କିଛି ବି ଭେଦନାହିଁ। ଗୋଟାଏ ରାତିରେ ଅକଳ୍ପନୀୟ ରାଜପୁର ଓ ରାଜ୍ୟର ଅଭିନବ ନିର୍ମାଣ ହୋଇ ସାରି ସ୍ଥପତି ମୟ ଅନ୍ୟ ସବୁରି ଦୃଶ୍ୟାନ୍ତରାଳରେ ରହି ପ୍ରସ୍ଥାନ କରିବେ ବୋଲି ଅନୁମତିର ଭିକ୍ଷା କରୁଥିଲେ ।.,. ...

୦୦୦

( ମହାମନା, ତ୍ରିପୁର ବିଜୟୀ, ସପ୍ତଦ୍ୱୀପାଧିପତି, ବେଦାଧ୍ୟାୟୀ, ଅଗ୍ନିହୋତ୍ରୀ ପରମଶକ୍ତିମାନ,ପରମଭକ୍ତ, ସଚ୍ଚରିତ୍ର, ସର୍ବଶାସ୍ତ୍ର ଶସ୍ତ୍ରଜ୍ଞ.ତ୍ରିକାଳଦର୍ଶୀ ସଙ୍ଗୀତଜ୍ଞ ରୁଦ୍ରବୀଣାବାଦନ ପ୍ରବୀଣ, ସଙ୍ଗୀତାର୍ଣ୍ଣବ ଚନ୍ଦ୍ରିକା, ଉଡ୍ଡୀଶତନ୍ତ୍ର ପ୍ରଣେତା ରାମେଶ୍ୱର ଭକ୍ତ ଚୂଡ଼ାମଣୀ, ପ୍ରବୀଣ କର୍ମକାଣ୍ଡବିଦ୍ ଲଙ୍କେଶ ରାବଣ; ମୟାସୁରପୁତ୍ରୀ ସତୀ ସାଧ୍ୱୀ ସାମ୍ରାଜ୍ଞୀ ମନ୍ଦୋଦରୀଙ୍କର ପତି। ମହିମାର୍ଣ୍ଣବ, ମଣିମା ମହାବାହୁ ହେ, ତ୍ରେତୟାରେ ମନୋରମା ପତ୍ନୀଙ୍କର ବଚନ ରକ୍ଷା କରିବାକୁ ତାଙ୍କର ଉଦ୍ଧାର କରିଥିଲ ନା ?

ରାବଣ "ଜୟ" ଅପର ଭାଇ "ବିଜୟ" କୁମ୍ଭକର୍ଣ୍ଣ !! )

୦୦୦

୪,୬,୨୦୨୨

## ଭଗତି ଭାବେ ଭୋଳ
## ଭଗତ ଗାଥା

୦

ଜଗତକଲ୍ୟାଣୀ ଭାରତ ଭୂମିର ପାବନ କୋଳରେ ଅନେକାନେକ ଭଗତି ଭାବେ ଭୋଳା ଭଗତ ଅବତରିତ ହୋଇଛନ୍ତି। ବିଶ୍ୱଗୁରୁ ଏ ଦେଶ। ଅରୂପ ଅଣାକାର ଜଗତନାଥ ଶ୍ରୀକ୍ଷେତ୍ର ନୀଳାଦ୍ରୀବିହାରୀଙ୍କର ଅସୀମ ଭଗତ ମଣ୍ଡଳୀକୁ ନେଇ .କେତେ କଥା, କେତେ ଗାଥା। ଅସୀମ ଅନନ୍ତ ଶତସହସ୍ରାଧିକ। ପଂଚସଖା, ସାରସ୍ୱତ ପୁରୁଷ, ତ୍ରିକାଳଦର୍ଶୀ, ଭାବାମୋଦୀ; ପ୍ରଭୁକରୁଣାଶ୍ରୟୀ "ପୁରା ପ୍ରାଚୀ ତଟେ କେନ୍ଦୁବିଲ୍ୱ ଇତି ଖ୍ୟାତ ଗ୍ରାମ ବ୍ରାହ୍ମଣ ସଙ୍କୁଳ " ସେହି ଗ୍ରାମରେ ଶ୍ରୀରାଧା-ମାଧବ ପ୍ରୀତି-ଭଗତି ଗୀତିର ମନୋଜ୍ଞ "ଶ୍ରୀଗୀତଗୋବିନ୍ଦ" ର ରଚୟିତା ଗାୟକ ଶିରୋମଣି " ପଦ୍ମାବତୀ ଚରଣଚାରଣ ଚକ୍ରବର୍ତୀ " କବି ଶ୍ରୀ ଜୟଦେବ ! ଭଗତ ଚୂଡ଼ାମଣି କବି ଯବନ ସାଲବେଗ, ଅରକ୍ଷରକ୍ଷକ ସନ୍ଥ, ମହାପୁରୁଷ ଅରକ୍ଷିତ ଦାସ, ଭଗତି ନିମଜ୍ଜିତ ବିଦ୍ୟମାନ ଶ୍ରୀ ଗୁରୁଭାଗତର (ଛଅ ଭାଗ)ରଚନାକାର ପୂଜ୍ୟ ଗୁରୁ ଶ୍ରୀଚନ୍ଦ୍ରଭାନୁ ଶତପଥିଙ୍କର ଚରଣସ୍ୱର୍ଶ ପ୍ରଣାମ କରିଏ ରଚନାର କଳେବର ସୀମାତିକ୍ରମ କରି ନ ପାରିବାର ବାଧତାରେ ଯେଉଁ ଭଗତ ମହାପୁରୁଷଙ୍କର ନାମୋଲ୍ଲେଖ କରି ପାରିନାହିଁ ସେଇ ସେଇ ଦିବ୍ୟ ମହାପୁରୁଷମାନଙ୍କୁ ସଭକ୍ତି ପ୍ରଣାମ କରୁଛି। ଗୁରୁଭାଗବତର ଷଷ୍ଠଭାଗର ଲୋକାର୍ପଣ କଟକ ଶହୀଦ ଭବନରେ ମୋ କର୍ତୃକ ହେବାର ଥିଲା। ମୁଁ କିଛି ବାଧକ ସ୍ଥିତି ହେତୁ ପହଂଚି ପାରିନାହିଁ। ସେହି ଭାଗ ମୁଁ ଅଦ୍ୟାପି ପ୍ରାପତ ହୋଇନାହିଁ। ନେତ୍ରଜ୍ୟୋତି କାଳ ଫେରେଇ ନେବାକୁ ଅଡ଼ି ବସିଛି । ଗ୍ରନ୍ଥମଂଥନ ଏଇନେ ମୋ ସକାଶେ ଏକ ଅସମ୍ଭବ ବ୍ୟାପାର । ସିଦ୍ଧ ଭଗତ ଶ୍ରୀଗୁରୁ ଚନ୍ଦ୍ରଭାନୁ ଅଭିନବ ସିରଡ଼ିର ନିର୍ମାଣର ଆସକ୍ତ ଅଭିଳାଷୀ; ଜଗତସ୍ରଷ୍ଟା ପୁରୁଷ ତାହା କରୁଛି । ଥରେ ସେଇ ପାବନ କ୍ଷେତ୍ର କୁ ନତଜାନୁ ପ୍ରଣାମ କରି ଆସିବାର ଇଚ୍ଛା କରୁଛି ଯାହା ଭଗବତସ୍ୱରୂପ ବାବାଙ୍କର ଇଚ୍ଛା। ଶ୍ରଦ୍ଧା ଅଛି ନିଶ୍ଚିତ ସବୂରୀ ଅଛି । ତେବେ, ଏହି ଭଗତମାନେ ଭାବେ ଭୋଳା ।

କିଛି ପ୍ରାଂଜଳ କରିଦେବାର ଅଭିପ୍ରାୟରେ ଏହି ଅଧ୍ୟାୟରେ କେତେକ ଭଗଦଗାଥା-ସ୍ମରଣ କରି ସେମାନଙ୍କର ଚରଣସ୍ପର୍ଶ ପ୍ରଣାମ କରିବି ବୋଲି ଇଚ୍ଛାକରୁଛି । ଯାହା ସେମାନଙ୍କର କରୁଣା। କଥା, ନାମ ସ୍ମରଣ, ଶ୍ରବଣ ରେ ଭଗତି ନିହିତ ହୋଇ

ରହିଛି। ଉଦ୍ଧବ କୃପାମୟ ଲୀଳା ବିହାରୀଙ୍କୁ ପ୍ରାର୍ଥନା କରି କହିଲେ – "ମହାଭାରତ ରେ ଆପଣଙ୍କର ଉତ୍ତର କାଳ ରହିଛି । ଅଧର୍ମ ବିନାଶ ଦୁଷ୍କୃତ ନାଶନ କରି ସତ୍ୟ ଧର୍ମର ସଂସ୍ଥାପନର କାଳ । କିନ୍ତୁ ବାଲ୍ୟ କାଳ, ଯାହାର ରଚନାବ୍ରତୀ ହୋଇଛନ୍ତି ଆପଣଙ୍କର ସ୍ୱରୂପ ଶ୍ରୀକୃଷ୍ଣ ଦ୍ୱୈପାୟନ ବ୍ୟାସଦେବ, ମୁଁ ପ୍ରାର୍ଥନା କରୁଛି – ଆପଣ ତହିଁରେ ସଦା ବିରାଜିତ ହୋଇ ରହିବେ।" ତାହା **ଶ୍ରୀମଦ୍ଭାଗବତ ମହାପୁରାଣ** । ପ୍ରଭୁ କହିଲେ "ତଥାସ୍ତୁ"। ଭାଗବତ ର ପଠନ, ବାଚନ, ଶ୍ରବଣ ତାର ଛତ୍ରେଛତ୍ରେ ଭକ୍ତି ଓ ପ୍ରୀତି ବିରାଜିତ ହୋଇ ରହିଛନ୍ତି। କିଛି ଭାବରେ ତାହା ବିଦ୍ୟାବୋଧବନ୍ତଙ୍କ କ୍ଷେତ୍ର, ମାତ୍ର, ଅପଣ୍ଡିତ ମୂର୍ଖ ବି ନାଲୀ କନା ଆଚ୍ଛାଦିତ କରି ଘରେ ପୂଜାପୀଠରେ ପ୍ରତି ଦିନ ଧୂପ ଦୀପ, ଫୁଲ ଚନ୍ଦନ ଦେଇ ପୂଜା କରୁଛି। ତାହା ସେଇ ଭଗତି, ଭକ୍ତିର ନିବେଦନ। ଏସବୁ ଦେଖେଇ ହେବାର ବି ଲୋକ ଅଛନ୍ତି .ଯେଉଁମାନେ ସମାଜକୁ ମୁଁ ଜଣେ ଭକ୍ତ ବୋଲି କହିବାକୁ ଅଭିନୟ କରି ଥାଆନ୍ତି ଓ ପ୍ରତାରିତ କରି ଥାଆନ୍ତି। ସେଇ ଦାତା ପୁରୁଷ ସେମାନଙ୍କୁ ଯାହା ଉଚିତ ଦେବାକଥା ଦେଇ ଥାଆନ୍ତି। ସେମାନେ ଆପଣାର କୃତକର୍ମର ଫଳଭୋଗ ନିଶ୍ଚିତ କରନ୍ତି, ଯାହା ପଶ୍ଚାତ୍ତାପରେ କିଛି ପରିମାଣରେ ଦାତା ଇଚ୍ଛା କଲେ ଲାଘବ ହୋଇଥାଏ।

## ପୁରୋବାକ୍

ଭକ୍ତ ଚରିତ କଥନ ର ପୁରୋବାକ୍‌ସ୍ୱରୂପ ମୁଁ କହି ରଖିବା ଉଚିତ ହେବ ମନେ କରୁଛି। ଅତୀତରେ କିଶୋର କାଳରେ ଭକ୍ତ ଚରିତ ର ଅନେକ ବୃତ୍ତାନ୍ତ ରଚନା କରିଥିଲି ସେମାନେ ସମ୍ବାଦପତ୍ରର ସାରସ୍ୱତ ପୃଷ୍ଠାମାନଙ୍କରେ ପ୍ରକାଶିତ ହୋଇଛନ୍ତି। ବର୍ତମାନ ସେମାନଙ୍କୁ ଠାବ କରି ପାରିବା ବି ମୋର ଅସାଧ। ସେମାନେ ଅଛନ୍ତି, ମାତ୍ର, ନଥିପତ୍ର ଓ ଗ୍ରନ୍ଥ-ଅରଣ୍ୟ ରେ ଦିଶାଭ୍ରମିତ ହୋଇ ରହିଛନ୍ତି। ତେବେ, ମୋତେ ସଠିକ ଦେଖା ଯାଉନି, ଯାହା କରିବି ତାହା ସମ୍ପ୍ରତି ମୋର ପୁନ:ରଚନା। ନାମ ବାଚକ ବିଶେଷ୍ୟ ପଦର ପ୍ରୟୋଗ ପ୍ରମାଦପୂର୍ଣ ହେବାର ସମ୍ଭାବନା ପର୍ଯାପ୍ତ ରହିଛି । ତେବେ ଭାବ ଅକ୍ଷୁଣ୍ଣ ରହିବ ବୋଲି ମୋର ଆସ୍ଥା ଓ ବିଶ୍ୱାସ । ପ୍ରଥମେ ମହାଯୋଗୀ ରୈକ୍ୱଙ୍କୁ ସ୍ମରଣ କରୁଛି । ଏ ବ୍ୟାଖ୍ୟାନ ଉପନିଷଦର । ମନେ ନାହିଁ କେଉଁ ଉପନିଷଦର। ଯାହା କହିବି ତାହା କେବଳମାତ୍ର ସଂକ୍ଷେପ ବ୍ୟାଖ୍ୟାନ।

## ରୈକ୍ୱ ଉପାଖ୍ୟାନ

ଅବନ୍ତୀର ମହାରାଜ ପ୍ରସାଦର ଛାତ ଉପରେ ମହାରାଣୀଙ୍କ ସହିତ ସାନ୍ଧ୍ୟ ପଦଚାରଣ କରୁଥିଲେ । ମହାରାଜାଙ୍କର ବିଲକ୍ଷଣ ଶକ୍ତି ଯେ ସେ ପଶୁ-ପକ୍ଷୀମାନଙ୍କର ଭାଷା ବୁଝି ପାରୁଥିଲେ ଏବଂ କିଛି କାରଣରୁ ବିରକ୍ତ ହୋଇ କ୍ରୋଧିତ ଦୃଷ୍ଟିପାତ କଲେ ଉଡ଼ନ୍ତ ପକ୍ଷୀର ଡେଣା ଜଳିଯାଉଥିଲା। ସେତେବେଳେ ଆକାଶରେ ନୀଡ଼ ବାହୁଡା ପକ୍ଷୀ-

ପକ୍ଷିଣୀ, ବାଟଭାଙ୍ଗି ଉପରେ ଉଡ଼ିଯିବକୁ ପକ୍ଷୀ ଯେତେବେଳେ କହିଲା, ସେତେବେଳେ ପକ୍ଷିଣୀ କହିଲା, "ଚାଲ କିଛି ହେବ ନାହିଁ । ମହାରାଜାଙ୍କର କୋଧାଗ୍ନିରେ ଆମର ଡେଣା ଜଳି ଗଲେ ବି ପ୍ରାସାଦ ବାହାରେ ଧୂନି ଜଳେଇ ରହିଥିବା ମହାଯୋଗୀ ରୈକ୍ୱଙ୍କର ଉପରଦେଇ ଗଲେ ତାହା ଆପଣାଛାଏଁ ପଲ୍ଲବିତ ହୋଇଯିବ। ପକ୍ଷୀ-ପକ୍ଷିଣୀଙ୍କର ଏ କଥା ମହାରାଜଙ୍କୁ ବିସ୍ମୟାଭିଭୂତ ଅବାକ୍ କରି ଦେଲା। ଭାବି ହେଲେ ପ୍ରାସାଦ ବାହାରେ କେହି ତପଃସିଦ୍ଧ ମହାଯୋଗୀ ରହିଛନ୍ତି । ତାଙ୍କର ଉପର ଦେଇ ଉଡ଼ିଗଲେ ପକ୍ଷ ଆପଣାଛାଏଁ କଅଁଳି ଯିବ ବୋଲି ବିଶ୍ୱାସ ରେ ପକ୍ଷୀମାନେ ଉଡ଼ିଗଲେ। ଯୋଗୀଙ୍କୁ ପ୍ରାସାଦକୁ ଆମନ୍ତ୍ରଣ କରି ନେଇ ଆସି, ତାଙ୍କର ସମସ୍ତ ସୁଖ ସ୍ୱାଛନ୍ଦ୍ୟର ବ୍ୟବସ୍ଥା କରିବା ସମୀଚୀନ ହେବ। ମନେ କରି ପ୍ରଭାତରେ ସେ ଯୋଗୀଙ୍କୁ ସାକ୍ଷାତ କରି ଅନୁରୋଧ କରିବାକୁ ମହାମନ୍ତ୍ରୀଙ୍କୁ ପଠେଇଲେ। ବାହାରେ ଖୋଲାମେଲାରେ ଖରା-ବର୍ଷା-ଶୀତ ସହନ କରି ତାଙ୍କର ରହଥିବା, ରାଜ୍ୟର ମହାରାଜଙ୍କର ଜ୍ଞାତସାରରେ ଠିକ ହେଉନାହିଁ। ପ୍ରାସାଦରେ ଯୋଗୀଙ୍କର ତପଃସାଧନାଦି ସବୁକିଛି ସୁବ୍ୟବସ୍ଥିତ ହୋଇଯିବ।

ରୈକ୍ୱ ଉତ୍ତରରେ କହିଲେ - " ବାବା ମୋ କଥା ବୁଝିଲାବାଲା ବୁଝୁଛି। ତମେ ଚିନ୍ତା କରନାଇଁ। ମୁଁ ଏଠାରେ ବେଶ ଆନନ୍ଦରେ ଅଛି, ଭଗତି ଭାବ ଭୋଳରେ । ମହାମନ୍ତ୍ରୀ ଅଗତ୍ୟା ଫେରି ଯାଇ ମହାରାଜାଙ୍କୁ ଜଣେଇଲେ। ମହାରାଜାଙ୍କର ମନ ମାନିଲା ନାଇଁ, ସେ ନିଜେ ଆସି ଯୋଗୀଙ୍କର ପାରୁଶରେ ଠିଆ ହୋଇ ଅଭିବାଦନ କରି କହିଲେ - "ମହାରାଜ, ଆପଣ ପ୍ରାସାଦକୁ ଚାଲନ୍ତୁ। ସେଠାରେ ଆପଣଙ୍କର ସବୁକିଛି, ସୁବ୍ୟବସ୍ଥିତ ହୋଇଯିବ। ଆପଣଙ୍କର ଚିନ୍ତା ରହିବ ନାଇଁ !" ରୈକ୍ୱ ଉତ୍ତର ଦେଲେ, " ମୋର କିଛି ଚିନ୍ତାନାହିଁ । ଜଗତବନ୍ଧୁ ସବୁ ତୁଳେଇ ଦେଉଛନ୍ତି। ପଂଚଭୂତ ସେବା ଖଟଣିକୁ ରହିଛନ୍ତି । ତେବେ ବାବା, ତମେ ଏ ପଟକୁ ଆସ। ମୁଁ ଖରା ପୁଏଁଇ ଆନନ୍ଦ ପାଉଥିଲି ଆଉ ତମେ ଆସି ଛାଇ କରି ଠିଆ ହୋଇଗଲ! ... ଯାହା କରତା କରି ଦେଇ ପାରିବ, ତାହା ଆଉ କିଏ କରିବ? କରତା ତମର ମଙ୍ଗଳ ବିଧାନ କରନ୍ତୁ । ସେ ତୁମକୁ ଯାହା କରିବାକୁ ନିଯୁକ୍ତ କରିଛନ୍ତି ସେଇ ତମର କର୍ତବ୍ୟକର୍ମ ! ଆଉ ମହାରାଜା ପରିତୁଷ୍ଟ ହୋଇ ଯୋଗୀଙ୍କୁ ନତଜାନୁ ପ୍ରଣାମ କରି ଆସିଲେ ...

୦୦୦

*(ଆଜି କୋଟିକୋଟି ବରଷ ଉପରାନ୍ତ ସେହି ପଂଚଭୂତଙ୍କୁ ଆହତ ଆକ୍ରାନ୍ତ, ପ୍ରଦୂଷିତ କରି ମାନବ ମାନବେତର, ବାନସ୍ପତିକ ଜଗତ ଆତୁର କାତର ହୋଇ ତ୍ରାହୀ-ତ୍ରାହୀ କରି ଅସହାୟ, ବିକଳ ନୁହେଁ କି ? ଗୁହାରି ଶୁଣିମା ହେଉ ମଣିମା ହେ !)*

## ସାଲବେଗ ।। ରସ ଖାନ୍

୦

**ଭ**ଗତି ଭାବେ ଭୋଳା ଜାତିରେ ଯବନ ପ୍ରମତ୍ତ ପ୍ରମୁଦିତ କବି **ସାଲବେଗ** ଆଉ **ରସଖାନ**ଙ୍କର ସ୍ୱତ:ସ୍ଫୂର୍ତ୍ତି ମାଗୁଣୀ, ନିବେଦନର ଉଚ୍ଚାରଣରେ ମଣିମା ଭଗତଦାସ ହେ,ତମ କରୁଣାର ମହୋଦଧି ଉଚ୍ଛଳିତ, ଉଦ୍‌ବେଳିତ। ବିଚିତ୍ର, ଆଲୌକିକ ଅସାମାନ୍ୟ ସେମାନଙ୍କର ମାଗୁଣୀ। କାହିଁ କେତେ ଯୋଜନ ଦୂରରୁ ଜଣାକଲେ ସାଲବେଗ – "ମଣିମା, ତମ ଦରଶନ କରିନାହିଁ ଏ ଦାସ। ଆଉ ଶରଧାବାଲିରେ ତମର ନନ୍ଦିଘୋଷ ଅଟକେଇ ନେଲ, ଭଗତ ସାଲବେଗଙ୍କର ଆସି ଦରଶନ କଲାଯାଏଁ। ଆଜି ବି ଏତେକାଳ ପରେ ଶରଧାବାଲି ସାଲବେଗଙ୍କର ଶ୍ରଦ୍ଧା ଭଗତିରେ ମଗନ ହୋଇ ତମର ମହିମା, କରୁଣାର ଦିବ୍ୟ ସଂକୀର୍ତନ କରୁଛି। ଭଗତ ଭାବରେ ଭୋଳା ଭଗତଦାସ ହେ କେତେ ଭାଗ କରି ନିଜକୁ କାହାକାହା ପାଖରେ ପହଂଚି କଣ ତୁଲେଇ ଦେବ ବୋଲି ନିରଳସ ରହିଛ ମହିମାର୍ଣବ। ଯେତେ ଗୋପାଙ୍ଗନା, ଷୋହଳ ସହସ୍ର ସବୁରି ସକାଶେ ତମେ। ଭଗତ ସଂଗୀତକାର ତ ତମକୁ ତମର ମୋହନ ମୁରଲୀର ଷୋହଳ ସହସ୍ର ରାଗ-ରାଗିଣୀରେ ସେହି ପ୍ରୀତି ଭଗତି ଭୋଳୀ ବ୍ରଜ ଗୋପାଙ୍ଗନା ଙ୍କ ସହିତ ଏକାତ୍ମ କରି ନିବଦ୍ଧିତ କରିଛନ୍ତି। ସେ ଭଗତିର ଅନ୍ତ ନାହିଁ ଅନନ୍ତ ଭକ୍ତି। ତୁମେ ଅନନ୍ତ, ତମର ମହିମା ଅନନ୍ତ ...

ବିନୋଦ ବିହାରୀ, ଲୀଳାମୟ ରସସାଗର ବନମାଳୀ ବ୍ରଜରାଜ ଶ୍ରୀକୃଷ୍ଣଙ୍କର ଗୁଣକୀର୍ତନ ମୂର୍ଚ୍ଛିତ ଅଗଣିତ ଗୀତିକବିତାର ରଚନାକାର ଭଗତ ଭାବେ ଭୋଳା ରସ ଖାନ୍। ବୋଧହୁଏ ହାଥରସ ସଂଗୀତ କାର୍ଯାଳୟ ତାଙ୍କର ସଂଗ୍ରହ କରିଛନ୍ତି। ରସ ଖାନ ବୃତ୍ତିରେ ମୋଚୀ। କୃଷ୍ଣ ଭକ୍ତିର ପାଗଳ ସମ୍ମୋହିତ କବି । ବନମାଳୀ ବିପିନ ବିହାରୀ ଙ୍କର ମନ୍ଦିରରେ ପହଂଚି ତାଙ୍କର ଭାବାନ୍ତର ହେଲା । ପୂଜକ ମହାଶୟଙ୍କୁ "ପାଲାଗି" କହି ପଚାରିଲେ "ଦିଅଁଙ୍କର ଜୋତା ନାହିଁ?" ପୂଜକ କହିଲେ "ନା" ରସ ଖାନ ପୁଣି ପଚାରିଲେ – " ତେବେ,ସେ ଖାଲି ପାଦରେ ସାରା ବଣ ଭିତରେ ବୁଲୁଛନ୍ତି କେମିତି! କଂଟା ଗୋଡ଼ି କୁଦି ଘାଏଲା ହେଲେ କେମିତି ହେବ?" ପୂଜାରୀ ତାଙ୍କୁ ମନେମନେ ନିଶ୍ଚିତ ପାଗଳ ମନେ କରି ଆଉ କିଛି କହିଲେ ନାହିଁ। ଦୁଇ ଚାରି ଦିନ ପରେ ହଳେ ସୁନ୍ଦର ଜରି କାମ ଜୋତା ଧରି ଆସି ଖାନ୍ ସାହେବ ଦେଉଳ ପାହାଚରେ ରଖି ଦେଇ

ପୂଜକଙ୍କୁ କହିଲେ -" ରସ ଖାନ ଏ ଜୋତା ହଳକ ଆଣି ଦେଇଛି । ବଣକୁ ଖାଲି ପାଦରେ ଯିବ ନାହିଁ, ପିନ୍ଧି ଯିବ।" ପୂଜାରୀ କହିଲେ ମର୍ମର ପ୍ରତିମା ପୀଠରେ ସ୍ଥିର ହୋଇ ରହିଛନ୍ତି। ସେ କେମିତି ପିନ୍ଧିବେ? ରସଖାନ କହିଲେ - "ନିଶ୍ଚିତ ପିନ୍ଧିବାକୁ ହେବ! ରସଖାନ କହି ଯାଇଛି। ଆଉ ଦେଉଳ ପାହାଚରେ ରଖି ଦେଇ ଯାଇଛି । " ପୂଜାରୀ ଆଉ କିଛି କହିଲେ ନାହିଁ। ସେ ଜୋତା ହଳକ ସେମିତି ଥୋଇ ଦେଇ ରସ ଖାନ ଚାଲି ଆସିଲେ। ଭୋରରେ ପୂଜକ ମଙ୍ଗଳ ଆଳତୀ କରିବାକୁ ଆସି ଯେତେ ବେଳେ ଦିଅଁଙ୍କୁ ଜୋତା ପିନ୍ଧି ରହିଥିବା ଦେଖିଲେ - ପାଗଳ ପ୍ରାୟ ରସ ଖାନ୍‌ଙ୍କ ପାଖକୁ ଦଉଡ଼ି ଗଲେ । ଆଉ ରସଖାନଙ୍କୁ ମଥାନତ ପ୍ରଣାମ କରନ୍ତେ ତନ୍ମୟ ବିଭୋର ଭଗତ ଭାବଭୋଳା କବି ତାଙ୍କୁ ବାହୁରେ ଭିଡ଼ି ନେଇ, କହିଲେ - "ୟହ କ୍ୟା କରତେ ହେଁ ପଂଡିତ ଜୀ...ମେରୀ ମରଜୀ ହୁଇ ଔର ମାନନେୱାଲା ମାନଗୟା, କରନେ କରାନେୱାଲା ତୋ ୱହୀ ହୈ । ହମେ ଶୁକ୍ରଗୁଜାର ଉସକା ହୋନା ଚାହିଏ ......

**ଜବ ମନ ହୋ ଚଙ୍ଗା**

ରୈଦାସ

୦

ପ୍ରଭୁ ଜୀ ତୁମ ଚନ୍ଦନ ହମ ପାନୀ
ଜୈସେ ଅଁଗଅଁଗ ବାସ ସମାନୀ
ପ୍ରଭୁଜୀ ତୁମ ଦୀପକ ହମ ବାତୀ
ପ୍ରଭୁଜୀ ତୁମ ଧାଗା ହମ ମୋତୀ
ପ୍ରଭୁଜୀ ତୁମ ମାଲିକ ହମ ଦାସା
ଐସୀ ଭଗତି କରେ ରୈଦାସା ।।

**ମ**ଣିକର୍ଣିକା କୁ ଯିବା ବାଟରେ ରୈଦାସଙ୍କର ଘର । ବୃତ୍ତିରେ ମୋଚୀ। ବାହାର ବାରଣ୍ଡାରେ ଜୋତା ତିଆରି ମରାମତି ସାଙ୍ଗକୁ ସ୍ୱତଃସ୍ଫୂର୍ତ୍ତ ପଦ ରଚନା । ଦିନେ ଭାରି ଜର ଥିଲା ତାଙ୍କର। ସବୁଦିନ ସକାଳୁଆ ଗଙ୍ଗାସ୍ନାନକୁ ଯାଇ ପାହୁଲାକରେ ମାଆର ବନ୍ଦାଣ କରିଦେଇ ଆସନ୍ତି। ଆଜି ତାହା ହୋଇ ପାରିବନାହିଁ। ଆଜି ବି ପୁରାତନ ପରିଣତମାନେ କେତେକ ଅଛନ୍ତି, ଯୋଉଁମାନେ ଗଙ୍ଗାସ୍ନାନକୁ ଆସି କିଛି ଆପଣାର ସାଧ ମତେ ପତିତପାବନୀ ଗଙ୍ଗା ଜଳରେ ଅରପଣ କରି ଦେଇ ଆସନ୍ତି। ରୈଦାସ ସେଦିନ ଜର ହେତୁ କଣ କରିବେ ଚିନ୍ତା କରୁଥିବା ବେଳେ ପଣ୍ଡିତ ଚୌବେଙ୍କୁ ସ୍ନାନାର୍ଥେ ଯାଉଥିବା ଦେଖି ସେଇ ବାରଣ୍ଡାରୁ "ପାଲାଗି ଚୌବେ ଜୀ। ମେରା ଏକ କାମ କର ଦେନେ କୀ

କିରପା କରେଁଗେ।" ଚୌବେ ଜୀ ପାଖକୁ ଆସି ପଚାରିଲେ " କହୋ ରୈଦାସ !" ରୈଦାସ କହିଲେ – " ମୋର ଆଜି ଭାରି ଜର ପଣ୍ଡିତ ଜୀ। ଇଏ ପାହୁଲା କ ନେଇ ଯାଆନ୍ତୁ, ମାଆଙ୍କୁ ଅରପଣ କରି ଦେଇ କହିବେ ଜର ସକାଶେ ରୈଦାସ ଆସି ନପାରି ମୋ ହାତରେ ପଠେଇଛି।"

ପଣ୍ଡିତ ଚୌବେ ତାହା କଲେ। ସ୍ନାନାନ୍ତେ ପାହୁଲାଟି ଅରପଣ କଲା ପରେ ପରେ ପଣ୍ଡିତ ଜୀ ଙ୍କୁ ବିସ୍ମୟାଭିଭୂତ କରି ରତ୍ନାଳଂଙ୍କର ବିମଣ୍ଡିତା ଗୋଟିଏ ହାତ ଉପରକୁ ଉଠି ଆସିଲା । ସେ ହାତରେ ଏକ ରତ୍ନ କଙ୍କଣ ଥିଲା । ଶୂନ୍ୟବାଣୀ ହେଲା " ଏ କଙ୍କଣ ନେଇ ରୈଦାସ କୁ ଦେଇ ଦେବ।" ମାତ୍ର ପଣ୍ଡିତ ଜୀ କଙ୍କଣ ଆଣି ଲୋଭବଶତ: ରୈଦାସଙ୍କୁ କିଛି କହିଲେ ନାହିଁ। ନିର୍ଲିପ୍ତ ରୈଦାସ ବି ପରେ କିଛି ଜାଣିବାର ଇଚ୍ଛାରେ ପଚାରି ନାହାନ୍ତି। ପଣ୍ଡିତଜୀ ସେ ସୁବର୍ଣ ରତ୍ନ କଙ୍ଗଣ ଆପଣା ପାଖରେ ରଖିନେଲେ। ଚିନ୍ତାକଲେ ତାହା ନେଇ ଦରବାରରେ ମହାରାଜଙ୍କୁ ପ୍ରଦାନ କରିବେ। ମହାରାଜା ତ ଆଉ ମାଗଣାରେ ତାହା ରଖିବେନାଇଁ,ତାର ପର୍ଯାପ୍ତ ମୂଲ୍ୟ ଅବଶ୍ୟ ଦେବେ, କିଛି ବକସିସ ବି ! ଆଉ ଦିନେ ସେ ଦରବାରରେ ଉପସ୍ଥିତ ହେଲେ । ମହାରାଜାଙ୍କୁ କଙ୍କଣ ପ୍ରଦାନ କରନ୍ତେ ମହାରାଜ ମନେମନେ ଭାବିନେଲେ ଯେ ମହାରାଣୀ ଏ ଅଲୌକିକ କଙ୍କଣ ପାଇ ଅତି ଖୁସୀ ହେବେ, ପ୍ରସନ୍ନ ହେବେ। ପାର୍ଷଦ ସଭାସଦମାନେ ତାର ଆନୁମାନିକ ମୂଳ ନିର୍ଦ୍ଧାରଣ ବି କରି ପାରିଲେ ନାହିଁ କହିଲେ ଏହା ଅମୂଳମୂଳ ! ମହାରାଜା ପଣ୍ଡିତଜୀଙ୍କୁ ତାଙ୍କର ଆଶାତୀତ ମୂଲ୍ୟ ପ୍ରଦାନ କରିବା ପରେ, ପୁରସ୍କାର ସ୍ୱରୂପ ବି ପର୍ଯାପ୍ତ ଧନ ଦେଲେ ଓ ପଣ୍ଡିତଜୀ ଆନନ୍ଦମନରେ ବାହୁଡି ଆସିଲେ। ମହାରାଜା ମହାରାଣୀଙ୍କୁ ସେହି ରତ୍ନ କଙ୍କଣ ପ୍ରଦାନ କରି ଭାବିଥିଲେ ମହାରାଣୀଙ୍କର ଆନନ୍ଦର ସୀମା ରହିବନାହିଁ । ସେ ସେଇ ଅପୂର୍ବ, କଳା କାରିଗରୀର କଙ୍କଣ ମୁଗ୍ଧା ହେଲେ ସିନା, କହିଲେ – "ଏ ଗୋଟାଏରେ କଣ ହେବ ? ଦୁଇ ହାତକୁ ଦୁଇଟି ସିନା !" ସେତେବେଳେ ବାସ୍ତବିକତା ହୃଦ୍‌ବୋଧ କରି ମହାରାଜା କହିଲେ – " କିଛି ଚିନ୍ତା ନାଇଁ, ସ୍ୱର୍ଣକାର ଡକେଇ ଅବିକଳ ଆଉ ଏକ ଗଢ଼େଇ ନେବା। କିଛି ବେଳ ଲାଗିବ ସିନା !"

ପ୍ରବୀଣ ଧୂରୀଣ ସ୍ୱର୍ଣକାର ଆସିଲେ। ସେମାନେ ସେ ରତ୍ନ କଙ୍କଣ ଦେଖି କହିଲେ, ବିସ୍ମୟାଭିଭୂତ ହୋଇ କହିଲେ "ମହାରାଜ ଏପରି ଏକ କଙ୍କଣ ଗଢ଼ି ଦେବା ଆମଦ୍ୱାରା ସମ୍ଭବ ହେବ ନାହିଁ। ମନେ ହେଉଛି, ଏହା ଯେପରି କେହି ଦେବଶିଳ୍ପୀଙ୍କର କାମ ! ମାନବେତର କାରିଗରୀ କାରଣ, ଯେଉଁ ରତ୍ନସମୂହ ଏ କଙ୍କଣରେ ଖଚିତ ଆମେ ଆମର ଜୀବନକାଳରେ ଅଭିଜ୍ଞ ହୋଇ ବି କେବେ ଦେଖି ନାହୁଁ ! ଆପଣ ସେଇ ପଣ୍ଡିତଙ୍କୁ

ପଚାରନ୍ତୁ, ଯେ ଏହା ଦେଇଛନ୍ତି, ହୋଇପାରେ ଆରପଟକର ସନ୍ଧାନ ସେ ଦେଇପାରିବେ। ମହାରାଣୀ ଠିକ କହିଛନ୍ତି – ଦୁଇ ହାତକୁ ଦୁଇଟି ସିନା !”

ଚୌବେଜୀ ଆପଣାର ଦୋଷ ସ୍ୱୀକାର କରି ଯାହା ଯାହା ଘଟି ଯାଇଛି ତାହା ଆମୂଳାନ୍ତ କହିଗଲେ ଓ କହିଲେ “ ମଣିମା, ଏ ବ୍ରାହ୍ମଣକୁ କ୍ଷମା କରନ୍ତୁ । ମୁଁ ମୋର ଅକ୍ଷମଣୀୟ ଅପରାଧ ସ୍ୱୀକାର କରି ପଶ୍ଚାତ୍‌ତାପ କରୁଛି। “

ରାଜାଜ୍ଞା ନେଇ ଚାର ଗଲା। ମାତ୍ର, ଉଦାସୀନ ରୈଦାସ କହିଲେ–“ମୋର କୋଉ ରାଜା ମହାରାଜ,ଦରବାର ରେ କି କାମ ! ମହାରାଜଙ୍କୁ କହିବ ମୋଠାରେ ତାଙ୍କର କିଛି କାମ ଥାଏ ଯଦି ଆସିବେ।” ମହାରାଜ ପାରିଷଦ ମେଳରେ ଆସି ଯେତେବେଳେ ପହଂଚିଲେ ସେତେବେଳେ ରୈଦାସ ତାଙ୍କର ସେଇ ବାରଣ୍ଡାରେ ହଳେ ଜୋତା ତିଆରିରେ ଲାଗି ଥାଆନ୍ତି, ଗୁଣୁଗୁଣୁ କିଛି ହୁଏତ ଭଗତି ମହିମା କୀର୍ତନ କରୁ ଥାଆନ୍ତି।

ମହାରାଜଙ୍କୁ ଦେଖି ଅଭିବାଦନ କରି କହିଲେ, ମୋର ସୌଭାଗ୍ୟ ମହାରାଜ, କହନ୍ତୁ, ମୋଠେଇଁ କେଡ଼େ କାମ ଯେ ଆସିବାର କଷ୍ଟ କଲେ ?”

ମହାରାଜ ସବୁ କଥା କହିଲେ । ସେତେବେଳେ ଚୌବେ ଜୀ ମୁଣ୍ଡପୋତି ରହିଥିଲେ । ରୈଦାସ କହିଲେ ଯାହାର କିଛି ନଥାଏ ସେମାନେ ଦହଗଂଜି ହେଉଥାଆନ୍ତି। ଲୋଭ କରିବେ ନାଇଁ ତ ଆଉ କଣ କରିବେ ବିଚାରେ ! ତାପରେ ମହାରାଜଙ୍କୁ ଅନେଇ କହିଲେ “ ମାଆକୁ ମାଗିବା, ତାର କିଛି ଉଣାନାଇଁ। “ ରାଜା ଭାବିଥିଲେ ରୈଦାସ ମଣିକର୍ଣକା କୁ ଯିବେ ଆଉ ତାଙ୍କୁ ନେଇ ଯିବାକୁ ପାଲକୀ ସଜିଳ ହୋଇ ରହିଥିଲା ।

ରୈଦାସ ଙ୍କ କାମକୁ ସାମନାରେ ଥୁଆ ଫଇଲା କଠୌତୀ ( ଓଡ଼ିଆ ଦେଶଜରେ ବୋଧହୁଏ ତାକୁ କାଠୁଆତୀ କୁହାଯାଏ ଯେମିତି ପଥର ଥାଳି ଗିନା କୁ ପଥୁରୀ) ଆଉ ସେ କଠୌତୀ ରେ ଚମଡ଼ା ବତୁରା ହୋଇ ରହିଛି। ପାଣି ଭରି ରହିଛି। ରୈଦାସ ଖୋସଣୀରୁ ପାହୁଲାଟିଏ କାଢ଼ି ସେଇ ପାଣି କି ପକେଇ କହିଲେ – “ ମାଆଲୋ, ମହାରାଣୀ ମାଆ ସକାଶେ ମହାରାଜଙ୍କୁ ସେମିତି କଙ୍କଣଟିଏ ଦରକାର, ଯେମିତି ଚୌବେ ହାତରେ ପଠେଇଥିଲୁ। କଣ ହେଲା କଣ ନାଇଁ ତୋତେ କୋଉ ଗୋଚର ନୁହେଁ। ଅଭାବୀ ମଣିଷ ସେମାନେ, କ୍ଷମା କରିଦେବୁ ।

ଆରପଟକ ଦବୁ । ଆଉ ସେଇ କଠୌତୀରୁ ଉଠି ଆସିଲା ରତ୍ନାଳଙ୍କାର ଭୂଷିତ ଅଭୟଦ ହାତ, ହାତରେ ଆରପଟକ ରତ୍ନ କଙ୍କଣ ।

ଶୂନ୍ୟବାଣୀ ହେଲା – ରୈଦାସ, ଏ କଙ୍କଣ ନେ ମହାରଣୀଙ୍କର ସୌଭାଗ୍ୟ କାମନା କରି ଦେଇଦେବୁ।”

ପାରିଷଦମାନେ ସ୍ତବ୍ଧ ନିର୍ବାକ ହୋଇ ଅନେଇ ରହିଥାଆନ୍ତି। ରୈଦାସ କଙ୍କଣ ନେଇ ତାହା ମହାରାରାଜଙ୍କ ହାତରେ ମହାରାଣୀଙ୍କର ସୌଭାଗ୍ୟ କାମନା କରି ପଠେଇ ଦେଲେ ।

କେ ଜାଣି କେତେ କାଳ ଅତୀତ ହେଲାଣି ଅବଧିରେ ଏ ପ୍ରବାଦ ହୋଇ ରହିଯାଇଛି **" ଜବ ମନ ହୋ ଚଂଗା । କଠୌତୀ ମେ ଗଙ୍ଗା ।"**

ଓଡ଼ିଆରେ ସେମିତି **" ମନ ନିରିମଳ ଗାଡ଼ିଆ ଗଙ୍ଗା"** କୋଉ ପ୍ରସଙ୍ଗ ରେ ପ୍ରଚଳିତ ଏ ଆବୋଧ କୁ ଗୋଚର ନୁହେଁ। ଏହାର ପୃଷ୍ଠପଟରେ ନିଶ୍ଚିତ ଭାବରେ କେହି ଭକ୍ତ ଭକତି ଭାବେ ଭୋଳା ମହାପୁରୁଷଙ୍କର ଅନୁପ୍ରେରକ ଉପାଖ୍ୟାନ ରହିଥିବ। ମୋର କେହି ବିଜ୍ଞ ପ୍ରିୟ ପାଠକ ଜାଣିଥିଲେ ମୋର ଜିଜ୍ଞାସା ସମାଧାନ କରିବାକୁ ଅନୁରୋଧ କରୁଛି।

୦୦୦

୧୨.୦୬.୨୦୨୨

# ମାଁ ବଲେ ଡାକିତେ ଜାନନା

୦

"**ଭ**କ୍ତି" ବିନା କୌଣସି ବି କର୍ମ, ଆରାଧନା, ସାଧନା, ତପସ୍ୟା, ଉଦ୍ୟମ, ନିଷ୍ଠାପର ଯୋଜନା ଫଳବତୀ ହୋଇ ପାରିବନାହିଁ। ଆରମ୍ଭିକ ଅଧ୍ୟାୟ ମାନଙ୍କରେ ବ୍ରଜଗୋପାଙ୍ଗନାଙ୍କର ପ୍ରୀତି ଭକ୍ତି ଏକାତ୍ମ ଅଭିନ୍ନ ବୋଲି କହିଛି । ଭଗବତପାଦ ଭଗତି ଭାବେ ଭୋଳା ସରଢ଼ି ସାଇବାବା "ଶ୍ରଦ୍ଧା ସବୂରୀ" ଶ୍ରଦ୍ଧା ଆଉ ଧଇର୍ଯ; ସେମାନେ ବି ତ ଏକାଗ୍ର ତନ୍ମୟ ଅବିଚଳ ଅଭିଳାଷର ଆସକ୍ତ ଅନୁରାଗର ରୂପ, ଯାହା ପରେ ଜଗତ କରତା, ପାଳକ ପ୍ରଭୁ ସେ ଇଚ୍ଛା ଅଭିଳାଷ ପୂରଣ କରି ଦେବାକୁ ମୁହୂର୍ତ୍ତକ ବି ଲାଗିବ ନାଇଁ।

"ମାଁ ବଲେ ଡାକିତେ ଜାନନା" ଉକ୍ତି" ପରମହଂସ ଠାକୁର ଶ୍ରୀଶ୍ରୀ ରାମକୃଷ୍ଣଙ୍କର। ପିଲାଟି ଦିନରୁ ଚଗଲା। ପଠାପଢ଼ିକୁ ସମ୍ପୂର୍ଣ୍ଣ ଅମନଯୋଗୀ। ଗ୍ରାମୀଣ ଗୀତିନାଟ୍ୟକୁ ମନ । ମହାପୁରୁଷଙ୍କର ଜୀବନ ବୃତ୍ତାନ୍ତ ବହୁ ଭାବରେ ତାଙ୍କର ଶିଷ୍ୟ ଓ ଅନୁଯାୟୀମାନେ କହିଛନ୍ତି ଓ "ଶ୍ରୀଶ୍ରୀ ରାମକୃଷ୍ଣ ଚରିତାମୃତ"ରେ ଅନେକାନେକ ଅଲୌକିକ ଘଟଣାର ଉପସ୍ଥାପନା କରିଛନ୍ତି। ଅତ୍ୟନ୍ତ ସରଳ ସହଜତାରେ ବେଦ ବେଦାନ୍ତର ନିଗୂଢ଼ ଜିଜ୍ଞାସାର ସମାଧାନ କରିଛନ୍ତି ପରମହଂସ ଠାକୁର। ସବୁରି ମୂଳରେ ସର୍ବାର୍ତ୍ତହାରିଣୀ ମାତାର କରୁଣାରେ ତାଙ୍କରି ଭିତରେ ଜାଗରିତ ଭକ୍ତି ଓ ଆସ୍ଥା ବିଶ୍ୱାସ ବଳବତ୍‌ତର ହୋଇ ରହିଛି। ଜୀବନରେ ଏକପ୍ରକାର ବାଧ୍ୟତାରେ କିଶୋରୀ ଶାରଦାଙ୍କୁ ବିହାହ କରି ଜୀବନ ତମାମ ସେ ତାଙ୍କର ମାତୃବତ୍ ଭକ୍ତି ସ୍ୱରୂପିଣୀ ଉପାସନା କରିଛନ୍ତି । ଭକ୍ତି ବିଶ୍ୱାସ ଓ ନିଷ୍ଠାପରତାରେ ସେ ଯେତେବେଳେ ମାତାର ଚରଣାଶ୍ରିତ ହୋଇ ଆସୁଛନ୍ତି ସେତେବେଳେ ସେ ନୈବେଦ୍ୟ ପ୍ରସ୍ତୁତ କରିବାକୁ ସୁଆର ଶୂପକାର ଭାବରେ ନିଯୁକ୍ତ ହୋଇଛନ୍ତି। ତାହା ଯେ ବରଦା ବସ୍ତଳା,ସର୍ବାର୍ତ୍ତହାରିଣୀ କରୁଣାମୟୀ ମାତାର ଇଚ୍ଛା। ଆପଣାର ଭକତି ଭାବେ ଭୋଳ ପୁତ୍ରପ୍ରତି ଅନନ୍ତ କରୁଣା । ତାହାପରେ ଠାକୁର ରାମକୃଷ୍ଣ ତ ମାଆର ଗେଲ୍‌ହା !

ରୋଷଶାଳରେ ଯାହା ନୈବେଦ୍ୟ ପ୍ରସ୍ତୁତ ହୋଇଥାଏ ତାହା ଭିତରେ ଭିତରେ ଅପର ଦୃଷ୍ଟି ଉଢୁଆଳରେ ସମର୍ପଣସକାଶେ ସେବକ ପୂଜକ ନେଇ ଆସି ପୂଜାର୍ଚ୍ଚନା କରି

ସେଇ ରୋଷଶାଳାକୁ ନେଇଆସିଲେ ତାର ବିହିତ ବ୍ୟବସ୍ଥା ହୋଇଥାଏ। ମନ୍ଦିରରେ ସେବନ ର ବ୍ୟବସ୍ଥା ରହିଛି ( *ଯେମିତି ଶ୍ରୀକ୍ଷେତ୍ର ଆନନ୍ଦ ବଜାର, ଭୁବନେଶ୍ୱରରେ ଅନନ୍ତ ବାସୁଦେବଙ୍କର ଦେଉଳ ରହିଛି । ସେଥି ସକାଶେ ସୁଆର ସେବକ ପଣ୍ଡାମାନେ ରହିଛନ୍ତି)* କିନ୍ତୁ ଭକତି ଭାବେ ଭୋଳା ରାମକୃଷ୍ଣ ମାଆକୁ ତାଙ୍କର ରାନ୍ଧଣା ଭଲ ଲାଗୁନାଇଁ ବୋଲି ସେ ଗ୍ରହଣ କରୁନାଇଁ ଆଉ ସେବକମାନେ ସେମିତି ଥାଳ ଫେରେଇ ଆଣୁଛନ୍ତି। ତେବେ, ସେ ସୂଆରସେବା କରି ତାଲାଗି ଦରମା ନେବାର ଅପରାଧ କାହିଁକି କରିବେ। ପଣ୍ଡା ପୁଜାହାରୀଙ୍କୁ ପଚାରିଲେ “ ମାଆ ନୈବେଦ୍ୟ ଗ୍ରହଣ କରିନାହିଁ ବୋଲି ଆପଣ ଯେମିତି ନେଇଥଲେ ସେମିତି ଫେରେଇଁ ଆଣିଛନ୍ତି କି ? ସାମାନ୍ୟ କିଛି ବି ତ ଉଣା ହୋଇନାହିଁ। ସେବାୟତ ପୂଜକ ତାଙ୍କୁ ଏମିତି ଅନେଇଲେ, ଯେମିତି ଏକ ଅର୍ଦ୍ଧପାଗଳ। ବିଗ୍ରହ ସେବନ କରିବେ କେମିତି ? କିନ୍ତୁ, ଠାକୁର ପଚାରିଲେ “ ତେବେ ମୁଁ ଚାକିରୀ କରିବି କାହିଁକି ? ମାଆକୁ ପଚାରିବି !” ଆଉ ସେଦିନ ସଂଜ ଆଳତୀ ବାଲଭୋଗ ପରେ ଦେଉଳ କିଳଣୀ ପଡ଼ିଲା ପରେ ଠାକୁର ଆପଣା ଖୁଆଡ଼ରୁ ଆସି ନୈବଦ୍ୟ ବ୍ୟଞ୍ଜନ ପ୍ରସ୍ତୁତ କରି ମାଆ ସମକ୍ଷରେ ରାତିରେ ଉପସ୍ଥିତ ହୋଇ ପଚାରିଲେ । “ମାଆ, ମୁଁ ନୈବେଦ୍ୟ ପ୍ରସ୍ତୁତ କରୁଛି ଆଉ ତୋତେ ଭଲଲାଗୁ ନାଇଁ ବୋଲି ସେମିତି ସେମିତି ଫେରେଇ ଦେଉଛୁ। ମୁଁ ଏ ଚାକିରୀ ତେବେ କରିବି କାହିଁକି ? ମୋତେ କହିଦେ, ମୁଁ ଛାଡ଼ି ଚାଲିଯିବି । ନତୁବା କରି ଆଣିଛି ପାଇନେ ! ମୋ ଲାଗି ପ୍ରସାଦ ବଳେଇ ରଖିବୁ ।” “ଆଣିଛୁ ଯାହା, ଆପଣା ହାତରେ ଖୁଏଇ ଦେ।” ଶୂନ୍ୟବାଣୀ ହେଲା ଆଉ ଠାକୁର ଆପଣା ହାତରେ ମାଆକୁ ଖୁଏଇ ଦେଲେ । ଆଉ ଆନନ୍ଦ ବିଭେର ସମ୍ମୋହନରେ ନିଜେ ପ୍ରସାଦ ପାଇ ସେଇଠି ମାଆ ଆଗରେ ଶୋଇ ପଡ଼ିଲେ ।

ବ୍ରାହ୍ମ ମୁହୂର୍ତ୍ତର ମଙ୍ଗଳ ଆଳତୀ ସକାଶେ ଦୁଆର ଅର୍ଗଳ ମୁକ୍ତ କରି ପୂଜାହାରୀ ସେବାୟତ ବେଢ଼ାକୁ ଆସି ଦେଖିଲେ ଠାକୁର ଶୋଇ ପଡ଼ିଛନ୍ତି, ତାଙ୍କର ହାତରେ ନୈବେଦ୍ୟ କଣିକା, ବିଗ୍ରହ ବି ସେବନ କରି ଆଚମନ କରି ନାହାନ୍ତି...

ଭକ୍ତି ଆସ୍ଥା ବିଶ୍ୱସ, ମାତାର କଲ୍ୟାଣମୟ ଆଶୀର୍ବାଦର ଶକ୍ତି ବଳରେ ଏପରି ହେଲା ଯେ ଜଟିଳ ରହସ୍ୟମୟୀ ବୈଦିକ ଜିଜ୍ଞାସାର ସମାଧାନ ଅତି ସରଳ ସହଜ ରୀତିରେ ପରମହଂସ ଠାକୁରଙ୍କ ପକ୍ଷରେ କଠିଣ ହେଲା ନାହିଁ। ଆଦିଶଙ୍କରାଚାର୍ଯ୍ୟ ଙ୍କ ପରି ପରକାୟା ପ୍ରବେଶ, ଭିନ୍ନ ରୂପରେ ବିଦ୍ୟମାନତା ଆଦି ଆଦି ଅଲୌକିକ ଘଟଣା, ଯାହା ପରମପୂଜନୀୟ ଠାକୁରଙ୍କର ଜୀବନରେ ଘଟିଥିଲା ତାହା ତାଙ୍କର ସମର୍ପିତ ଶିଷ୍ୟମାନେ ଶ୍ରୀଶ୍ରୀ ରାମକୃଷ୍ଣ ଚରିତାମୃତରେ ବିବୃତ ଲିପିବଦ୍ଧ କରିଛନ୍ତି। ଶିକ୍ଷା ଉପରେ ଗୁରୁଦ୍ୱାରୋପିତ

କରିଥିବା ବିସ୍ମୟ ଯୋଗୀ ପ୍ରବୀଣ ବୋଧଦର୍ଶୀ ବିଦ୍ୱାନ ସ୍ୱାମୀ ବିବେକାନନ୍ଦ ପରମହଂସ ଠାକୁରଙ୍କର ଶିଷ୍ୟ। ତାଙ୍କରି ସକାଶେ ଶ୍ରୀ ରାମକୃଷ୍ଣ ମିଶନ ଜଗତଖ୍ୟାତ ଭକ୍ତି, ଆରାଧନା, ବିବିଧ ଅନୁଶାସିତ କାର୍ଯକ୍ରମ, ଅନନ୍ତ ଭାରତୀୟ ଦର୍ଶନର ଟୀକା ବ୍ୟାଖ୍ୟା ସମୀକ୍ଷା ସମେତ ଅଗଣିତ ଅନୁଷ୍ଠାନର ଭବ୍ୟପ୍ରତିଷ୍ଠା ଆଜି ବି କର୍ମରତ। ଆମର ରାଜଧାନୀ ବିବେକାନନ୍ଦମାର୍ଗ ରେ ତାର ବିଶାଳ ଶାଖା ରହିଛି। ପ୍ରସଙ୍ଗ ପଲ୍ଲବିତ ନକରି ଭକ୍ତି ଆଧାରଭୂତ ଏ ଅଧ୍ୟାୟ ର ଶିରୋନାମା,ଯାହା ମୋତେ ଅନୁପ୍ରେରିତ କରିଛି, ତାର ଏକ ଉଦାହରଣ ପ୍ରସ୍ତୁତ କରିବାକୁ ଚାହୁଁଛି। ତେବେ ବିଦଗ୍ଧ ଭାରତୀୟ ଦର୍ଶନର ନିଷ୍ଠାପର ଅନ୍ୱେଷୀମାନଙ୍କୁ "ରାମକୃଷ୍ଣ ମିଶନ କର୍ତ୍ତୃକ ପ୍ରକାଶିତ ହଜାର ହଜାର ଅନୁପମ ଅମୂଲ୍ୟ ଗ୍ରନ୍ଥ ଆସକ୍ତ ଅନୁରାଗରେ ସଂଗ୍ରହ କରିବାକୁ ଅନୁରୋଧ କରୁଛି।

ପ୍ରସିଦ୍ଧ ବଙ୍ଗଳା ଉପନ୍ୟାସ "ଆନନ୍ଦ ମଠ" ଭାରତର ସ୍ୱତନ୍ତ୍ରତା ସଂଗ୍ରାମର ବାର୍ତ୍ତାବହ, ତାର ଏକ ଅଙ୍ଗ " ବନ୍ଦେ ମାତରଂ " ଯହିଁରେ ଭାରତମାତାଙ୍କୁ ମହାକାଳୀରୂପିଣୀ ଚିତ୍ରାୟିତ କରି ସେତେବେଳ ର ଜନସଂଖ୍ୟା ଅବିଭକ୍ତ ଭାରତ ସିହଂଳ ବର୍ମା ସହିତ ତିରିଶ କୋଟୀ ନେଇ ଗୋଟାଏ ପଦର ଉଚ୍ଛ୍ୱସିତ ବନ୍ଦନା ରହିଛି " " ତ୍ରିଂଶ କୋଟିକଣ୍ଠ କଳକଳ ନିନାଦ କରାଳେ / ଦ୍ୱିତ୍ରିଂଶ କୋଟି କର ମଣ୍ଡିତ ଖର କରବାଲେ /ଗଳବକ୍ଷ ଲମ୍ବିତ ମଣ୍ଡିତ ମୁଣ୍ଡମାଲେ / ନମାମି ତାରିଣୀଂ ନମାମି ବାରିଣୀଂ ମାତରଂ "। ତାର ରଚୟିତା ପ୍ରାତ: ବନ୍ଦ୍ୟ ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟ ; ତାଙ୍କର ପରମହଂସ ଠାକୁରଙ୍କ ସହିତ ଅନ୍ତରଙ୍ଗ ମିତ୍ରତା। ବଙ୍କିମ ମଝିରେମଝିରେ ଦର୍ଶନ ସକାଶେ ଦେଉଳକୁ ଆସନ୍ତି ଓ ଆପାତତ: ଏକାନ୍ତରେ ଉଦାସୀନ ପ୍ରାୟ ରହିଥିବା ଠାକୁରଙ୍କୁ ସାକ୍ଷାତ କରି କିଛି କାଳ କଟେଇ ଯାଆନ୍ତି।

ସେଦିନ ସାକ୍ଷାତକରି ପଚାରିଲେ – " ଆଚ୍ଛା, ରାମକୃଷ୍ଣ, ତୁ ମାଆକୁ କିଛି କରି ଦେବାକୁ କହୁ, ଆଉ ନ କଲେ ରୁଷି ଯାଉ ଯେ ମାଆ ତୋତେ ବୁଝେଇବାକୁ ଆସିଥାଏ। ମାଆ ସହିତ ତୋର କି ସଂବନ୍ଧ ?"

ପରମହଂସ ଠାକୁ କିଛି କହିଲେନାହିଁ । ମୁରୁକି ହସିଲେ ଖାଲି; ଆଉ କିଛିକାଳ ପରେ ପଚାରିଲେ – " ଆଚ୍ଛା ବଙ୍କିମ, ତୋ ସାଙ୍ଗରେ ଏ କିଏ ? ବଙ୍କିମ କହିଲେ – " ଏ ମୋର ନାତି !" ଠାକୁର କହିଲେ – "ତା'ମାନେ ତୋର ପୁଅ ବା ଝିଅର ପୁଅ ଇଏ ? ତୋର ନାତି ! ତାହା ଛଡ଼ା ଆଉ କିଛି ହୋଇ ପାରିବ କି ? ମୋର ମାଆ ସହିତ ମାଆ ଛଡ଼ା ଆଉ କିଛି ସଂବନ୍ଧ ହୋଇ ପାରେ କ ?

"ମାଆଁ କେ ମାଆଁ ବଲେ ଡାକିତେ ଜାନନା, ଚାଓ ଅନେକ କିଛୁ ?"

… …

ଆମମାନଙ୍କ ସକାଶେ ଏହା ଏକ ଅଲୌକିକ ବିସ୍ମୟ ପରମହଂସ ଠାକୁର ଶ୍ରୀ ଶ୍ରୀ ରାମକୃଷ୍ଣ ଦେବ ; ଆମର ବଲାଙ୍ଗୀରରର ଶକ୍ତି ଆରାଧନା .ଜ୍ୟୋତିଷ, କର୍ମକାଣ୍ଡ ଭବିଷ୍ୟ ବକ୍ତା, ପ୍ରଣମ୍ୟ ଠାକୁରଙ୍କର ସଦୃଶ ପ୍ରାଥମିକ ଶିକ୍ଷାପ୍ରତି ବି ଅମନଯୋଗୀ ବହୁ ଭାବରେ ପରମହଂସଙ୍କର ଜୀବନ ଧାରାର ସାମଞ୍ଜସ୍ୟ ସହିତ ନିର୍ଲୋଭ ପରମ ହିତୈଷୀ ପ୍ରଣମ୍ୟ ପଣ୍ଡିତ ଅର୍ଜୁନ ହୋତାଙ୍କ ଯେ ସମ୍ବନ୍ଧରେ ସଂକ୍ଷେପରେ କିଛି ପ୍ରକାଶ କରିବାର ଇଚ୍ଛାକରୁଛି :

## ପୁଣ୍ୟଶ୍ଳୋକ ପଣ୍ଡିତ ଅର୍ଜୁନ ହୋତା

୦

ଅତୀତରେ ଆମରି ସାହିର ବାସିନ୍ଦା ଥିଲେ ପ୍ରଣମ୍ୟ ହେତା । ସେ ଆବାସ ଭାଇଭାଇ ଭାଗରେ ବିକି ଦେଇ ନିହାତି ପାଖରେ ଥାନ ନେଇ ଘର ତିଆରି କରି ଥିଲେ। ମାନ୍ୟରେ ସେ ମୋର ଜେଜେବାପା, କୋସଲି ଡାକରେ "ଦାଦା"। ଦାଦା ବଡ଼ଭାଇ ବି ଆଉ ତାଙ୍କରି ଘରେ ମୋର ତାଙ୍କର ସନ୍ତାନମାନଙ୍କର ମୋ ସକାଶେ ଅକପଟ "କାକା"ର ସମ୍ମାନ ଆଦର ଅତୁଟ ରହିଛି।

ଉପାର୍ଜନର ମାର୍ଗ ଜଜମାନୀ, ଚଣ୍ଡୀପାଠ । ବେଳେବେଳେ କହୁଥିଲେ ପେଟ ପରିବାରର ଲାଗି, ମାଆ ତ ତ ସେ ବୁରତୀ ଧରେଇଛେ । ଯେନ ବାଟେ ଚଲାବା ଚାଲବାକେ ହେବା। ତାଙ୍କର କଥାବାର୍ତାର ବୋଲି "କୋସଲୀ"। ତେବେ, ଜଜମାନ କୁ କେତେବେଳେ କେମିତି କହିବେ " *ମତେ କାଣା କହୁଛୁ, ମୋରହାତେ କାଣା ହେବା, ମାଁ କେ କହ*। ମୋ ପ୍ରତି ତାଙ୍କର ଅପାର ସ୍ନେହ ଆଦର। ବିସ୍ତାର କରି ମୁଁ ପଣ୍ଡିତ ହୋତାଙ୍କର ମନୋଗ୍ରାଫସଦୃଶ "ଆଲୁଅର ଡାକ" ଶୀର୍ଷକରେ ପୁସ୍ତକ ରଚନା କରିଛି ( *ପ୍ରକାଶକ- ଓଁକାର ପବ୍ଲିକେଶନ, ଶକ୍ତି ନଗର କଟକ - ଦିନାଙ୍କ ୭.୯.୨୦୦୩* ଏବଂ "ଦିବ୍ୟ ପୁରୁଷ" ଶୀର୍ଷକରେ ଏକ ସ୍ମାରିକା ସମ୍ପାଦନ କରିଛି (*ପ୍ରକାଶକ - ଆତ୍ମପ୍ରକାଶନୀ ବଲାଙ୍ଗୀର ୨୬.୧୦.୨୦୧୨*)। ପଢ଼ାପଢ଼ିରେ ଅମନଯୋଗ ହେତୁ ଭାଷା ଓ ଶବ୍ଦ-ବିନ୍ୟାସ ଉପରେ ତାଙ୍କର ଅଧିକାର ନଥିଲା। ବେଳେବେଳେ "ଫଲ-ଫୁଲ" ଭଳି ବି ଲେଖୁଥିଲେ। ସଂସ୍କୃତ ଟୋଲରେ ରାଜପୃଷ୍ଠପୋଷକତାରେ ମାଗଣା ପଢ଼ିଲେ, ଛାତ୍ରାବାସ ର ମାଗଣା ଅନ୍ତେବାସୀ, ଭୋଜନ, ପାଠ୍ୟପୁସ୍ତକ. ବିଦ୍ୟାର୍ଥୀ ପୋଷାକ ସବୁ ମାଗଣା ଅଧାପନ୍ତରିଆ ଆଉ କାମରେ ମାତି ଛାଡ଼ିଦେଇ ଆସିଲେ, "ବସ୍ତର ବିଜୟ", "ସୁଭଦ୍ରାର୍ଜୁନ" ନାଟକ ଲେଖିଲେ,ଅଭିନୀତ ହେଲା, ଛାପା ହେଲା, କବିତା ଲେଖିଛନ୍ତି, ଚିତ୍ରାଳଙ୍କୃତ କରେଇ ଦାର୍ଶନିକ ପଦ ରଚନା କରିଛନ୍ତ। ରାଜପ୍ରସାଦ ରଘୁନାଥ ମନ୍ଦିରର

ପୂଜାହାରୀ, ମୁଁ ଆଉ ତାଙ୍କର ପୁଅ ପର୍ଶୁକାକା ପ୍ରାୟ ଯାଉଁ । ସେଠାରେ ମୁଁ "ବିଶ୍ୱାମିତ୍ର"ନାଟକ ଏକ ବୋର୍ଡବନ୍ଧେଇ ଖାତାରେ ଦେଖିଛି । "ଚକାଆଖି" ବୋଲି ଦାର୍ଶନିକ ଶ୍ରୀ ଜଗନ୍ନାଥ ନିବେଦିତ କବିତା ପ୍ରକାଶିତ ହୋଇଛି । ଚିତ୍ରାଳଙ୍କୃତ କରେଇ "ପ୍ରଳାପ" ନାଆଁରେ ବି କିଛି ଦାର୍ଶନିକ ପଦ ରଚନା କରିଛନ୍ତି। ଅନ୍ୟମାନଙ୍କ ସହିତ ମୁଁ ଆଙ୍କିଥିବା କିଛି ଛବି ବି ତହିଁରେ ଅଛି। ମୁଁ ତାଙ୍କର ସବୁ ପ୍ରକାଶିତ ପୁସ୍ତକ ସଂଗ୍ରହ କରି ରଖିଛି। ଯାହାଯାହା ଛାପା ହୋଇନାହିଁ ତାହା କାଳ ମହୋଦଧିରେ ବୁଡ଼ିଲା ପୋତର ଅତଳ ପତିତ ରତ୍ନ ପରି ରହିଛି। ହଜାର ହଜାର ବରଷ ପରେ ବି ଡୁବି ରହିଥିବା ଗଚ୍ଛିତ ସମ୍ପଦାର ଆବିଷ୍କାର-ବିବରଣୀ ବି ତ ଏ କାଳ ଜଣେଇ ଦେଉଛି। ଭକ୍ତ ଭାବେ ଭୋଳ ଅର୍ଦ୍ଧପାଗଳ ପ୍ରାୟ ମହାପୁରୁଷ ପଣ୍ଡିତ ହେତା ଯଜମାନର କିଛି ବରଣ ନେଇ ମାଆକୁ କେବଳ ଜଣେଇ ଦେଇ, ମୁଁ ଏଠାରେ ବସି ଚଣ୍ଡୀପାଠ ଚା ପାନ ଦୋକ୍ତା ଖାଇ କରିବାକୁ ବାଧ୍ୟ, ନ ହେଲେ ସେ ଆସିବ ଦେଖିବ, ପଇସା ଦେଲି ବ୍ରାହ୍ମଣ ଖାଇଗଲା ଭାବିବ । କହିବେ - "କରିଦେବୁ ମାଁ " ଆଉ ତାହା ସମାଧାନ ହୋଇଯିବ। ମୁଁ ବଲାଙ୍ଗୀରର ପ୍ରତିଷ୍ଠିତ ବ୍ୟବସାୟୀ, ଶ୍ରୀ ଅଭେରାମ ଅଗ୍ରୱାଲା ଙ୍କର କଲିକତାରେ ଡ଼ୋରା ଗେଂଜୀର ମାଲିକାନା, ଫ୍ୟାକ୍ଟରୀ ଓ ଗୋଦାମ, ସଂକ୍ରାନ୍ତ କଲିକତା ଉଚ୍ଚ ନ୍ୟାୟାଳୟରେ ଦୁଇବର୍ଷରୁ ଅଧିକା ପଡ଼ିରହିଥିବା ମାମଲାର ସମାଧାନ ପ୍ରସଙ୍ଗରେ "ପଣ୍ଡିତ ହେତାଙ୍କର ଚଣ୍ଡୀପାଠ" ଶୀର୍ଷକରେ ଏକ ଆଲେଖ ଲେଖିଥିଲି। ସେଇ ସଂକ୍ରାନ୍ତରେ ...

"ଦିବ୍ୟ ପୁରୁଷ" ସ୍ମାରିକାରେ ମୋର ପରମାତ୍ମୀୟ ପୁତୁରା ଜ୍ୟୋତିଷାଚାର୍ଯ୍ୟ କଲ୍ୟାଣୀୟ ଅଚ୍ୟୁତାନନ୍ଦ ଉଦ୍‌ଗାତା ପରମହଂସ ଠାକୁର ଆଉ ପଣ୍ଡିତ ହୋତାଙ୍କର ଜନ୍ମ ଜାତକର ତୁଳନାତ୍ମକ ବିଚାର କରିଛି । ଆପାତତ: କୌଣସି ଭେଦ ନାହିଁ, ସମାନ୍ତରାଳ ରହିଛି । ଜନ୍ମ ସମୟର ଲଗ୍ନ ଭେଦରେ ଯାହା ସ୍ୱାଭାବିକ, ମାତ୍ର ସେତିକି।

ମହାପୁରୁଷ ପଣ୍ଡିତ ହୋତା ଯାହା କହୁଥିଲେ ଯଥାର୍ଥ ତର୍କର ଆଧାରରେ କହୁଥିଲେ - ଯେପରି ବିଶେଷତ: କନ୍ୟାମାନଙ୍କର ମାତୃପୂଜା ହେତୁ ଉପବାସ କୁ ବାରଣ କରୁଥିଲେ । କହୁଥିଲେ - "ମାଅଲୋ ତୁ ତୋର ନିଜ ମାଆକୁ କହିବୁ ମାଆ ମୁଁ ତୋଲାଗି ଉପବାସ କରିବି। ପୁଜା କରିବି ଓ ପରିଶେଷରେ ତୁ ନୈବେଦ୍ୟ ଗ୍ରହଣ କଲାପରେ ହିଁ ମୁଁ ପ୍ରସାଦ ପାଇବି । ସେଥିରେ ତୋର ନିଜ ମାଆ ଖୁସୀ ହୋଇ ଯିବକି ? କହିବ ଝିଅମୋର ଉପବାସ କରୁ ମୋତେ ନୈବେଦ୍ୟ ସମର୍ପଣ କରି ସେ ପ୍ରସାଦ ସେବନ କରୁ ?

ସବୁ ବେଳେ କହିନ୍ତି, "ମାଆକୁ ମାଆ ବୋଲି ଡାକି ଜାଣିଲେ ସବୁ ପାଇଯିବୁ। ତାକୁ କିଛି ମାଗିବୁ ନାଇଁ । ଭକୁଆ ହୋଇଯିବୁ। ସେ ଦେବାକୁ ଚାହୁଁଥିବ ପାଂଚ ଆଉ ତୁ

ମାଗିଦେବୁ ତିନ୍! ଯାହା ମାଗବୁ ମାଆ ନାଇଁ ଭାବି ବଚାରି ନାଇଁ ଦିଏ "। "ମାଁଗୋ , ଟଙ୍କା କୁଡ଼େଟା ଦେ! ଟିକେ ମଦ ପିଇତିଁ କହେଲେ ଥାପଡ଼ ଟେ ମାରବା ସିନା। ନିର୍ଲୋଭ ପରହିତ ରତ ପଣ୍ଡିତ ହୋତା କେହି କିଛି ତାଙ୍କୁ ଗୁହାରିଲେ କହୁଥିଲେ " ମୋର ହାତେ କାଣାହେବା ଯେ ମତେ କହୁଛୁ, ମାଁ କେ କହ ! ଯାହା କରବା ସେ କରବା। ତୋରନୁ ବରଣ ନେଇ ଦୁଇ ପଇସା ଗଁଠାମି କାଁକରି, ଯାହା ଦଉଛେ ମାଆତ ଦଉଛେ ।" କହିବାକୁ ଅନେକ କିଛି ଅଛି ।

ମୁଁ ପରମ ଅନ୍ତରଙ୍ଗ ଏକାତ୍ମ ଅପ୍ରମିତ ପ୍ରସିଦ୍ଧିର ଅଧିକାରୀ ଅହଂଶୂନ୍ୟ ମିତ୍ର ବିଭୁଲୀନ ମନୋଜ ଦାସ ଙ୍କର କିଶୋର କାଳର ଏକମାତ୍ର ଜୀବିତ ବନ୍ଧୁ। ଏହି ପ୍ରଖର ବୋଧବନ୍ତ ଭାବକଳ୍ପନାର ନଭଶ୍ଚୁମ୍ବୀ ବ୍ୟାପ୍ତିରେ ଉଡ଼ି ବୁଲୁଥିବା ପ୍ରଜ୍ଞାପୁରୁଷ ୨୦୦୦ ରେ ତାଙ୍କର ସମଗ୍ର ଭାରତୀୟ ସାହିତ୍ୟରେ ଶ୍ରେଷ୍ଠ କୃତି ରୂପେ ବିବେଚିତ ଉପନ୍ୟାସ "ଅମୃତ ଫଳ"ହେତୁ ଗୌରବମୟ ସରସ୍ୱତୀ ସମ୍ମାନାଳଙ୍କୃତ ହୋଇଥିଲେ। ଆଜି ସେହି ଅପ୍ରତିମ ଉପନ୍ୟାସର ଅଷ୍ଟାଦଶ ସଂସ୍କରଣ ଅପ୍ରେଲ ୨୦୨୧ ବିଦ୍ୟାପୁରୀ, କଟକ ପ୍ରକାଶିତ କରିଛନ୍ତି। ସେତେବେଳେ କିଛି ଖଳ ମନ୍ତବ୍ୟର ଉତ୍ତର ଦେବାକୁ ମୁଁ ଏକ ଆଲେଖ ରଚନା କରିଥିଲି । ଜାନୁୟାରୀ ୧୯୯୬ ର ପ୍ରକାଶିତ ପ୍ରଥମ ସଂସ୍କରଣର ବିପୁଳ ବିକାଶ, ସଂଯୋଜନା, ସମ୍ପାଦନା ମନୋଜବାବୁ ବାରମ୍ବାର ପ୍ରତି ସଂସ୍କରଣରେ କରିଥିବା ଅନୁଭବ କରୁଛି। ନେତ୍ରଜ୍ୟୋତି କାଳ ଫେରେଇ ନେବାର ଜିଦ ଧରି ବସିଛି, ଯବକାଚ ଦେଇ ଯାହା ଦେଖୁଛି ଦେଖୁଚି । ଅକ୍ଷର ଜୁମ୍ କରି କତାପୁରୁଷ "ଶ୍ୟାମସଖା" ଯାହା ଡାକି ଦେଉଛନ୍ତି ତାହା ଉତାରି ଦେଉଛି। ସେହି କାରଣରୁ ଗ୍ରନ୍ଥ ମନ୍ଥନ ମୋ ପକ୍ଷରେ ସମ୍ଭବ ନୁହେଁ। ମୁଁ ଯେଉଁ ଆଲେଖ ରଚନା କରିଥିଲି ବୋଲି କହିଛି ତାହା ଭର୍ତୃହରି, ମହାରାଣୀ ସିନ୍ଧୁମତୀ, ଜୟକାନ୍ତ ଏବଂ ସେହି ବେଶ୍ୟାକୁ ନେଇ। ( ମନୋଜ ବାବୁ ସେହି ବେଶ୍ୟାର ନାମକରଣ " ମାଳବିକା" କରି ଯାହା ମୂଳ ସଂସ୍କରଣ ରେ ନଥିଲା ତାହା ସଂଯୋଜିତ କରି କହିଛନ୍ତି " ବେଶ୍ୟାସୌ ମଦନଜ୍ୱାଳା, ରୂପେନ୍ଧନ-ସମୀରିତା। କାମୀଭିର୍ଯତ୍ର ହୁୟନ୍ତେ, ଯୌବନାନି ଧନାନି ଚ।) ସେହି ଆଲେଖ ରଚନା କାଳରେ ଭକ୍ତ ଚୂଡ଼ାମଣି ମହାପୁରୁଷ ପଣ୍ଡିତ ହୋତାଙ୍କର ମୋପ୍ରତି କୃପାର ସ୍ମରଣ କରୁଛି। ପଣ୍ଡିତ ହୋତା ସର୍ବାର୍ତିହାରିଣୀ ମାତା ସମଲେଶ୍ୱରୀ ଙ୍କ ଭିତରେ ମାଆକୁ ଦେଖୁଥିଲେ " ଭଗବତୀ " ତାଙ୍କର ସଂବୋଧନ। ତେବେ, ତାଙ୍କର ଦୃଷ୍ଟିରେ ପାଟଣାର ଅଧିଷ୍ଠାତ୍ରୀ ପାଟେଶ୍ୱରୀ ଭିନେ ନୁହନ୍ତି । କହନ୍ତି " ସଭେ ଗୁଟେ ବୋ । ମାଁ ବଲି ଜାନଲେ ସଭେ ଉଓ କରବେ !

ମୁଁ ଯେଉଁ ଈର୍ଷାୟାଲୁ ଖଳ ମନ୍ତବ୍ୟର ଉତ୍ତର ଦେବାକୁ ଚାହୁଁଥିଲି, ମୋର ପରମାତ୍ମୀୟ ମିତ୍ର ମନୋଜ ବାବୁଙ୍କର ସମର୍ଥନରେ, ତହିଁରେ ଯେଉଁ ଶ୍ଳୋକଟି ଉଦ୍ଧାର

କରିବାକୁ ଇଚ୍ଛା କରୁଥିଲି, ତାହା ମୋର ଆଂଶିକ ମନେ ଥିଲା ମାତ୍ର ମୋ ପାଖରେ ଥିବା ଚିକିଟୀ ଅଧୀଶ୍ୱର ପ୍ରଣମ୍ୟ ରାଧାମୋହନ ରାଜେନ୍ଦ୍ର ଦେବଙ୍କର ଭର୍ତୃହରି-ସୁଭାଷିତ ( ୧୯୨୭ ରେ ଉତ୍କଳ ସାହିତ୍ୟ ପ୍ରେସରେ ପୁଣ୍ୟଶ୍ଳୋକ ବିଶ୍ୱନାଥ କରଙ୍କ ଦ୍ୱାରା ମୁଦ୍ରିତ ) ରେ ପାଇଲି ନାହିଁ ।

ପ୍ରାତ:ବନ୍ଦ୍ୟ ପଣ୍ଡିତ ହୋତାଙ୍କର ଅନେକ ସିନ୍ଧୀ ମାରୱାଡ଼ୀ ଯଜମାନ । କହନ୍ତି ହେ ମାଁ ଭଗବତୀ ତ ବୁରତୀ ଧରେଇଛେ ପେଟର ଲାଗି ଯାହା କରୁଛେ ତାର ମରଜୀ। ଯେନ ବାଟେ ଚଲାବା ହେବାଟେ ଚାଲବାକେ ହେବା

ସେଦିନ ମୁଁ ପଣ୍ଡିତ ମହୋଦୟଙ୍କୁ ବଲାଙ୍ଗୀର ବସ୍ତ୍ରାଣ୍ଡ ଇଲାକାର ନାରାୟଣ ଦାସ ଆତ୍ମାମଲ ଦୋକାନରେ ଦେଖିଲି । ତାଙ୍କର ପାଖକୁ ଗଲି । ପଚାରଲେ "କୋନଆଡ଼େ ବୋ!" ମୁଁ କହିଲି " ତମକୁ କଥାଏ ପଚାରିବି ବୋଲି ଆସିଲି । ଲେଖିବାକୁ ଅଛି, ଶ୍ଳୋକଟିଏ ମନେ ପଡୁନି, ପାଉନି। ସେ କହିଲେ "ପଚାରମା" ତାପରେ କିଛି କାଳ ମଉନ ହୋଇ କହିଲେ - "ଝଟ ଦରକାର ଅଛେ ନାଇଁ?" ମୁଁ କହିଲି "ହଁ!" ଆଉ ସେ ଦୋକାନ ଟେବୁଲ ଉପରୁ ହିସାବ ପ୍ୟାଡ଼ ଆଉ କଲମ ଆଣି ମୋତେ ଧରେଇ କହିଲେ "ଚାଲ" ଆମେ ବାହାରକୁ ଆସିଲୁଁ । ସେ ବାହାରେ ସମଲେଶ୍ୱରୀ ଭଗବତୀ ଙ୍କର ମନ୍ଦିର ଦିଗକୁ ପୂର୍ବ ମୁହାଁ ଠିଆ ହୋଇ ମୋତେ କହିଲେ - " ଲେଖ୍ ଲେଖ୍, ବଏଲା - "ଯନ୍ମେ ଚିନ୍ତୟାମୀ ମନସା ମୟୀ ସା ବିରକ୍ତା । ସାପ୍ୟନ୍ନ ଚିନ୍ତତି ... ଆଦିଆଦି ଏବଂ ମୁଁ ତାହା ସେ ଯାହା କହିଲେ ଉତାରି ଗଲି। ସେ ଲେଖିଲେ ଭୁଲଭାଲ ହେବା ନିଶ୍ଚିତ । ତେଣୁ ସେ ମୋତେ ପ୍ୟାଡ଼ କଲମ ଧରେଇ ଦେଇଥିଲେ । ମୁଁ ତାଙ୍କୁ କେଉଁ ଶ୍ଳୋକ କହି ନାହିଁ, କିମ୍ବା ସେ ମୋତେ ପଚାରି ନାହାନ୍ତି। ଯାହା କହିଲା, ତାଙ୍କର ଭାଷାରେ "ଭଗବତୀ ବଏଲା ।"

ଭକ୍ତିର ପରମାଶ୍ରିତ ମହାପୁରୁଷ ପଣ୍ଡିତ ହୋତା କହୁଥିଲେ - ବାବୁରେ, ମାଁ କେ ମାଁ ବଲି ଜାନଲେ ସେ ତୋର ସବୁ ଭୁଲଭଟକା ସୁଧରେଇ ଦେବା, ମାଫ କରି ଦେବା। ଆଉ କିଏ ଅଛେ ମାଆଁ କେ ଛାଡ଼ିନେଲ ଯେ ତୋର ମନ ଚିହ୍ନବା? ସେ ନ ଏକଲା ଲାଡ଼େ ଗେଲେ ତୋର କଥାକେ କରବାର କେ ଘିଚି ହେବା। ମାଆଁ ଟା ମାଆଁ ଆଏ !" ପ୍ରଣମ୍ୟ ପଣ୍ଡିତ ହୋତା ଯାହା କହୁଥିଲେ ନିର୍ବିକାର ମାତୃଭାଷା "କୋସଲି"ରେ, ମୁଁ ତାଙ୍କର କଥନ ଅନୁକରଣ କରି ଉଦ୍ଧାର କରିଛି ।

ମୋର ପରମପ୍ରିୟତମ ଆଶୀର୍ବାଦନୀୟ ପୁତ୍ର ପ୍ରତିମ ବୋଧଦର୍ଶୀ ବିଦ୍ୱାନ ଉତ୍କଳ ବିଶ୍ୱବିଦ୍ୟାଳୟ ସଂସ୍କୃତ ବିଭାଗାଧକ୍ଷ ପ୍ରୋ.ସୁଭାଷଚନ୍ଦ୍ର ଦାଶ କୌଣସି ଏକ ଗ୍ରନ୍ଥରୁ ପାଇ ସୂଚନା ଦେଇଛନ୍ତି ନୀତି ଶତକ / ୨-

**ଯାଂ ଚିନ୍ତୟାମୀ ସତତଂ ମୟୀସା ବିରକ୍ତା।**
**ସାପି ଅନ୍ୟଂ ଇଚ୍ଛତି ଜନ ଅନ୍ୟ ସତ୍**
**ଅସ୍ମଦ୍ କୃତେ ଚ ପରିତୃପ୍ୟତି କାଚିଦନ୍ୟା**
**ଧିକ ତାମ୍ ଚ ତାମ୍ ଚ ମଦନଂଚ**
**ଇମାଂଚ ମାଂଚ।। (*ଏହା ସବୁ ବହିରେ ନାହିଁ*)**

ପଣ୍ଡିତ ହୋତା ସଂବୋଧନ ଆମେ ଦାଦା-ଭାଇ, କହିଥିଲେ -
**ଯନ୍ମେ ଚିନ୍ତୟାମୀ ମନସା ମୟୀସା ବିରକ୍ତା**
**ସାପ୍ୟନ୍ନ ଚିନ୍ତତି ଇଚ୍ଛତି ଅନ୍ୟସତ୍**
**ଅସ୍ମଦକୃତେ ଚ ପରିତୃପ୍ୟତି କାଚିଦନ୍ୟା**
**ଧିକତାମ୍‌ଚ ମଦନଂଚ ଇମାଂଚ ମାଂଚ** (ବୋଧହୁଏ)

ବିବୁଧ ପାଠକମଣ୍ଡଳୀ ପ୍ରମାଦ ଗୋଚର ହେଲେ ସୁଧାରି ଦେବେ । ମୁଁ କେବଳ ପରମ ଭକ୍ତ ପଣ୍ଡିତ ହୋତାଙ୍କର "ଭକ୍ତି" ପ୍ଲାବିତ ମାତାର ମାଆ ରୂପରେ ନିରାଜନା ଆଉ ସେମାନଙ୍କର ମାତା-ପୁତ୍ରର ଅଭେଦୀ ଅକପଟ ସଂବନ୍ଧର ଅବତାରଣା ହେତୁ ଏ ଘଟଣାର ସୁମରଣା କରିଛି।

୦୦୦

କବିକୁଟୀର, ବଲାଙ୍ଗୀର
୨୯.୬.୨୦୨୨

## କନ୍ୟା ଆଉ ବଧୂରୂପା ବରଦା
## "ଭକ୍ତି" ରୂପିଣୀ "ଶବରୀ"

୦

ଦେବୀ ଆରାଧନାର ବର୍ଗୀକରଣ କରି ସିଦ୍ଧ ସାଧକ ଚିନ୍ତକ ତପସ୍ୱିମାନେ, ମାତୃରୂପା, କନ୍ୟାରୂପା ଓ ବଧୂରୂପା ବୋଲି କହିଛନ୍ତି। ପ୍ରତ୍ୟେକ ଉପାସନା ବୈଦିକ, ତାନ୍ତ୍ରିକ, ଅଘୋର, ବାମାଚାର ଆଦି ଆଦି, ଯେ କୌଣସି ରୀତି ପଦ୍ଧତି କାମନା ବାସନା ହୋଇ ଥାଉ ନା କାହିଁକି ମୂଳତ: ଅନ୍ତରାତ୍ମାରେ "ଭକ୍ତି" ର କରୁଣା ବିନା ତାହା ସିଦ୍ଧ ସଫଳ କିଛି ମତେ ହୋଇ ପାରିବ ନାହିଁ।

ପୂର୍ବ ଅଧ୍ୟାୟରେ ପରମହଂସ ଠାକୁର ଶ୍ରୀଶ୍ରୀ ରାମକୃଷ୍ଣ ଦେବ ଏବଂ ମହାପୁରୁଷ ଭକ୍ତି ଭାବେ ଭୋଳା ପ୍ରଣମ୍ୟ ପଣ୍ଡିତ ଅର୍ଜୁନ ହୋତାଙ୍କର ମାତୃ ଆରାଧନା ସମ୍ବନ୍ଧରେ ମୋର ଅଧମ ସାଧମରେ ଯତ୍‌କିଂଚିତ କହିଛି। ପରବର୍ତୀ ଅଧ୍ୟାୟରେ ମହର୍ଷି କାତ୍ୟାୟନଙ୍କର ପ୍ରଗାଢ଼ "ଭକ୍ତି"ର ଅପୂର୍ବ ନିଦର୍ଶନ ସ୍ୱରୂପ କନ୍ୟାରୂପୀ ଆରାଧନାର ଉପସ୍ଥାପନ କରିବାର ପ୍ରୟାସ କରିବି।

ସିଦ୍ଧ ତେଜସ୍ୱୀ ମହାରଷିଙ୍କର ଚରମ ଏକନିଷ୍ଠ "ଭକ୍ତି" ପ୍ରୀତା, ପ୍ରସନ୍ନା, ପରିତୁଷ୍ଟା ମାତା ଦର୍ଶନ ଦେଇ କହିଲେ "ମହର୍ଷି" ଯାହା ଆପଣଙ୍କର ଅଭିଳାଷ ପ୍ରକାଶ କରନ୍ତୁ, ତାହା ମୁଁ ଅବଶ୍ୟ ପୂର୍ଣ କରିବି" ଓ ମହାର୍ଷି ନତଶିର ପ୍ରଣାମ କରି କହିଲେ - "ଯଦି ଭଗବତୀ ପ୍ରସନ୍ନ ହୋଇ ମୋର ଅଭିଳାଷ ପୂରଣ କରିବେ ବୋଲିସ୍ୱୀକାର କରିଛନ୍ତି ତେବେ ମୋର କନ୍ୟା ରୂପରେ ଅବତରିତା ହୋଇ ମୋର ଏ ଆଶ୍ରମରେ ଅବସ୍ଥାନ କରନ୍ତୁ।" ଏବଂ ତାଙ୍କର ପ୍ରର୍ଥନାରେ ମାତା "ତଥାସ୍ତୁ" କହି ଅବତରଣ କଲେ। "କାତ୍ୟାୟନୀ" ଭାବରେ, କାତ୍ୟାୟନ କନ୍ୟା "କାତ୍ୟାୟନୀ"। ଏ ସବୁ କିଛିର ମୂଳରେ କେବଳ ମାତ୍ର ନିର୍ମଳ "ଭକ୍ତି" ହିଁ ପ୍ରଧାନ। ତାହା କୌଣସି ଯୋଗ ସାଧନାର ଫଳ ନୁହେଁ । ଏହାର ପରବର୍ତୀ ପର୍ଯାୟରେ ମୁଁ "ବଧୂରୂପା" ଆରାଧନାର ଏକ ଦୃଷ୍ଟାନ୍ତ ଉପସ୍ଥାପନ କରିବାର ପ୍ରାୟାସ କରିବି।

ଆଦି ଶଙ୍କରାଚାର୍ଯଙ୍କର ସ୍ୱଧାମ ପ୍ରତ୍ୟାବର୍ତନ ପରେ ତାଙ୍କର ବିପୁଳ ସଂଖ୍ୟକ ଅନୁଯାୟୀ ମାନେ, ପୁରୁଷୋତ୍ତମ ଶ୍ରୀକ୍ଷେତ୍ରରେ ପ୍ରମୁଖ ପୀଠ "ଗୋବର୍ଦ୍ଧନପୀଠ"

ଭାବରେ ପ୍ରତିଷ୍ଠିତ ହୋଇ ସମଗ୍ର ପାବନ ଭାରବର୍ଷରେ ଚତୁର୍ଦ୍ଧାମ ସହିତ ଅପର ଛଅ ଧାମର ପ୍ରତିଷ୍ଠା ହୋଇଗଲା । ବିଦ୍ୱାନ ଭାଇ ଶ୍ରୀ ଯୋଗୀନ୍ଦ୍ର ପଣ୍ଡା ଯାଜପୁର ବିରଜା ପୀଠର ଅନ୍ୟତମ ପ୍ରମୁଖ ଉପଦେଷ୍ଟା ସଦସ୍ୟ ସହିତ, ପୁରୀ ଶଂଙ୍କରାଚାର୍ଯ୍ୟଙ୍କର ଭୂମିକା, ଦାରୁ ଚୟନ ଆଦି ଅନେକ ପୁସ୍ତିକା ଓଡ଼ିଆ ଏବଂ ହିନ୍ଦୀରେ ପ୍ରସ୍ତୁତ କରିଥିଲୁଁ । ତାହା ଗୋଚରାର୍ଥେ ଗୋବର୍ଦ୍ଧନ ପୀଠରେ ମହାମହିମ ଶଙ୍କରାଚାର୍ଯ୍ୟ ଶ୍ରୀଶ୍ରୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କୁ ଭେଟି ଦେଇଥିଲୁ । ମୋର ପରମତତ୍ତ୍ୱଦର୍ଶୀ ମିତ୍ର ବିଭୁଲୀନ ଆଚାର୍ଯ୍ୟ ଡକ୍ଟର ବିଦ୍ୟାନିବାସ ମିଶ୍ରଙ୍କର ସେ ସହାଧ୍ୟାୟୀ ମିତ୍ର । ପୁଣ୍ୟଶ୍ଳୋକ ଆଚାର୍ଯ୍ୟ ହଜାରୀ ପ୍ରସାଦ ଦ୍ୱିବେଦୀଙ୍କର ଛାତ୍ର । ମୋ ପାଖରେ ଅଛି କେହି ଇଚ୍ଛା କଲେ ଯୋଗାଯୋଗ କରିବାକୁ ଅନୁରୋଧ । ମୁଁ ମୂଳ ପୁସ୍ତିକା ନୁହେଁ ତାର ଜେରକ୍ସ ପ୍ରତିଲିପି ନି:ଶୁଳ୍କ ଯୋଗେଇ ଦେଇ ପାରିବି । ମୁଁ ମୋର ଏହି ପୁସ୍ତକର ରଚନା କେବଳ ମାତ୍ର "ଭକ୍ତି" କୈନ୍ଦ୍ରିକ କରୁଥିବା ହେତୁ ବହୁ ପ୍ରସଙ୍ଗରେ ଭାରାକ୍ରାନ୍ତ କରିବାର ଇଚ୍ଛା ନ କରି ପଲ୍ଲବିତ କରିବି ନାହିଁ ।

ମୋତେ "ଭାଇନା" ମାନୁଥିବା,ଆୟୁର୍ବେଦ, ଜ୍ୟୋତିଷ, ତନ୍ତ୍ରାରାଧନା ଆଦିର ଧୂରୀଣ ସିଦ୍ଧ ପୁରୁଷ, ଏଇନେ ତାର କୌଣସି ଫୋନ ଲାଗୁନାହିଁ । ଭୁବନେଶ୍ୱର ରେ ଭଉଣୀଘର ନ୍ୟାୟରେ ମୋର କଲ୍ୟାଣୀୟା ଭଉଣୀ ଆହ୍ଲାଦିନୀ ଘରକୁ ସେ ବାରମ୍ବାର ଆସୁଥିଲା, ଆସୁନାହିଁ । ...

ହଁ, କହୁଥିଲି, ଆଦି ଶଙ୍କରାଚାର୍ଯ୍ୟଙ୍କର ସ୍ୱଦିବ୍ୟଧାମ କୁ ବାହୁଡ଼ିଯିବା ପରେ ତାଙ୍କର ବିପୁଳ ଅନୁଯାୟୀମାନେ ଦଶ ଭାଗରେ ବାଂଟି ହୋଇଗଲେ । ଗିରି, ପୁରୀ, ଭାରତୀ, ଦଣ୍ଡିସ୍ୱାମୀ, ତୀର୍ଥ, ସରସ୍ୱତୀ ଆଦି ।

ଭାରତୀ ମାତା ଶାରଦା ସରସ୍ୱତୀଙ୍କର ଅବତାର । ପ୍ରଖ୍ୟାତ ତାର୍କିକ ପଣ୍ଡିତ "ମଣ୍ଡନ ମିଶ୍ର"ଙ୍କର ପତ୍ନୀ ଭାବରେ ଅବତରିତା । ଶଙ୍କରାଚାର୍ଯ୍ୟଙ୍କ ସହିତ ଶାସ୍ତ୍ରାର୍ଥ କରି ମଣ୍ଡନ ମିଶ୍ର ପରାଜୟ ସ୍ୱୀକାର କରିବା ପରେ ଭାରତୀ କହିଲେ " ମୁଁ ତାଙ୍କର ଅର୍ଦ୍ଧାଙ୍ଗିନୀ । ମୁଁ ଯେତେବେଳେ ପରାଜୟ ସ୍ୱୀକାର କରିନାହିଁ ମୋର ପତି ପରାଜିତ ହେଲେ ବୋଲି ବିବେଚିତ ହେବେ ନାହିଁ । "କାମ ଶାସ୍ତ୍ର ବି ଏକ ଶାସ୍ତ୍ର ଏବଂ ମାତାଙ୍କର ନିଗୂଢ଼ ପ୍ରଶ୍ନର ସମାଧାନ କରି ନପାରି ଆଚାର୍ଯ୍ୟ ଏକ ମାସ ସମୟ ସକାଶେ ପ୍ରାର୍ଥନା କଲେ । ବିଳାସୀ ମହାରାଜ ଅମରୂଙ୍କର ମୃତ୍ୟୁ ରେ ସେ ଶବରେ କାୟା ପ୍ରବେଶ କରି ସେତେବେଳେ "ଅମରୂ ଶତକର" ରଚନା କରିଥିଲେ ଓ ଆସି ମାତାଙ୍କୁ ପୋଥିଦେଇ କହିଲେ, "ମାଆ ଆମେ ମାତା ପୁତ୍ର ବୋଲି ମୁଁ ତମକୁ ବୁଝେଇ ଦେଇ ପାରିବି ନାହିଁ । ତୁମେ ତୁମର ପ୍ରତି ଜିଜ୍ଞାସାର ସମାଧାନ ଏ ପୋଥୀରୁ ପାଇଯିବ । ମୋର ପରୀକ୍ଷା ନନେଇ ମୋତେ ମାତା

ସ୍ୱରୂପା ବିଦ୍ୟାଦାନ କର। ସଂକ୍ଷେପରେ ଏ ଅକିଂଚନ ଅଧମ ଲେଖକ ଏତିକି ମାତ୍ର କହି ପାରିବ।

ମୁଁ "ବଧୂରୂପା" ଆରାଧନା ପ୍ରସଙ୍ଗରେ ଅନାବିଳ ଚରମ "ଭକ୍ତି" ଆଶ୍ରିତ ବ୍ରହ୍ମାନନ୍ଦ ଗିରିଙ୍କର ଉପାଖ୍ୟାନ ଉଦାହରଣସ୍ୱରୂପ ପ୍ରସ୍ତୁତ କରିବାର ଇଚ୍ଛା କରୁଛି। "ଗିରି" ସମ୍ପ୍ରଦାୟର ସିଦ୍ଧ ସାଧକ କବି "ବ୍ରାହ୍ମନନ୍ଦ ଗିରି।" ପ୍ରଗାଢ଼ ଭକ୍ତି ର ଅବିଚଳ ଏକାଗ୍ର ତନ୍ମୟ ନିବେଦନରେ ଗିରୀନ୍ଦ୍ରତନୟା ଜଗଜ୍ଜନନୀ ଉମାଙ୍କୁ ପ୍ରସନ୍ନ କରି ଯେତେବେଳେ ମାତା ଦର୍ଶନ ଦେଇ ପଚାରିଲେ "କଣ କାମନା କରୁଛନ୍ତି କହନ୍ତୁ, ମୁଁ ତାହା ପୂରଣ କରିବି।" ସେତେବେଳେ ବ୍ରହ୍ମାନନ୍ଦ ଗିରି କହିଲେ – " ବ୍ରହ୍ମାନନ୍ଦ ଗିରି ଗିରୀନ୍ଦ୍ରତନୟା ବକ୍ତ୍ରାମ୍ବୁଜଂ ବାଞ୍ଛିତମ୍ ।" ମାତା ସ୍ମିତହାସ କରି ଅଭୟ ମୁଦ୍ରାରେ କର ଉତ୍ତୋଳନ କରି କହିଲେ "ତଥାସ୍ତୁ" ।

ପତିତପାବନୀ ଗଙ୍ଗାଙ୍କର ଶାଖା ଏକ ନଦୀର ଅପର ପାର୍ଶ୍ୱରେ ବ୍ରହ୍ମାନନ୍ଦଙ୍କର ଆଶ୍ରମ। ଜନପଦରେ ଭିକ୍ଷାଟନ ଓ ଯାହା ପ୍ରପାତ ହେଲା ସେତିକିରେ ଆଶ୍ରମର ପୋଷଣ ଅନୁଶାସନ ର ରୀତି । ସେଦିନ ଜନପଦ ରୁ ଫେରିବା ବେଳେ କିଛି ଉଛୁର ହୋଇ ସାରିଥିଲା ବୋଲି ଘାଟରୁ ନାଉରୀ ବାହୁଡ଼ି ଆସି ମଝି ନଈରେ ଥିଲା। ବ୍ରହ୍ମାନନ୍ଦଙ୍କର ଆଉ କିଛି ଚାରା ନଥିଲା । କିନ୍ତୁ, ସେତେବେଳେ ବ୍ରହ୍ମାନନ୍ଦ ଦେଖିଲେ ଘାଟ ଛଡ଼ା ଅନତିଦୂରରେ ଏକ ନାଆ ଅଛି, କେହି ଜଣେ ନାଆରେ ଅଛି। ଏବଂ ବ୍ରହ୍ମାନନ୍ଦ ଆଗେଇ ଚାଲିଲେ । ନାଆରେ ଅପ୍ରମିତ ଲାବଣ୍ୟବତୀ ଯେ ଥିଲେ ସେ ସ୍ମିତ ବଦନା ଲଳିତ କଣ୍ଠରେ ଆବୃତ୍ତି କଲେ " ବ୍ରହ୍ମାନନ୍ଦ ଗିରି ଗିରୀନ୍ଦ୍ରତନୟା ବକ୍ତ୍ରାମ୍ବୁଜ ବାଞ୍ଛିତମ୍ " । ତାପରେ ପୁଲକାଭିଭୂତ ବ୍ରହ୍ମାନନ୍ଦ ତଟବାଲି ରେ ସଂଜ୍ଞାହୀନ ହୋଇଗଲେ। ଚେତା ଫେରିଆସିଲା ପରେ ସେ ଜାଣିଲେ ଯେ ସେତେବେଳେ ଅରୁଣୋଦୟ ର ପ୍ରାକ୍‌କାଳ ବ୍ରାହ୍ମ ମୁହୂର୍ତ୍ତ ଆଉ ସେ ଆପଣାର ବିଶ୍ରାମ କକ୍ଷରେ ଅଛନ୍ତି। ... ...

ସବୁରି ମୂଳରେ ପ୍ରଗାଢ଼ ପରିପୂର୍ଣ "ଭକ୍ତି" । ତାହା କୌଣସି ସାଧନା ତପସ୍ୟା ନୁହେଁ, ତାହା ମାତାର ଅପାର କରୁଣା । ସେ ହିଁ ସେହି ଶୁଦ୍ଧାତ୍ମା କୁ କୃପାକରି କିଛି ମହତ୍ ସତ୍ୟର ପ୍ରତିଷ୍ଠା ହେତୁ କର୍ମ ତତ୍ପର କରିଥାଏ ଓ ଏ ପାବନ ଭାରତଭୂମିରେ ପରମ ଭକ୍ତ ଧ୍ରୁବସଦୃଶ ଶତସହସ୍ରାଧିକ ପ୍ରଶାନ୍ତ ନଭରେ ଦେଦୀପ୍ୟମାନ ବିଦ୍ୟମାନ ହୋଇ ରହିଛନ୍ତି । ଅରକ୍ଷ ରକ୍ଷକ ସନ୍ଥ ମହାପୁରୁଁଷ ଅରକ୍ଷିତ ଦାସ ଭକ୍ତିର ଅମାପ ସିଦ୍ଧି ପ୍ରାପତ ହୋଇ ଆଉଆଉ ଅଭାବ ଭାବରେ ବାରମ୍ବାର "ମହୀମଣ୍ଡଳ ଗୀତା" ରେ ପ୍ରଭୁ ମୋତେ "ଭକ୍ତି "ପ୍ରଦାନ କର ବୋଲି ଗୁହାରି କରିଛନ୍ତି। କାରଣ, ସେ ଅଭିଭୂତ ସମ୍ମୋହିତାତ୍ମାଙ୍କର ଅରୂପ ଅଣାକାର "ଭକ୍ତି" ଗୋଚର ନୁହେଁ ...ସବୁ "ଭକ୍ତି" ... ଭକ୍ତି ହୀ କେବଳମ୍ ...।

ବୈଷ୍ଣବ ସାଦ୍ଧାଚାର୍ଯ୍ୟମାନେ "ଭକ୍ତି" ର ବିବେଚନା "ନବଧା" କରିଛନ୍ତି। ତାହା – ଦାସ୍ୟ, ସଖ୍ୟ, ଆତ୍ମନିବେଦନ, ବନ୍ଦନା, ଅର୍ଚ୍ଚନ, ସ୍ମରଣ, ପଦସେବା, କୀର୍ତନ, ଶ୍ରବଣ। ସବୁରି ମୂଳରେ ମୂଳରେ ସେଇ ଭକତି ଭାବେ ଭୋଳା ତନ୍ମୟ ଆସ୍ଥା ବିଶ୍ୱାସ କାମ୍ୟ।

ଏହାପରେ ଭକ୍ତି ର ପ୍ରତୀକ ତପସ୍ୱିନୀ ଶବରୀଙ୍କର ପ୍ରସଙ୍ଗରେ କହିବାକୁ ମନ କରିଛି ।

ଶବରୀ ଶବର ରାଜପୁତ୍ରୀ । କେବଳମାତ୍ର କର୍ତୃତ୍ୱ ବିଚାରରେ ଏକ ଶକ୍ତିଶାଳୀ ଗୋଷ୍ଠୀ ପ୍ରମୁଖର ପୁତ୍ର ଏକ ଭ୍ରଷ୍ଟ, ବିପଥଗାମୀ କ୍ରୂର ଉଦ୍ଧତ ପୁତ୍ର ସହିତ ପରିଣୟ ସୂତ୍ରରେ ପ୍ରଦାନ କରିବେ ବୋଲି ଶବରୀଙ୍କର ପିତା ସ୍ଥିର କରି ଥିଲେ । ଶବରୀ ପ୍ରତିବାଦ କଲେ, ଅସ୍ୱୀକାର କଲେ ମାତ୍ର ତାଙ୍କର ପିତା ଶବରୀଙ୍କୁ ଏକପ୍ରକାର ବାଧ୍ୟ କରିବା ଫଳରେ ଶବରୀ ଗୃହତ୍ୟାଗ କରି ପଳାୟନ କଲେ ଏବଂ ଅନତି ଦୂରରେ ସିଦ୍ଧ ତପସ୍ୱୀ ବାକ୍‌ସିଦ୍ଧ ତ୍ରିକାଳ ଦର୍ଶୀ ସାଧକ "ଭକ୍ତି"ର ପରମାଶ୍ରିତ, ତେଜସ୍ୱୀ ମହର୍ଷି ମତଙ୍ଗଙ୍କର ଶରଣାଶ୍ରିତା ହୋଇ ଆଶ୍ରୟ ଭିକ୍ଷା କଲେ। ମୁନି ସବୁ ଶୁଣି ଶବରୀଙ୍କ ପ୍ରତି ହେଉଥିବା ଅବିବେକୀ ଅନ୍ୟାୟ ହୃଦବୋଧ କଲେ। ମାତ୍ର. କହିଲେ "ମୁଁ ତୁମକୁ ବିବାହ କରି ପତ୍ନୀ ଭାବରେ ସ୍ୱୀକାର ନକଲେ ଏ ଆଶ୍ରମରେ ସ୍ଥାନ ଦେଇ ପାରିବି ନାହିଁ। ଆମେ ବିବାହ କରିବା ମାତ୍ର ସଦାକାଳ ବ୍ରହ୍ମଚର୍ଯ୍ୟ ବ୍ରତ ପାଳନ କରି ରହିବା। ତୁମେ ଯିଦି ସ୍ମୀକାର କରୁଛ ତେବେ ସବୁ ବ୍ୟବସ୍ଥିତ ହୋଇଯିବ ।" ଅନ୍ତରାତ୍ମାରେ "ଭକ୍ତି" ପୂତା ତପସ୍ୱିନୀ ଶବରୀ ଅଙ୍ଗୀକାର କଲେ ଓ ଅଗ୍ନ୍ୟାଧାନ ହୋଇ ମୁନି ପାଣିଗ୍ରହଣ କଲେ। ଶବରୀଙ୍କର ପିତାକୂଳ ଓ ଅପର ସମୁଦାୟ କେହି ବି ତେଜସ୍ୱୀ, ବାକ୍‌ସିଦ୍ଧ, ତ୍ରିକାଳଜ୍ଞ ମୁନିଙ୍କର ବିରୋଧ କରିବାର ସାହସ କରି ପାରିଲେ ନାହିଁ ଏବଂ ବ୍ରହ୍ମଚାରୀ ମୁନି, ତପସ୍ୱୀ ତପସ୍ୱିନୀ ପତିପତ୍ନୀ ଆଶ୍ରମର ସକଳ ଅନୁଶାସନ ବିଧି ରୀତି ପାଳନ କରି କାଳାତିପାତ କରିବାକୁ ଲାଗିଲେ ।

କିଛି କାଳ ଆରାଧନା, ଯଜ୍ଞାନୁଷ୍ଠାନ, ଅନ୍ତେବାସୀମାନଙ୍କର ଶିକ୍ଷା ସାଧନା ଆଦି ସମ୍ପନ୍ନ କରିବା ପରେ ଦିନେ ପ୍ରଭାତରେ ସର୍ବଜ୍ଞ ମହାମୁନି ଶବରୀଙ୍କୁ କହିଲେ – "ପ୍ରତି କଥାର ଏକ ଅବଧି୍ ପୂର୍ବନିଶ୍ଚିତ ହୋଇ ରହିଥାଏ, ମୋର ଦେହରକ୍ଷା ର କାଳ ଉପସ୍ଥିତ ହେଲା !" ଏବଂ ଶବରୀ – ଉତ୍‌ତର ଦେଲେ – "ମୁଁ ଆପଣଙ୍କର ଅର୍ଦ୍ଧାଙ୍ଗିନୀ, ମୁଁ ତେଣୁ, ସହଗମନ କରିବି।" କନ୍ତୁ ତ୍ରିକାଳଦର୍ଶୀ ମହାମୁନି କହିଲେ – "ନା, ତାହା ହୋଇ ପାରିବ ନାହିଁ। କାରଣ, ତୁମର କର୍ତବ୍ୟ କର୍ମ ସରିନାହିଁ। ତୁମେ ଆଶ୍ରମରେ ନଥିଲେ ଭବିଷ୍ୟର ନିରୂପିତ ଅବସରରେ ସାନୁଜ ଲକ୍ଷ୍ମଣ ପ୍ରଭୁ ଶ୍ରୀରାମ ଙ୍କର ସ୍ୱାଗତ ଅଭ୍ୟର୍ଥନା

ହୋଇ ପାରିବନାହିଁ । ସେହି ହେତୁରୁ ତୁମକୁ ପ୍ରଭୁ ଆଗମନର ସେଇ ସୁବର୍ଣପ୍ରଭାତକୁ ତପସ୍ୟାବତ୍ ଅପେକ୍ଷା କରି ରହିବାକୁ ହେବ। "

ବିନୀତା ଶବରୀ ପଚାରିଲେ - " ମହାମୁନି, ମୁଁ କେମିତି ଜାଣିବି ଯେ ଆଜି ଆଜି ପ୍ରଗୁ ପ୍ରଭୁ ଆସି ପଦାର୍ପଣ କରିବେ ?" ମହାମୁନି କହିଲେ - "ତାହା ଗ୍ରୀଷ୍ମକାଳ, କିନ୍ତୁ ପ୍ରାକ୍‌ଭାଷ ସଦୃଶ ସମସ୍ତ ଅରଣ୍ୟ ପ୍ରଦେଶ ବସନ୍ତାୟିତ ହୋଇ ଉଠିବ। ସେଦିନ ଅପହୃତା ପତ୍ନୀଙ୍କର ଅନ୍ୱେଷାରେ ଶୋକ କାତର ପ୍ରଭୁ ଆସି ଏହି ଆଶ୍ରମରେ ଉପସ୍ଥିତ ହେବେ । ଏଠାରେ ତୁମେ ନଥିଲେ ଅତିଥି ପୁରୁଷୋତ୍ତମ ପ୍ରଭୁ ସାନୁଜ ଶ୍ରୀରାମଙ୍କର ସତ୍‌କାର ଅଭ୍ୟର୍ଥନା ସମ୍ଭବ ହେବ ନାହିଁ ।

ତାହା ଧରିତ୍ରୀର ତପସ୍ୟା । ସ୍ନେହାସ୍ପଦା କଲ୍ୟାଣୀୟା ଭଉଣୀ ସତ୍‌କବୟତ୍ରୀ ପ୍ରତିଭା ଶତପଥୀର ସାର୍ଥକ କବିତା "ଶବରୀ" ର ହିନ୍ଦୀ କାବ୍ୟାନ୍ତରଣ ମୁଁ କରିଛି, ବୋଧ ମର୍ମଜ୍ଞ ଋତଦର୍ଶୀ ଆଚାର୍ଯ ଡ.ବିଦ୍ୟାନିବାସ ମିଶ୍ର ତାର ଉପୋଦ୍‌ଘାତ ରଚନା କରିଛନ୍ତି । ସଂକଳନର ଦ୍ୱିତୀୟ ସଂସ୍କରଣ, ଭୁବନେଶ୍ୱର "ବିଶ୍ୱ ମୁକ୍ତି"(ଶଶାଙ୍କ ଚୂଡ଼ାମଣି) "କର୍ତୃକ ପ୍ରକାଶିତ । ପରମ ସୁହୃଦ୍ ବିଭୁଲୀନ ଆଚାର୍ଯଜୀ ଶବରୀଙ୍କର ର ସେହି ତପସ୍ୟାକୁ ମୋକ୍ଷ ସକାଶେ ଧରିତ୍ରୀର ପ୍ରଗାଢ଼ ଆତ୍ମଲୀନ ତପସମାଧି ବୋଲି ଉଲ୍ଲେଖ କରିଛନ୍ତି। ଶବରୀର ହିନ୍ଦୀ କାବ୍ୟାନ୍ତରଣ ଅନ୍ତିମ ପର୍ଯାୟ ରେ ଆଚାର୍ଯ ମିଶ୍ର ଅରବୀ "ଜମୀର" ଶବ୍ଦର ପୟୋଗ କରିଥିଲେ ଦ୍ୱିତୀୟ ସଂସ୍କରଣରେ ଅର୍ଦ୍ଧଜ୍ଞ ପ୍ରମାଦ ପରିମାର୍ଜକ ତାକୁ "ଜମୀନ" କରିଦେଇଛନ୍ତି। ଜମୀର ଅର୍ଥ ଆତ୍ମା, (ଅନ୍ତ:କରଣ, ମର୍ମ) ତାହା ସେ କ୍ଷେତ୍ରରେ ଅର୍ଥମୟ ବିଦ୍ୱାନ ପାଠକ ମିତ୍ର ଶବରୀ "ହିନ୍ଦୀ'ର ଦ୍ୱିତୀୟ ସଂସ୍କରଣ ଦେଖିବେ ଯଦି ତାକୁ ସୁଧାରି ଦେବାକୁ ଅନୁରୋଧ।

ତାହା ଗ୍ରୀଷ୍ମକାଳ । ଅକସ୍ମାତ ଶବରୀ ରୋମାଂଚିତା ହୋଇ ଅନୁଭବ କଲେ କମଳ ପୂରିତ ସରୋବର, ଅଳି ଆକୁଳିତ ଇନ୍ଦୀବର ରକ୍ତ କମଳ । ସମ୍ପୂର୍ଣ ଅରଣ୍ୟ "ବସନ୍ତାୟିତ" । ଶ୍ୟାମଳ ସୁକୁମାର ତରୁଶାଖା ଚୂତ ମଂଜରୀ ଓ ରକ୍ତ-ପଲାଶ-ଭାରାକ୍ରାନ୍ତ। ଜାଣିଗଲେ, ଆଜି ସେହି ମଙ୍ଗଳ ଲଗ୍ନ ଯେଉଁ ଦିନ ପ୍ରଭୁ ଆଶ୍ରମରେ ପଦାର୍ପଣ କରିବେ । ଆତିଥେୟତା ହେତୁ ବିସ୍ମୟ ;ଂ ଅରଣ୍ୟ ରେ ଅଶେଷ ଅନ୍ୱେଷାରେ ବି ପ୍ରଭୁଙ୍କୁ ପରଷି ଦେବାକୁ କିଛି ସୁସ୍ୱାଦୁ ଫଳ ପାଇଲେ ନାହିଁ; କେବଳ କିଛି ବରକୋଳୀ ବ୍ୟତୀତ । ଯଦିଓ ଅରଣ୍ୟ ବିବିଧ ପକ୍ୱଫଳ ପରିପୂର୍ଣ ହୋଇ ରହିଥାଏ। ବାଧ୍ୟ ଶବରୀ ଯେତେ ହେଲା ସେତିତି ବରକୋଳି । କିଛି କମଳ ପତ୍ର, କିଛି କମଳ, ନୀଳକଇଁ ରକ୍ତକମଳ ନେଇ ଆସି ପ୍ରଭୁଙ୍କର ଆଗମନ ପଥ ଅନୁସରି ରହିଲେ। ସାନୁଜ କମଳନୟନ ଶ୍ରୀରାମ ଆଶ୍ରମ ଦ୍ୱାର

ସମ୍ମୁଖରେ ପଦାର୍ପଣ କଲେ । ଶବରୀ ଆଶ୍ରମଦ୍ୱାର ଉନ୍ମୁକ୍ତ କରି ପ୍ରଭୁ ତଥା ଲକ୍ଷ୍ମଣଙ୍କର ପାଦ ଧୋଇ ସାଷ୍ଟାଙ୍ଗ ପ୍ରଣିପାତ କରି ପାଛୋଟି ଆଣି କୁଶାସନ ପାରି ଦେଇ ବସିବାକୁ କହିଲେ । ଦୁହିଁଙ୍କ ସକାଶେ କମଳପତ୍ରରେ ବରକୋଳି ପରଷି ଦେଲେ । କିନ୍ତୁ, ପ୍ରଭୁ ଗୋଟାଏ ନେବାବେଳେ ବାରଣ କରି ନିଜେ ନେଇ ଚାଖି କଷା ଖଟ୍ଟା ବାରି ବାରି ଯାହା ମିଠା ତାହାହିଁ ପ୍ରଭୁଙ୍କୁ ଦେବାକୁ ଲାଗିଲେ ଓ ଭାବଗ୍ରାହୀ ତାହା ସରାଗରେ ସ୍ୱୀକାର କଲାବେଳେ ଲକ୍ଷ୍ମଣ ମନେମନେ କ୍ଷୁବ୍ଧ ହେଉଥିଲେ ଯେ କିଛି କହି ପାରୁନଥିଲେ । ଶବରୀ, ତାହା ତାଙ୍କର ଚାଖିବା ଫଳରେ ଉଚ୍ଛିଷ୍ଟ ହେଲା ବୋଲି ଭାବି ପାରୁ ନଥିଲେ ଓ ସେ ପ୍ରଭୁଙ୍କୁ ମିଠାମିଠା ଖୁଏଇ ପାରୁଛନ୍ତି ବୋଲି ପରିତୋଷର ଆନନ୍ଦ ପ୍ରାପତ ହେଉଥିଲେ । ଓ ଭାବଗ୍ରାହୀ "ବସ୍ତୁ" ନୁହେଁ "ଭାବ"ଗ୍ରହଣ କରି "ଭକ୍ତି"ର ତନ୍ମୟ ନିବେଦନର ନୈବେଦ୍ୟ ଗ୍ରହଣ କରି ଅନୁକମ୍ପାର ବରଦ ନେତ୍ରରେ ଭକତି ଭାବେ ଭୋଳୀ ଶବରୀଙ୍କୁ "ମୋକ୍ଷ" ପ୍ରଦାନ କରି ମହାମୁନି ମତଙ୍ଗଙ୍କର ସନ୍ନିଧି ପ୍ରଦାନ କରିବାର ଆନନ୍ଦ ମୋହିତ ହେଉଥିଲେ ଭକ୍ତ ବତ୍ସଳ ଭାବଗ୍ରାହୀ।

ଶ୍ରୀରାମ ଲକ୍ଷ୍ମଣଙ୍କର ଆଶ୍ରମରେ ବିଦ୍ୟମାନତାର ସ୍ୱଳ୍ପକାଳରେ ଶବରୀ କହିଲେ ପ୍ରଭୁ, ମୁଁ କିଛି ପରିମାଣରେ ଆଶ୍ରମ ପ୍ରଦେଶ ସଂଲଗ୍ନ ପ୍ରଦେଶମାନଙ୍କର ସ୍ଥିତି ର ସୂଚନା ପାଇଛି। ମାତାଙ୍କର ଠାବ କରିବା ନିଶ୍ଚିତଭାବରେ ସହଜ ସଫଳ ହେବ । ଆପଣ ଏହାପରେ କିଷ୍କିନ୍ଧ୍ୟା ଯାତ୍ରାକରନ୍ତୁ । ବଳୀ ବିତାଡ଼ିତ ସୁଗ୍ରୀବଙ୍କ ସହିତ ମିତ୍ରତା ସ୍ଥାପିତ ହେବ ଓ ବାନର ସେନା ଦଶଦିଗକୁ ପ୍ରେରିତ ହୋଇ ଅବଶ୍ୟ ମାତାଙ୍କର ଠାବ କରି ପାରିବେ ବୋଲି ମୁଁ ମୋର ମହାମୁନି ପତିଦେବଙ୍କର କୃପାରୁ ଜାଣିପାରୁଛି।

ସବୁରି ମୂଳରେ ସେଇ "ଭକ୍ତି" । ଆଦି ମହାକାବ୍ୟ ରାମାୟଣ ର ଭବିଷ୍ୟ ଅଖ୍ୟାନ ହେଉଛି। ଧରିତ୍ରୀର ପ୍ରଗାଢ଼ ତପସ୍ୟାସଦୃଶ ଶବରୀଙ୍କର ତପସ୍ୟା ମୋକ୍ଷ ପ୍ରାପତ ହେବା ସ୍ୱଧାମ ପ୍ରତ୍ୟାବର୍ତନ କରି ମହାମୁନିଙ୍କର ସନ୍ନିଧିରେ ଅଭିନ୍ନ ଏକାତ୍ମ ହେବା। ଓ ପ୍ରଭୁ ଶ୍ରୀରାମ ଙ୍କର ମହାରାଜ ସୁଗ୍ରୀବଙ୍କ ସହିତ ମିତ୍ରତା, ଅତୁଳିତ ବଳଧାମ ମାରୁତିନନ୍ଦନ ଭକ୍ତଶିରୋମଣି ଦାସ୍ୟ ଭାବ ଭକ୍ତିର ନିଦର୍ଶନ ହନୁମାନଙ୍କର ଅବିଚଳ ଭକ୍ତିଗାଥା . ... ... ଆଦି ଆଦି...

୦୦୦

କବି କୁଟୀର, ବଲାଙ୍ଗୀର

୪ ।୭/ ୨୦୨୨

## ରାମେଶ୍ୱର
## ଅତ୍ମ ସମର୍ପିତ ତନ୍ମୟ ଭକ୍ତ ଲଙ୍କେଶ

୦

ଜଗତ୍‌କର୍ତ୍ତା ପାଳକ ଲୀଳାବିହାରୀଙ୍କର ନିର୍ଦ୍ଦେଶରେ ଭକ୍ତ ଶିରୋମଣି ଅଞ୍ଜନା ତନୟଙ୍କୁ ଆମନ୍ତ୍ରିତ କରି ଆଣିବାସକାଶେ ମହାବଳୀ ଭୀମ ଓ ସୁଦର୍ଶନଙ୍କର ଯିବା ପ୍ରସଙ୍ଗରେ ବିବୃତ ରୋଚକ ଆଖ୍ୟାନର ଅବତାରଣା କରିବି ନାହିଁ। ମୋର ବିନମ୍ର ଅନୁରୋଧ, ପ୍ରିୟ ବାଚକ-ବାଚିକା ବ୍ୟାସକୃତ ମୂଳ ମହାଭାରତର ଉତ୍କଳୀୟ ଆଦିକାବ୍ୟ ଶୂଦ୍ରମୁନି ଶାରଳା ଦାସଙ୍କର ଅଭିନବ ଅନୁସର୍ଜନା ମହାଭାରତରୁ ଆପଣା ଜିଜ୍ଞାସା-ସମାଧାନ କରି ନେବେ। ଭାବାନନ୍ଦ ବିଭୋର ଅବଶ୍ୟ ହେବେ ବୋଲି ମୋର ଆସ୍ଥା ଓ ବିଶ୍ୱାସ।

ମାରୁତି ନନ୍ଦନଙ୍କୁ ସର୍ବନିୟନ୍ତା ପ୍ରଭୁ ରଥଧ୍ୱଜରେ ବିଦ୍ୟମାନ ହୋଇ ରହିବାକୁ କହିଲେ। ତାପରେ ସେ ଧ୍ୱଜ "କପିଧ୍ୱଜ"। ତାହା ଫଳରେ ସମ୍ପୂର୍ଣ୍ଣ ରଥ ସମକ୍ଷରେ ସ୍ୱୟଂ ସେ ପାର୍ଥ-ସାରଥି ହେତୁ କୌଣସି ବି ଶସ୍ତ୍ରାସ୍ତ୍ର ତାଙ୍କର ଶରୀର ଭେଦ ଆହତ କରିପାରିବ ନାହିଁ ବୋଲି ଆଶୀର୍ବାଦ ପ୍ରାପ୍ତ ଅଞ୍ଜନା ତନୟଙ୍କ ହେତୁ ରଥର ସକଳବାଧା ବିଘ୍ନ ଦୂର ହୋଇ ସଂରକ୍ଷିତ ସୁରକ୍ଷିତ ରହିବ।

ତେବେ ମହାବଳୀ ଦ୍ୱିତୀୟ ପାଣ୍ଡବ ମନେମନେ ଭାବିନେଲେ ଯେ ଜ୍ୟେଷ୍ଠଭ୍ରାତା ହୁଏତ ଇଚ୍ଛା କରି ଥିବେ ସମରରେ ଭାଗ ନ ନେଇ ରଥରେ ରହିବାକୁ, ଯାହା ଫଳରେ ସକଳ ବିଧାୟକ ପ୍ରଭୁ ତାହା ସ୍ୱୀକାର କରିଛନ୍ତି।

ସମରାଙ୍ଗଣରେ ସମବେତ ପାଣ୍ଡବ-କୌରବ ସେନା । ଉଭୟ ପକ୍ଷର ଶଙ୍ଖନାଦ ହୋଇନାହିଁ । ମହାବଳୀ ଭୀମଙ୍କର ଉତ୍କଣ୍ଠା ଅନୁଭବ କରି କେଶରୀନନ୍ଦନ ପଚାରିଲେ "ଭାଇ, ତୁମର ଉଭୟ ପକ୍ଷର ମହାରଥି ରଥି ସାରଥି ଆଦିଆଦି ସମୁଦାୟ କେତେ ?" ଭୀମ ଉତ୍ସାହିତ ହୋଇ କହିଲେ " ଅଠର ଅକ୍ଷୌହିଣୀ !" ଆଉ ସେତେବେଳେ ମୁରୁକି ହସି ହନୁମାନ କହିଲେ " ଜାଣିଛୁ, ଲଙ୍କାଧିପତି ତାଙ୍କର ଅନ୍ତିମ ଯୁଦ୍ଧରେ ଯେପରି ପ୍ରସ୍ତୁତ ହୋଇ ଆସିଥିଲେ, କେବଳ ବାଦ୍ୟକାର ଥିଲେ ଅଠର ଅକ୍ଷୌହିଣୀ।" ଚକିତ,ବିସ୍ମିତ ବିସ୍ଫାରିତ ନେତ୍ରରେ ଜ୍ୟେଷ୍ଠଭ୍ରାତାଙ୍କୁ ଅନେଇ ରହିଲେ ଭୀମ। ଅଲକ୍ଷରେ ହନୁମାନ ପ୍ରକାଶ

କରି ଦେଲେ " ପ୍ରଭୁ ତ ଏ ସମର ମାତ୍ର ଅଠର ଦିନରେ ସମାପିତ କରିବେ ବୋଲି ସ୍ଥିର କରିଛନ୍ତି। ତାପରେ ସେ ସ୍ୱୟଂ ଅସ୍ତ୍ର ଧାରଣ କରିବେ ନାହିଁ। କିନ୍ତୁ, ପ୍ରମୁଖ ଥିଲେ ସେ ଆଉ ଲଂଙ୍କାର ଯୁଦ୍ଧ ଚଉଦ ମାସର। ସେଦିନ ରାମାବତାରରେ ପ୍ରଭୁ ବିଭୀଷଣଙ୍କୁ କହିଲେ – " ଲଙ୍କେଶ, ଆଜିତ ସମର ସ୍ଥଗିତ ରହିବ ଯୁଦ୍ଧ ଭଳି ମନେ ହେଉଛି।" ବିଭୀଷଣ ପଚାରିଲେ " କାହିଁକି ପ୍ରଭୁ!" ପ୍ରଭୁ କହିଲେ – ଦେଖୁ ନାହାନ୍ତି, ଦକ୍ଷିଣ ଆକାଶ କେମିତି ଗହନ ମେଘାଚ୍ଛନ୍ନ ହୋଇ ଉଠିଲାଣି। ବିଜୁଳୀ ଚମକୁଛି ବାରମ୍ବାର ପ୍ରବଳ । ଆଉ ଘୋର ବଜ୍ରନାଦ ସଦୃଶ ଘଡ଼ଘଡ଼ି ନାଦରେ କେମିତି ଆକାଶ ପବନ ଥରି ଉଠୁଛି। ଯୁଦ୍ଧର ନିୟମ ବିଧି ଅନୁଯାୟୀ ଏ ଯୁଦ୍ଧ ପ୍ରତିକୂଳ ପାଗ ସକାଶେ ସ୍ଥଗିତ ରହିବ, ମନେ ହେଉଛି। "

ବିଭୀଷଣ ମଥାନତ କରି ବିନୀତ କଣ୍ଠରେ କହିଲେ – " ପ୍ରଭୁ, ମୁଁ ବି ଆଜି ସମ୍ରାଟଙ୍କର ଅପୂର୍ବ ସମରସଜ୍ଜା ଦେଖି ବିସ୍ମିତ ହେଉଛି। ଦକ୍ଷିଣରୁ ଆସୁଥିବା ବିରାଟକାୟ ରାକ୍ଷସସେନା ଘନଘୋର ବର୍ଷଣୋନ୍ମୁଖ ମେଘପରି ମନେ ହେଉଛି। ରଥଧ୍ୱଜ ଅଶ୍ୱ ହସ୍ତୀଧ୍ୱଚ, ନାୟକମାନଙ୍କର

ଦଣ୍ଡଧ୍ୱଜ ର ସୁବର୍ଣ ମଣ୍ଡନୀରେ ପ୍ରତିଫଳିତ ସୂର୍ଯକିରଣ ବିଜୁଳୀ–ଚମକ ପରି ମନେ ହେଉଛି। ଆଉ ପ୍ରଖର ବୀରବାଦ୍ୟ ନାଦ କରି ଆଗେଇ ଥିବା ଅଠର ଅକ୍ଷୌହିଣୀ ବାଦ୍ୟକାରଙ୍କର ବାଦ୍ୟନାଦ ବଜ୍ରଘୋଷ ମେଘଗର୍ଜନା ଭଳି ମନେ ହେଉଛି।...ଆଦି ମହାକବି ବାଲ୍ମୀକି ଯାହା ସ୍ମରଣ କରୁଛି କହିଛନ୍ତି – ଶଶୀକରାମ୍ଭୋଧର ମତ୍ତ କୁଞ୍ଜର: । ତଡ଼ିତ୍ ପତାକୋଽଶନିଶବ୍ଦ ମର୍ଦ୍ଦଳ: ...ଆଦିଆଦି ମହାକବି କାଳୀଦାସ ଋତୁସଂହାର ବର୍ଷାବର୍ଣନାରେ ଉଦ୍ଧାର କରିଛନ୍ତି। ...

ମୁଁ "ଭକ୍ତି"ର ମହିମା–କୀର୍ତନ ଅଭିଳାଷରେ ଏ ଆଲେଖ ର ରଚନା ମୋର ମାନବୀୟ କ୍ଷମତାର ସୀମା ଭିତରେ ଓ ପୁସ୍ତକର ନିର୍ଦ୍ଧାରିତ କଳେବର ର ସୀମାରେ କରିବି, ମାତା ଶାରଦା ସରସ୍ୱତୀ କୃପା କରିବୁ ବୋଲି ପ୍ରାର୍ଥନା କରୁଛି।

ତାପରେ ଏକାଦଶ ରୁଦ୍ର ଅବତାର ଅଞ୍ଜନା ଗର୍ଭସମ୍ଭୂତ ଭକ୍ତ ଶିରୋମଣି ହନୁମାନ ବୁଝିବ ବୋଲି ଭୀମସେନଙ୍କୁ କହିଲେ " ଭ୍ରାତ:, ମହାମନା ଲଙ୍କପତି ରାବଣଙ୍କର ପ୍ରଗାଢ଼ ଭକ୍ତି ଓ ଶକ୍ତି ଯାହା ଆଜି ସମ୍ପୂର୍ଣ ପାଣ୍ଡବ କୌରବ ସେନା ର ସମ୍ମୁଖୀନ ଏକାକୀ ହେବା ଏକ ସାମାନ୍ୟ କଥା ଭଳି ମନେ ହେବ। ଆଉ ଆମେ ତ୍ରେତୟାରେ କୃପା ଅକୂପାର ପ୍ରଭୁଙ୍କର ଶ୍ରୀରାମାବତାରରେ ତାଙ୍କ ବିପକ୍ଷରେ ବର୍ଷାଧିକ କାଳ ଯୁଦ୍ଧ କରିଛୁଁ। ମହାମନା ଲଙ୍କେଶଙ୍କର ପ୍ରସଙ୍ଗ ରେ ପ୍ରସିଦ୍ଧ ପୁରାଣବିଦ ଦାର୍ଶନିକ ଔପନ୍ୟାସିକ ପ୍ରଣମ୍ୟ ଆଚାର୍ଯ ଚତୁରସେନ ଶାସ୍ତ୍ରୀ ଆପାତତ: ଏକ ସହସ୍ରପୃଷ୍ଠାର ଉପନ୍ୟାସ "ବୟଂ ରକ୍ଷାମ:" ରଚନା

କରିଛନ୍ତି। ମୁଁ ତାର ଓଡ଼ିଆ ଭାଷାନ୍ତରଣ କରିଛି । (ଓଁକାର ପବ୍ଲିକେଶନ, ଶକ୍ତି ନଗର, କଟକ) ଆଜି ବି ଶ୍ରୀଲଙ୍କାରେ କେତୋଟି ପ୍ରାଚୀନ ମନ୍ଦିର ଅଛି ଯହିଁ ଆରାଧ୍ୟ, ରାବଣ। ତାହା ବାହାରେ ଅନେକ ସ୍ମାରକ ରହିଛି। ମୁଁଏହି ଅଧ୍ୟାୟରେ ଭକତି ଭାବେ ଭୋଳା ରାବଣଙ୍କର ଏକ ପ୍ରସଙ୍ଗ ଆଖ୍ୟାନ ର ଉପସ୍ଥାନା କରିବା ମନ କରିଛି । ଯାହା ଶ୍ୟାମସଖା ଇଚ୍ଛା କରିବେ।

ନୃତ୍ୟ ସଙ୍ଗୀତ, ବାଦ୍ୟ-ବାଦନ ପ୍ରବୀଣ, ଅନବଦ୍ୟ ସାରସ୍ୱତ ସର୍ଜନାକାର, "ରାମେଶ୍ୱରଁ ଆତ୍ମ ନିମଗ୍ନ ତନ୍ମୟ ଭକ୍ତ,ସର୍ବ ଶାସ୍ତ୍ର ଶସ୍ତ୍ର ର ପ୍ରବୀଣ ଧୂରୀଣ ବିଶାରଦ ଲଙ୍କେଶ ରାବଣ ଅଦ୍ୱିତୀୟ। ରାମେଶ୍ୱର ଅର୍ଥାତ୍ "ରାମସ୍ୟ ଈଶ୍ୱର ଯ: ସ: ରାମେଶ୍ୱର" ତଥା " ରାମ ଈଶ୍ୱର ଯସ୍ୟ ସ:ରାମେଶ୍ୱର।" ଦେବାଧିଦେବ ମହାଦେବ ଓ ପୁରୁଷୋତ୍ତମ ଶ୍ରୀରାମ ପରସ୍ପରର ଆରାଧ୍ୟ ଭକ୍ତ। ମହାମନା ଲଙ୍କେଶ ସେହି "ରାମେଶ୍ୱର"ଙ୍କର ପରମ ଭକ୍ତ । ଭକତି ଭାବେ ଭୋଳା ମନସ୍ୱୀ ସିଦ୍ଧ ତପସ୍ୱୀ।ଜନଭାଷା

"ଶ୍ରୀରାମଚରିତ ମାନସ" ଗୋସ୍ୱାମୀ ତୁଳସୀଦାସଙ୍କର କୋସଲି ଭାଷାବର୍ଗର ଜନଭାଷା ଅବଧିର ରଚନା। ରଚନାର ଅନ୍ତରାତ୍ମା "ଭକ୍ତି"। ରାମକଥାର ଆଧାରରେ ଭକ୍ତିର ତନ୍ମୟ ପ୍ରବାହ ପ୍ଲାବିତ "ଭକ୍ତି"ର ମହାକାବ୍ୟ। ମହାମନା ଲଙ୍କେଶଙ୍କ ପ୍ରତି ସମର୍ପିତ ଭକ୍ତି ର ବହୁ ଉପାଖ୍ୟାନ ସେହି ମହାକାବ୍ୟରେ ଗୋସ୍ୱାମୀ ପ୍ରଜ୍ଞାପିତ କରିଛନ୍ତି। ଅନନ୍ତ ଭକ୍ତି ର ଭାବପ୍ରକାଶ କରିବାରେ ଆଉ ଅନେକ କିଛି ଅଭାବ ଅନୁଭବ କରି ଗୋସ୍ୱାମୀ ହୁଏତ ଆପଣାକୁ ଆଶ୍ୱାସିତ କରିଛନ୍ତି - " ପ୍ରଭୁ ଅନନ୍ତ, ପ୍ରଭୁ କଥା ଅନନ୍ତା"।

ମୁଁ ତନ୍ମଧ୍ୟରୁ ଗୋଟିଏ ଉପାଖ୍ୟାନ ଭକ୍ତି ର ଚରମ ନିଦର୍ଶନସ୍ୱରୂପ ପ୍ରଜ୍ଞାପିତ କରିବି. ତାହା ସେହି ବତ୍ସଳ ଅଭୟ ଦାତା ପ୍ରଭୁ ରାମେଶ୍ୱରଙ୍କର ଇଚ୍ଛା। ଦିନେ ଭକତି ସମ୍ମୋହିତ ମହାମନା ଲଙ୍କେଶ କୈଳାଶ ଶିଖରରେ ଉପସ୍ଥିତ ହୋଇ ଦେବାଧିଦେବଙ୍କୁ ମାତା କରୁଣାମୟୀ ନଗାଧିରାଜ ତନୟାଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କରି କହିଲେ - "ପ୍ରଭୁ, ଆପଣଙ୍କର ଏଠାରେ ଏକାନ୍ତ ଶ୍ମଶାନରେ ଦିବସ ରଜନୀ, ଋତୁମାନଙ୍କର ତାଡ଼ନା ସହନ କରି ମୁକ୍ତାକାଶ ତଳେ ରହିଥିବା ମୋତେ ଜମାରୁ ଭଲଲାଗୁ ନାହିଁ। ନିଖିଳ ବିଶ୍ୱର ଅଧୀଶ୍ୱର ଆପଣ, ଏ ଦୀନ ଭାବ କାହିକି ? " ଅନ୍ତର୍ଯାମୀ ରାବଣଙ୍କର ଭାବନା ହୃଦ୍‌ବୋଧ କରି ପଚାରିଲେ - " କଣ ତୁମର ଇଚ୍ଛା!" ତନ୍ମୟ ଭକ୍ତି ର ସମର୍ପିତ ଲଙ୍କେଶ କହିଲେ। " ପ୍ରଭୁ, ମୁଁ ଆପଣମାନଙ୍କ ସକାଶେ ଏକ ସକଳ ଦିଗରୁ ପରିପୂର୍ଣ୍ଣ ସୁବର୍ଣ୍ଣ ପୁରୀ ନିର୍ମାଣ କରିବାର ଇଚ୍ଛାକରିଛି। ସେଥିଲାଗି ଆପଣଙ୍କର ଅନୁମତି କାମନା କରିବାକୁ ଆସିଛି। ପ୍ରଭ ସ୍ମିତହସି କହିଲେ, - "ଠିକ ଅଛି, ଯାହା ତୁମର ଇଚ୍ଛା। " ଭକ୍ତର ଅଭିଳାଷର ବାଧକ

ହେବା ବି ତ ପ୍ରଭୁଙ୍କର ଇଚ୍ଛା ନୁହେଁ? ପ୍ରଭୁଙ୍କର ଅନୁମତି ପ୍ରାପତ ହୋଇ ପ୍ରସନ୍ନ ପ୍ରମୁଦିତ ଚିତ୍‌ତରେ ମହାମନା ଫେରିଆସି ଚିନ୍ତା କଲେ - ସେ ସୁବର୍ଣ୍ଣ ପୁରୀ ସକାଶେ ଯେତେ ସୁବର୍ଣ୍ଣର ଆବଶ୍ୟକତା ରହିଛି, ତାହା ସେ କିପରି ପ୍ରପାତ ହେବେ? ସେତେବେଳେ ଭ୍ରାତା କୁବେରଙ୍କର କୋଷାଗାରରେ ପର୍ଯ୍ୟାପ୍ତ ପରିମାଣରେ ସୁନାଅଛି। ତାକୁ ଧାରସୂତ୍ରରେ ମଗା ଯାଇ ପାରିବ ଓ କୁବେରପୁରୀ ଆସି ସେ ଭ୍ରାତାଙ୍କୁ ସାକ୍ଷାତ କରି କହିଲେ। ମାତ୍ର, କୁବେର କହିଲେ ଭାଇ, ଯେତେ ଇଚ୍ଛା ସେତେ ସୁବର୍ଣ୍ଣ ମୋର କୋଷାଗାରରେ ଅଛି, ମାତ୍ର, ମୁଁ ମାତ୍ର ତାର ରକ୍ଷକ। ଅଧିକାରୀ ନୁହେଁ। ରତ୍ନାକର ଦୁଲଣୀ ମାତା ମହାଲକ୍ଷ୍ମୀଙ୍କର ଅନୁମୋଦନ ବିନା ମୁଁ ତହିଁରୁ କାଣୀ କଉଡ଼ିଟିଏବି କାହାକୁ ଦେଇ ପରିବି ନାହିଁ। ତହିଁରେ କ୍ଷୁବ୍ଧ ହୋଇ ପ୍ରବଳ ପରାକ୍ରମୀ ରାବଣ ଆକ୍ରମଣ କରି କୁବେରପୁରୀ ଜୟକରି ନେବା ଏକ ସାମାନ୍ୟ କଥା । କିନ୍ତୁ, ରାବଣ ତାହା ଇଚ୍ଛା କଲେ ନାହିଁ,କାରଣ ସେ ସୁବର୍ଣ୍ଣ ଏକ ମହତ୍ କାର୍ଯ୍ୟ ସମ୍ପାଦନ ସକାଶେ ଉଦ୍ଦିଷ୍ଟ।

ବିଚିତ୍ର ଅଲୌକିକ ସଙ୍ଗୀତକାର ଗାୟକ ଆଉ କିଛି ଉପାୟ ନ ପାଇ ମନ୍ତ୍ରସିଦ୍ଧ ଗାୟନ ମାଧ୍ୟମରେ ହିମାଦ୍ରୀର ଶୀଳା ଖଣ୍ଡମାନଙ୍କୁ ସୁବର୍ଣ୍ଣରେ ରୂପାନ୍ତରିତ କରିଦେଲେ ଓ ଆପଣା ଶ୍ୱଶୁର ସ୍ଥପତି ଶିଳ୍ପୀ ମୟାସୁରଙ୍କ କଳା କୌଶଳ କାରୀଗରୀ ରେ ଅଚିରେ ସମଗ୍ର ପୁରୀ ର ନିର୍ମାଣ ହୋଇଯିବା ପରେ ଲଙ୍କେଶ ତାହା ଆରାଧ୍ୟଙ୍କୁ ସମର୍ପଣ କରିବା ସକାଶେ ଉପସ୍ଥିତ ହେଲେ । ଦେବାଧିଦେବ ପ୍ରସନ୍ନ ହେଲେ। କହିଲେ - ରାବଣ, ତୁମେ ବ୍ରାହ୍ମଣ, ଅଦ୍ୱିତୀୟ ବିଦ୍ୱାନ କର୍ମକାଣ୍ଡର ପୌରହିତ୍ୟ ମର୍ମଜ୍ଞ। ମୁଁ ତୁମକୁ ପୁରୋହିତ ଭାବରେ ବରଣ କରୁଛି । ତୁମେ ଯଥାବିଧି ପୁରୀର ପ୍ରତିଷ୍ଠା କର୍ମ ସମ୍ପନ୍ନ କର। " ଏହା ନିଶ୍ଚିତ ଭାବରେ ସର୍ବ ଶାସ୍ତ୍ର, କର୍ମର ମୂଳାଧାର ଦେବାଧିଦେବଙ୍କର ସ୍ୱୀକୃତି । ଫଳତ: ନିଷ୍ଠାପର ପୁରୋହିତ ମହାମନା ରାବଣ ଆନନ୍ଦ ପ୍ରମୁଦିତ ହୋଇ କର୍ମ ନିର୍ବାହ ସମାପନ କରିବା ପରେ ପ୍ରଭୁ କହିଲେ - " ହେ ପୁରୋହିତ, ମୁଁ ତୁମକୁ ପୌରହିତ୍ୟ ର ଦକ୍ଷିଣାସ୍ୱରୂପ ଏ ପୁରୀ ସମର୍ପଣ କରୁଛି । ସ୍ୱୀକାର କର । ସେପରି କହି ରାବଣଙ୍କର ହାତରେ ଜଳଦାନ କରି ଶୂନ୍ୟ ବ୍ରହ୍ମକୁ ପ୍ରଣାମ କଲେ।

କହିଲେ - ଲଙ୍କପତି, ମୁଁ ତୁମର ଭକ୍ତି ମୋହିତ ହୋଇ ରହିଛି ଆଉ ଯଦି କିଛି ଅଭିଳାଷ ଥାଏ ମାଗି ନିଅ। ଆମେ ଶାନ୍ତି ସୁଖରେ ରହିଛୁଁ। ମୁଁ ନିଖିଳ ଜଗତର ସର୍ଜନା ବିନାଶ ନିମିଷକରେ କରି ଦେଇ ପାରିବି , ମାତ୍ର ତାହା ଅହେତୁକ ନୁହେଁ।

ମହାମନା ଲଙ୍କେଶ କହିଲେ ପ୍ରଭୁ ମୋର କିଛି ଲୋଡ଼ା ନାହିଁ, ଆପଣଙ୍କର କରୁଣା ବ୍ୟତୀତ। ମୋର ଆରାଧନା ପ୍ରଭୁ ପୂଜାପୀଠରେ ସ୍ୱୟଂ ଆସି ସ୍ୱୀକାର କରିବେ ;

ପ୍ରଭୁ କହିଲେ "ତଥାସ୍ତୁ"। ମାନସରେ ଆଉ ଏକ ଆଖ୍ୟାନ ଅଛି। ଦେବାଧିଦେବଙ୍କ ସ୍ଥାନରେ ତାଙ୍କରି ରୂପରେ ପ୍ରଭୁ ଶ୍ରୀରାମ ନିରାଜନା ସ୍ୱୀକାର କରିବାକୁ ଆସିଥିଲେ । ମାତ୍ର, ତାହା ସର୍ବଜ୍ଞ ରାବଣଙ୍କୁ ଗୋଚର ହେବା ଫଳରେ କରଯୋଡ଼ି ପ୍ରାର୍ଥନା କରିଥିଲେ - "ଲୀଳାମୟ, ମୁଁ ମୋକ୍ଷ ଚାହେଁ। ଆପଣଙ୍କୁ ଅଗୋଚର ନୁହେଁ।" ଆଦିଆଦି

ପୌରହିତ୍ୟର ଦକ୍ଷିଣାସ୍ୱରୂପ ପ୍ରଭୁ-ପ୍ରଦତ୍ତ ସମଗ୍ର ପୁରୀ ବହନ କରି ଆଣି ଲଙ୍କାରେ ପୁନ: ପ୍ରତିଷ୍ଠା କରିଥିଲେ, ଲଙ୍କେଶ, ତାହା ସ୍ୱର୍ଣ୍ଣମୟୀ ଲଙ୍କା।

ଲଙ୍କାରେ ଆପଣାର ସମସ୍ତ କର୍ତ୍ତବ୍ୟ କର୍ମ ସମାପନ କରି ଚଉଦ ବର୍ଷ ପରେ ଜଗତ୍‌ପତି ଶ୍ରୀରାମ, ଏ ଅବତାରର ଜନ୍ମଭୂମି କୁ ବାହୁଡ଼ି ଆସିବାକୁ ଅତୁର ହୋଇଛନ୍ତି। ଭ୍ରାତା ଲକ୍ଷ୍ମଣଙ୍କୁ କହିଛନ୍ତି -

ଅପି ସ୍ୱର୍ଣ୍ଣମୟୀ ଲଙ୍କା ନ ମେ ରୋଚତେ ଲକ୍ଷ୍ମଣ।<br>
ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ ।।

ଏ ଉକ୍ତି ଜନନୀ ଓ ଜନ୍ମଭୂମିପ୍ରତି ମମତା ଜାଗରିତ କରିବାକୁ ଏକ ଶାଶ୍ୱତ ଅନୁପ୍ରେରଣା।

ମହାକବି ପ୍ରଣମ୍ୟ ଗଙ୍ଗାଧର ତାହା ସହିତ ମାତୃଭାଷା କୁ ବି ଗୌରବାନ୍ୱିତ କରି କହିଛନ୍ତି–

"ମାତୃଭୂମି ମାତୃଭାଷାରେ ମମତା ଯା ହୃଦେ ଜନମି ନାହିଁ ।<br>
ତାକୁ ଯଦି ଜ୍ଞାନୀ ଗଣରେ ଗଣିବା ଅଜ୍ଞାନ ରହିବେ କାହିଁ ?

ଏବଂ ଏକ ମଧୁମୟ ବିଶ୍ୱ, ସରସ୍ୱତୀଗନ୍ଧା ମାଟିର ସ୍ୱପ୍ନ ଦେଖିଛନ୍ତି।

ଜୟ ହେଉ, ଭକତି ଭାବେ ଭୋଳା ଆପଣଙ୍କର ଜୟ ହେଉ ...ଜୟହେଉ ...ପୁରୁଷୋତ୍ତମ ଶ୍ୟାମସଖାଙ୍କର, ତାଙ୍କର ପ୍ରିୟତମା ବସୁନ୍ଧରାର......

୦୦୦

୧୦.୭.୨୦୨୨।

|| ୧ ||

## ସଖା ଭାବର ଭୋଳା ଭଗତ

## ଅତ୍ମ ସମର୍ପିତ ତନ୍ମୟ ଭକ୍ତ ଉଦ୍ଧବ

୦

**ଭ**କ୍ତବତ୍ସଳ ଲୀଳାମୟ ପ୍ରତିକଥାର ନିୟାମକ ଜଗତପାଳକ କର୍ତା, ସ୍ରଷ୍ଟା ଶ୍ୟାମସଖା କଣ ଆପଣଙ୍କୁ ଗୋଚର ନୁହେଁ? କହିଥିଲା, ନକହିଲା ଦୁଇ କଥା। ହେ ଅନ୍ତର୍ଯାମୀ, ଏ ନିଖିଳ ବିଶ୍ୱରେ,ପରି କିଛି ଅଛି କି ଯାହା ମଣିମାଙ୍କର ଇଚ୍ଛା ବିନା ଘଟିଥାଏ ? ସଖା, ତମ ବରଗିଲା କର୍ମ ପାଳନ କରୁଛି, ଯେତେ ଦିନ ତମର ବୋଲ ମାନିଥିବାର ଶକତି ଦେବ ? ତାହା ନିର୍ମଳ ଭକତିର ଶକତି। ଦେହର ନୁହେଁ। ମନ କରିଛ ଅନାବିଳ ଅରୂପ ଅଣାକାର "ଭକ୍ତି"ର ପ୍ରଜ୍ଞାପନ ମୁଁ କରିବି ବୋଲି ; ଯାହାର ଆଖି କାନକୁ ଠିକ ଦିଶୁନାଇଁ, ଶୁଭୁନାହିଁ, ଯେତେ ମନେ ଅଛି ତହିଁରୁ ଅଧିକ ଭୁଲିଯାଇଛି। କୌଣସି ଗ୍ରନ୍ଥ ମନ୍ଥନ ସମ୍ଭବ ନୁହେଁ । ଯେତିକି ବୋଧ ଦେଇଛ "ଭକ୍ତି"ର ସେତିକି ଆଉ ତମ କରୁଣାର ଭରସାରେ।

ନବଧା ବିଦିତ ଭକ୍ତି କିଏ କାହାଠାରୁ ଭିନେ କି ? ଦାସ୍ୟର ପରମ ନିବେଦିତ ଭକ୍ତ ଅତୁଳିତ ବଳଧାନ ମାରୁତି ନନ୍ଦନ। ତାହା ସହିତ ଗଭୀର ଆସ୍ଥାବନ୍ତ ଆତ୍ମ ବିଶ୍ୱାସ - ଜୟଶ୍ରୀରାମ ଉଚ୍ଚାରଣ ମାତ୍ରକେ କର୍ମ ସମ୍ପାଦନକୁ ଆଉ ସେମିତି କିଛି ନାହିଁ, ଯାହା ସମ୍ଭବ ନୁହେଁ । କର୍ତା ପ୍ରଭୁ ଶ୍ରୀରମ, ଯାହା ହେଲା, ତାହା ସେ କଲେ। ଗୋସ୍ୱାମୀ ତାଙ୍ଗର ସାଗର ଲଂଘନ କାଳରେ କୃତଜ୍ଞ ଉଚ୍ଚାରଣ କୁ "ଗୋସ୍ପଦି କୃତ ବାରିଧି" ବୋଲି କହିଛନ୍ତି।

ପଂଚସଖାଙ୍କର ଏକାତ୍ମ ସମୂହରେ ଉତ୍କଳୀୟ ଶ୍ରୀମଭାଗବତ ଏକ ମହତ୍ୱପୂର୍ଣ ଅନୁସର୍ଜନା। ଯେତିକି ମନେ ପକେଇ ପାରିବି ତାହା ଉପସ୍ଥାପିତ କରି ବିଦ୍ୱାନ ଅନୁରାଗୀ ପାଠକ-ପାଠିକାଙ୍କୁ ଅନୁରୋଧ କରୁଛି, ଗ୍ରନ୍ଥମନ୍ଥନ କରିନେବେ।

କରୁଣାବିଧାନ, ମଣିମା ଉଦ୍ଧବଙ୍କୁ କହଲେ ନା ? "ଜଳେ ଦ୍ୱାରକା ଯିବ ନାଶ। ଉଦ୍ଧବ ମୋ ସଙ୍ଗତେ ଆସ !" ଉଦ୍ଧବ ଅସ୍ୱୀକାର କରି, କହିଲେ - "ପ୍ରଳୟକାଳରେ ତମର ତ ମାତ୍ର ଏକ ବଟପତ୍ର ଲୋଡ଼ା। ଅବୋଧ ଶିଶୁପରି ଆନନ୍ଦରେ ନିର୍ବସନ ଶୋଇ

ଯେଉଁ ନଖକୋଣରୁ ବିଷ୍ଣୁପଦୀ ଉଦ୍‌ଗମିତ ହୋଇଥିଲେ, ତାର ଅମୃତ ଆସ୍ୱାଦନ ଭୋଳ ହୋଇ ରହିଥିବ। ମୁଁ ମଣିମା ତମ ସାଙ୍ଗରେ ଯାଇ କେଉଁ କ୍ଷେତ୍ରରେ ଆଶ୍ରୟ ନେବି ?" ସଖା ତାପରେ କହିଲ ନା, ତେବେ ମୋର ରତ୍ନ ପାଦୁକା ମସ୍ତକରେ ଧାରଣ କରି ପର୍ଯ୍ୟଟନ କରୁଥିବ, ନିଅ ! "ରତ୍ନପାଦୁକା ଶିରେ ଧରି......... । ଏମନ୍ତ କେତେ ଜନ୍ମ ଅନ୍ତେ। ମିଶିବ ମୋହର ସଙ୍ଗତେ।" ଉଦ୍ଧବ ଉତ୍ତର ଦେଲେ ମୁଁ ତାହା ସ୍ୱୀକାର କରିବି ପଛକେ। କାରଣ, ତୁମେ କଥା ଦେଇ ରଖନାଇଁ। ମୁଁ ମଥୁରାରୁ ଧନୁଯାତରା ପରେପରେ ଫେରିଆସିବି ବୋଲି ଅତୁର କାତର ଶୋକାର୍ତ୍ତା ବ୍ରଜାଙ୍ଗନା ମାନଙ୍କୁ କଥା ଦେଇ, ଏଯାଏଁ ନିଶ୍ଚନ୍ତ ଅଛ ନା ! " ଆଉ ହଠାତ୍ ସ୍ମରଣ କଲ ଭଳି, ଉଦ୍ଧବଙ୍କୁ କହିଲ – " ଥରେ ବ୍ରଜଗୋପ ଯାଇ ଗୋପାଙ୍ଗନାଙ୍କୁ ଭେଟି ଆସନ୍ତ ନାଇଁ?"

ଭକତି ଭାବେ ଭୋଳା ଉଦ୍ଧବ ଆସିଲେ। ଗୋପାଙ୍ଗନାଙ୍କୁ ସାକ୍ଷାତ କଲେ କହିଲେ – ମୁଁ ତୁମମାନଙ୍କୁ ସାକ୍ଷାତ କରି ଦୁ:ଖସୁଖ ଭଲମନ୍ଦ ବୁଝିଆସିବାକୁ ଆସିଲି । କଥା ଦେଇ ତମର ନାଥ ଗୋପୀନାଥ ତ କଥା ରଖିଲେ ନାଇଁ, ଆସିଲେ ନାହିଁ ! " ଗୋପାଙ୍ଗନାମାନେ ହସିହସି କହିଲେ " ଉଦ୍ଧବ, ବ୍ରଜ ନାଗର କୁଆଡ଼େ ତ ଯାଇ ନାହାନ୍ତି, ଉଚ୍ଛଳ ଯମୁନାର ନୀଳ ଢ଼େଉରେ ଅଛନ୍ତି, ସୁବର୍ଣ୍ଣ ବାଲୁକା ତଟରେ, କଦମ୍ବ, କୁଂଜବନରେ ଅଛନ୍ତି । ସେ ତ ଆମର ହୃଦୟରେ ବିରାଜିତ ହୋଇ ରହିଛନ୍ତି। ଆଉ ଗଲେ କୁଆଡ଼େ ବୋଲି କହୁଛ କେମିତି ? " ତାହା ବ୍ରଜ ଗୋପାଙ୍ଗନାଙ୍କର ଅକପଟ, ଅନାବିଳ, ତନ୍ମୟ ପ୍ରୀତି ରୂପ " ଭକ୍ତି "

ସେ ପ୍ରୀତି ଭକ୍ତିର ତୁଳନା ନାହିଁ । ତାହା ଏକ ଆଉ ଅଭିନ୍ନ।

"ଭକ୍ତି"ଶିରୋନାମାନେ ଯେ ପୁସ୍ତିକା ରଚନାର ପୟାସ କରିଛି ତାହା ଭକତି ଭାବେ ଭୋଳା ଗୋପୀନାଥ ଶ୍ୟାମସଖା ସମାପିତ କରିବେ ବୋଲି ପାବନ ଭକ୍ତି ର ଆସ୍ଥାରେ ବିଶ୍ୱାସ କରୁଛି। ...

୦୦୦

୧୨.୭.୨୦୨୨

## ସଖା ଭାବର ଭୋଳା ଭଗତ

## ଅତ୍ମ ସମର୍ପିତ ତନ୍ମୟ ଭକ୍ତ

## ।। ସୁଦାମା ।।

୦

**ସ**ଖା ଭାବର ଭୋଳା ଭଗତ ସୁଦାମା, ସୁବଳ ଆଦି ଗୋପର ବାଳଶ୍ରୀକୃଷ୍ଣଙ୍କର ପରମ ଭକ୍ତ ଥିଲେ। ସେମାନେ ସମସ୍ତେ ଭକ୍ତି ଭୋଳା ବାଳଖିଲ୍ୟର ସହଚର। ପ୍ରବଳ ପ୍ରତାପୀ ଅଥଚ ଅଭିଶପ୍ତ କଂସ ର ଏକମାତ୍ର ଷଡ଼୍‌ଯନ୍ତ୍ର ଓ ବାଳକୃଷ୍ଣଙ୍କର ହତ୍ୟା ହେତୁ ମାୟାବୀ ଦୁର୍ଦ୍ଦାନ୍ତ ଅସୁରମାନଙ୍କର ନିୟୋଜନ, ସମ୍ପୂର୍ଣ ଗୋପ ବ୍ରଜ ଉପବନ ଦହନ କରି ବାଳକୃଷ୍ଣଙ୍କର ଅଗ୍ନିପାନ କରି ଯିବା, ବକା ଶକଟାଦିଙ୍କର ସଂହାର ଅକ୍ଲେଶରେ କରିଯିବା ହେତୁ ସେହି ବାଳକମାନେ ତାଙ୍କୁ ଅମାପ ଶକ୍ତିମନ୍ତ ଈଶ୍ୱର ମନେକରି ସେ ଆମର ରକ୍ଷକ କର୍ତା ବୋଲି ଆସ୍ଥାରେ " ଭକତି" ଭାବରେ ଭୋଳ ମୋହିତ ସମ୍ମୋହିତ ହୋଇ ରହିଥିଲେ। ବାଳକୃଷ୍ଣଙ୍କୁ ମାରିବା ହେତୁ ବିବିଧ ଛଦ୍ମ ରୂପରେ ଆସିଥିବା ପର୍ବତାକାର ରାକ୍ଷସ ଅସୁର ଦୈତ୍ୟମାନଙ୍କୁ ଅନାୟାସ ଚୂର୍ଣିଭୂତ କରି ଦେବାର ଅସାଧାରଣ ଅଲୌକିକ ଶକତିର ଅଧିକାରୀ ବାଳକ ନୁହେଁ, ବାଳକ ରୂପରେ ପରମପୁରୁଷ ଜଗତ୍‌ପାଳକ କର୍ତାବୋଲି କରୁଣାସ୍ୱରୂପ ତାଙ୍କର ବାଲ୍ୟସଖାମାନଙ୍କ ଭିତରେ ଉନ୍ମେଷିତ "ଭକ୍ତି" ର ଭାବ ତନ୍ମୟତାରେ ମୋହିତ ବିଭୋର ଥିଲେ ସୁଦାମା। ପ୍ରଭୁଙ୍କର ଏକାତ୍ମ ସଖା। ତାଙ୍କର ଚରମନିଷ୍ଠା ତଦ୍‌ଗତ ଏକାଗ୍ରତା,ଆତ୍ମାଭିମାନ, ସ୍ୱାଭିମାନ ସତ୍ୟବାଦିତା, ଅହଂଶୂନ୍ୟ ଈର୍ଷ୍ୟା ରହିତ, ଆରାଧନା ଉପାସନାପ୍ରତି ସମର୍ପଣର ଭାବଭୋଳା ସଂସ୍କାର ରେ ଯେମିତି ପ୍ରଭୁ ବି ଭକତି ଭାବେ ଭୋଳା ହୋଇ ରହିଥିଲେ। ପରମ ପ୍ରିୟସଖା ସୁଦାମା। ଅନ୍ତର୍ଯାମୀ।

ସେତେବେଳେ ବାଳକ ସୁଲଭ ଆମୋଦ ଦଧି ଲବଣୀ ଚୋରୀ, ଗୋପାଙ୍ଗନାଙ୍କର ଦଧିଭାଣ୍ଡ ବାଟୁଳୀ ମାରି ଦୂରରୁ ଭାଙ୍ଗି ଦେବା. ବସ୍ତ୍ର ହରଣ, କାଳୀୟ ଦଳନ, ଗୋବର୍ଦ୍ଧନ ଧାରଣ ଆଦିଆଦି ବହୁ ଆଖ୍ୟାନ ଶ୍ରୀମଦ୍‌ଭାଗବତରେ ରହିଛି। ସେହି ବିଚାରରେ ଶ୍ରୀମଦ୍‌ଭାଗବତକୁ ଭକ୍ତି ପ୍ରୀତିର ମହାକାବ୍ୟ ବୋଲି କୁହାଯାଇ ପାରିବ ।

ଭକ୍ତ ଚିନ୍ତକମାନେ କହିଛନ୍ତି ଭାଗବତ ଭାବଗତ ନ ହେଲେ ବୋଧଗମ୍ୟ ହେବନାହିଁ କାରଣ ପ୍ରଭୁ ବୋଧଗମ୍ୟ, ଜ୍ଞାନଗମ୍ୟ ନୁହନ୍ତି । ପରମପୁରୁଷଙ୍କୁ କେନ୍ଦ୍ର କରି ସହସ୍ରାଧିକ ଆଖ୍ୟାନ ଶ୍ରୀମଭାଗବତରେ ରହିଛି ମାତ୍ର ତାର ସୂକ୍ଷ୍ମ ବିଚାରରେ ସେ ତାଙ୍କର ଅବତରିତ ହୋଇଥିବା ଅବଧିରେ ମାତ୍ର ତିନୋଟି କର୍ମ ସମ୍ପାଦନ କରିଛନ୍ତି। ୧.ସଂହାର ୨.ସଂରକ୍ଷଣ ୩. ପ୍ରୀତି ଯାହା ଭକ୍ତି ର ଅଭିନ୍ନ ଏକାତ୍ମ। ସଂହାର କରିବାକୁ ମାତ୍ର ଏକ ବିଶି ଆଙ୍ଗୁଠି ଦରକାର । ସୁଦର୍ଶନ ଆବାହିତ ହେଲେ ତତ୍‌କାଳ ସଂହାର। ସଂରକ୍ଷଣ ତ କେବଳ ଏକ କାଣୀଆଙ୍ଗୁଠିରେ ହୋଇଯିବ, ସପତ ଦିନ ଇନ୍ଦ୍ରକୋପର ପ୍ରବଳ ବର୍ଷା ରେ ଗୋବର୍ଦ୍ଧନ ଧାରଣ। ମାତ୍ର ପ୍ରୀତି ଲାଗି ଦୁଇ ହାତର ଦଶଟି ଯାକ ଆଙ୍ଗୁଠି ଲୋଡ଼ା । କାରଣ ତାଙ୍କର ପ୍ରୀତିର ଆୟୁଧ ବଂଶୀ ଓ ତାର ବାଦନସକାଶେ ଦଶଟି ଯାକ ଆଙ୍ଗୁଠି ଅନିବାର୍ଯ୍ୟ ଲୋଡ଼ାହେବ। ତେଣୁ ସେଇ ଚିନ୍ତକ ତପସ୍ୱୀମାନେ କହିଲେ ସବୁଠାରୁ କଠିଣ ତ ପ୍ରୀତି ଯାହା ଭକ୍ତି ଅଭିନ୍ନ। ଆଉ ଆଶ୍ଲେଷିତ କରି ନେବାକୁ ତ ଦୁଇ ଭୁଜ ର ଉପେକ୍ଷା କରିବା ସମ୍ଭବ ନୁହେଁ । ଭକ୍ତି ଭାବେ ଭୋଳୀ ବ୍ରଜଗୋପାଙ୍ଗନାଙ୍କର ସେ ତନ୍ମୟ ଭାବର ଗାନ ଅଗଣିତ କବି କଣ୍ଠରେ ମୂର୍ଚ୍ଛିତ । ଉତ୍କଳୀୟ କବି ଶ୍ରୀ ଜୟଦେବ, ସୂରସ୍ୱାମୀ, ସ୍ୱାମୀ ହରିଦାସ ଆଦିଆଦି।

ସେଇ ବାଳକ ମେଳିରେ "ସୁଦାମା" କେବଳ ବ୍ରାହ୍ମଣ ଅନ୍ୟମାନେ ପ୍ରାୟତ: ଯାଦବ, ବିଚାର କଲେ ସେମାନେ ଭବିଷ୍ୟତରେ ଆପଣାର କୌଳିକ ବୃତ୍ତିରେ ଜୀବିକା ନିର୍ବାହ କରି ପାରିବେ । ଦୁଧ ଦଧି, ଛେନା ଲବଣୀ ଆଦି ମଥୁରା ବଜାରରେ ବିକ୍ରୟ ବିନିମୟ ସୂତ୍ରରେ। ତାହା ସହିତ କଂସର ଅତ୍ୟାଚାରୀ ଚାହିଦାରେ ଶୁଳ୍କ ସଦୃଶ ମଥୁରା ରାଜପୁରୀର ଦାବୀପୂରଣର ଦାୟ ଥିଲା, ତାର ପ୍ରତିବାଦ ବ୍ରଜ ଗୋପର ବିଦ୍ରୋହ। ତାହା ସହିତ କୈବର୍ତ୍ତ ସମୁଦାୟର ଡଙ୍ଗା ଘାଟ, ଯମୁନା ପାର କରିବାର ମାହାଶୁଲ ଆଦି ବିବିଧ ତାଡ଼ନା, କଂସର ଦୁର୍ମଦ ଅସୁର ରାଜକର୍ମଚାରୀଙ୍କର ଭିନ୍ନ କଥା। ଏହି ପରିପ୍ରେକ୍ଷରେ ସମାଜରେ ବିଦ୍ରୋହା ଆଦି ବିଦ୍ରୋହ ପରିଚାୟକ ବୋଲିକୁହାଯାଇ ପାରିବ ।

ମାତ୍ର, "ସୁଦାମା" ବ୍ରାହ୍ମଣପୁତ୍ର ହୋଇଥିବା ହେତୁ ବ୍ରାହ୍ମଣର ଅନ୍ୟୂନ୍ୟ ପାଳନୀୟ ଷଟ୍‌କର୍ମ "ଅଧ୍ୟୟନ-ଅଧ୍ୟାପନ, ଯଜନ-ଯାଜନ, ଦାନ-ପ୍ରତିଗ୍ରହଣ" କରିବା ବିଧେୟ, ନତୁବା ସମାଜରେ ଶ୍ରେଷ୍ଠତମ କୁଳରେ ଜାତ ପୁରୁଷଭାବେ ଆପଣାର ଧର୍ମ, ମାନ-ସମ୍ମାନ ର ସୁରକ୍ଷା କରିବା କଦାଚିତ୍ ସମ୍ଭବ ହେବନାହିଁ। କର୍ମକାଣ୍ଡ, ଜ୍ୟୋତିଷ. ଆୟୁର୍ବେଦ, ନିତ୍ୟକର୍ମ, ପୂଜା ପଦ୍ଧତି ଆଦିର ଅନ୍ତତ: କିଛି ଏକ ଧାରାରେ ଦକ୍ଷତା ନଥିଲେ ସମାଜରେ ଆଦୃତ ସମ୍ମାନିତ ହେବନାହିଁ। ପରିବାର ପ୍ରତିପୋଷଣ ସକାଶେ ବି କିଛି ଏକ ଦିଗରେ

ଜ୍ଞାନାର୍ଜନ ଆବଶ୍ୟକ। ଆଉ ଯେ ସର୍ବଧାରା ରୀତିଜ୍ଞ ସେ ତଦନୁପାତିକ ଆଦର ସମ୍ମାନର ନିଶ୍ଚିତ ଅଧିକାରୀ ହେବେ, ସ୍ୱାଭାବିକ।

ମାତ୍ର, ବାଳକ ସୁଦାମାଙ୍କର ସେ ସ୍ୱଚ୍ଛଳତା ନଥିଲା। ପିତୃହୀନ। ନିର୍ଦ୍ଧନ ସମ୍ବଳହୀନା ମାତା ଙ୍କ ବ୍ୟତୀତ ଆଉ କେହି ସେପରି ନଥିଲେ । ସେମାନେ ଏକ ସାଧାରଣ କୁଡ଼ିଆରେ ବସବାସ କରି ରହିଥିଲେ । ଦ୍ୱାପରର ସେକାଳର ସମାଜରେ ସମବେଦନା, ସହାନୁଭୂତି, ସାହାଯ୍ୟ ସହଯୋଗ ଆପଣାର କ୍ଷମତାର ସୀମାଭିତରେ ଦେବାସକାଶେ କୁଣ୍ଠା ଗ୍ରାମୀଣ କ୍ଷେତ୍ରମାନଙ୍କରେ ଆପାତତ: ନଥିଲା। ଆଜି ଏ ସମକାଳରେ ବି ପର୍ଯାପ୍ତ ନ ହେଲେ ବି ଜଣକର ବାଇଗଣକୁ ଜଣକର କାକୁଡ଼ି ଆଦି ବିନିମୟର ଆତ୍ମୀୟତା ଉଣା ହୋଇନାହିଁ।

ବାଲଖେଳ ସକାଶେ ବହୁବାର ବାଳକୃଷ୍ଣ ସେହି କୁଡ଼ିଆରେ ପହଂଚି ଏକାତ୍ମ ମିତ୍ର ସୁଦାମାଙ୍କୁ ଡାକି ଆଣୁଥିଲେ । ବ୍ରାହ୍ମଣ ପିଲା, ପୁଅର ଶିକ୍ଷାଦାନର ବ୍ୟବସ୍ଥା କେମିତି କରେଇବେ, ଆହାର ସକାଶେ ସେତିକି ତ ଲୋଡୁଥିଲେ ଯାହା ନିହାତି ଆବଶ୍ୟକ, ଅଭୁକ୍ତ ରହିବେ ନାହିଁ, ଅତିଥି ଉପାସୀ ଫେରି ଯିବନାହିଁ, ମାତ୍ର ସେତିକିରୁ ଅଧିକର ଲାଳସା ତାଙ୍କର ନଥିଲା। ଆରାଧନା ହେତୁ ଏକ ପୀଢ଼ା ଉପରେ ଆସନ ପାରି ଶାଳଗ୍ରାମ ହିଁ ବିରାଜିତ ହୋଇ ରହିଥିଲେ ଓ ଭକତି ଭାବେ ଭୋଳୀ ମାଆ ମନ୍ତ୍ରହୀନ କ୍ରିୟାହୀନ ମୌନ ତୁରୀୟତାରେ ଅପଲକ ଅନେଇ ରହିବାର ଅର୍ନ୍ତଆବେଦନ ଅନ୍ତର୍ଯାମୀ ଘେନା କରୁଥିଲେ ।

(ସନ୍ଥ କବୀରଙ୍କର ବହୁକାଳ ପରେ ପ୍ରଭୁଙ୍କୁ ସେପରି ଏକ ମାଗୁଣୀ ମନେ ପଡୁଛି। – "ସାଇଁ ଇତନା ଦୀଜିଏ ଯାମେ କୁଟୁମ ସମାଏ । ମୈ ଭୂଖୋ ନା ରହୁଁ ସାଧୁ ଭୂଖୋ ନ ଯାଏ")

ମାଆଙ୍କର ସେ ମାଗୁଣୀ ପରମପୁରୁଷ ଜଗତପାଳକଙ୍କୁ ଅଗୋଚର ନୁହେଁ। ସେଦିନ କୁଡ଼ିଆରେ ପହଂଚି କହିଲେ – "ମାଆ, ଯେତିକି ଚାହୁଁଛ ସେତିତି ତ ତମର ଅଛି। ଆଉ ପିତାମାତା ଭାଇ ବଳଦେବଙ୍କ ସହିତ ମୋତେ ମହର୍ଷି ସାନ୍ଦୀପନୀଙ୍କର ଗୁରୁକୁଳ ଆଶ୍ରମକୁ ପଠେଇବାର ଯୋଜନା କରିଛନ୍ତି, ସୁଦାମା ମୋ ସହିତ ଗୁରୁକୁଳ ଆଶ୍ରମ ଅନ୍ତେବାସୀ ଭାବରେ ଅଧ୍ୟୟନ କରିବ। ଏହା ପୁର୍ବ ନିର୍ଦ୍ଧାରିତ। " ସେମାନେ ତିନିହେଁ ନନ୍ଦରାଜାଙ୍କର ବ୍ୟବସ୍ଥାରେ ଗୁରୁକୁଳ ମହର୍ଷି ସାନ୍ଦୀପନୀଙ୍କର ଆଶ୍ରମରେ ଯୋଗ ଦେଲେ । ଭକ୍ତି ଭାବରେ ସମର୍ପିତ ସାଧକ ତପସ୍ୱୀ ସର୍ବଜ୍ଞ ଯୋଗୀ ପ୍ରଭୁ କିଏ ଜାଣନ୍ତି। ମାତ୍ର, ପରମବିନୀତ ବାଳକୃଷ୍ଣ ବିଦ୍ୟାର୍ଥୀ ଭାବରେ ଶ୍ରୀଗୁରୁ ଓ ବତ୍ସଳା ଗୁରୁମାତାଙ୍କର ଅନୁଗତ ବଶଂବଦ ଥିଲେ । ଏଣେ ମାତା ସେମାନଙ୍କର ଗୁରୁକୁଳକୁ ପ୍ରସ୍ଥାନ ପରେ ତାହା ଦେଖି ବିସ୍ମୟ ପୁଲକିତ ହେଲେ ଯେ

ମହାଶୂନ୍ୟ କୁଟୀର ତାଙ୍କର ଅଭିଳାଷାନୁସାରୀ ପରିପୂର୍ଣ୍ଣ ହୋଇ ରହିଥିଲା । ଅକ୍ଷୟ ସେ ପ୍ରଭୁ ଦତ୍ତ ମାତୃସେବା।

ଗୁରୁକୁଳ ଆଶ୍ରମର ସମସ୍ତ ଅନ୍ତେବାସୀ ବିଦ୍ୟାର୍ଥୀ ସମସ୍ତରର, ଅଭେଦୀ, ଅଭିନ୍ନ, ଏକାତ୍ମ ଥିଲେ। ଦୁଇ ଦୁଇ ଜଣ ଏକତ୍ର ପ୍ରତିଦିନ ଆଜି ଗୋସେବା, କାଲି, ଗୋଶାଳା ପରିଷ୍କରଣ, ସମିଧ ସଂଚୟନ ଆଦି କର୍ମ ନିୟୋଜିତ ହେଉଥିଲେ। ସେଦିନ ସମିଧ ସଂଚୟନ ହେତୁ ଶ୍ରୀକୃଷ୍ଣ-ସୁଦାମା ଯିବାବେଳେ କଲ୍ୟାଣୀ ଗୁରୁମାତା ସୁଦାମା କୁ କିଛି ଭଜାଖୁଦ ଦେଇ କହିଲେ - "ଦେଖ, ତମମାନଙ୍କୁ ବଣରେ ଭୋକ ହେଲେ ଦୁହେଁ ଭାଗ କରି ଖାଇନେବ" ଆଉ ତାହା ସୁଦାମା କାନିରେ ବାନ୍ଧି ନିଜ ପାଖରେ ରଖିଥିଲେ । ଅରଣ୍ୟରେ ଅକସ୍ମାତ୍ ମେଘ ଘୋଟି ଆସିଲା ଆନ୍ଧାର ଘେରିଗଲା । ବରଷା ହେଲା। ଦୁହେଁ ଏକ ଗଛକୁ ଚଢ଼ିଯାଇ ପାଖା ପାଖି ଶାଖାରେ ଆଶ୍ରୟ ନେବାବେଳେ ସୁଦାମା ସେ ଭଜାଖୁଦ ଏକାକି ଖାଇବାକୁ ଲାଗିଲେ। କୁଟୁରକୁଟୁର ଚୋବେଇବା ଶବଦ ଶୁଣି କୃଷ୍ଣ ପଚାରିଲେ "ଆରେ କଣ ଚୋବେଇ ଖାଉଛୁ ?" କିନ୍ତୁ ସୁଦାମା ଉତ୍ତର ଦେଲେ "ନାଇଁତ" !

୦୦୦

ଅଧ୍ୟୟନ, ସମାବର୍ତ୍ତନ ଉପରାନ୍ତ ସେମାନେ ଫେରି ଆସିଲେ । ପ୍ରଭୁ ଗୁରୁଦେବଙ୍କୁ "ଦକ୍ଷିଣା"ର ଜିଜ୍ଞାସା କରିବାରୁ ସେ ସାଗରରେ ବୁଡ଼ିଯାଇଥିବା ତାଙ୍କର ପୁତ୍ରର ଉଦ୍ଧାର କରି ଆଣି ଦେବାଙ୍କୁ କହିଲେ । ସେହି ପ୍ରସଙ୍ଗ କ୍ରମରେ ଶଙ୍ଖାସୁରର ସଂହାର, ଆପଣାସକାଶେ "ପଂଚଜନ୍ୟ"ଶଙ୍ଖ ଆଦି ଆଖ୍ୟାନ ଉପାଖ୍ୟାନ ରହିଛି।

ଗୃହପ୍ରବେଶ, ସୁଦାମାଙ୍କର ମାତାଙ୍କର ଦେହାବସାନ, ଏକ ଅସ୍ୱଚ୍ଛଳ ପିତାର ସୁଶୀଳା କନ୍ୟାର ପାଣିଗ୍ରହଣ କରି ଗୃହସ୍ଥାଶ୍ରମରେ କାଳାତିପାତ, ପୁତ୍ରସନ୍ତାନ ଲାଭ ଆଦି ପ୍ରସଙ୍ଗର ଆଖ୍ୟାନ ରହିଛି। ପାରିବାରିକ ସ୍ଥିତି ନିତାନ୍ତ ଅସ୍ୱଚ୍ଛଳ। ତେବେ ପତ୍ନୀ ପ୍ରାୟତ: ଏଇଆଶାରେ କହୁଥିଲେ ଯେ ତାଙ୍କର ସ୍ୱାଭିମାନୀ ପତି ଅନ୍ତତ: ତାଙ୍କର ବାଲ୍ୟସଖା ଦ୍ୱାରକାଧୀଶଙ୍କୁ ସାକ୍ଷାତ କଲେ, ସେ କିଛି ଯାଚନା କରିବେ ନାହିଁ ବି ଯଦି ସୁଖଦୁ:ଖର ଆଳାପରେ ଦ୍ୱକାଧୀଶଙ୍କୁ ଅବଶ୍ୟ ଜ୍ଞାତ ହେବ ଓ ସେ ସମୁଚିତ ବ୍ୟବସ୍ଥା କରିବେ ବୋଲି ପତିଙ୍କୁ କହୁଥିଲେ - ଯଦି ଦ୍ୱାରକାଧୀଶ ତୁମର ଅନ୍ତରଙ୍ଗ ସହାଧ୍ୟାୟୀ ବାଳସଖା, ତୁମେ ଥରେ ଯାଇ ଭେଟି ଆସିବ ନାଇଁ ?" ଉତ୍ତରରେ ସୁଦାମା କହନ୍ତି -"ମୁଁ କଣ ଆମର ଏ କାଙ୍ଗାଳ ଅବସ୍ଥା ହେତୁ, କିଛି ମାଗିବାକୁ ଯିବି ?" ପତ୍ନୀ କହନ୍ତି -" ମୁଁ ମାଗିଯିବାକୁ କହୁନାଇଁ, ଭେଟି ଆସିବାକୁ କହୁଛି ।" " ଖାଲି ହାତରେ ଯିବି ?" "ନା।" କହି ସାଧ୍ୱୀପତ୍ନୀ ବୁଜୁଳାଏ ଭଜାଖୁଦ ଦେଇ ଯିବାକୁ କହିଲେ। ବହୁ ଗୋଚର ଏ ଉପାଖ୍ୟାନ ।

ସମ୍ପ୍ରତି ଏ ପୁସ୍ତକର ସୀମିତ କଳେବର ହେତୁ ସଂକ୍ଷେପରେ କହୁଛି- ସିଂହଦ୍ୱାରରେ ଦ୍ୱାରପାଳର ନିବେଦନହେତୁ ଗଦ୍‌ଗଦ ପ୍ରଭୁ ଦଉଡିଆସି ଆଶ୍ଳେଷିତ କରି ନେବା, ଆସନ ଦେଇ ପାଦ ଧୋଇ ଦେବା, ଅଷ୍ଟପାଟବଂଶୀଙ୍କର ଚକିତ ତନ୍ମୟ ଭାବ ସୁଦାମାଙ୍କର ପ୍ରଦତ୍ତ ଭଜାଖୁଦର ଆସ୍ୱାଦନ ଆଗ୍ରହ, ଅମୃତତୁଲ୍ୟ ତାର ସ୍ୱାଦ। ସୁଦାମା କିଛି ଯାଚନା କଲେନାହିଁ, ପ୍ରଭୁବି ଏକ ଉତ୍‌ତରୀୟ ଦେଇ ବିଦାୟ ଦେବାଛଡ଼ା। କିନ୍ତୁ, କେତେକ ସାରସ୍ୱତ ସର୍ଜନାରେ ଅଛି, ପ୍ରଭୁ ଶଗଡ଼ିଆ ରୂପରେ ସୁଦାମାଙ୍କୁ ତାଙ୍କର ଆବାସ ଯାଏଁ ନେଇଆସି ଫେରି ଥିଲେ। ଆଉ ସୁଦାମା ନିଜର କୁଡ଼ିଆ ଠାଆରେ ଭବ୍ୟ ବିଶାଳ ପ୍ରାସାଦ ଦେଖି ତଥା ଭିତରେ ପୁତ୍ରର ରାଜକୁମାରସଦୃଶ ବେଶ ଭୂଷଣ ଓ ପତ୍ନୀଙ୍କର ଅଷ୍ଟାଳଙ୍କାର ଭୂଡିତା ରାଜରାଣୀ ରୂପରେ ଆସି ସ୍ୱାଗତ କରିବା ଦେଖି ସ୍ତବ୍ଧ ହୋଇଗଲେ । ମାତ୍ର ସେ ପ୍ରବେଶ ନ କରି ସମୀପରେ ଏକ ଝାଟିମାଟି କୁଟୀର ତିଆର କରି ରହିବାକୁ ଲାଗିଲେ । କହିଲେ - " ସଖା, ମୋତେ ଧନହୀନ କରି ରଖିବାର କୃପା କର ! ମୁଁ ତାହାହେଲେ ସଖ୍ୟ ଭାବରେ ତମର ନିରତ ସ୍ମରଣ, କୀର୍ତନ, ବନ୍ଦନ କରୁଥିବି।

ସ୍ମରଣ କରିବେ ମହାଭାରତର ସବୁ ସମାପିତ ହେବାପରେ ପ୍ରଭୁ ଆସି କହିଲେ - "ସବୁ ତ ସରିଛି। ମୁଁ ଏହାପରେ ଦ୍ୱାରକା ଚାଲିଯିବି ଆଉ ଫେରିବିନାହିଁ । ମୋଠାରୁ ଯେ ଯାହା ମାଗି ନେବାର ଇଚ୍ଛା କରୁଛନ୍ତି, ମାଗି ନିଅନ୍ତୁ। ତିନିବାର କହିବା ପରେ ନାରାୟଣସ୍ୱରୂପ ବ୍ୟାସଦେବ ମାଗିଥିଲେ " ସତ୍ୟମ୍ ପରମ୍ ଧୀ ମହୀ" ଓ ତାହା ପରେ ଶ୍ରୀମଭାଗବତର ରଚନା ହୋଇ ଥିଲା । ସେହିପରି ତିନିବାର କହିବା ପରେ ମାତା କୁନ୍ତୀ କହିଥିଲେ - " ଗୋବିନ୍ଦ, ମୁଁ ତୋର ସାତୃସମା ପିଉସୀ। ଯାହା ଦେବାକଥା ମୁଁ ସିନା ଦେବି ? ତେବେ ତୁ କିଏ ମୁଁ ଜାଣିଛି । କହିଲେ -"ବିପଦ ସନ୍ତୁ ଗୋବିନ୍ଦ !" ମୋତେ ବିପଦ ଦେଇଥା, ଯେ ମୁଁ ତୋର ନିରତ ସ୍ମରଣ କରୁଥିବି।" ମୁଁ ଏ "ତିନି" ର ତାତ୍ପର୍ଯ୍ୟ ବୁଝି ନାହିଁ। ତ୍ରିସନ୍ଧ୍ୟା, ତ୍ରିବାର, ତ୍ରିଦେବ ଆଦି । ଲକ୍ଷ୍ମଣ ବି କୁଟୀର ଆଗରେ ଲିନୋଟି ଗାର ପକେଇ ଦେଇ ମାତାଙ୍କୁ ଆକଟ କରି ଯାଇଥିଲେ ଆଦିଆଦି। ବିଦ୍ୱାନ ବିଦଗ୍ଧ ପାଠକ-ପାଠିକା ମୋର, ମୋତେ ବୁଝେଇ ଦେବାର କୃପା କରିବେ, ପ୍ରାର୍ଥନା କରୁଛି। ସବୁରି ମୂଳରେ ସିଦ୍ଧ "ଭକ୍ତି"ର ଅବଚଳ ନିଷ୍ଠା ବୋଲି ଭାବେ ଭୋଳ ହୋଇ କହୁଛି।

୦୦୦

ପ୍ରଭୁ ନିଜର କେହି କିଛି ପ୍ରବଂଚିତ କରି ଖାଇଯିବା ସହନ କରନ୍ତି ନାହିଁ। ଯେଉଁ ଭଜାଖୁଦ ମୁଠାକ ସୁଦାମା ଖାଇଯାଇ ଥିଲେ ସେତିକି ଫେରି ନ ପାଇବାଯାଏ ସେ ଆପଣାର ପ୍ରିୟ ଅଭିନ୍ନାତ୍ମ ସଖାକୁ ବି "କାଙ୍ଗାଳ" କରି ରଖିଦେଇ ଥିଲେ ନା !

ଅପର ପକ୍ଷରେ ପ୍ରଭୁ ନିଜେ କାହାର କାଣିଚାଏ ବି ଖାଇନେଇ ନିର୍ଲିପ୍ତ ନିଶ୍ଚିନ୍ତ ରହନ୍ତି ନାହିଁ । ନିଶ୍ଚିତ ବହୁଗୁଣିତ କରି ଫେରେଇବା ଯାଏ ତାଙ୍କର ତର ନ ଥାଏ। ଏହାପରେ ତାର ଏକ ଦୃଷ୍ଟାନ୍ତ ସ୍ୱରୂପ ଭାଗବତ ଦ୍ୱାରକା ଲୀଳାରୁ ଉପସ୍ଥାପିତ କରି ଏ ଅଧ୍ୟାୟର ଉପସଂହାର କରିବି ବୋଲି ଚିନ୍ତା କରିଛି । ଯାହା ଚିନ୍ତାମଣି ଶ୍ୟାମସଖାଙ୍କର ଇଚ୍ଛା।

ଅଯୋନି ସମ୍ଭୂତା ଲେଲୀହାନ ଯଜ୍ଞ ଶିଖାରୁ ହେ ପରମପୁରୁଷ ତୁମେଇ ସମ୍ଭବିତ କରିଥିଲ ତମର ଅପ୍ରାକୃତ ପ୍ରୀତିର ନିଦର୍ଶନ ଯାଜ୍ଞସେନୀ କୃଷ୍ଣା ଦ୍ରୌପଦୀଙ୍କୁ? ତୁମର ଆବାହନ କ୍ରମରେ ସେ ଦ୍ୱାରକାର ମହନୀୟା ଅତିଥି। ପ୍ରଭୁ, ମଣିମା ଓ ସେ ଏକ ଓ ଅଭିନ୍ନ! ପ୍ରଭୁ ତାଙ୍କର ଦ୍ୱାରକାର ପ୍ରମୋଦ ଉଦ୍ୟାନରେ ପାଖରେ ବସେଇ ନିଜେ ଆମ୍ବ କାଟିକାଟି ପରଷି ନୁହେଁ ଖୁଏଇ ଦେଉଥିଲେ ଓ ଜାଣିଜାଣି ଆଙ୍ଗୁଠି କାଟିଦେଲେ । ଘେରି ରହି ଈର୍ଷିତା ଅଷ୍ଟ ପାଟବଂଶୀ ରହିଥିଲେ ଓ ସେମାନେ ରାଜବୈଦ୍ୟଙ୍କୁ ସୂଚନା ଦେବାକୁ ଓ କିଛି ପ୍ରାଥମିକ ଲେପନର ବ୍ୟବସ୍ଥା କରିବାକୁ ପ୍ରାସାଦକୁ ଚାଲିଗଲେ । କିନ୍ତୁ, କିଛି ନପାଇ ଫେରି ଆସିଲା ବେଳକୁ ପ୍ରଭୁ କହିଲେ "ତମେମାନେ ଚିନ୍ତା କରନାହିଁ। ରକ୍ତକ୍ଷରଣ ବନ୍ଦ ହୋଇ ସାରିଛି। ମୋର କିନ୍ତୁ ଦୁଃଖ ଯେ ସଖୀ ତାଙ୍କର ବହୁମୂଲ୍ୟ ପୀତାମ୍ବରୀ ପାଟ ଚିରି ଦେଇ ମୋର ଆଙ୍ଗୁଠିରେ ବାନ୍ଧି ଦେଇଛନ୍ତି। ସବୁଠିକ ହୋଇ ଯାଇଛି ଏଇନେ ଆଉ କିଛି ଦରକାର ନାହିଁ।

କାନି ପଣତର ସେଇ ଟିକକ ସକାଶେ ପ୍ରଭୁ ନିଶ୍ଚିନ୍ତ ନିର୍ଲିପ୍ତ ହୋଇ ରହି ନାହାନ୍ତି। ତାର ବଦଳରେ କୁରୁସଭାରେ କୋଟିବସ୍ତ୍ର ଦେଇ ପ୍ରିୟତମାର ଲଜ୍ଜା ନିବାରଣ କରି ଥିଲେ ନା?

ହେ ଭକ୍ତ ବତ୍ସଳ କୃପା ଅକୂପାର! ଏ ସମକାଳ ଯାହା ଘଟିଚାଲିଛି ନିଶ୍ଚିତ ନାଶ ଯିବ। ରକ୍ଷାକର, ଉଦ୍ଧାର କର ମଣିମା...ତ୍ରାହୀ ତ୍ରାହୀ ......

୦୦୦

କବି କୁଟୀର

୧୬.୭.୨୦୨୨

# ମାଆ କୋଳଠାରୁ

୦

## ସ୍ମାରିକା

**ଅ**କ୍ଷୟ ତୃତୀୟ ୨୦୧୦ ଦିନ ପ୍ରିୟ ସୁହୃଦ୍ ଶ୍ରୀ ରାଜେନ୍ଦ୍ରକୁମାର ମହାନ୍ତି ମୂଳ ଗବେଷଣା ବିଶ୍ଳେଷଣର ଓଡ଼ିଆ ଗ୍ରନ୍ଥ **"ତନ୍ତ୍ର ଶିରୋମଣି ଶ୍ରୀଜଗନ୍ନାଥ"**ର ମତ୍‌କୃତ ହିନ୍ଦୀ ଭାଷାନ୍ତରଣ (ପ୍ରକାଶକ ମହାବୀର ପ୍ରକାଶନ, ଭୁବନେଶ୍ୱର) ଶ୍ରୀମନ୍ଦିରରେ ପରମପୁରୁଷ ଜଗତ୍‌ପାଳକ କର୍ତା ଶ୍ରୀ ଜଗନ୍ନାଥଙ୍କୁ ସମର୍ପିତ କରି ପରମ ଭୈରବୀ ମାତା ବିମଳା ଙ୍କୁ ପୁନରାର୍ପିତ କରିବି ବୋଲି ମୋର ଏକାନ୍ତ ସଂଚିତ କାମନା ହେତୁ ମୁଁ ଆତୁର ଥିଲି ।

ସେଦିନ ଜଗବନ୍ଧୁଙ୍କର ସମର୍ପିତ ଭଗତ ଭକ୍ତଦାସ ଶ୍ରୀ ପୀତବାସ ରାଉତରାୟ ପ୍ରତିବର୍ଷ ଅନନ୍ୟ ଜଗନ୍ନାଥ ସଂସ୍ଥାନ କର୍ତ୍ତୃକ ଆପଣାର ମହାବୀର ପ୍ରକାଶନ ମାଧ୍ୟମରେ ଯେଉଁ ସଂକଳନ ପ୍ରକାଶ କରି ରଥାରୂଢ଼ ପ୍ରଭୁଙ୍କୁ ନୈବେଦ୍ୟାର୍ପିତ କରିଥାଆନ୍ତି, ତାର ସଂକଳ୍ପ ଶୁଭାରମ୍ଭ ହେତୁ ଅକ୍ଷୟ ତୃତୀୟା ଦିନ ଏକ ବିପୁଳ ଭବ୍ୟ ଆୟୋଜନ କରିଥାଆନ୍ତି। ସେହି ବର୍ଷର ସମର୍ପଣ ଯୋଜନାରେ, ସଂକଳନର ନାମକରଣ ତଥା ବିବିଧ କଥା ସ୍ଥିର ନିଶ୍ଚିତ ହୋଇଥାଏ। ରାଜେନ୍ଦ୍ରବାବୁ ସେହି ଲୋକାର୍ପଣ ସମାବେଶରେ **"ତନ୍ତ୍ର ଶିରାମଣି"** ଉନ୍ମୋଚନ କରେଇବାର ବିଚାର କରି ଥିଲେ । ମୁଁ କହିଲି "ମୁଁ ଦେବାର୍ପଣର ବିଶ୍ୱାସୀ, ଲୋକାର୍ପଣ ନୁହେଁ।" ଏବଂ ପୀତବାସ ବାବୁଙ୍କୁ କହି ଆସିଲି "ଆମେମାନେ ଫେରିଲା ବାଟରେ ପ୍ରାୟ ସନ୍ଧ୍ୟା ସାତଟା ବେଳକୁ ଏ ପ୍ରେକ୍ଷାଗାରରେ ଉପସ୍ଥିତ ହେବୁଁ।" ସେ ରାଜି ହେଲେ।

ପ୍ରଥମ କଥାହେଲା, ଅକ୍ଷୟତୃତୀୟ ଆମର ପରିଣୟ ତିଥି ୧୯୬୧ ରୁ ୨୦୧୦ ପର୍ଯ୍ୟନ୍ତ କରତା-ଡୋରୀ ଆମକୁ ଟାଣି ନଥିଲା । ଆମେ ପତି-ପତ୍ନୀ ଆକୁଳ ବ୍ୟାକୁଳ ଥିଲୁଁ। ଆମ ସାଙ୍ଗରେ ବାଳୁତ କୁମର ସାନ ନାତି "କନୁ" (ଋଷଭ) ଥିଲା। ରାଜେନ୍ଦ୍ରବାବୁ ଆପଣା ଗାଡ଼ି ନିଜେ ଚଳେଇ ନେବାକୁ ପ୍ରସ୍ତୁତ ହେଲେ । ପୂର୍ବଦିନ ଖବରପାଇ ରାଜେନ୍ଦ୍ର ବାବୁଙ୍କର ପ୍ରିୟତମ ଛାତ୍ର ଓ ମୋ ହାତରେ ଗ୍ରନ୍ଥର ଭାଷାନ୍ତରଣ କରେଇଥିବା ପୁତ୍ରପ୍ରତିମ ରାଜେନ୍ଦ୍ର ଶର୍ମା ତାଙ୍କର ପୁଅଝିଅଙ୍କୁ ସାଙ୍ଗରେ ନେଇ ନିଜ ଗାଡ଼ିରେ ପହଂଚିଥିଲେ। ତାହା

ସହିତ ଗାଡ଼ିର ଚଳାକ। ପୁରୀ, ଭୁବନେଶ୍ବର, କଟକରେ ଗ୍ରନ୍ଥର ଅନୁବାଦ ହୋଇ ପାରି ନଥିବାରୁ ମୁଁ କରିଥିବା ଭାଷାନ୍ତରଣ କୁ ଉଭୟ ରାଜେନ୍ଦ୍ର ବିଭୁକୃପା ବୋଲି ମନେ କରୁଥିଲେ। ମୁଁ କହୁଛି, "ମୁଁ ତାହା କରିନାହିଁ, ଯାହା କରିଛନ୍ତି ଜଗତ କରତା ପାଳକ କରୁଣାବରୁଣାଳୟ "ଶ୍ୟାମସଖା" କରିଛନ୍ତି। ମୋର ଗର୍ବ ଯେ ତାହା ମୋ ନାମରେ ପ୍ରଜ୍ଞାପିତ ହୋଇଛି।

ତାହା ବି ମାତୃକୃପା । ବିଦ୍ୱାନ, ବୋଧଦର୍ଶୀ ପୁତୁରା ଶଶୀଭୂଷଣ ପୁରୋହିତ ବି ରାଜେନ୍ଦ୍ର ବାବୁଙ୍କର ଛାତ୍ର। କଲ୍ୟାଣୀୟ ଶଶୀ ଭୂଷଣର ପ୍ରତିଷ୍ଠିତ ତୁଳସୀନଗରରେ ସର୍ବାର୍ତିହାରିଣୀ ମାତା ଭଗବତୀ ମନ୍ଦିରରେ ରାଜେନ୍ଦ୍ର ବାବୁ ମୋର ପୌରହିତ୍ୟରେ ସେହି "ତନ୍ତ୍ର ଶିରୋମଣି"ର ତାତ୍ୱିକତା ପ୍ରସଙ୍ଗରେ କହିବେ ବୋଲି ସମାବେଶ ଆୟୋଜିତ ହୋଇଥିଲା । ସେତେବେଳେ ଏ ଭାଷାନ୍ତରଣ ସକାଶେ ତାଙ୍କର ଅନୁରୋଧ ହଠାତ୍ ରକ୍ଷାକରିବା ମୋ ପକ୍ଷରେ ସହଜ ନଥିଲା, କାରଣ ପୂର୍ବର ଅନେକ ପ୍ରୟାସ ସଫଳ ହୋଇନଥିଲା। ସଭା ଚାଲିଛି ମୋର ମନେହେଲା ଯେମିତି ମାଆ କହୁଛି " ମନା କରୁଛୁ କାହିଁକି ? ହଁ କର, ମୁଁ ବି ତୋର ସାଙ୍ଗରେ ଥିବି । ଜଗତପାଳକ ପରମପୁରୁଷ ତୋର ଶ୍ୟାମସଖାଙ୍କର କରୁଣା ବି ତ ଊଣା ହେବନାହି ?" ଆଉ ମୁଁ ସ୍ୱୀକାର କଲି।

୨୦୧୦ ଅକ୍ଷୟ ତୃତୀୟା, ଆଠଲକ୍ଷାଧିକ ଭକ୍ତ ସମାବେଶ। ପ୍ରଖର କଟକଣା। ରାଜେନ୍ଦ୍ରବାବୁ ମୂଳତ: ପଦାର୍ଥ ବିଜ୍ଞାନ ଅଧ୍ୟାପକ ରାଜେନ୍ଦ୍ର କଲେଜରେ ଥିଲେ, ପ୍ରଶାସନିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସମ୍ବଲପୁର ତହସିଲଦାର। ଶ୍ରୀମନ୍ଦିର ଦେବୋତ୍ତର ଅଧିକାରୀ, ଭାପ୍ରସେ ଭାବରେ କେନ୍ଦୁଝର ଜିଲ୍ଲାପାଳ ରୂପରେ ଯୋଗ ନ ଦେଇ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଦ୍ୱାନ ଭଗବତ୍‌ପ୍ରେମୀ ବିଭୁଲୀନ ଜାନକୀବଲ୍ଲଭ ପଟ୍ଟନାୟକଙ୍କୁ ଭେଟି " ମୋତେ ଚପରାଶୀ କରି ଦିଅନ୍ତୁ ପଛକେ ଶ୍ରୀମନ୍ଦିର ପ୍ରଭୁସେବାରୁ ବଂଚିତ କରନ୍ତୁ ନାହିଁ " କହିବା ଫଳରେ ମୋର ପ୍ରିୟସୁହୃଦ୍ ଜାନକୀବାବୁ, ସେ ଆବେଗ ଅନୁଭବ କରି ଶ୍ରୀମନ୍ଦିର ଦେବୋତ୍ତର ଅଧିକାରୀ ପଦ ଭାପ୍ରସେ କରି ରାଜେନ୍ଦ୍ର କୁମାର ମହାନ୍ତି ସେହି ପଦବୀରେ ସେବାନିବୃତ୍ତ ହେବାଯାଏଁ ରହିବେ ବୋଲି ଆଦେଶ କରିଦେଲେ। ରାଜେନ୍ଦ୍ରବାବୁ ପରୋପକାରୀ,ସବୁରି ପ୍ରିୟ, ନିରାଡମ୍ବର ଅହଂଶୂନ୍ୟ ବ୍ୟକ୍ତିତ୍ୱ ର ଅଧିକାରୀ।

ମୁଁ ମୋର ଇଚ୍ଛା ପ୍ରକାଶ କରୁଥିବା ବେଳେ ସେ କେବଳ ତାହା ଅଙ୍ଗୀକାର କରି ଚାଲିଥିଲେ।

ବାଟରେ ସୁରକ୍ଷା କର୍ମୀ ଭାବରେ ପଦସ୍ଥ ପୁଲିସ ଅଧିକାରୀ ଙ୍କଠାରୁ ଆରମ୍ଭ କରି ପ୍ଲାଟୁନ ପ୍ଲାଟୁନ ବ୍ୟବସ୍ଥିତ କର୍ମୀ ରହିଥିଲେ । ଅନେକେ ରାଜେନ୍ଦ୍ରବାବୁଙ୍କୁ ଜାଣିଥିବାରୁ ଆମର ଆଗପଛ ହୋଇ ଦୁଇଟି ଯାକ ଗାଡ଼ି ଆପାତତ: ଅବାଧରେ ମାଆ ବାଟମଙ୍ଗଳାଙ୍କର

ପୀଠ ପାଖରେ ପହଂଚିଲାରୁ ମୁଁ ଅଟକେଇ ପାଖରେ ଥିବା ନଳରେ ଗୋଡ଼ ହାତ ଧୋଇ ଦୁଇଖଣ୍ଡ ବହି ନେଇ "ଆମେ ମାଆର ଅନୁମତି ନେଇ ଶ୍ରୀକ୍ଷେତ୍ର ପ୍ରବେଶ କରିବା"କହି ଭିତରେ ଯାଇ ମୁଣ୍ଡିଆ ମାରି ବହି ମାତାର ଚରଣାର୍ପିତ କରିବା ପରେ ଆମକୁ ଚକିତ ପ୍ରମୁଦିତ କରି ମାଆର ମଣ୍ଡନୀର ଦୟଣା ଝରଝର ଝରି ଆସିଲା । ତାହା ସହିତ ତାର ମଥାର ଶ୍ୱେତ ମନ୍ଦାର। ପୂଜାହାରୀଙ୍କୁ ଦକ୍ଷିଣା ଦେଇ ଆମେ ଖୁଶୀରେ ବାହାରିଆସିଲୁଁ । ମୁଁ ମାଆର ସ୍ୱୀକୃତି ଅନୁମତି ପ୍ରାପ୍ତ ସିନ୍ଦୂର ଚର୍ଚ୍ଚିତ ବହି ଦୁଇଖଣ୍ଡ ଦୟଣା, ସେ ଶ୍ୱେତମନ୍ଦାର ଫୁଲ ନେଇ ସାଙ୍ଗରେ ଯତନରେ ନେଇଥିବା ଏକ କାଗଜ ଥଳୀରେ ଗୁଡ଼େଇ ଆପଣା ପାଖରେ ରଖି ପାଖକୁ ଲାଗି ରହିଥିବା ବରଗଛ ମୂଳ ନାକସାହୁଙ୍କ ଦେକାନରୁ ଜଳହୀନ ଖାଂଟି ଦୁଧଚା, ବରା ଖାଇବା ଭିତରେ ଜାଣିବାକୁ ପାଇଲୁଁ ଡାକ୍ତରଖାନା ଛକ ଆଗକୁ ଆଉ ଗାଡ଼ି ଛାଡ଼ିବେ ନାଇଁ । ଜେଲ ପରେ ଯେ ଖାଲି ଠାଆଟି ଅଛି ସେଇଠି ଗାଡି ନେଇ ରଖିଦେଇ ଯିବାକୁ ହେବ। ମାତ୍ର, ତାହା ନୁହେଁ । ରାଜେନ୍ଦ୍ର ବାବୁ ତାଙ୍କର ଜଣେ ଡିଏସ୍‌ପି ସାଙ୍ଗଙ୍କୁ ଫୋନ କଲେ, ଯେ ପ୍ରତିକଥାରେ ସୁବିଧା କରିବେବେ ବୋଲି କଥା ଦେଇଥିଲେ ଓ ସେ ମଧ୍ୟ ପ୍ରଖର ଆକଟ କଟକଣାରେ ଛନ୍ଦି ହୋଇ ରହିଥିଲେ ଓ ଫୋନରେ ତାଙ୍କର ତାଙ୍କ ସହିତ ଯାହା କଥା ଦେଲା ତଦନୁସାରେ ସବୁ ଜାଣି ରାଜେନ୍ଦ୍ରବାକୁ କହିଲେ ଚାଲନ୍ତୁ । ଓ ଆମେ ଆସି ଦେଖିଲୁଁ ଡାକ୍ତରଖାନା ଲଗାଲଗି ଏକ ବିରାଟ ପଡ଼ିଆରେ ପୁରୀ ପୌରପରିଷଦ ପକ୍ଷରୁ ଗାଡ଼ି ପାର୍କିର ବନ୍ଦୋବସ୍ତ ହୋଇଛି । ତାକୁ ଲାଗି ଭିତରେ ବାହାରେ ଅନୁମତିପ୍ରାପ୍ତ ଚା'ଜଳଖିଆ ଦୋକାନ ଖୋଲା ହୋଇଛି। ମାତ୍ର, ରାଜେନ୍ଦ୍ର ବାବୁ ଯେପରି ସ୍ଥିର କରିଥିଲେ ; ଡାକ୍ତରଖାନା ସାମନା ଗଳୀରେ ଗାଡ଼ି ନେଇ ବାହାରେ ବାହରେ ତଟରକ୍ଷକ ମାରୁତିନନ୍ଦନଙ୍କର ଗୁମୁଟୀ ମନ୍ଦିର ପରେପରେ ଡାହାଣକୁ ବାଟକାଟି ଗଳୀରେ ପ୍ରବେଶ କରି ଆସିବା ପରେ ରାଜେନ୍ଦ୍ରବାବୁଙ୍କୁ ଅତି ଭଲଭାବରେ ଜାଣିଥିଲେ ବି ସୁରକ୍ଷା ଅଧିକାରୀମାନେ ଗଳୀରେ ଗାଡ଼ି କଡ଼େଇ ରଖି ଛକରୁ ଚାଲିଚାଲି ଯିବାକୁ କହିଲେ । କିଛି ଦୂରବାଟ ନୁହେଁ। କଣିକିଆ ପାଦ ଦୋକାନ ଖୋଲା ଥିଲା ମୁଁ ମୋର ଦଶଖଣ୍ଡ ପାନ ନେଇ। ନାତିନାତୁଣୀ ଛଡ଼ା ବାକିମାନେ ଭଲ ଚା'କରେଇ ଖାଇ ଚାଲିଚାଲି ମନ୍ଦିର ପଟକୁ ଆଗେଇଲୁଁ। ଆମାନଙ୍କର ଯୋତା କାଉଂଟରରେ ଏକାଠି ରଖେଇ ନମ୍ବର ଟିଣଚକୀ ନେଇଆସି ମନ୍ଦିରକୁ ଗଲାବେଳେ ବାଆଁ ପଟର ଦେବୋତ୍ତର ଆଉ ଲୋକସମ୍ପର୍କ ବିଭାଗର କର୍ତାମାନେ ରାଜେନ୍ଦ୍ରବାବୁଙ୍କୁ ଚିହ୍ନି ଭିତରକୁ ଡାକିଲେ ଆଉ ସେମାନେ ଆଗରୁ ସାଇତି ରଖିଥିବା ପଇଡ଼ ଆଉ ମୃଦୁ ପାନୀୟ ଯେ ଯାହା ଇଚ୍ଛାକଲା ଦେଇ ଆପ୍ୟାୟିତ କରିବା ପରେ ମୁଁ ରାଜେନ୍ଦ୍ରବାବୁଙ୍କୁ କହିଲି "ବାହାରେ ଆଉ ରହିବା କାହିଁକି, ବରଂ ଆମର ଭିତରକୁ ଯିବା ଠିକ ହେବ।" ସେତେବେଳେ ଦେଖିଲା ବେଳକୁ ସେ ପୁସ୍ତକ ଦୁଇଖଣ୍ଡର

କାଗଜ ମୁଣି ପାଇଲି ନାହିଁ। କେଜାଣି କିପରି ସ୍ମରଣ କରି ନାତି "କନୁ"କୁ, " ମୁଁ ତୋତେ ଧରେଇ ଦେଇଥିଲି ଆଉ ତୁ କୁଆଡ଼େ ଫୋପାଡ଼ି ଦେଇଛୁ"ଏବଂ ସେ ଯେତେଯେତେ "ନାହିଁ ନାହିଁ "କରୁଥାଏ ମୁଁ ସେତେସେତେ ରାଗି ତା'ଉପରକୁ ଗାଳି ବରଷେଇ ଚାଲିଥାଏ। ରାଜେନ୍ଦ୍ର ବାବୁ କହିଲେ, "ମୋ ପାଖରେ ବହି ଆଉ ଅଛି ଚିନ୍ତା କାହିଁକି କରୁଛନ୍ତି ?" ମୁଁ ଖାଲି ପଚାରିଲି - "ତାହା ସହିତ ମାଆ ବାଟମଙ୍ଗଳାର ଆଶୀର୍ବାଦୀ ସିନ୍ଦୂର ଦୟଣା ବି ଅଛି କି ?" ସେ କିଛି କହି ନପାରି ନିର୍ବାକ ରହିଗଲେ। ଆଉ ମୋ ଆଖିରୁ ଆପଣାଛାଏଁ ଲୁହ ଝରି ଆସିଲା । ସେତେବେଳେ ସେ ଶୂନ୍ୟଶବଦ ସ୍ପଷ୍ଟ ଶୁଣିଲି - ମୋତେ କଅଁଳ କ୍ରୋଧରେ ମାଆ କହୁଛି - " ସେ ପିଲାଟା ଉପରେ ବିଗଡ଼ୁଛୁ କାହିଁକି। ମୋତେ ଧରେଇ ଦେଇ ଦେଖୁଥିବୁ ମାଆ ବୋଲି କହି ଦେଇ ଗଲୁ ଯେ ମୁଁ ସେତେବେଳୁ ସେ ପୁଡ଼ା ଦେଖୁଛି । ଆ, ନେଇଯା!" ମୋର ମନେ ପଡ଼ିଲା ସେତେବେଳେ ଆମେ,ସେ ପାନ ଦୋକାନରେ ପାନ ନେଲାବେଳେ ବସିଲା ମାଆ **କାକୁଡ଼ୀଖାଇ** ର ବାଡ଼ ଉପରେ ସେ ବହି ପୁଡ଼ା ଥୋଇ ଦେଇ "ଦେଖୁଥିବୁ ମାଆ" ବୋଲି କହି ଆସିବା ବେଳେ ତାହା ଆଣିବାକୁ ଭୁଲି ଯାଇଛି।

ଶ୍ରୀମତୀଙ୍କୁ କହିଆସିଲି-"ମୁଁ ବହି ଆଣିବାକୁ ଯାଉଛି !" ସେ ପଚାରିଲେ କୋଉଠିକୁ ?" କହିଲି "ମାଆ ରଖିଛି!" ଖାଲି ପାଦ, କି ନିଆଁଭଳି ତାତି ପିଚୁ ରାସ୍ତାର! ମାଆ ପାଖକୁ ଦଉଡ଼ି ଆସିଲି। ଥଳୀ ସେମିତି ଥାଏ। ମୁଣି ଆଣି ମାଆକୁ ମୁଣ୍ଡିଆ ମାରି " ଯାଉଛି ମା! ତୋର ଦୟା?" କହି ଆସିଲି।

ରାଜେନ୍ଦ୍ର ବାବୁ "ଭରତ" ପୂଜାପଣ୍ଡାଙ୍କୁ କହିଥିଲେ । ସେ ତାଙ୍କର ଅମଳର । ରାଜେନ୍ଦ୍ର ବାବୁଙ୍କର ପ୍ରାୟ ଦପ୍ତର ନଥିଲାଭଳି କହିଲେ ଚଳେ । ଶ୍ରୀ ମନ୍ଦିରକୁ ପ୍ରବେଶର ଉତ୍ତର ପାହଚରେ ଖାଲି ଗଂଜୀ ଗାମୁଛାରେ ବସି କାର୍ଯାଳୟର ଫାଇଲ ଉପରକୁ ଟେକି ମଣିମା ସାଆନ୍ତ କୁ ଦେଖେଇ ଦସ୍ତଖତ କରି ଦେବା ଆଉ ଠକୁଥିଲେ ଭୋଗିବ ବୋଲି ପରମ ଆସ୍ଥାରେ କହିଦେବା ମଣିଷଟିଏ ସେ । ପଣ୍ଡା ପଡ଼ିଆରୀ ସେବକ ସୁଆର ମହାସୁଆର ସବୁରି ତାଙ୍କ ପ୍ରତି ଶ୍ରଦ୍ଧା ସମ୍ମାନ। ଆମେ ମନ୍ଦିର ବେଢ଼ାରେ ଥିଲା ବେଳେ ବି ମୁଁ ତାହା ଅନୁଭବ କରିଛି।

ଅକ୍ଷୟ ତୃତୀୟାର ଦର୍ଶନାର୍ଥୀ ଧାଡ଼ିବାନ୍ଧି ଯାଉ ଥାଆନ୍ତି । ଛାଟିଆ ବେତର ମୃଦୁ ପାହାରରେ ବଡ଼ବଡ଼ କୁହାଟ ଛାଡୁଥିବା ବେଳେ ମୁଁ ରାଜେନ୍ଦ୍ର ବାବୁ ଆଉ ଶ୍ରୀମତୀ ଗୋଟାଏ କୋଣକୁ ଯୋଡ଼ହସ୍ତରେ ଠିଆ ହୋଇ ଅନେଇଥାଉଁ। ପୂଜାପଣ୍ଡା ସେଇ ରତ୍ନବେଦୀରେ ବିଜେ ପରମ ଭୈରବଙ୍କୁ ପୁସ୍ତକ ଦୁଇଟି ଅରପି ଦେଇ ମାତା ପରମ ଭୈରବୀଙ୍କୁ ପୁନରାର୍ପିତ

କରି ପ୍ରଭୁର ବକ୍ଷଶୋଭୀ ତୁଳସୀ ମାଳା ସହିତ ବଢ଼େଇ ଦେଲେ। ଆଉ ଆମେ ବାହାରି ଆସିଲୁ । ରାଜେନ୍ଦ୍ର ଆଉ ତାଙ୍କର ଝିଅପୁଅ, କନୁ ସହିତ ଦରଶନ କରି ଆସିଥିଲେ ।

ସେଦିନ ଆନନ୍ଦ ବଜାରକୁ ମହାପ୍ରସାଦ ଆସିବା ଦେରୀ ଥିଲା। ଆମ ସକାଶେ ପୂଜାପଣ୍ଡା ତୃତୀୟା ଆଡ଼ପ ଖେଚୁଡ଼ୀର ବ୍ୟବସ୍ଥା କରି ଦେଇଥିଲେ । କଟା ପଣଶ ସରସର ଲୁଣୀ ଖେଚୁଡ଼ିର କି ଦିବ୍ୟ ସ୍ୱାଦ! ରାଜେନ୍ଦ୍ରବାବୁ ସବୁରି ସକାଶେ ଶୁଖା ଭୋଗ, ନିର୍ମାଲ୍ୟ ଅଣେଇ ଦେଇଥିଲେ ପୀତବାସ ବାବୁ ଆଦି କେତେକଙ୍କ ସକାଶେ ବି । ମଗେଇ ଦେଇଥିଲେ । ଆମେମାନେ ଭୁବନେଶ୍ୱର ପହଂଚିବାରେ ସାମାନ୍ୟ ବିଳମ୍ବ ହେଲା। ରାଜେନ୍ଦ୍ର ଭୁବନେଶ୍ୱରରେ ନ ରହି ତାଙ୍କର ଝିଅପୁଅଙ୍କ ସାଙ୍ଗରେ ବଲାଙ୍ଗୀର ଚାଲିଆସିଲେ।

ଆମେ ପତିପତ୍ନୀ, କନୁ, ରାଜେନ୍ଦ୍ରବାବୁ ପହଂଚିଲାବେଳେ ସଭା ସମାରୋହ ଆଖର ହୋଇ ପ୍ରସାଦ ସେବନ ଚାଲିଥିଲା। ଆମକୁ ଦେଖି ଭକତି ଭାବେ ଭୋଳା ଭକତ ଦାସ ପୀତବାସ ସ୍ୱାଗତ କରି ନେଲେ। ଆମେମାନେ ଭଉଣୀ ଆହ୍ଲାଦିନୀର ଏନ୍/ ୨ ନୂଆପଲ୍ଲୀ ଭଡ଼ାଘରେ ଥାଇ ଶ୍ରୀକ୍ଷେତ୍ର ଯିବାଆସିବା ବ୍ୟବସ୍ଥା କରିଥିଲୁଁ। ଆହ୍ଲାଦିନୀ ବି ପୀତବାସବାବୁଙ୍କର ଭଗିନୀସମା ଆଦରଣୀୟା। ତାଲାଗି ରାଜେନ୍ଦ୍ରବାବୁ ଯାହା ପୁରୀରୁ ନେଇ ଆସିଥିଲେ ଓ ଅନନ୍ୟ ଶ୍ରୀ ଜଗନ୍ନାଥ ସଂସ୍ଥାନର ପ୍ରସାଦ ନେଇ ଘରେ ପହଂଚିବାକୁ ରାତି ନ ଉପରେ ହେଲା । ତା ପରଦିନ ସକାଳେ ପୀତବାସବାବୁ ଗୁଡ଼ାଏ ଫଳ ନେଇ ଆସିଲେ। ଯେଉଁ ଅଲୌକିକ କୃପା ହେଲା କୃପାଅକୂପାର କରତାପୁରୁଁଷର ଏକ ସ୍ୱତନ୍ତ୍ର ଆଲେଖରେ ତାହା ସଂସ୍ଥାନ ର ବାର୍ଷିକ ପ୍ରକାଶନରେ "ମନ କରିବେ ଯଦି" ଶିରୋନାମାରେ ପ୍ରକାଶିତ ହୋଇଛି। ....

(ସଂକ୍ଷିପ୍ତ ପୁର୍ନକଥନ)

୦୦୦

୨୦.୭.୨୦୨୨

## ଭକତି ପ୍ରୀତିର ଶରଧାବାଲି
## ଭକତ ସିଦ୍ଧ ଅମର ମେଳି ।।

୦

**ସେ**ଦିନ ରାଜ ଆଉ ମୁଁ ବାହାରେ ଗଦୁକକେଇ ଙ୍କୁ ପଇନ୍ତରା ମାରୁଥିବା ଦେଖି ଦିବ୍ୟ ଦେବପୁରୁଷ ବାକ୍‌ସିଦ୍ଧ ଭଗବତପାଦ ଶ୍ରୀଳ ଜେଜେବାପାଙ୍କର ଅକାଟ୍ୟ ଘୋଷଣା ରୂପପ୍ରାପ୍ତ ହେବା ହେତୁ ଚକିତ ବିସ୍ମିତ ହୋଇ ଭିତରକୁ ଯାଇ ଚରଣସ୍ପର୍ଶ ସାଷ୍ଟାଙ୍ଗ ଭୂମିଷ୍ଠ ପ୍ରଣାମ କରି ଦର୍ଶନ କରିବା ପରେ କକେଇ ତାଙ୍କୁ ଭେଟି ତାଙ୍କର ଦୁଇଚକିଆରେ ଚାଲିଆସିଥିଲେ । ଆମମାନଙ୍କ ଉପରେ ତ ପରମପୂଜ୍ୟ ବାପା ଅମରାତ୍ମା ଶ୍ରୀଶ୍ରୀ ଗଣେଶ୍ୱର ମିଶ୍ରଙ୍କର ଅବିଦ୍ୟମାନତାରେ ବି ଆଶୀର୍ବାଦର ଅମୃତ ବର୍ଷଣ ନିରତ ନିରନ୍ତର ଅତୁଟ ରହିଛି ।

ପ୍ରଣମ୍ୟ ବାପା ସେଦନ ସାମାନ୍ୟ ବ୍ୟସ୍ତ ବିଚଳିତ ଜଣା ପଡୁଥିଲେ । ଆୟୁର୍ବେଦର ସେ ଜଣେ ପ୍ରବୀଣ ବିଚକ୍ଷଣ ଚିକିତ୍ସକ, ସେ ଖଣ୍ଡମଣ୍ଡଳରେ ସମ୍ମାନନୀୟ ବୈଦ୍ୟ । ତାଙ୍କର ଜଣେ ଯୁବକ ବ୍ରାହ୍ମଣ ପିଲା ଥିଲା, ହରି, ଯେ ତାଙ୍କ ସବୁ କଥା ବୁଝୁଥିଲା । ଅନ୍ନ ପ୍ରସାଦର ବ୍ୟବସ୍ଥା କରୁଥିଲା । ତାକୁ ସେ ସେହି ଔଷଧ ବଡ଼ି ଖୋଜିବାକୁ କହିଥିଲେ ମାତ୍ର ଗୋଟାଏ ଦିନ ହେଲା ସେ ତାହା ପାଉନଥିଲା । ଏଣେ ଆଳିପିଙ୍ଗଳର ଜଣେ ତାଙ୍କପାଖକୁ କଣ କିଛି ଔଷଧ ନେବାକୁ ଦୁଇ ତିନି ଥର ଆସି ଫେରି ସାରିଥିଲେ । ରାଜକିଶୋର, ଏଣେ ତେଣେ, ତାକୁ ଆବାସ ନକହି "ଆଶ୍ରମ" କହିବା ଉଚିତ ହେବ, ବୁଲୁଥାଏ । ଆଉ ମୁଁ ବାପାଙ୍କପାଖରେ ମଶିଣା ପାରି ମୋତେ ହରି ଦେଇଥିବା ଦହୀଚୂଡ଼ାଗୁଡ଼ ଜଳଖିଆ କରୁଥାଏଁ ।

ବାପା ଗୋଟାଏ ସିଲଟରେ ବାହାରେ ପଡ଼ିଥିବା ଖରାଛାଇ ଦେଖି, ବେଳ ଠଉରେଇ ଗୋଟାଏ କୁଣ୍ଡଳୀ କରି କଣ ସବୁ ଗ୍ରହମାନଙ୍କୁ ରଖି ହରିକୁ ଡାକି କହିଲେ – "ହରି, ହରି ରେ ସେ ବଡ଼ି ଗୋଟାଏ ଅଲଗା ଘଡ଼ିରେ ଢାଙ୍କୁଣୀ ଘୋଡ଼ା ହୋଇ ରହିଛି ; ନେଇ ଆସ, ହେଇ ଦେଖ ସେ ଆଇଲେଣି ! ସେ ଯେ ଦୁଇ ତିନି ଥର ଫେରିଥିଲେ, ହରି ବଡ଼ି ଆଣି ଦେଲା । ବାପା ତାହା ଦେଇ ଅନୁପାନ ଆଉ ତା ବାହାରେ ରୋଗୀର ଆଉ କି ବ୍ୟବସ୍ଥା କରିବେ ବତେଇ ଦେଲେ । ସେ ହରିକୁ କିଛି ଅର୍ଥ ପ୍ରଦାନ କରି ଗଲା, ଯାହା ହରି ଅଗଣା ଗୋଟାଏ ଭିନେ ଘଡ଼ିରେ ପୂରେଇ ଦେଲା ।

ତାପରେ ମୁଁ କିଂଚିତ ଶ୍ଳେଷରେ ପଚାରିଲି –" ବାପା, ଦୁଇଦିନ ହେଲା ହଇରାଣ ହେଲେ, ଆଗରୁ ଏ ମିଥୁନ କର୍କଟ କରିଥିଲେ ...

ମୋର କଥା ଅଧାରୁ କହିଲେ – "ପ୍ରଭୁ ବଇଦ କରିଛନ୍ତି, ଜନସେବା ମୋର ପ୍ରଭୁସେବା, କର୍ତବ୍ୟ। ଆଉଏକ ବିଦ୍ୟାଦାନ କରିଛନ୍ତି ହୋରାଶାସ୍ତ୍ରର। ଶୁଣ, କିଛି ବି ନିଜେ ଶ୍ରମ ନକରି ଆପଣା ପରିଶ୍ରମରେ ସଫଳ ହେଲିନାହିଁ ବୋଲି ବିଶ୍ୱାସ ନ ହେଲେ ଭଗବତ୍‌କୃପାର ପ୍ରୟୋଗ କରିବ ନାହିଁ। ସବୁରି ମୂଳରେ ଭକ୍ତି ଥାଉ। ପ୍ରଭୁ କରତାପ୍ରତି ଆସ୍ଥା ବିଶ୍ୱାସ ଥାଉ । ସେ ବୁଝିବେ ସବୁକଥା। ଯେତିକି ଲୋଡ଼ା ତହିଁରୁ ଅଧିକା ଦେବେ ନାହିଁ, ଊଣା କରିବେ ନାହିଁ। ତାହା ପୂର୍ଣ ସମର୍ପଣର ମହାଭାବ ! "

ଶକୁନୀର କପଟ ପଶାଖେଳର ପରିଣାମ, ଧର୍ମରାଜ ବୋଲାଉଥିବା ଯୁଧିଷ୍ଠିରଙ୍କର୍ ପତ୍ନୀକୁ ସମ୍ପତ୍ତି,ଦ୍ରବ୍ୟ ବୋଲି ବିଚାରରେ ବାଜି ରେ ବସେଇ ହାରିଯିବାର ପରିଣାମ ଯାହା ହେଲା – କୁରୁସଭାରେ ଅଭିମାନୀ ଦୁର୍ଯୋଧନର ନିର୍ଦ୍ଦେଶରେ ମତ୍ତ ଦୁ:ଶାସନର ଦୌପଦୀଙ୍କର ବସ୍ତ୍ରହରଣ କରି ବିବସନା କରିବାକୁ ଉଦ୍ୟତ ହେଲାବେଳେ ସେ ନାରୀସୁଲଭ ବସ୍ତ୍ର ଭିଡ଼ି ଧରି ପ୍ରତିରୋଧ କରିବାର ପ୍ରୟାସ କରିଥିଲେ। ସେହି ପ୍ରକ୍ରିୟାରେ ଯେତେବେଳେ ଅନୁଭବ କଲେ ଯେ ସେ ଦୁ:ଶାସନର ପ୍ରବଳ ଶରୀରିକ ଶକ୍ତିର ପ୍ରତିରୋଧ କରି ପାରିବେ ନାହିଁ ସେତେବେଳେ ସେ ନିଜେ ଆଉ କିଛି ପ୍ରୟାସ ନକରି ଉର୍ଦ୍ଧ୍ୱବାହୁ ପ୍ରାର୍ଥନା କଲେ – "ହେ ଆର୍ତତ୍ରାଣ, ରକ୍ଷାକର ।" ଆଉ କୋଟି ବସ୍ତ୍ର ଦେଇ ତାଙ୍କର ଲଜ୍ଜା ନିବାରଣକୁ ଆରତତ୍ରାଣ କୁ ପଲକେ ବି ଲାଗିଲା ନାଇଁ। ତାହା ପୂର୍ଣସମର୍ପଣ। ନିଜେ ଆପଦକାଳରେ ଶ୍ରମକରି ହାରିଯିବାର ଆଶଂକାରେ ସିନା ପ୍ରଭୁର ଶରଣ ନେବ ତାହା ଦେବଦତ୍ତ ବିଦ୍ୟାର ପ୍ରୟୋଗ।" ସେଦିନ ପରମ ସ୍ନେହୀ ହିତୈଷୀ ବାପା ମୋତେ ବୁଝେଇ ଦେଇଥିଲେ। ସେଦିନ ଔଷଧ ବଡ଼ି ଶ୍ରମ କରି ପାଇଲେ ନାହିଁ ଯେତେବେଳେ ଆଉ ତାର ଅନିବାର୍ଯ ଆବଶ୍ୟକତା ହେତୁ ସେ ପ୍ରଭୁପ୍ରଦତ୍ତ ମହାଦାନ ବିଦ୍ୟା ଜ୍ୟୋତିଷର ପ୍ରୟୋଗ କରି ଥିଲେ । ସେହି ମହାପୁରୁଷଙ୍କ ଅନ୍ତରାତ୍ମାରେ ଭକ୍ତି ଓ ଆସ୍ଥା ଅପ୍ରମିତ ଥିଲା।

୦୦୦

ସେଦିନ ପରମ କାରୁଣିକ ପ୍ରାତ:ବନ୍ଦ୍ୟ ଜେଜେବାପା ପରୋକ୍ଷରେ ମୋତେ ମୋର ସ୍ମୃତି-ସଚେତନ କରେଇ ଦେଇଥିଲେ। ମୁଁ ମୋର ଅବୋଧ ବୋଧର ସୀମା ଭିତରେ ମନେ କରେଁ ଯେ ମହାରଷି ଶ୍ରୀକୃଷ୍ଣ ଦ୍ୱୈପାୟନ ନାରାୟଣସ୍ୱରପ ବ୍ୟାସଦେବ ରଚିତ ଜୟ କାବ୍ୟ, ମହାକାବ୍ୟ ମହାଭାରତ ତୁଳନାରେ ଶୂଦ୍ରମୁନି ଶାରଳା ଦାସଙ୍କର ଉତ୍କଳୀୟ ଆଦି ଅନୁସର୍ଜିତ ମହାଭାରତରେ ଭାବ-ପ୍ରେମମୟ ପ୍ରଭୁ ଓ ପରମ ଅପ୍ରାକୃତ

ପ୍ରିୟତମା କୃଷ୍ଣାଙ୍କର ଅଭିନ୍ନ ସଖା-ସଖୀର ପ୍ରୀତି-ବିନୋଦ ଅଧିକତର ପ୍ରାଞ୍ଜଳ ଓ ନିବିଡ଼। ଅଧର୍ମ ବିନାଶ, ଦୁଷ୍କୃତନାଶନ, ଧର୍ମ ସଂସ୍ଥାପନ ତୁମେ କରିବ, ପାବନ ଭାରତ ଭୂମିର ନବୀନ ଇତିହାସର ନିର୍ମାଣ ତୁମେ କରିବ ବୋଲି ଅମିତ ଶକ୍ତିମତୀ ମହାମାୟା ଯୋଗମାୟାଙ୍କୁ ପ୍ରଭୁ ହୋମାଗ୍ନିର ଲେଲୀହାନ ଶିଖାରୁ କୋଳେଇ ଆଣିଥିଲେ। ଅଗ୍ନି ସମ୍ଭବା ଅଯୋନି ସମ୍ଭୂତା କୃଷ୍ଣା। ପ୍ରଭୁର ଆଶଂକା,ସେ ଅପମାନ-ରୁଷ୍ଟା ହେଲେ ନିମିଷକରେ ସବୁକିଛି ଭସ୍ମୀଭୂତ କରି ଦେଇ ପାରିବେ ଏବଂ ପ୍ରଭୁ ବି ତାଙ୍କୁ ବାରଣ କରିବାକୁ ସକ୍ଷମ ହେବେନାହିଁ। ଜଗତକରତା ପାଳକ ଲୀଳାମୟ ବିନୋଦୀ ପ୍ରଭୁ ଅଠର ଦିନର ବିନାଶନ ପରେ ଉଦାହରଣ ରଖିଦେବାର ଅବସର ପାଇବେ ନାହିଁ। ଆଦି ଉତ୍କଳୀୟ ମହାଭାରତରେ କୃଷ୍ଣାଙ୍କୁ ନେଇ ବିଂଶାଧିକ ଆଖ୍ୟାନ ଉପାଖ୍ୟାନ ରହିଛି। ଭକ୍ତି, ପ୍ରୀତି, ଭାବ ବିନୋଦ, ଅଭେଦୀ ଅଭିନ୍ନତା ର ପ୍ରଜ୍ଞାପନ ଭାବରେ।

ମୁଁ କାବ୍ୟ ବାରିଧିର ହୀରକ ଜ୍ୟୋତିସ୍ତମ୍ଭ ଅଗ୍ରଜ ରମାକାନ୍ତ ରଥଙ୍କର ଅନୁପ୍ରେରଣାରେ"କୃଷ୍ଣା" ଶିରୋନାମାରେ ଏକ କାବ୍ୟ ସଂକଳନର ରଚନା କରିଛି। ତାହା କଟକ ଷ୍ଟୁଡେଂଟସ୍ ଷ୍ଟୋର,ତତ୍ୱ ବିଦ୍ୱାନ ଭାଇ ନୃସିଂହ ପ୍ରସାଦ ମିଶ୍ରଙ୍କ ର ଭୂମିକା ସହିତ ପ୍ରକାଶିତ ହୋଇଛି। ଏ ସୀମିତ ପରିସରର ସଂକଳନରେ ତାର ଆଲୋଚନା ସମ୍ଭବ ନୁହେଁ । ତେଣଉ ଆଗ୍ରହୀ ପାଠକ-ପାଠିକାଙ୍କୁ ଅନୁରୋଧ "କୃଷ୍ଣା" ର ଭାବ ଭାବତତ୍ୱ ରସାସ୍ୱାଦନ କରିବେ ।

ତେବେ. ସଖା ସଖୀଙ୍କର ଆମୋଦ ବିଧାନରେ ପ୍ରମୁଦିତ କରିବା ସତ୍ୱେ ବି ମହାସତୀ "ହସ୍ତୀନା"କୁ ଅଭିଶାପିତ କରି ଦେଇ ଯାଇଛନ୍ତି ଯାହି ଫଳରେ ତାହା ସମ୍ପ୍ରତିଏକ ଧ୍ୱଂସସ୍ତୁପ । ଏପରି କି ଭାରତର ପ୍ରଥମ ପ୍ରଧାନ ମନ୍ତ୍ରୀ ପଣ୍ଡିତ ଜୱାହରଲାଲ ନେହେରୁଙ୍କର ଅଦମ୍ୟ ବିକାଶ ର ଯୋଜନା ସତ୍ୱେ ବି ତାହା ସମ୍ଭବ ହୋଇ ପାରିନାହିଁ।

+++ ସବୁ ଶାନ୍ତ ହୋଇଯିବା ପରେ କୃଷ୍ଣା ସଖାଙ୍କୁ ଅଭିମାନ କରି କହିଲେ - " ଏଭଳି ଆତୁର କରନ୍ତି ସଖା। କେତେ ବିକଳ ହୋଇ ଡାକିଲି, ଆସିଲ ନାହିଁ?"

ପ୍ରଭୁ କହିଲେ - "ମୁଁ ନୁହେଁ ସଖୀ, ମୁଁ ତ ସେତେବେଳେ ଦ୍ୱାରକାରେ। ଭଗତର ଇଚ୍ଛାଧୀନ ଆସିବି ସିନା ? ପହିଲେ ଡାକିଲ "ହେ ବେଣୁପାଣି ରକ୍ଷାକର । ସବୁ ଡାକରା ଶୁଣିଛି। ବଂଶୀ ତ ଗୋପ ବ୍ରଜ କାଳରୁ କାହିଁ ରହିଛି! ମୁଁ ତାକୁଖୋଜି ପାଇଲା ବେଳକୁ ଡାକିଲଣି "ହେ ଚକ୍ରଧର ରକ୍ଷାକର" ଆଉ ସୁଦର୍ଶନକୁ ଡାକରା ଦେଇ ଆଣିଲାବେଳକୁ,ଯେତେବେଳେ " ହେ ଆର୍ତତ୍ରାଣ, ରକ୍ଷାକର" ବୋଲି ଡାକିଲ ସେତେବେଳେ ମୋର ଦ୍ୱାରକାରୁ ଆସିବାରେ ତିଳେ ବିଳମ୍ବ ହେଲା କି? ତମେ ସିନା

ମୋତେ ଏ ଡାକ ସେ ଡାକରେ ଅବ୍ୟବସ୍ଥିତ କରୁଥିଲ ?" କୃଷ୍ଣା ଅଧର୍ମ ବିନାଶ ହେତୁ ମହା ସମରର ସୂତ୍ରପାତ ହେଲା ବୋଲି ଭାବି ମୁରୁକି ହସିଲେ। ତଥାପି, ମହାସତୀ "ହସ୍ତୀନା"କୁ ସଦାକାଳ ଅଭିଶୀପତ କରି ଦେଇ ଯାଇଛନ୍ତି।

ମୁଁ ବାପା ଆଉ ରାଜ ପ୍ରସାଦ ପାଉଥିବା ବେଳେ ବାପା ରାଜକୁ କହିଲେ - "ରାଜ, କାଲି ସନ୍ଧ୍ୟାରେ ମୋର ଶନି ଭୋଗ ହେଲା। ଅନୁମତି ନେଇ ପ୍ରବେଶ କଲେ।ଏଇ ମାଘସପ୍ତମୀରେ ଦେହରକ୍ଷା କରିବାର ଇଚ୍ଛାଥିଲା। ଜାଣିଲି ତୋର ବିବାହ ହେବ। ତାପରେ ଅଭିଳାଷ ହେଲା, ତାପରେ ସ୍ୱଧାମ ଯାତ୍ରା କଥା ଚିନ୍ତା କରିବି। ରାଜ ବି ବାପାଙ୍କର କରୁଣାରୁ ଏକ ପ୍ରବୀଣ ଜ୍ୟୋତିଷ। ତାପରେ କହିଲେ ଶ୍ରୀନିବାସ ର ଉପରେ ଛାତ ନାଇଁ। ସେମାନେ ପରଘରେ ରହୁଛନ୍ତି। ତାର ବି ଭୂମି ନୁହେଁ, ଗୃହପ୍ରାପ୍ତିର ଯୋଗ ଅଛି। ଅବଶ୍ୟ ଘର ପାଇବାକୁ କରଜ କରିବାକୁ ହେବ ମାତ୍ର, ସେ ଅଳପ କାଳରେ ଉରଣ ହୋଇଯିବ।

ମାତା ସର୍ବାର୍ତହାରିଣୀ ଭଗବତୀ ଭାରତମାତାର କୋଳମଣ୍ଡନ କରି ଗୋଚର ଅଗୋଚରରେ ଲକ୍ଷାଧିକ ଭକତି ଭାବେ ଭୋଳା ସିଦ୍ଧ ସର୍ବଜ୍ଞ ମହାପୁରୁଷ ରହିଛନ୍ତି ଯେଉଁମାନଙ୍କୁ ସବୁ କିଛି ଦୃଶ୍ୟ ହୋଇଥାଏ। ଯାହା ଅଲୌକିକ ବିସ୍ମୟକର। ଆମର ମୂଳନିବାସ ଦିବ୍ୟସିହ ପୁରୁ ଶାସନ ପ୍ରଣମ୍ୟ ସୁରେନ୍ଦ୍ର ମହାନ୍ତିଙ୍କର ପ୍ରସିଦ୍ଧ ଉପନ୍ୟାସ "ନୀଳଶୈଳ" ପ୍ରଜ୍ଞାପିତ ଗଜପତି ଙ୍କର ରାୟଗୁରୁ ମାନଙ୍କର ଅଧ୍ୟୂଷିତ ଶାସନ ଅଗ୍ରହାର, ସନ୍ନିକଟସ୍ଥ ମାଣିକାଗୋଡ଼ା ଏପଟେ କାଇପଦର ମକୁନ୍ଦପ୍ରସାଦ, ବାଣପୁର ନିକଟସ୍ଥ ମଉସା ବ୍ରହ୍ମପୁର । ମୋର ଭାବ ଶବ୍ଦ ସାଗର ସନ୍ତରଣପଟୁ ବିଚିତ୍ର ଚିତ୍ରକର ବିଭୁଲୀନ ପିତା ଶ୍ରୀଧର ଉଦ୍‌ଗାତା ଉତ୍କଳମଣିଙ୍କର ସହକର୍ମୀ ଥିଲେ ଓ ତାଙ୍କର ମହାପାୟାଣ ପରେ ପାଟଣା ଷ୍ଟେଟର ରାଜକବି ଭାବାରେ ବଲାଙ୍ଗୀର ଆସିଥିଲେ । ପୂର୍ବରୁ ସଂସ୍କୃତ କର୍ମକାଣ୍ଡ ଜ୍ୟୋତିଷ ଚିକିତ୍ସାଦିର ମୂଳଭିତ୍ତି ସ୍ଥାପନ କରିଥିଲେ ତାଙ୍କର ବଂଶଜ ଅଗ୍ରଜ ସମୂହ - ପଣ୍ଡିତ ଗଦାଧର ଉଦ୍‌ଗାତା, ପଣ୍ଡିତ ଲଡ୍ଡୁକେଶ୍ୱର ଉଦ୍‌ଗାତା ଆଦିଆଦି।

ମୁଁ ଦିବ୍ୟ ଦେବସ୍ୱରୂପ ଶ୍ରୀଳ ଭଗବତପାଦ ପିତାମହ ପୂଜ୍ୟ ଅମରାତ୍ମା ଗଣେଶ୍ୱର ମିଶ୍ରଙ୍କ ପରେ ଅନୁରପ ଯାହାଙ୍କର ସ୍ମରଣ କରିବାର ଆସକ୍ତ ଅନୁରାଗୀ ସେ ହେଉଛନ୍ତି ଉତ୍କଳ ଗଜପତି ଙ୍କର ରାୟଗୁରୁ ଶ୍ରୀଳ କପିଳେଶ୍ୱର ରାୟଗୁରୁ ।

୧୯୫୨ ଅଗଷ୍ଟ ୨୮ ତାରିଖ ତିନିବର୍ଷର ପୀଡ଼ିତାବସ୍ଥାର ଅନ୍ତସ୍ୱରୂପ ଦେହଣକ୍ଷା କରି ସକାଳେ ସ୍ୱଧାମ ପ୍ରତ୍ୟାବର୍ତିତ ହେଲେ। ଦିବ୍ୟସିଂହପୁରକୁ ତତ୍କାଳ ଖବର କରିବା ର ସେକାଳରେ କୌଣସି ସୁବିଧା ନଥିଲା । ତାର ଦେଲେ ବୋଲଗଡ଼ ଓ ତାପରେ ଡାକିଆ ତାହା ନେଇ ପ୍ରାୟ ଚାରିମାଇଲ ଯାଇ ପହଂଚାଇବ। ଅର୍ଥାତ୍ ଅନ୍ୟୂନ ଦୁଇ ଦିନରେ

ସମ୍ବାଦ ପହଂଚିବ। ନନାଙ୍କର ପାର୍ଥିବ ଦେହାବସାନ ସମୟରେ ପ୍ରଣମ୍ୟ ଜେଜେବାପା ବାହାର ବାରଣ୍ଡାରେ ମଶିଣା ମୃଗଛାଲ ପାରି ଧ୍ୟାନସ୍ଥ ଥିଲେ ଏବଂ ଅକସ୍ମାତ ଚେତନାହତ ହୋଇ ପ୍ରାୟ ଅଧଘଂଟାରେ ସଚେତ ହୋଇ କହିଲେ ଏଇନେ ଶ୍ରୀଧର ଚାଲିଗଲା। ବିଳମ୍ବ ନକରି ତାଙ୍କୁ ବେଢ଼ିରହିଥିବା ଶଶୀ କକେଇ, ବିମ୍ବାଧର ଓ ଅନ୍ୟମାନଙ୍କୁ କହିଲେ ଅନ୍ତ୍ୟେଷ୍ଟି ସଜକ୍ରିୟା ଆରମ୍ଭ କରେଇ ଦିଅ।

ତାହାହିଁ ହେଲା । ସର୍ବ ଦ୍ରଷ୍ଟା ଜେଜେବାପା ଗଜପତିଙ୍କର ରାଜଗୁରୁ ଶ୍ରୀଳ କପିଳ ରାୟଗୁରୁ ଙ୍କର ଆପଣା ପୁତ୍ରର ସକାଶେ ତାହା ସତ୍ୟନିଷ୍ଠ ବିଧାନ, କ୍ରୂର ନୁହେଁ। ଦିବ୍ୟସିଂହ ପୁର ଶାସନ, ଗଜପତି ଦିବ୍ୟସିଂହଦେବ ଙ୍କର ପ୍ରଦତ୍ତ ନିଷ୍କର ଆଗ୍ରହାର। ସନ୍ନିକଟସ୍ଥ ମାଣିକାଗୋଡା କାଇପଦର,ମକୁନ୍ଦପ୍ରସାଦ ଅତିରେକ ବାଣପୁର ସମୀପସ୍ଥ ମଉସା ବ୍ରହ୍ମପୁର । ପ୍ରବାଦ ପୁରୁଷ ପ୍ରବୀଣ ଔପନ୍ୟାସିକ ପୂଜ୍ୟ ସୁରେନ୍ଦ୍ର ମହାନ୍ତି ତାଙ୍କର ଅନୁପମ ଉପନ୍ୟାସ “ନୀଳଶୈଳ”ରେ ତାର ବିପୁଳ ଗୌରବଗାୟନ କରିଛନ୍ତି। ସେହି ଶାସନରେ ଚନ୍ଦ୍ରଚୋର ରାୟଗୁରୁ ରୂପରେ ବିଦିତ ଶ୍ରୀପତି ରାୟଗୁରୁ ଧରାବତରଣ କରିଥିଲେ । ମହାପୁରୁଷ କପିଳ ରାୟଗୁରୁ, ଜମ୍ବେଶ୍ୱର ରାୟଗୁରୁ, ଲକ୍ଷ୍ମୀପରମଗୁରୁ, ଗୋଦାବରୀ ବର୍ଦ୍ଧନ ରାୟଗୁରୁ ପ୍ରଭୃତି ସେହି ବଂଶର ଜାଜ୍ୱଲ୍ୟମାନ ନକ୍ଷତ୍ର। ପ୍ରଣମ୍ୟ ନନା ଉତ୍କଳମଣୀ ଗୋପବନ୍ଧୁଙ୍କର ସହକର୍ମୀଭାବରେ, ଖଦି ରଙ୍ଗେଇବା ଅତିରିକ୍ତ ବିଷୟ ନେଇ ଶାନ୍ତିନିକେତନରେ କଳାଭବନରେ ଅବନୀନ୍ଦ୍ରନାଥ ଠାକୁରଙ୍କର ଅଧକ୍ଷତାରେ ଚିତ୍ରକଳାର ଅଧ୍ୟୟନ କରିଥିଲେ, ଛଦ୍ମବେଶରେ ନେତାଜୀଙ୍କୁ ରେଙ୍ଗୁନ ନେଇ ଛାଡ଼ି ଆସିଥିଲେ ଆଦି ହେତୁ ଅଲୌକିକ ଦିବ୍ୟ ଦେବପୁରୁଷ କେକେବାପାଙ୍କର ଉପରାନ୍ତ ତାଙ୍କର ଜ୍ୟେଷ୍ଠପୁତ୍ର ଭାବରେ ରାଜଗୁରୁ ପଦାଭିଶିକ୍ତ ହେଲେ ନାହିଁ । ହୁଏତ ସେହି କ୍ରମରେ ଉତ୍ତରାଧିକାର ସୂତ୍ରରେ ମୁଁ ଆଜି ଯୋଡ଼ କୁଣ୍ଡଳ ପରିଧାନ କରି ଗଜପତିଙ୍କର ରାଜଗୁରୁ ପଦରେ ଅଭିଷିକ୍ତ ହୋଇ ରହିଥାଆନ୍ତି।

ଆଳିପଙ୍ଗଳରେ ପରମପୂଜ୍ୟ ଜେଜେବାପାଙ୍କୁ ପଚାରିଥିଲି । ବାପା କହିଲେ ସେ ଅଲୌକିକ ମହାପୁରୁଷ କପିଳ ରାୟଗୁରୁଙ୍କୁ ଜାଣନ୍ତି। ଦିବ୍ୟସିଂହପୁରରୁ ଏକଦା ଆସିଥିବା ଏକ ଚିଠିକୁ ଦେଖି ଉଭୟ ବାପାଙ୍କର ସମାନ ହସ୍ତାକ୍ଷର ଦେଖି ବଲାଙ୍ଗୀରରେ ରାଜ ବିସ୍ମିତ ଚକିତ ହୋଇଥିଲା।

ସବୁରି ମୂଳରେ ଅବିଚଳ ନିଷ୍ଠାପର “ଭକ୍ତି” ତାପରେ ସିନା ସାଧନା, ତପସ୍ୟା ସିଦ୍ଧି !

୦୦୦

୨୬.୭.୨୦୨୨।

## ଭକତି ଭକତ ସିଦ୍ଧ ଅମର ନଭଚାରୀ...

୦

ସାନଭାଇ ଶ୍ରୀକାନ୍ତର ବାହାଘର। ବରଯାତ୍ରୀ ଯିବ ଖଲ୍ଲିକୋଟ। ସୋନପୁର ଦଶପଲ୍ଲା ନୟାଗଡ଼ ଇଟାମାଟି ଭୀମପଡ଼ା ବୋଲଗଡ଼ ଦେଇ ଖୋରଧା ତେଣିକି ଖଲ୍ଲୀକୋଟ। ଭାବିଛି ଭୀମପଡ଼ାରେ ପହଂଚି ମୁଁ ଏକଲା ଯାଇ ଦିବ୍ୟସିଂହପୁର ରୁ ଶଶୀଧର କକେଇଙ୍କୁ ନେଇ ଆସିବି। ସେ କର୍ତାଭାବରେ ସବୁ କରିବେ । ମୋର ବାହାବେଳେ ୧୯୬୧ ଅକ୍ଷୟତୃତୀୟା ବିମ୍ବାଧର କକେଇ ଥିଲେ,ସେ ଥିଲେ କର୍ତାପୁରୁଷ। ବର୍ତମାନର ଅତୀତ ହେବାର ମନେ ହୁଏ ଯେମିତି ମରୁତ୍ ଚଂଚଳ, ଭାବନା ତାଠାରୁ ତୀବ୍ର କ୍ଷିପ୍ରତର। ଦୃଶ୍ୟମାନ ଜନ, ପ୍ରକୃତି କାଳ ଗରଭରେ ହଜିଯାଇ ସ୍ମୃତିରେ ସାଇତା ହୋଇ ରହିଯାଏ, ତା'ପୁଣି ଅଳୀକ ମନେ ପକେଇଲା ମଣିଷ ଥିଲାଯାଏଁ।

ସେଇଆ ହେଲା । ପ୍ରଣମ୍ୟ ଶଶୀଧର କକେଇ ଆମ ସହିତ ଯାଇ କର୍ତା ଭାବରେ ସବୁ ତୁଲେଇ ଥିଲେ । ସେ ନିଜେ ବି କର୍ମକାଣ୍ଡର ମର୍ମଜ୍ଞ ପୁରୋହିତ ଥିଲେ ।

ପୁରୋହିତ ଭାବରେ ପରମହିତୈଷୀ ଦାଦା ସିଦ୍ଧ ମହାପୁରୁଷ ପଣ୍ଡିତ ଅର୍ଜୁନ ହୋତା ଯିବା କଥା। ନନାଙ୍କର ଦିବ୍ୟଧାମ ପ୍ରସ୍ଥାନ ପରେ ଆମ ଅସ୍ୱଚ୍ଛଳ ପରିବାର ର ପ୍ରମୁଖ ଡାକ୍ତର କିଶୋର ଚନ୍ଦ୍ର ପୁରୋହିତ ଓ ଆମେ ଯେମିତି ଦୁଇ ଏକାତ୍ମ ପରିବାର ଅଭିନ୍ନ। ଏପରିକି ପୂଜ୍ୟ କିଶୋର ଦାଦାଙ୍କର ଦ୍ୱିତୀୟ ପତ୍ନୀଙ୍କର ଜ୍ୟେଷ୍ଠ କନ୍ୟା ଶ୍ରୀଲେଖା ର ଶ୍ୱଶୁର ପରିବାର ସମଗୋତ୍ରୀ ହେବାଫଳରେ କନ୍ୟାଦାନ ମୁଁ କରିଥିଲି। ଆମର ବରଯାତ୍ରୀ ସମୂହରେ ଗୋଟାଏ ଭେନ୍ ଓ ଗୋଟିଏ କାର ରେ ପ୍ରାୟ ପନ୍ଦର ଜଣ ।

ବର୍ଷା ନଥିଲା । ଆକାଶ ସ୍ୱଚ୍ଛ। କିନ୍ତୁ, ଶୁଭ ଦେଇ ଠିକ ବାହାରିଲା ବେଳେ ପଣ୍ଡିତ ହୋତା ମୋର ପତ୍ନୀ ସୌଦାମିନୀଙ୍କୁ କହିଲେ – "ମୁଁ ଯିବିନାଇଁ। ମୋତେ ଏଠାରେ ରହି କିଛି କରିବାକୁ ହେବ। ନତୁବା ଆପଦ ଟଳିବନାଇଁ। " କଣ କାହିଁକି କିଛି ପଚାରିବାର ଆବଶ୍ୟକ ନଥିଲା। ତାଙ୍କର ଆଜ୍ଞା ଶିରୋଧାର୍ଯ କରି ଆମେ ବାହାରିଯିବା ବେଳେ ପ୍ରଣମ୍ୟ ଦାଦା ଖାଲି ମୋର ମଥା ଉପରେ ହାତ ରଖି କହିଲେ – " ଯ ବୋ, ସବୁ ଟଳି ଯିବା!"

ଆମର ଆଗ କାର ପଛରେ ପରମସୁହୃଦ୍ ବିଭୁଲୀନ ରାଜମହଲ ମାଲିକ ଗୋପାଳ ସାହୁର ଭେନ୍ ଆଗେଇ ଚାଲି ଥାଏ; ଗରିଗୋବର୍ଦ୍ଧନ ପାର କରିବା କିଛି ପରେ ଝିପିଝିପି ବର୍ଷା ଆରମ୍ଭ ହେଲା। ଧୀରେ ଧୀରେ ଜୋର ବରଷିବାକୁ ଲାଗିଲା, ତୋଫାନୀ ଝଡ଼ ବର୍ଷା।

ଏଣେ ଘରେ ପୂଜାପୀଠରେ ଜଗତକରତା ଜଗତନାଥ ଓ ଆମର ଇଷ୍ଟଦେବୀ ପରମ ଭୈରବୀ ବିମଳା ସ୍ୱରୂପିଣୀ ଅଭୟଦା ମାତା ଦୁର୍ଗାଙ୍କର ଆଗରେ ପଣ୍ଡିତ ହୋତା ଧ୍ୟାନାବସ୍ଥିତ ଥିଲେ ଓ ମୋର ପତ୍ନୀଙ୍କୁ ପାଖରେ ମୌନ ରହିଥିବାକୁ କହିଥିଲେ । ସାମନାରେ ଅଖଣ୍ଡ ଜଳୁଥାଏ। ବଲାଙ୍ଗୀର ରେ ପାଗ ମେଘୁଆ ଥିଲା ସିନା ରହିରହି ବୁନ୍ଦା ବୁନ୍ଦା ବରଷୁଥାଏ।

ମହାପୁରୁଷ ପଣ୍ଡିତ ହୋତା ମାନ୍ୟରେ ପିତାମହ ( କୋସଲି ରେ ଦାଦା) । କିନ୍ତୁ, ମୋତେ ସ୍ନେହ ସରାଗରେ ଏମିତି କରିଥିଲେ ଯେ ସେ ମୋର ଦାଦା (ବଡ଼ଭାଇ)। ସେ ତଦନୁସାରେ ଶ୍ରୀମତୀ ସହିତ ବ୍ୟବହାର. ବିସ୍ମୟ କଥା ସୌଦାମିନୀ କିଛି ଭାବୁଥିଲେ, ଚିନ୍ତିତ ଥିଲେ,ଦାଦା ଯୋଉଠି ଥାଆନ୍ତୁ ସମଲେଶ୍ୱରୀ ମନ୍ଦିର ଦେଇଆସି . କହିବେ – ମାଁ ଭଗବତୀ ବଏଲା, କାଣାକେ ଭାବୁଛେ ଯେ ଆଏଲି।" ଫୁଲ ସିନ୍ଦୂର ଫାଳେ ନଡ଼ିଆ ପେଡ଼ା ଦେଇ ସମସ୍ୟା ସମାଧାନ କରି ଦେଇ ଯିବେ।

ପ୍ରାୟ ଘଂଟାଏ ପରେ ଅକସ୍ମାତ ଆମର ପୂଜାଘର ବିଜୁଳୀ ଚମକିଲାପରି ଚମକି ଝଲସି ଗଲା । ମହାପୁରୁଷ ହୋତା ଆଖିଖୋଲି କାନ୍ଥରେ ଟଙ୍ଗା ହୋଇଥିବା ଛବିରେ ଶ୍ରୀଳ ଭଗବତପାଦ

ଜେଜେବାପାଙ୍କୁ ଦେଖେଇ ଶ୍ରୀମତୀ ଙ୍କୁ ପଚାର୍ରିଲ "ଇଏ କିଏ ବୋ, ଗଲେ !" ଶ୍ରୀମତୀ କହିଲେ –" ଆମର ଆଲିପିଙ୍ଗଲ ଜେଜେବାପା, ରାଜକିଶୋରର ବାପା !" ପଣ୍ଡିତ ହୋତା ତାପରେ କହିଲେ – "ଆର୍ କିଛି ଚିନ୍ତା ନାଇଁ ବୋ। ସବ ସଁଭାଲନେବାଲା ପହଂଚି ଗଲେନ !"

ଏଣେ ଆମର କାର ଅଚାନକ ଷ୍ଟାର୍ଟ ବନ୍ଦ ହୋଇଗଲା। ବାଧ୍ୟ ହୋଇ ପଛରେ ଆସୁଥିବା ଭେନ୍ ଅଟକିଗଲା ଆଉ ସମନା ରେ ଗୋଟାଏ ଗଛର ଡାଳ ହଠାତ୍ ଏମିତି ଛିଡ଼ି ପଡ଼ିଲା ଯେ ଆମର କାର ବନ୍ଦ ହୋଇ ରହିଯାଇ ନଥିଲେ ଠିକ କାର ଉପରେ ପଡ଼ି ଚୂରମାର କରି ଦେଇ ଥାଆନ୍ତା। ଆମେ ସମସ୍ତେ ଗାଡ଼ିମାନଙ୍କରୁ ଉତୁରି ଆସି ପ୍ରାୟ ଅଧଘଂଟା ବାହାରେ ରହିଲୁ। ବରଷା ତାପରେ ଧୀରେ ଧୀରେ କମିଗଲା। ଛାଡ଼ିଗଲାପ୍ରାୟ ମନେ ହେଲା। ଡ୍ରାଇଭର ଗାଡ଼ିର କଣ ହେଲା ଦେଖିବାକୁ ଗାଡ଼ ଷ୍ଟାର୍ଟ କଲାରୁ ତାହା ନିର୍ବିବାଦ

ଚଳିବା ଆରମ୍ଭ କଲା। ସାମନାରେ ବେଶ ମୋଟା ଡାଳଟି ଏମିତି ଛିଡ଼ି ପଡ଼ିଥାଏ ଯେ ଗୋଟାଏ କଡ଼ିକିଆ ଆଗେଇ ଯିବାକୁ ଆମର କିଛି ଅସୁବିଧା ବି ହେଲାନାହିଁ ।

ଆମେ ଆଗେଇ ଚାଲିଲୁଁ । ଆକାଶ ମେଘୁଆ ଥାଏ। କେତେବେଳେ କେମିତି ବୁନ୍ଦେ ଅଧେ ଛଡ଼ା ବରଷୁ ନଥାଏ ଜମାରୁ । ତେବେ ତାହା ଆଗରୁ ବୋଧହୁଏ ପ୍ରଖର କୁଆପଥର ବରଷି ଥାଏ ନା କଣ ଗଛ ତଳମାନଙ୍କରେ ଅନେକ ଚଢ଼େଇ ମରି ପଡ଼ିଥାଆନ୍ତ, ବସା ଉଜୁଡ଼ି ଯାଇଥାଏ । ରାସ୍ତା ଉପରେ କେତେ ଯେ ସାପ ମରି ଦଳି ହୋଇ ପଡ଼ିଥାଆନ୍ତି। ଜଙ୍ଗଲ ବାଟ ଆପାତତ: ନୟାଗଡ଼ରେ ସରିଲା । ସେଠି ଭୋଜନ ବ୍ୟବସ୍ଥା କିଶୋର ଦାଦା କରେଇଲେ। ତେଣିକି ବରଷା ପୂରା ଥମି ଗଲା। ଖୋରଧା ଡେଇଁଲା ପରେ ଝିପିଝିପ୍ ବରଷା ଖଲ୍ଲିକୋଟ ଯାଏଁ ଥମିଲା ନାଇଁ।

ଖଲ୍ଲୀକୋଟରେ ଶ୍ରୀକାନ୍ତର ଶ୍ୱଶୁର କଳା ମହାବିଦ୍ୟାଳୟରେ ଚାକିରୀକରୁଥିଲେ । ପଢୁଥିବା ବେଳେ ତାଙ୍କର ସଂକୀର୍ଣ ଆବାସ କୁ ତାର ଯିବା ଆସିବା ପରିଚୟ ଥିଲା । ସେତେବେଳେ ଶିକ୍ଷୟତ୍ରୀ ଚାକିରୀ କରୁଥିବା ଶ୍ରୀକାନ୍ତର ସୁଲକ୍ଷଣୀ ସୌଭାଗ୍ୟବତୀ ପତ୍ନୀ ଙ୍କର ତତ୍‌କାଳୀନ ଶିକ୍ଷା ବିଭାଗ ପ୍ରମୁଖ କବି ସୀତାକାନ୍ତ ମହାପାତ୍ରଙ୍କୁ ଅନୁରୋଧ କରି ବିବାହୋପରାନ୍ତ ବଲାଙ୍ଗୀର ବଦଳି କରେଇ ଆଣିବା ପରେ ଘରର କତ୍ରୀ ସେ ଏବଂ ଆପଣାର ନିଜର ଭବ୍ୟ ଭବନ ପୁଅ ଝିଅର ସ୍ୱଚ୍ଛଳ ସଂସ୍ଥାପନ ଆଦିର ଅନୁପ୍ରେରଣା ତାଙ୍କର ବୋଲି କହିବା ଉଚିତ ହେବ। ବାହାଘର ତୁଟିଲା । ପ୍ରଥମେ ଆମକୁ ସ୍ୱାଗତ କରି ଗୋଟାଏ ସ୍କୁଲ ଘରେ ଡାଲନା ମାଲପୁଆ ଚା'ର ଆପ୍ୟାୟନ । ବରବରଣ ପରେ ବର୍ଷା ଆରମ୍ଭ ହୋଇଯିବା ହେତୁ ଘର ସାମନାରେ ଥିବା ଗୋଟାଏ ଧର୍ମଶାଳା ପରି ଭବନ ରେ ସବୁକିଛି ତୁଟିବା ପରେ ବରଷା ବେଶ ଥମିଗଲା । ଫେରିବା ବେଳେ ଆମେ ଯାହା ଅଭାବନୀୟ ଅସୁବିଧାର କଷ୍ଟ ଭୋଗ କରିଛୁଁ ତାହା ଅବିସ୍ମରଣୀୟ। ତେବେ ସ୍ମରଣୀୟ ବୋଲି ଏହି ପ୍ରସଙ୍ଗର ଉପସ୍ଥାପନା କ୍ରମରେ ମନେ ପକାଉଛି।

ବଧୂ ବିଦାୟ ର କାଳ ବେଶ ସ୍ୱଚ୍ଛ ନିର୍ମଳ ଥିଲା। ଆମେମାନେ ସେଠାରୁ ପର୍ଯାପ୍ତ ଲଘୁଆହାର ଆପ୍ୟାୟିତ ହୋଇ ବାହାରିଲୁଁ । କାରର ପଛ ସିଟରେ ବରବଧୂ ସାଙ୍ଗରେ ବିଧିର ଏକ ପରିଚାରିକା ( ତାକୁ କୋସଲିରେ "ଘୁଡ଼ାଖାଇ" କହନ୍ତି) ଓ ପଛରେ କୋଡ଼ିଏ ସିଟର ଫଇଲା ବ୍ୟବସ୍ଥାର ଭେନ୍ ରେ କକେଇ, କିଶୋର ଦାଦା ଓ ଅନ୍ୟମାନେ ଆସିଲେ। କାରର ସାମନା ସିଟରେ ଚାଳକ ଓ ମୁଁ। ଆନନ୍ଦରେ ଖୁସୀମନରେ ଅନୁକୂଳ ପାଗଦେଖି ବାହାରି ଆସିଲୁଁ। ଖଲ୍ଲୀକୋଟ ଛାଡ଼ି ପ୍ରାୟ ଚାରି ପାଂଚ ମାଇଲ ଆଗେଇଲା ପରେ ଧୀରେ ଧୀରେ କଳା ଘୁମର ମେଘ ଘୋଟି ଆସିଲା । ମନେ ହେଲା

ଯେମିତି ଦିନ ନୁହେଁ ରାତି ଆଉ ଡ୍ରାଇଭର ହେଡ୍ ଲାଇଟ ଜଲେଇନେଲେ। ବରଷା ଆରମ୍ଭ ହୋଇ ନଥାଏ । ମନେ ହେଉଥାଏ ଯେମିତି ସର୍ବଶକ୍ତିମାନ ପରମଭକ୍ତ ମହାମନା ଲଙ୍କେଶଙ୍କର ଅନ୍ତିମ ସମରର ଦୃଶ୍ୟ ଯାହା ପ୍ରଭୁ ମର୍ଯାଦା ପୁରୁଷୋତ୍ତମଙ୍କୁ ବି ଚକିତ ବିସ୍ମିତ କରି ଥିଲା ଓ ସେ ବିଭୀଷଣଙ୍କୁ " ଲଙ୍କେଶ, ଯୁଦ୍ଧର ନୀତି ନିୟମ ଯାହା, ଆଜି ତ ଆଉ ଯୁଦ୍ଧ ସ୍ଥଗିତ ରହିବ" ବୋଲି କହିବାରେ ବିଭୀଷଣ – "ନା ପ୍ରଭୁ, ଯାହା ଆପଣଙ୍କୁ ଦୃଶ୍ୟ ହେଉଛି ତାହା ମୋତେ ବି ଚକିତ ବିସ୍ମିତ କରିଛି । ଆଜି ସମ୍ରାଟଙ୍କର ସମର ସଜ୍ଜା ବିସ୍ମୟକର ଅତୁଳନୀୟ । କିନ୍ତୁ, ଯଥାର୍ଥରେ ତାହା –

**"ଶଶୀକରାମ୍ଭୋଧର ମତ୍ତ କୁଞ୍ଜରଃ । ସ୍ତଡ଼ିତ୍ ପତାକୋଽଶନିଶବ୍ଦ ମର୍ଦ୍ଦଳଃ**
ପ୍ରଭୁ ଦକ୍ଷିଣରୁ ଆସୁଥିବା ପର୍ବତ କୁଞ୍ଜରାକର ରାକ୍ଷସ ସେନା ମନେ ହେଉଛନ୍ତି ଯେମିତି ଆକାଶ ଆବୋରି ରହିଛି କଳା ଘୁମର ବର୍ଷଣୋନ୍ମୁଖ ମେଘ। ରଥଧ୍ୱଜ, ଅଶ୍ୱଧ୍ୱଜ, ହସ୍ତୀଧ୍ୱଜ, ସେନାନାୟକ, ସେନାପତମାନଙ୍କର ସୁବର୍ଣ ଜରି ବିମଣ୍ଡିତ ପତାକାମାନଙ୍କରେ ଆକାଶ ଫାଁକରେ ପ୍ରତିଫଳିତ ଅରୁଣ ରଶ୍ମୀ ଆପଣଙ୍କୁ ବିଦ୍ୟୁତ ଚମକ ପରି ମନେ ହେଉଛି ଏବଂ ବିଶାଳ ଯୁଦ୍ଧ ବାଦ୍ୟାକାର ଯେ ମର୍ଦ୍ଦଳ ନାଦ କରି ଆସୁଛନ୍ତି ତାହା ଆପଣଙ୍କୁ ପ୍ରଚଣ୍ଡ ପ୍ରଖର ମୋଘର ଗର୍ଜନା ଘଡ଼ଘଡ଼ି ଭଳି ମନେ ହେଉଛି ।

ମୁଁ ସେତେବେଳେ ଧୀର ଗତିରେ ଆଗେଇ ଥିବା ଗାଡ଼ିର ଆଗ ସିଟରେ ଥାଇ ବରଷୁ ନଥିବା ମୁହୂର୍ତ୍ତରେ ଦୁଃଖ ପାଶୋରା ଭାବକଳ୍ପନାରେ ବୁଡ଼ି ରହିଥିଲି। କାରର ପଛେପଛେ ଅନତି ଦୂରରେ ଭେନ୍ ଆଗେଇ ଥିଲା।

ପ୍ରାୟ ମାଇଲିଏ ଆଗରେ କିନ୍ତୁ ପ୍ରବଳ କୁଆପଥର ମାଡ଼, ଘୋର ପ୍ରଚଣ୍ଡ ବର୍ଷା ଅସଂଖ୍ୟ ପକ୍ଷୀ ଙ୍କର ନୀଡ ଶାବକ ଓ ସେମାନେ ଗଛତଳେ ସ୍ତୁପାକାର ଜମାହୋଇଥିଲା ନୀଡ଼ମାନଙ୍କ ସହିତ ମରି ପଡ଼ିଲେ । ବିଲମାନଙ୍କୁ ବିଳ ମାନଙ୍କରେ ପାଣି ପଶି ସଡକକୁ ବାହାରି ଆସିଥିବା ସହସ୍ରାଧିକ ନିର୍ବିଷ ବିଷଧର ସାପ ଦଳି ହୋଇ ମରି ପଡ଼ିଥିଲେ, ଆମର ଯିବା ବେଳପରି; ବରଂ ତା'ଠାରୁ ତୀବ୍ରତର। କି ବର୍ଷା କି ଘଡ଼ଘଡ଼ି ଅନ୍ଧାର ଆକାଶରେ ବିଦ୍ୟୁଚ୍ଛଟା ଦିଗନ୍ତରୁ ଦିଗନ୍ତ ଭେଦି ଲୀନ ହୋଇ ଯାଉଥିଲା ।

ଆମେ ଆଉ କିଛି ବାଟ ଆଗେଇଲା ପରେ ବରଷା ଥମିଗଲା । କଅଁଳ ଖରା । ତେବେ ସମ୍ପୂର୍ଣ ରାସ୍ତା ଅବରୋଧ କରି ଏକ ବିଶାଳ ତରୁ ରହିଥିଲା । ତାକୁ ଲଂଘି ଆଗେଇବାର କୌଣସି ଉପାୟ ନଥିଲା। କଅଁଳ ଖରା ବିଛେଇ ହୋଇ ପଡ଼ିଥାଏ । ସେଇ ଖରାରେ କେତେବେଳେ କେମିତି ଟୋପେଅଧେ "ଖରାପାଣି" ବରଷୁ ଥାଏ । ବରବଧୂ ଆଉ "ଘୁଡ଼ାଖାଇ" କୁ ଛାଡ଼ି ଆମେ ସମସ୍ତେ ଭାଡ଼ିମାନଙ୍କରୁ ଓହ୍ଲାଇ ଆସିଲୁ । ତାପରେ

ଆମର ବଲାଙ୍ଗୀର ପହଂଚିଲା ଯାଏଁ ମେଘୁଆ ପାଗରେ ମଝିରେ ମଝିରେ ଖରା ପଡ଼ି ଆଉ ବରଷା ହେଲା ନାଇଁ। କକେଇ କହିଲେ – ଆମେ ତ ଆଉ ଖୋରଧା ବାଟ ଦେଇ ଆଗେଇ ପାରିବା ନାଇଁ। ଆମେ ବସନ୍ତ ମଞ୍ଜରୀ ଯକ୍ଷ୍ମା ନିବାସ ବାଟ ଦେଇ

ଚାଲିଯିବା । ଖୋରଧା ନୂଆଗଡ଼ ସଡ଼କରେ ପହଁଚି ଯିବା ତମେମାନେ ମୋତେ ଭୀମପଡ଼ା ଛକରେ ଉରାରି ଦେବ । ମୁଁ ଚାଲିଯିବି ଗାଆଁକୁ। " ଆମେ ତାଙ୍କ କଥା ମାନିନେବାକୁ ଏକପ୍ରକାର ବାଧ୍ୟ ଥିଲୁଁ । ତାଙ୍କର ଅଭ୍ୟାସ ସେ ମାଇଲ ମାଇଲ ଚାଲି ଯାଉଥିଲେ । ଆମେ କିନ୍ତୁ ଭୀମପଡ଼ାରେ ସେ "ନାହିଁ ନାହିଁ " କରୁଥିବା ସତ୍ତ୍ୱେ ତାଙ୍କ ପାଇଁ ରିକ୍ସାର ବ୍ୟବସ୍ଥା କରି ଦେଲୁଁ। କାରଣ ତାଙ୍କର କିଛି ବାହାଘରୁ ଫେରା କର୍ତାର ବିଦାକୀ ବୋଝ ବି ଥିଲା। ଆମେମାନେ ପୂଜ୍ୟ କକେଇଙ୍କୁ ଚରଣସ୍ପର୍ଶ ପ୍ରଣାମ କରି ବିଦାକଲୁଁ। ମୁଁ ତାଙ୍କର ହାତଖର୍ଚ୍ଚ ସକାଶେ କିଛି ଦେଲି। ସେଇ ସ୍ୱାଭିମାନ "ନାହିଁ ନାହିଁ" କହି ଗ୍ରହଣ କଲେ । ରିକ୍ସାବାଲା କିନ୍ତୁ ଜମାରୁ କିଛି ନେଲା ନାଇଁ – କହିଲା " ସାଆନ୍ତେ କେବେ ବି ରିକସା କରିବେ ନାଇଁ, ଚାଲି ଯାଆନ୍ତି । ଆଜି ତାଙ୍କର ସେବା କରିବା ମଉକା ମିଳିଛି। ଓଳଗି ହୋଇ ଫେରିଲା ବେଳକୁ ସେ ଯେ ମୁଣ୍ଡରେ ହାତମାରି କଇଲାଣ କରିବେ, ସେ କଣ କିଛି କମ କି ?" ସେ କାଳ ନିଆରା ଥିଲା। ଭକ୍ତ ଭୋଳ ମଣିଷ ଥିଲେ, ନିର୍ଲୋଭ, ଅଭାବରେ ଭାବ ଭରି ରହିଥିଲା ; ସୁଖରେ ଥିଲେ, ଶାନ୍ତିରେ ଥିଲେ ।

ପ୍ରଗାଢ଼ ଭକ୍ତିର ଭାବଭୋଳା ଏହି ଦିବ୍ୟନ୍ରଷ୍ଟା ମହାପୁରୁଷମାନେ ଅମରାତ୍ମା ଓ ସେମାନଙ୍କୁ କର୍ତାପୁରୁଷ ଧରାବତରିତ କିଛି କର୍ମ ସମ୍ପାଦନ କରିବାକୁ ବରଗି ଥାଆନ୍ତିବୋଲି ମୋର ଆସ୍ଥା ଓ ବିଶ୍ୱାସ । ଏହା ଆଗରୁ ବି କହିଛି। ଯେ କରେ ବା କରାଏ ସେ କର୍ତା। ଆଉ ଏହି ମହାପୁରୁଷମାନେ ଶ୍ରୀଳ ଭଗବତପାଦ ଗଣେଶ୍ୱର ମିଶ୍ର ଓ ପଣ୍ଡିତ ଅର୍ଜୁନ ହୋତା ସେହି ଜଗତର କଲ୍ୟାଣ ମଙ୍ଗଳକାମୀ କର୍ତାପୁରୁଷର ଅନୁପ୍ରେରକ।....

୦୦୦

୯.୮.୨୦୨୨,

## ଭକତି ଭାବଭୋଳୀ ମହାସତୀ
## ଅଭିଶାପ
## ଘେନା କି କରିବେ ନାଇଁ ଭଗତ ଦାସ !!

୦

**ହ**ସ୍ତୀନାରେ ମାତା କୃଷ୍ଣା ଯାଜ୍ଞସେନୀ ଦ୍ରୌପଦୀଙ୍କର ଲଜ୍ଜା ନିବାରଣ ପରେ ମହାବଳୀ ଭୀମସେନଙ୍କର ଦୁ:ଶାସନର ଭୁଜ ଉତ୍ପାଟନ. ବକ୍ଷ ବିଦାରିତ କରି ରକ୍ତପାନ କରିବି ବୋଲି ପ୍ରତିଜ୍ଞା କରିଥିଲେ ; କାରଣ ଯାହା ଘଟିଗଲା ତାହା ଫଳରେ ମହାସମର ଅନିବାର୍ଯ୍ୟ, କିଛି ସନ୍ଦେହ ରହିଲା ନାହିଁ।

ମହାସଦୀ ଅଭିଶପ୍ତ କରିଗଲେ ହସ୍ତୀନା ଧ୍ୱଂସ ବିଧ୍ୱଂସିତ ହୋଇଯିବ କେହି କେହି ବି ତାର ବିକାଶ ସାଧନ କରି ଦେଇ ପାରିବେନାହିଁ। ସେତେବେଳେ ସକଳ ନିୟାମକ ଦୁଷ୍କୃତ ନାଶନର ଓ ସତ୍ୟ ଧର୍ମର ସଂସ୍ଥାପନ କରି ସାଧୁ ସଂଥ ପ୍ରରିତ୍ରାଣ କରିବାକୁ ସଂକଳ୍ପବଦ୍ଧ ପ୍ରଭୁ ନିର୍ବାକ ହୋଇ ନିର୍ନିମେଷ ପ୍ରିୟତମା ର କ୍ରୋଧ ଜର୍ଜରିତ ଜ୍ୱାଳାମୁଖୀବତ୍ ମୁଖମଣ୍ଡଳକୁ ନିରେଖି ରହିଥିବା ମହାଭାରତରେ ମାତ୍ର ଏକ ଆଖ୍ୟାନ ନୁହେଁ।

ଯାହା କରିବେ ସେଇ କର୍ତାପୁରୁଷ ହିଁ କରିବେ । ତାଙ୍କର ଇଚ୍ଛା ବିନା ଗଛର ପତରଟିଏ ବି ହଲିବ ନାହିଁ ବୋଲି ଭାବୁକ ଚିନ୍ତକମାନେ କହିଛନ୍ତି ।

ସେଦିନ ମୁଁ ଆମର ଇରୋଜ ଗାର୍ଡନ ଆବାସରେ ଥିଲି। ତାହା ମୋର ଆନ୍ତର୍ଜାତିକ ଖ୍ୟାତି ସମ୍ପନ ପଦ୍ମବିଭୂଷଣ କଥାକାର ଅଭିନ୍ନାତ୍ମ ମିତ୍ର କମଳେଶ୍ୱରଙ୍କର ଆବାସ । ତଳେ ତାଙ୍କର ଉପରେ କଲ୍ୟାଣୀୟା ଝିଅସକାଶେ କିଣି ଦେଇଥିବା ଆବାସ। ପୁଣ୍ୟଶ୍ଲୋକ କମଳେଶ୍ୱର ଜୀ ଯଶୋଦେହେ ବିନ୍ୟମାନ ହୋଇ ନାହାନ୍ତି। ଭୁଲି ଯାଉଛି ଅନେକ। କମଳେଶ୍ୱର ଜୀ ବାହାରୁ ବୋଧହୁଏ ନବଭାରତ ର ରବିବାସରୀୟ ସାହିତ୍ୟ ପୃଷ୍ଠା ଟି ନେଇ ଆସି ପହଂଚିଲେ। କେହି ଜଣେ ଫୋଟୋ ଜର୍ଣାଲିଷ୍ଟ ଲେଖକ ବନ୍ଧୁଙ୍କର ସଚିତ୍ର ପ୍ରକାଶିତ " ମହାସତୀ ଅଭିଶାପିତ ହସ୍ତୀନା" ଶିରୋନାମାର ଆଲେଖ ନେଇ ପହଂଚିଲେ। ଆଉ ମୋତେ ଧରେଇଦେଇ କହିଲେ – "ଉଦ୍‌ଗାତା ଜୀ ପଢ଼ୀୟେ ଇସେ। କଲ ଦେଖନେ ଚଲେଙ୍ଗେ, ଲଗଭଗ ସୌ କିଲୋମିଟର କୀ ଦୂରୀ ପର ତୋ ହୈ ହସ୍ତୀନା !"

ଆଲେଖରେ ଯେଉଁ ଚିତ୍ରଗୁଡ଼ିକ ସଂଯୋଜିତ ହୋଇ ରହିଥିଲା ତାହା ଏକ ବିଶାଳ ଭଗ୍ନାବଶେଷ, ଧୂଳିସାତ୍ ଭିତ୍‌ତି। ଜାତୀୟ ରାଜପଥରେ ସୂଚନା ସ୍ୱରୂପ "ହସ୍ତୀନା" ଫଳକ। ପାଖରେ ଦୁଇ ତିନୋଟି ସାଧାରଣ ଷ୍ଟଲ ଫଳ ଆଉ ସାଧାରଣ ଚା ଜଳଖିଆର, ଗୋଟାଏ ସେରୂପ ଏକତାଲା ଭବନ ଆଗରେ ଏକ ଫଳକ ଲାଗିଛି ଯହିଁରେ ସୂଚନା ଅଛି " ହସ୍ତୀନା ଅତିଥି ଭବନ" ତାର କର୍ମଚାରୀ ଅଛନ୍ତି। ଏକ ସୂଚନା କେନ୍ଦ୍ରର କାର୍ଯାଳୟ ଅଛି। ବିବରଣୀ ଯାହା ରହିଛି ସଂକ୍ଷପରେ କହିଲେ କ୍ରମଶ: ବିଶାଳ ହସ୍ତୀନା ସମ୍ରାଟ କୁରୁରାଜପୁରୀ ଧୂଳିସାତ୍ ହୋଇଗଲା ହୁଏତ କେହିବି ତାର ସୁରକ୍ଷା ସଂରକ୍ଷଣର ଇଚ୍ଛା ବି କରି ନଥିବେ ଓ ତାର ଆପାତତ: ପଚିଶ ତିରିଶ ମାଇଲ ବାହାରେ ନୂଆ ନୂଆ କ୍ଷେତ୍ର ବିକଶିତ ହୋଇ ନଗରମାନେ ପ୍ରତିଷ୍ଠିତ ହୋଇ ତାର ଅଧିବାସୀମାନେ କୌଳିକ ବୃତ୍‌ତି ରେ ସମୃଦ୍ଧ ହୋଇଥିବେ । ଏବଂ ଆଜି ତାହା ସ୍ୱାସ୍ଥ୍ୟ ସୁରକ୍ଷା, ଶିକ୍ଷା କୃଷି ବ୍ୟବସାୟାଦି ସବୁ ଦୃଷ୍ଟିରୁ ସ୍ୱଚ୍ଛଳ। ପ୍ରଶାସନିକ ଅନୁଶାସନ ବ୍ୟବସ୍ଥିତ ହୋଇ ବିକଶିତ ହୋଇ ଚାଲିଛି।

ବିଲାତି ଶାସନ କାଳଯାଏଁ ପ୍ରଶାସନ ବା ସମାଜରେ ସେ ସମ୍ବନ୍ଧରେ କେହି ଚିନ୍ତା ବି କରି ନଥିଲେ।

ଦେଶ ସ୍ୱାଧୀନ ହେଲା । ଭାରତର ପ୍ରଥମ ପ୍ରଧାନ ମନ୍ତ୍ରୀ,ବଚନ ସଂକଳ୍ପ ସିଦ୍ଧ ବିଶ୍ୱ ଶାନ୍ତି ମୈତ୍ରୀ ର ଅନୁପ୍ରେରକ ପୁରୋଧା ଅପ୍ରତିମ ବିଦ୍ୱାନ ଦିଗ୍‌ଦ୍ରଷ୍ଟା, ରାଷ୍ଟ୍ରକବି ଦିନକରଙ୍କର ବିଶାଳ ଗ୍ରନ୍ଥ " ସଂସ୍କୃତି କେ ଚାର ଅଧ୍ୟାୟ"ର ଦୀର୍ଘ ଶତାଧିକ ପୃଷ୍ଠାର ଭୂମିକା ଲେଖି ବିଶ୍ୱ ଶାନ୍ତି ପ୍ରତି ସମର୍ପିତ କରିଥିବା ବିଶ୍ୱ ରାଷ୍ଟ୍ରମାନଙ୍କର ମୁଖପତ୍ରିକାସଦୃଶ ସ୍ୱୀକୃତ ସମ୍ମାନିତ,ପଣ୍ଡିତ ଜୱାହରଲାଲ ନେହେରୁ "ହସ୍ତୀନା"ର ବିକାଶ ସାଧନ-ଅଭିଳାଷ ନେଇ ସବୁ ପ୍ରକାର ଅନୁଦାନ, ବିନା ସୁଧର ଋଣ ଦେଇ ବାସଭବନ ଠାରୁ ଆରମ୍ଭ କରି ବିବିଧ ଦେଶୀ ବିଦେଶୀ କମ୍ପାନୀ, ଫ୍ୟାକ୍ଟରୀ ମାନଙ୍କୁ ଆହ୍ୱାନ କରି ଅକଳ୍ପନୀୟ ପ୍ରୟାସ କରି ସଫଳ ହେଲେନାହିଁ। ତାଙ୍କର ମହାପ୍ରୟାଣ ଉପରାନ୍ତ ତାହା ସମ୍ପ୍ରତି ମୌନ ଓ ହସ୍ତୀନା ଯେଉଁ ପ୍ରକାର ପରିତ୍ୟକ୍ତ ତାହା ବିସ୍ମୃତ ଅଚର୍ଚ୍ଚିତ ବି।

କମଳେଶ୍ୱର ଜୀ ନିଜେ କାର ଚଳେଇ ସାମନା ସିଟ୍‌ରେ ମୁଁ ଓ ପଛ ପଟେ ଭ୍ରାମ୍ୟମାଣ ଦୂରଦର୍ଶନର ପ୍ରସାରଣ ଭେନ୍ ସହିତ ହସ୍ତୀନା ପହଂଚିଲୁଁ। ସେତେବେଳେ କମଳେଶ୍ୱର ଜୀ ଭାରତୀୟ ପ୍ରସାରଭାରତୀ ପ୍ରମୁଖ, କର୍ଜନରୋଡ଼ ଆପାର୍ଟମେଂଟ ସରକାରୀ ସୂଟ୍ ରେ ରହୁଥାଆନ୍ତି। ଆମେ ପହଂଚିଲା ପରେ ସରକାରୀ ସୂଚନା ଲୋକସମ୍ପର୍କ କାର୍ଯାଳୟ ଓ ଅତିଥିଶାଳାର ଅଧିକାରୀ କାର୍ଯକର୍ତା ମାନେ ବାହାରି ଆସିଲେ । ସବୁ ହେଲା । ସେଠାରୁ ହିଁ ପ୍ରସାରଣ ଭ୍ୟାନ ରେକଡ଼ିଙ୍ଗ ଓ ପ୍ରସାରଣ କରିଥିଲେ। ପରେ ତାହା ଦୂରଦର୍ଶନର

ଘୋଷିତ କାର୍ଯ୍ୟକ୍ରମରେ ବି ପ୍ରସାରିତ ହେଲା। ସେତେବେଳେ ବୀଣା ଅପା (ଡକ୍ଟର ଶ୍ରୀମତୀ ବୀଣାପଣି ମହାନ୍ତି)କେନ୍ଦ୍ର ନିର୍ଦ୍ଦେଶିକା ଥିଲେ ଓ ସେଠାରୁ ସେବା ନିବୃତ୍ତ ହୋଇ ଅବସର ଗ୍ରହଣ କରିଥିଲେ।

ଆମେ ଫେରିବା ବେଳେ କମଳେଶ୍ୱର ଜୀ କହିଲେ ଉଦ୍‌ଗାତାଜୀ ଭକ୍ତି ଭାବରେ ତନ୍ମୟୀ ପ୍ରଭୁ ଶ୍ରୀକୃଷ୍ଣଙ୍କର ଅଭିନ୍ନ ପ୍ରଣୟିନୀ ମହାସତୀ କୃଷ୍ଣା ଦ୍ରୌପଦୀଙ୍କର ଅଭିଶାପ କାଳ କାଳରେ ଅନ୍ୟଥା ହୋଇନାହିଁ,ଓ ତାହା ହେବନାହିଁ ବି । ମହାସତୀଙ୍କର ତେଜସ୍ୱିନୀ ନାରିଭାବରେ ଚିତ୍ତଦାହୀ ଅପମାନର ଜ୍ୱାଳା କାଳ କାଳକୁ ନିର୍ବାପିତ, ଶାନ୍ତ ହେବନାହିଁ। ତାର ଦୃଷ୍ଟାନ୍ତ ଭାବରେ ଜଗତସକାଶେ ରଖିଦେଇ ଯିବାର ଇଚ୍ଛା ବି କରୁଣାମୟ, ଜଗତସ୍ରଷ୍ଟା ପାଳକ ପ୍ରଭୁ କରିବ ବୋଲି ବିଶ୍ୱାସ କରୁଛି।

ପୃଥ୍ୱୀର ପରିସରକୁ ବିଚାରକୁ ନେଲେ ହସ୍ତିନା ଏକ ସୀମିତ ପରିସର । ସତୀ ଶିରୋମଣୀ ଯଜ୍ଞସମ୍ଭୂତାଙ୍କର ଅଭିଶାପର ଫଳଭୋଗ କରୁଛି। ଆଜି ସମଗ୍ର ବିଶ୍ୱ ସତରେ କେଉଁ ଅଭିଶାପର ଫଳ ଭୋଗ କରୁଛି ମହାବାହୁ ! ତ୍ରାହୀ ତ୍ରାହୀ ଭକତର ଆତୁର କାତର ଡାକରେ ବିଶ୍ୱ ଥରହର। ଉଦ୍ଧାର କର। ମଣିଷ ଭାଇ, ପରସ୍ପରକୁ ସ୍ନେହ ଦିଅ, ଆଦର କର.ସମ୍ମାନିତ କର। ହେ ଶାସକ ବନ୍ଧୁ ମିଥ୍ୟା ସ୍ୱାର୍ଥ, ଅହଂକାର, କେବଳ ଆପଣାର ଚଉକି ଜମେଇ ରଖିବାକୁ ଅହେତୁକ ବାଚନିକ ପ୍ରତିଶୃତିରେ ଭ୍ରମିତ କରନାହିଁ ।

"ଯଦାଯଦାହି ଧର୍ମସ୍ୟ ... ..." ବୋଲି କଥା ଦେଇଥିବା ପାଳକ ପ୍ରଭୁ କଥାରୁ ଓହରି ଯିବେ ନାହିଁ ...... ସେଇ ମୋର ଆସ୍ଥା, ବିଶ୍ୱାସ ଶ୍ୟାମସଖା, ମିଛ ହୋଇ ନଯାଉ ଗୁହାରି କରୁଛି...

ତୁମର ଅପ୍ରତିମା ପ୍ରିୟତମା ବସୁନ୍ଧରା, ସେଇ ବିକଳ ରୋଦନ କରୁଛି ମଣିମା ମହିମାର୍ଣ୍ଣବ କାନରେ ପଡୁନାହିଁ କି ଦାରୁ ମୂରତି ହେ ! ସେ କାନର ଧାନେ ବି ତ ରହିନାଇଁ ପାଳକ ପ୍ରଭୁ !

୦୦୦

୧୩.୮.୨୦୨୨

## ପରଘରେ ଆସି

୦

**ପ**ରଘରେ ଆସି ରହିଛୁ ବାଇଆ
ତାକୁଇ କହୁଛୁ ମୋରମୋର
ସକଳ କଥାରେ କରତା ପୁରୁଷ ଅରୂପ ରୂପକୁ ହେତୁ କର
ପରଘରେ ଆସି.,

କହିଛି ତ ଖାଲି ଜଗତସାରାକୁ ସମାନ ଆଖିରେ ଦେଖିବାକୁ
ଅକପଟ ମନେ ସବୁରି ପରାଣେ ପ୍ରେମ ଦେଇ ଭଲ ପାଇବାକୁ
ଶକତି ନ ମାଗି ଭକତି କେବଳ ଲୋଡ଼ିବାକୁ
ତେଣିକି ବାଇଆ ପାଇଯିବୁ ତୋର ନିଜଘର
ପରଘରେ ଆସି...

ଦୁଃଖ ବୋଲିବା କିଛି ନାହି ମନ ସୁଖ ବାରତା ସେ ଦେଇଥାଏ
ଗାଢ଼ କଳା ରାତି ଭିତିର ପ୍ରତୀତି ସହିତ ବାଇଆ
ଶୁଭ ସକାଳର ମଧୁଝରା ଗୀତି ଗାଇଥାଏ
ଭାଷେ ଶ୍ରୀନିବାସ ଅରକ୍ଷିତ ଦାସ ବୋଲ ମାନି
ସଦାକାଳ ସୁଖ ଆନନ୍ଦ ତୋର ଭୋଗିବୁ ବାଇଆ
ଅରୂପ ରୂପର ହେତୁକର
ପାଇଯିବୁ କୋର ଆନନ୍ଦଧାମ ନିଜଘର...
ପରଘରେ ଆସି...

ପରଘରେ ଆସି ରହିଛୁ ବାଇଆ
ତାକୁଇ କହୁଛୁ ମୋରମୋର
ସକଳ କଥାରେ କରତା ପୁରୁଷ ଅରୂପ ରୂପକୁ ହେତୁ କର
ପରଘରେ ଆସି.,

୦୦୦

++ଗୀତି କବିତା - ଆଇନା ପୂଜା ବିଶେଷାଙ୍କ ଶାରଦୀୟ ୨୦୨୦ ରେ ପ୍ରକାଶିତ।

## ଓଳାଶୁଣୀ ରେ ଉଦ୍‌ଗାତା... ...

୦

**ତା**ହା ୩.୪.୨୦୨୨ରବିବାର, ଦିନ ଏଗାରଟାର ଭବ୍ୟ ଅପ୍ରତିମ, ଏ ଅକିଂଚନପ୍ରତି ଆଦର ସମ୍ମାନର ଅଗାଧ କରୁଣାର ଉତ୍ସବ ସମାରୋହ। "ଓଳାଶୁଣି ରେ ଉଦ୍‌ଗାତା..." ସ୍ୱରୂପ ପାଳିତ ହୋଇଥିଲା। ପ୍ରଜ୍ଞାପିତ ହେଇଥିଲା "ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ମହୀମଣ୍ଡଳ ଗୀତାର ହିନ୍ଦୀ ଅନୁବାଦକ ଯୁଗପୁରୁଷ ପଦ୍ମ ଶ୍ରୀ ଡ.ଶ୍ରୀନିବାସ ଉଦ୍‌ଗାତାଙ୍କୁ ଓଳାଶୁଣୀ ପୀଠରେ ସମ୍ମାନର ପର୍ବ।" ମୁଁ ଜାଣିଛି ଯେ ଯାହା କରିଛନ୍ତି ସନ୍ଥ ମହାପୁରୁଷ ଅରକ୍ଷ ରକ୍ଷକ ଅରକ୍ଷିତ ଦାସ ସ୍ୱୟଂ କରିଛନ୍ତି। ମୋର ପରିଣତ ବୟସ. କ୍ଷୀଣ ନେତ୍ରଜ୍ୟୋତି ଅପରିପକ୍ୱ ପ୍ରଜ୍ଞା ଏବଂ ମହୀମଣ୍ଡଳ ଗୀତାର କାବ୍ୟ ରଚନାର ଅସ୍ୱାଭାବିକ ବୟାକରଣିକ ରୀତି ହେତୁ ପ୍ରଥମେ ମୁଁ ସେଇ ଦିବ୍ୟ ମହତ୍ କର୍ମ ସକାଶେ ମୋର ଅସମର୍ଥତା ହେତୁ ଅଙ୍ଗୀକାର କରି ନଥିଲି । ସେତେବେଳେ ଭକତି ଭାବେ ଭୋଳା ସିଦ୍ଧ ମହାପୁରୁଷ ମୋର ପାରୁଶରେ ଉଭାହୋଇ ପଚାରିଲେ "ମନା କରିଦେଲ କେମିତି ! ମୁଁ ତମ ପାଖରେ ରହିଥିବି ତମକୁ ବାଟ କଢ଼େଇ ନେବି।" ଆଉ ମୁଁ ଅଙ୍ଗୀକାର କଲି । ତେଣୁ. ସେଦିନ ସେ ସମ୍ମାନ ସମାରୋହରେ କହିଥିଲି, ଯାହା କରିଛନ୍ତି ସିଦ୍ଧ ଭକତି ଭାବେ ଭୋଳା ସନ୍ଥ ମହାପୁରୁଷ କରିଛନ୍ତି,ଆପଣମାନେ ଏ ଅବୋଧ ଅବିଜ୍ଞ କୁ ଅଭ୍ୟର୍ଚ୍ଚିତ କରୁଛନ୍ତି, ଯେ ତା'ର ଯୋଗ୍ୟନୁହେଁ।

ଦେବ ଦର୍ଶନ, ଦିବ୍ୟ ସିଦ୍ଧ ଭକ୍ତି-ଶକ୍ତିର ଅମର ମହାପୁରୁଷମାନେ ଏ ଧରଣୀ ଧାମକୁ "ପରଘର" ମନେ କରି ଥାଆନ୍ତି ଓ ପ୍ରଭୁ ଶ୍ରୀଚରଣକମଳାଶ୍ରିତ ହୋଇ ରହିଥିବା ଧାମ ସେମାନଙ୍କ ସକାଶେ "ନିଜଘର" । ଯାହା ମହାପୁରୁଷ "ମହୀମଣ୍ଡଳ ଗୀତା"ରେ ପ୍ରଜ୍ଞାପିତ କରିଛନ୍ତି। ସେମାନେ ସର୍ବ ଦ୍ରଷ୍ଟା, ଭକତ ଉଦ୍ଧାରଣ ସକାଶେ ବିଭୁ ପ୍ରେରିତ ହୋଇ ଧରାବତରଣ କରି ଥାଆନ୍ତି। ଏହି ଆସ୍ଥା ଓ ବିଶ୍ୱାସରେ ଏ ଅକିଂଚନ ଭକ୍ତି ଭାବେ ଭୋଳ ହୋଇ ହୁଏତ ଆପଣାର ଅସମର୍ଥତା ପ୍ରକାଶ କରିଥିଲା ଓ ଭକ୍ତିସିଦ୍ଧ ମହାପୁରୁଷ ସେ ସେହି ମୌନ ଡାକରା ଶୁଣି ଉଦ୍ଧାରକ ଭାବରେ ସଶରୀର ବିରାଜିତ ହୋଇଥିଲେ। ମୁଁ ତାଙ୍କର ସେ ସୌମ୍ୟ, ଶାନ୍ତ, ପ୍ରସନ୍ନ ରୂପ-ଦର୍ଶନ କରିଛି। ସ୍ୱପ୍ନପ୍ରାୟ ଅଚେତନ-ସଚେତନତାରେ ସେ ମୋତେ ଓଳାଶୁଣୀ ପୀଠର କୋଣ ଅନୁକୋଣ ଦେଖେଇଛନ୍ତି,

ତାଙ୍କର ପ୍ରଦୀପିତ ସମାଧିପୀଠ ଦେଖିଛି । କେବେ ବି ନଯାଇ ନଦେଖି ସବୁକିଛି ର ସଠିକ ବର୍ଣନା କରିଯିବା ସମସ୍ତଙ୍କୁ ଚକିତ ଅଭିଭୂତ କରିଥିଲା।

ମୋର ପୁତ୍ର ପ୍ରତିମ ବାପା ନବକିଶୋର ଆଉ ମାଆ ଶ୍ରୀମୟୀ ସନ୍ଧ୍ୟାରାଣୀ ଯେତେବେଳେ "ଆପଣ ମହାପୁରୁଷଙ୍କୁ ଦେଖିଛନ୍ତି କି ?" ବୋଲି ପଚାରିଲେ ମୁଁ ସ୍ୱୀକାର କରି ତାଙ୍କର ଦୀପ୍ତ ରୂପର ଏକ ସ୍କେଚ୍ କରି ଦେଇ ପାରିବି ବୋଲି କହି କରି ଦେଇଛି। ତାକୁ ମୋର ଚିତ୍ରଶିଳ୍ପୀ ପ୍ରବୀଣ ସୁହୃଦ୍ ଦିଲ୍ଲୀପ ଦେଖି ରେଖାଙ୍କିତ କରିଛନ୍ତି ଓ ତାର ଆଧାରରେ ସିଦ୍ଧଶିଳ୍ପୀ ଶ୍ରୀ ଚିନ୍ତାମଣି ବିଶ୍ୱାଳ ଦେଢ଼ ଦୁଇ ର ତୈଳଚିତ୍ର କରୁଛନ୍ତି। ମୋର ସେ ସ୍କେଚ୍ ଦେଖି କନିଷ୍ଠ ଯୁବରାଜ ଶ୍ରୀ  ଦେବବ୍ରତ ଦେବ ତହିଁରେ ପାରିବାରିକ ରୂପସାଦୃଶ୍ୟ ରହିଥିବା ଅନୁଭବ କରି ମୁଗ୍ଧ ହୋଇଥିଲେ । ଏ ସବୁ ମୋପ୍ରତି ଭକତି ଭୋଳା ସିଦ୍ଧ ମହାପୁରୁଷଙ୍କର କୃପା ବୋଲି ଅନୁଭବ କରୁଛି।

ସେ ମୋର ପାରୁଶରେ ବିଦ୍ୟମାନ ହେଇ ଆପଣା କୃତି "ମହୀମଣ୍ଡଳ ଗୀତା"ର କାବ୍ୟାନ୍ତରଣ କରିଛନ୍ତି ବୋଲି ସିନା ଅସମ୍ଭବ ସମ୍ଭବ ହୋଇଛି। କିନ୍ତୁ,ସେହି ଅବଦାନ ସକାଶେ ସେଦିନ ମୋତେ ଗୌରବାନ୍ୱିତ କରି ପରିପୂର୍ଣ ସଭାଗାରରେ ଯେ ଗୌରବ ସମ୍ମାନ ବିମଣ୍ଡିତ  କରାଗଲା, ତାହା ମୁଁ ମହାପୁରୁଷ ତଥା ବିଭୁ କରୁଣା ଭାବରେ ଅଙ୍ଗୀକାର କରି ଅଭିଭୂତ କୃତାର୍ଥ ହୋଇଛି। ସେଦିନ ଶୁଣେଇ ସଜଳ କଣ୍ଠରେ କହିଥିଲି - ତାହା ସେତୁବନ୍ଧନରେ ମୋର ଗୁଣ୍ଡୁଚୀମୂଷାର ସହଭାଗିତା, ଯାହା ଗୋସ୍ୱାମୀ "ଗିଲହରୀ ପ୍ରୟାସ" ବୋଲି କହିଛନ୍ତି। ପ୍ରଭୁ କରୁଣା ବାରାନିଧି ମୋର ପୀଠି ଆଉଁସି ଦେଇ ଯେ କରୁଣା-ରେଖା ସ୍ଥାୟୀ କରି ଦେଇଛନ୍ତି ତାହା ମୋର ଦୃଶ୍ୟାନ୍ତରରେ ରହିଛି। ରହିଥିବ । ଆଜି ମୋତେ ଯେ ସମ୍ମାନିତ କରିଛନ୍ତି ତାହା ଜଗତ ଜନ ଦେଖି ପାରିବେ । ସେତେବେଳେ ସମସ୍ତ ପ୍ରକ୍ରିୟାର ଚିତ୍ରୋତ୍‌ତୋଳନ ହେଉଥିଲା,ପରେ ତାହା ପ୍ରସାରିତ ହୋଇଛି ବି "ପ୍ରାର୍ଥନା"ଚେନାଲରେ,କର୍ତା ପୁରୁଷ ହେଉଛନ୍ତି ଆୟୁଷ୍ମାନ ଶରଣାରବିନ୍ଦ।

ସେଦିନ ଅତିଥି ଭାବରେ ଯେଉଁମାନେ ମତ ମନ୍ତବ୍ୟ ପ୍ରଦାନ କରିବେ ବୋଲି ନିଶ୍ଚିତ ହୋଇଥିଲା ପାରିବାରିକ କିଛି ଅଘଟଣ ହେତୁ ରାଜାଶ୍ରୀ ରବୀନ୍ଦ୍ରକିଶୋର ଶ୍ରୀଚନ୍ଦନ (ବଡ଼କୋଠା ରାଜପରିବାର,କେନ୍ଦ୍ରାପଡ଼ା )(ପ୍ରଣମ୍ୟ ବାଣୀକଣ୍ଠ ନିମାଇଁ ହରିଚନ୍ଦନଙ୍କର କନିଷ୍ଠ ଭ୍ରାତା)ଏବଂ ଶ୍ରୀ ଦେବବ୍ରତ ଦେବ କନିଷ୍ଠ ଯୁବରାଜ ବଡ଼ଖେମୁଣ୍ଡୀ ରାଜ ପରିବାର ଯୋଗ ଦେଇ ପାରିନଥିଲେ ମାତ୍ର, ସୁଲେଖିକା ଶ୍ରୀମତୀ ସୌଦାମିନୀ ଉଦ୍‌ଗାତା, କବି ଡକ୍ଟର ପ୍ରସନ୍ନକୁମାର ପାଟଶାଣୀ ବାଟ ଭୁଲି ଆସିବାରେ ବିଳମ୍ବ ହେଲାବୋଲି ବଡ଼ଭାଇ ଓ ମାର୍ଗଦର୍ଶୀଭାବରେ ସମାଦୃତ ସମ୍ମାନିତ କରି ଆସୁଥିବା ମୋତେ ଆସି ଅତିଥିଶାଳରେ ଭେଟି ଥିଲେ । ଯୋଗ ଦେଇଥିଲେ ମୁଁ ମାତାଭାବରେ ବରଣ କରିଥିବା କଲ୍ୟାଣୀୟା

ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ରର ନିର୍ଦ୍ଦେଶିକା ଶ୍ରୀମତୀ ଦୀପ୍ତି ମିଶ୍ର ପରେ ସମଗ୍ର କାର୍ଯ୍ୟକ୍ରମ ଦୂରଦର୍ଶନ ରେ ପ୍ରସାରିତ ହୋଇଥିଲା। ଯୋଗ ଦେଇଥିଲେ ଡ: ତାରକ ପ୍ରସନ୍ନ ତ୍ରିପାଠୀ, ଶ୍ରୀ ଅଭିରାମ ପ୍ରସାଦ ଭୂୟାଁ ସମ୍ପାଦକ, ଶୂନ୍ୟପୁରୁଷ, "ମହୀମଣ୍ଡଳ ଗୀତା"ଇଂରାଜୀ ଅନୁବାଦକ, ଅଭିନେତା ଶ୍ରୀ ଜୀବନାନନ୍ଦ ପଣ୍ଡା, ଅଭିନେତା ଶ୍ରୀ ମନୋଜ ପଣ୍ଡା, କଣ୍ଠଶିଳ୍ପୀ ଶ୍ରୀ ଟି.ସୌରୀ, ଶ୍ରୀ ଚିନ୍ତାମଣି ବିଶ୍ୱାଳ, ଚିତ୍ରଶିଳ୍ପୀ ତଥା ଅଭିନେତା, ଶିବାନୀ ପରିବାରର ସଦସ୍ୟ ଶ୍ରୀ ବିଭୁ ପ୍ରସାଦ ଦାଶ ଏବଂ ତନ୍ମୟ ବିଦ୍ୱାନ,ଭକତି ସିଦ୍ଧ ଶେକ୍ ମତଲୁବ ଅଲ୍ଲୀଙ୍କର ସୁପୁତ୍ର ସେକ୍ ମସୁଦ ଅଲୀ .ସେ ପରମପ୍ରିୟ ମତଲୁବ ଭାଇଙ୍କର ସ୍ମୃତି-ସ୍ମାରକୀ ବିଶାଳ "ଅଭିଳକ୍ଷିତ" ଗ୍ରନ୍ଥର ସମ୍ପାଦନା କରି ପ୍ରକାଶ କରିଛନ୍ତି। ଶ୍ରଦ୍ଧାସ୍ପଦ ପରମ ଆଶୀର୍ବାଦନୀୟ ଶରଣାରବିନ୍ଦ,ପ୍ରାର୍ଥନା ଚେନାଲ, ସଭା ର ମନୋଜ୍ଞ ସୁଦକ୍ଷ ପରିଚାଳନା କରୁଥିଲେ ।

ବାପା ନବକିଶୋର ସବୁ କିଛିର ବୁଲିବୁଲି ତତ୍ତ୍ୱାବଧାନ କରୁଥିଲେ, ମାଆ ସନ୍ଧ୍ୟାରାଣୀ ଆପାତତ: ଆମରି ପାଖରେ ରହି ମୋର ସୁବିଧା ଅସୁବିଧା ଦେଖୁଥିଲା । ବେଶ୍ ଫୂର୍ତ୍ତିରେ ଭଉଣୀ ବିଜୟଲକ୍ଷ୍ମୀ କହିଲା ନକହିଲା ଚିଜ ତା'ମନକୁ ଆଣି ଦେଉଥିଲା। ଭୁବନେଶ୍ୱରରୁ ଆମ ସାଙ୍ଗରେ ଯାଇଥିଲା ଗେହ୍ଲେଇ ଭଉଣୀ ଆହ୍ଲାଦିନୀ ଆଉ ଭଗିନୀପତି ପ୍ରବୀଣ ଚିତ୍ରକର, ତବଲାବାଦକ ଶ୍ରୀ ପଦ୍ମନାଭ ମିଶ୍ର। ସବୁ ଦୃଷ୍ଟିରୁ ଆମର ସେ ଯାତ୍ରାଥିଲା, ସଫଳ,ସାର୍ଥକ, ସୁଖଦ, ପ୍ରମୋଦ ପରିତୋଷର ଅଗଣିତ କ୍ଷଣର ସମାହାର ଯାହା ଅଭୁଲା ସ୍ମୃତିରେ ସାଇତା ହୋଇ ରହିଥିବ।

+++ +++

କିଛି ବି କେହି କରି ନଥାଏ, ମାତରକ ଅଜ୍ଞାନୀ ଅବୋଧ ମଣିଷ ମୁଁ କରିଛି ବୋଲି କହି ବୁଲୁଥାଏ ଆଉ ସେଥିସକାଶେ ଗରବିତ ହେଉଥାଏ ଅହଂକାରରେ । ଏ ଜଗତରେ ଯାହା ବି ଘଟିତ ହୋଇଥାଏ ସବୁ ସେଇ କରତାପୁରୁଷ ଇ କରି ଥାଆନ୍ତି । କଥନ ଅଛି ବିଶ୍ୱ କରତାଙ୍କର ମରଜି ବିନା ଗଛର ପତର ବି ହଲି ପାରେ ନାହି। ସେ କର୍ତ୍ତା, ଯେ କରେ ବା କରାଏ ସେ କର୍ତ୍ତା ବୋଲି ।କରଣିକ ସୂତ୍ରରେ ବି ବିବୃତ ହୋଇଥାଏ। ପରମ ତତ୍ତ୍ୱବୋଧୀ ଭକ୍ତ ଶିରୋମଣି ଅରୂପ ଅଣାକାର ଅବ୍ୟକ୍ତ ପୁରୁଷ ଙ୍କର ଅଭିନ୍ନାତ୍ମ ପଂଚସଖା ମାନଙ୍କର ଅନ୍ୟତମ ଭକତି ଭାବେ ଭୋଳା ଜଗନ୍ନାଥଦାସ ଉତ୍କଳୀୟ ଶ୍ରୀମଭାଗତରେ ଅନୁସର୍ଜନାରେ ବିଶ୍ୱ ନିୟନ୍ତାଙ୍କର ପ୍ରଜ୍ଞାପନସ୍ୱରୂପ କହିଛନ୍ତି " କରି କରାଉଥାଏଁ ମୁହିଁ। ମୋ ବିନୁ ଅନ୍ୟ ଗତି ନାହିଁ।।" ମୂଳ ତ ସେଇ "ଭକତି " ସେଇ ଭାବରେ ଭୋଳା ଇ ପରମ ଭକ୍ତ । ଯା'ର ସବୁକିଛି ତୁଲେଇ ଦେଇ ଥାଆନ୍ତି ଆଉ ଭକତକୁ ନିମିତ୍ତ ଭାବରେ ନେଇ ଯାହା କରନ୍ତି ସେ ନିଜେ କରିଥାଆନ୍ତି। ସ୍ମରଣ କରିବେ ବିଶ୍ୱରୂପ ଦର୍ଶନ କରି ସମ୍ପୂର୍ଣ୍ଣ ସମ୍ମୋହିତ ପରମ ସଖା ପାର୍ଥ ସବ୍ୟସାଚୀଙ୍କୁ କର୍ତ୍ତାପୁରୁଷ

କହିଲେ ନା ? "ନିମିତ୍ତ ମାତ୍ରଂ ଭବ ସବ୍ୟସାଚୀ" ପ୍ରଭୁ "ନାରାୟଣ" ପାର୍ଥ "ନର" ଅବତରଣ ର ଏକମାତ୍ର ଦୁଷ୍କୃତ ବିନାଶ କରି ସାଧୁ ପରିତ୍ରାଣ ପୂର୍ବକ ସତ୍ୟ, ଧର୍ମର ସଂସ୍ଥାପନ କରିବା। (ପରମ ପାବନୀ ଶ୍ରୀଗୀତାରେ ; କୁରୁକ୍ଷେତ୍ର ସମରାଙ୍ଗଣରେ ପ୍ରଭୁଙ୍କର ଶାଶ୍ୱତ ପଞ୍ଚାପନ "ଯଦା ଯଦା ହି ଧର୍ମସ୍ୟ....." ସେ ବିଶ୍ୱର ସରଜନା ପରଠାରୁ ପ୍ରତି ଯୁଗରେ ସତ୍‌ପୁରୁଷ ଙ୍କୁ ପାଳନ କରି ଲାଳନ କରି ଆସିଥିବା କରୁଣାମୟ ନାରାୟଣ ନରରୂପ ସଖା ଧନଞ୍ଜୟ ପାର୍ଥଙ୍କୁ କହିଲେ – "ତୁମେ ମୋ ସହିତ ପ୍ରତିଯୁଗରେ ନିମିତ୍ତ ହୋଇ ଆସିଛ, ମାତ୍ର ତୁମେ ବିସ୍ମୃତ । ଏ ମହାସମର ଆଜି ପ୍ରଥମ ନୁହେଁ, ଅତୀତର ଅନେକାନେକ ଯୁଗର ପୁନରାବୃତ୍ତି ! ଏବଂ ତା'ପରେ ସମ୍ମୋହିତ ପାର୍ଥ କରଯୋଡ଼ି " ହେ କର୍ତା କୃପା କର, ଯାହା କରିବ କର । ମୁଁ "ଯଥା ନିଯୁକ୍ତୋସ୍ମି ତଥା କରୋମି।"

ଉପସ୍ଥିତ ଦ୍ୱାପରର ଦୁଷ୍କୃତନାଶନ ସାଧୁ ସଜ୍ଜନ ଭକତ ପରିତ୍ରାଣ ଧର୍ମ ସତ୍ୟର ସଂସ୍ଥାପନର ଯୋଜନା ପ୍ରସ୍ତୁତ କରି ଅପ୍ରାକୃତ ପ୍ରୀତି ସଙ୍ଗିନୀ ଅଯୋନିଜା ଅଭିନ୍ନା ଯୋଗମାୟାଙ୍କୁ ଲେଲୀହାନ ଯଜ୍ଞ ଶିଖାରୁ ଉଠେଇ ଆଣିଥିଲେ, "କୃଷ୍ଣା, ତୁମେ ନବ ଇତିହାସର ରଚନାକରିବ " କୃଷ୍ଣା ଯୋଗମାୟା ଅପର୍ଣା ପଚାରିଲେ ସଂକଳ୍ପ ସିଦ୍ଧ ପ୍ରଭୁମୋର ମୁହୂର୍ତକରେ ସକଳ ନାଶ କରି ଧର୍ମରସଂସ୍ଥାପନ, ଯାହା ସମ୍ଭବ, ତାହା ସକାଶେ ଏ ଅଠର ଦିନ ସମରର ଆୟୋଜନ, କାହିକି ? ପ୍ରଭୁ ଉତ୍ତର ଦେଲ ମହିମାର୍ଣବ – "ଇତିହାସକୁ ସାକ୍ଷୀ କରି ରଖିବାକୁ। ସାଧୁ ସନ୍ଥ ଭକତି ଭାବେ ଭୋଳା ଭଗତମାନଙ୍କୁ ଅଭୟାଶ୍ରିତ କରିବାକୁ । ତାର ଆରମ୍ଭ ଅନ୍ଧ ସମ୍ରାଟ ଧୃତରାଷ୍ଟ୍ରଙ୍କର ଭେଦବିଚାର, ଅହଂକାର, ଉଦ୍ଧତ ଅବିଚାରୀ ପୁତ୍ରମୋହ, ଏତେ ଯେ ମହା ଭାରତ ଉପ ପ୍ରଜାଗର ପର୍ବର ମହାତ୍ମା ବିଦୁରଙ୍କର ଉପଦେଶ ସକଳର ଗୋଟାଏ ଶବ୍ଦ ବି ଅଙ୍ଗୀକାର ନ କରି ସତରେ ଯେପରି ମହାସମର କୁ ଆମନ୍ତଣ ଦେଇ ପାଛୋଟି ଆଣି ଥିଲା ଅନ୍ଧ ସମ୍ରାଟ୍‌ର ଅନ୍ଧ ଦୁରାଗ୍ରହ। ସବୁସବୁ କଥାର ତୁଳନାତ୍ମକ ବିଚାରରେ ଅନ୍ଧସମ୍ରାଟଙ୍କର ଅନ୍ଧ ଧାରଣା,ଆସ୍ଥା ବିଶ୍ୱା ରହିଥିଲା ଯେ କୌରବପକ୍ଷର ବିଜୟ ସୁନିଶ୍ଚିତ ତେଣୁ ସର୍ବନିୟନ୍ତା ପ୍ରଭୁପ୍ରତି ବି ତାଙ୍କର ସମ୍ମାନ ଆଦର ଭାବ ନଥିଲା ଯେ ତାଙ୍କର ଉଦ୍ଧତ ଉଦ୍ଦଣ୍ଡପୁତ୍ର ଦୁର୍ଯୋଧନ ଯେତେବେଳେ ପ୍ରଭୁ ନିରେ ଆପାତତ: ସନ୍ଧିଶାନ୍ତି ପ୍ରସ୍ତାବ ନେଇ ପାଣ୍ଡବଙ୍କର ସକାଶେ ପାଚୋଟି ପଡ଼ା ମାତ୍ର ମାଗିବାକୁ କୁରୁ ସଭାରେ ଉପସ୍ଥିତ ହୋଇଥିଲେ ସେ ତାଙ୍କୁ ବନ୍ଦୀ କରିବାର ଆସ୍ଫାଳନ ବି କରିଥିଲା । ଆଉ ସେ ଅନ୍ଧ କୁରୁକ୍ଷେତ୍ର ଧର୍ମକ୍ଷେତ୍ରରେ ସଂଜୟଙ୍କୁ ପଚାରି ଥିଲେ- " ଧର୍ମକ୍ଷେତ୍ରେ କୁରୁକ୍ଷେତ୍ରେ,ସମବେତା ଯୁଯୁତ୍ସବ: । ମାମକା: ପାଣ୍ଡବାଶ୍ଚୈବ କିମକୁର୍ବତ:,ସଂଜୟ "। ମୋର ବା ଆମର ପୁତ୍ରମାନେ ବୋଲି କହି ନ ପାରି ମୋର ଓ ପାଣ୍ଡୁପୁତ୍ରମାନେ କହି ବାରି ଦେଇଥିଲେ । କୌରବ ଶହେ କୁ ପାଣ୍ଡବ ପାଂଚ। ସୈନ୍ୟ ସଂଖ୍ୟାରେ ଦୁଇଗୁଣ, ପିତାମହ

ଭୀଷ୍ମ ଦ୍ରୋଣ, କର୍ଣ୍ଣଙ୍କସଦୃଶ ଅଜେୟ ଅପ୍ରମିତ ଶକ୍ତିସମ୍ପନ୍ନ ମହାରଥୀ, ବିରାଟ ବିଶାଳ ନାରାୟଣୀ ସେନା ଓ ତଦୁପରି "ମୁଁ ଶସ୍ତ୍ରଧାରଣ କରିବିନାହିଁ ବୋଲି କୃପାନୀଧାନଙ୍କର ଶପଥ ଆଦିଆଦିରେ ସମୃଦ୍ଧ ବୋଲି ପାଣ୍ଡବ ପକ୍ଷର ଦୁର୍ଗତି ଦେଖିବାର ଅଭିଳାଷରେ, ଦୁରାଗ୍ରହରେ, ନାରାୟଣସ୍ୱରୂପ ଶ୍ରୀକୃଷ୍ଣଦ୍ୱୈପାୟନ ଙ୍କୁ ପ୍ରାର୍ଥନା କରନ୍ତେ ସେ ସଂଜୟଙ୍କୁ ଦିବ୍ୟଦୃଷ୍ଟି ପ୍ରଦାନ କରି ସମରାଙ୍ଗଣରେ ଯାହା ଘଟି ଯାଉଥିବ ତାର ଧାରାବିବରଣୀ ସମ୍ରାଟ୍‌ଙ୍କର ଅନୁରୋଧକ୍ରମରେ ଶୁଣେଇବାର ଦାୟିତ୍ୱ ଅର୍ପଣ କରିଥିଲେ । ବିପରୀତରେ ପରିଣାମ ଯାହା ହେଲା ତାର ପୂର୍ବାନୁମାନ କିମ୍ବା ଆଶଂକା ସଂଶୟ ବି ଯଦି ଅନ୍ଧ ସମ୍ରାଟ କରି ପାରି ଥାଆନ୍ତେ,ତେବେ ମହାମୁନି ବ୍ୟାସଦେବଙ୍କୁ ସେଭଳି ଅନୁରୋଧ ନ କରି ଆଉକିଛି ପରିତ୍ରାଣ, ସମୀଚୀନ ସମାଧାନ ନିମନ୍ତେ ପ୍ରାର୍ଥନା କରି ଥାଆନ୍ତେ ବୋଲି ମୁଁ ଭାବୁଛିଁ।

ଅପର ପକ୍ଷରେ ପାର୍ଥଙ୍କର ଆତ୍ମବିଶ୍ୱାସ। ନାରାୟଣଙ୍କର ସଖ୍ୟାନୁକମ୍ପା ହେତୁ ସେ ଅଜେୟ। ଗୁରୁ, ପୂଜନୀୟ ଜ୍ୟେଷ୍ଠମାନଙ୍କପ୍ରତି ମାତୁଳ ବାନ୍ଧବାଦିଙ୍କର ଶ୍ରଦ୍ଧା ସମ୍ମାନ, କନିଷ୍ଠମାନଙ୍କ ପ୍ରତି ସ୍ନେହ ଆଦରଭାବ ହେତୁ, ପାର୍ଥ ଉଭୟ ପକ୍ଷର ତୁମୁଳ ଶଂଖନାଦ ପରେ କର୍ତାପୁରୁଷ ରକ୍ଷକ ସଖାଙ୍କୁ ଅନୁରୋଧ କଲେ - ମୁଁ ଦେଖିବାର ଇଚ୍ଛା କରୁଛି, କେଉଁ କେଉଁମାନଙ୍କ ସହିତ ମୋତେ ଯୁଦ୍ଧ କରିବାକୁ ହେବ, ତେଣୁ " ସେନୟୋରୁଭୟୋର୍ମଧ୍ୟେ ରଥଂ ସ୍ଥାପୟ ମେଽଚ୍ୟୁତ !" ଦିବ୍ୟଚକ୍ଷୁଷ୍ମାନ ସଂଜୟ ମୋହ ସମ୍ମୋହିତ ଅନ୍ଧ ସମ୍ରାଟଙ୍କୁ ସମରାଙ୍ଗଣର ଧାରାବିବରଣୀ ପଞ୍ଚାପିତ କରିଚାଲିଛନ୍ତି - ଅଚ୍ୟୁତ, ଦୁଷ୍ଟବୁଦ୍ଧି ଦୁର୍ଯୋଧନର ହିତୈଷୀଭାବରେ ଯେଉଁ ରାଜାମାନେ ଯୁଦ୍ଧ କରିବା ଇଚ୍ଛାରେ ସମବେତ ହୋଇଛନ୍ତି ମୁଁ ସେମାନଙ୍କୁ ଦେଖିବାର ଇଚ୍ଛା କରୁଛି। ବୋଲି ପ୍ରାର୍ଥନା କଲାରୁ ; ସଂଜୟ କହୁଛନ୍ତି, - ହେ ଭରତବଂଶୀ ରାଜନ୍ ! ନିଦ୍ରାଜୟୀ ଅର୍ଜୁନ ଏପରି କରିବା ଉତ୍ତାରୁ ଅନ୍ତର୍ଯାମୀ ଭଗବାନ ଶ୍ରୀକୃଷ୍ଣ ଉଭୟ ସେନାର ମଧ୍ୟଭାଗରେ ପୀତାମହ ଭୀଷ୍ମ ଏବଂ ଗୁରୁ ଆଚାର୍ଯ ଦ୍ରୋଣଙ୍କର ସମ୍ମୁଖରେ ଶ୍ରେଷ୍ଠତମ ରଥ ରଖି କହିଲେ " ହେ ପାର୍ଥ ସମବେତ ହୋଇଥିବା କୌରବମାନଙ୍କୁ ଦେଖ।" ତାପରେ ପାର୍ଥ ସେନାରେ ଉପସ୍ଥିତ ପିତାମହ, ପିତା, ଆଚାର୍ଯ, ମାତୁଳ, ଶ୍ୱଶୁର, ଭ୍ରାତା, ବନ୍ଧୁ ମିତ୍ର, ପୁତ୍ର, ପୌତ୍ର ସୁହୃଦ୍‌ମାନଙ୍କୁ ଦେଖିଲେ। ସମରାଙ୍ଗଣରେ ଘଟିତ ଏହି ଘଟଣାର ବିବରଣୀ ଧୃତରାଷ୍ଟ୍ରଙ୍କୁ ଶୁଣେଇ ଚାଲିଥିଲେ। ଧୃତରାଷ୍ଟ୍ର. କେବଳ ଦୃଷ୍ଟିହୀନ ଅନ୍ଧ ନଥିଲେ ବହୁଭାବର ଅନ୍ଧତ୍ୱ ତାଙ୍କ ଭିତରେ ପରିପୂର୍ଣ ରହିଥିଲା। ସତ୍ୟ ଧର୍ମର ହେତୁ ଅବିବେକର ଅନ୍ଧତ୍ୱ, ମୋହାନ୍ଧ,ସ୍ୱାର୍ଥ ପକ୍ଷପାତିତାର ଅନ୍ଧତ୍ୱଗ୍ରସ୍ତ ଥିଲେ ସମ୍ରାଟ୍। ମୁଁ ମୋର ସର୍ବଶ୍ରେଷ୍ଠ ବିଚାରକ ବିବିଧ ପାଠକ-ପାଠିକାଙ୍କୁ ଅନୁରୋଧ କରୁଛି ଶ୍ରୀଗୀତା ର ନିହିତାଂଶର ଅଧ୍ୟୟନ କରନ୍ତୁ । ମୁଁ ନିତାନ୍ତ ପ୍ରଭାବଶାଳୀ କରିବାକୁ ଆବଶ୍ୟକ ମନେ ନ କଲେ ଗୀତାର ଅଂଶବିଶେଷ ଦୃଷ୍ଟାନ୍ତସ୍ୱରୂପ ଉଦ୍ଧାର ନ କରି ତାର ଅନ୍ତରାତ୍ମାରେ ନିହିତ ଭାବ ଚିନ୍ତନର ଆଭାସ ଦେବି। କାରଣ, ଏହି ପୁସ୍ତକରେ

ଏକ ତ ନିର୍ଦ୍ଧାରିତ କଳେବର ତଥା ସବୁରି ମୂଳରେ ସ୍ଥିତ ଭକତି ଭାବେ ଭୋଳା ତନ୍ମୟ ସମର୍ପିତ ଚିତ୍ତର ଯଶୋଗାୟନର ବିଚାର କରିଛି।

ରଣାଙ୍ଗଣରେ ଆପଣାଆପଣା ର କ୍ଷେତ୍ରରେ ଉପସ୍ଥିତ ବନ୍ଧୁ ସ୍ୱଜନମାନଙ୍କୁ ଦେଖି କୁନ୍ତୀନନ୍ଦନ ତୃତୀୟ ପାଣ୍ଡବ ଅର୍ଜୁନ ଅତ୍ୟନ୍ତ କାତର ହୋଇ ବିଷାଦ ମଗ୍ନ ହୋଇ କହିଲେ ହେ ଶ୍ରୀକୃଷ୍ଣ ଏହି ସମରରେ ଯୁଦ୍ଧର ଇଚ୍ଛୁକ ମୋର କୁଟୁମ୍ବୀ ସ୍ୱଜନମାନଙ୍କୁ ଦେଖି ମୋର ସର୍ବାଙ୍ଗ ଶିଥିଳ ହୋଇଯାଉଛି। କଣ୍ଠ ଶୁଖି ଯାଉଛି। ଶରୀର ରୋମାଂଚିତ ଲୋମ ଟାଙ୍କୁରିଉଠୁଛି ମୋତେ ମୋର ଚିତ୍ତ ଭ୍ରମିତ ହେଲାପରି ମନେ ହେଉଛି। ଆଉ ମଧ୍ୟ ମୁଁ ଠିଆ ହୋଇ ରହିବାକୁ ଅସମର୍ଥ ମନେ କରୁଛି । ହେ କେଶବ ମୁଁ ସବୁ ବିପରୀତ ଶକୁନ ଦେଖୁଛି । ତାହା ସହିତ ସମରରେ ସ୍ୱଜନମାନଙ୍କର ସଂହାର କରି କୌଣସି ପ୍ରକାର ଶ୍ରେୟ ପ୍ରାପ୍ତି ହେବ ବୋଲି ବି ଚିନ୍ତା କରୁନାହିଁ। ମୋର ଅନୁଭବ-ବିଚାର ବ୍ୟକ୍ତ କରିବାର ଇଚ୍ଛା କରୁଛି ଯେ ନରରୂପୀ ପାର୍ଥ ଅଭିନ୍ନାତ୍ମ ନାରାୟଣଙ୍କ ପ୍ରତି ପ୍ରଗାଢ଼ ଭକ୍ତିର କରୁଣାମୟ ପ୍ରତିଦାନ ର ଶକ୍ତି ବିମଣ୍ଡିତ ହୋଇ ତାଙ୍କର ଅପ୍ରମିତ ଅସ୍ଥା ଦୃଢ଼ୀଭୂତ ହେ ତାଙ୍କର ହାତରେ ଦେବଦତ୍ତ ଗାଣ୍ଡୀବ ଥିବା ବଳରେ ସେ ଅପରାଜେୟ। ସମରରେ ତାଙ୍କର ବିଜୟ ସୁନିଶ୍ଚିତ । କିନ୍ତୁ, ବିଷାଦ ନିମଗ୍ନ ନରରୂପୀ ପାର୍ଥ ନାରାୟଣ ଶୀକୃଷ୍ଣଙ୍କ କରଯୋଡ଼ି କହୁଛନ୍ତି -" ମୁଁ ବିଜୟ ର ଇଚ୍ଛା କରୁନାହିଁ,ରାଜ୍ୟ ଚାହୁଁ ନାହିଁ, ସୁଖ ଲୋଡୁ ନାହିଁ । ହେ ଗୋବିନ୍ଦ ଆମର ରାଜ୍ୟରେ କି ଲାଭ ହେବ? ଭୋଗରେ କିମ୍ବା ଜୀବିତ ରହି କଣ ପ୍ରାପତ ହେବ! ଯେଉଁମାନଙ୍କ ସକାଶେ ଆମେ ରାଜ୍ୟ, ସୁଖ ଓ ଭୋଗ ର କାମନା କରିଥାଉଁ ଯଦି ସେମାନେ ନ ଥିବେ। ସେହିମାନେ ଆପଣା ପଆଣ ଓ ଧନର ୗଶା ତ୍ୟାଗ କରି ଯୁଦ୍ଧେଚ୍ଛାରେ ଉପସ୍ଥିତ । ମୋ ସମ୍ମୁଖରେ ଆଚାର୍ଯ୍ୟ, ପିତା, ପୁତ୍ର, ପ୍ରପୌତ୍ର, ତଦୃପ ପିତାମହ, ଶ୍ୱଶୁର, ମାତୁଳ ଶାଳକ ଓ ଅନ୍ୟ ସମ୍ବନ୍ଧୀ ମାନେ ଅଛନ୍ତି । ଆଦିଆଦି ବହୁଭାବରେ ଧନଂଜୟ ପାର୍ଥ ନାରାୟଣଙ୍କୁ ବୁଝେଇ ଘେନା କରିବାକୁ ପ୍ରାର୍ଥ କରି ଥିଲେ ( ଶ୍ରୀଗୀତା ଦ୍ରଷ୍ଟବ୍ୟ) ଏପରି କି ପ୍ରଭୁଙ୍କୁ ସେ ବିଜୟ ରକ୍ତରଂଜିତ ଅନ୍ନ ସଦୃଶ ହେବ ଯାହା ଭୋଜନୀୟ ନୁହେଁ। କରୁଣାବରୁଣାଳୟ ପ୍ରଭୁ ବି ବହୁମତେ ସ୍ୱଧର୍ମ ପାଳନର ଶ୍ରେୟ ବୁଝେଇ ପ୍ରଭିବିତ କରି ନ ପାରିବା ଫଳରେ ଆପଣାର ନାନାମତେ ପରିଚିୟ-ପ୍ରଜ୍ଞାପନ କରି ଅର୍ଜନଙ୍କୁ ସମ୍ମୋହିତ କରିବାକୁ ଅପ୍ରମେୟ ବିଶ୍ୱରୂପ ପ୍ରଦର୍ଶିତ କରିବା ଫଳରେ ଏବଂ ସେ ନିଜେ ମୁଁ ଯାହା କରିବି କରିବି ବୋଲି କହି " ନିମିତ୍ତ ମାତ୍ରଂ ଭବ୍ୟ ସବ୍ୟସାଚୀ" କୋଲି କଥନର ଅଙ୍ଗୀକାରସ୍ୱରୂନ ଚକିତ, ବିସ୍ମିତ, ମୋହିତ ପାର୍ଥ - "ଯଥା ନିଯୁକ୍ତୋସ୍ମି ତଥା କରୋମି" ବୋଲି ଅଙ୍ଗୀକାର କରି ଥିଲେ। ମହାଭାରତ ମହାସମରର ଅନ୍ତିମ ପରିଣାମ ସର୍ବ ବିଦିତ।

ଦିବ୍ୟଦୃଷ୍ଟି ରେ ସମରାଙ୍ଗଣର ପ୍ରତି କ୍ଷଣର ଘଟିତ ଘଟଣାମାନଙ୍କର ଧାରାବିବରଣୀ ଦେଇ ମହାମନା ସଂଜୟ ବ୍ୟକ୍ତ କରିଯିବା ସହିତ ସର୍ବନିୟନ୍ତା ପ୍ରଭୁ ପାର୍ଥଙ୍କୁ ଭକ୍ତିର

ପ୍ରାଗାଢ଼ ସମର୍ପଣ ନେଇ ବହୁମତେ ପ୍ରଜ୍ଞାପିତ କରିବା ସହିତ କରୁଣାମୟୀ ଆଶ୍ୱାସନା ଦେଇ କହୁଛନ୍ତି ହେ ପାର୍ଥ "ସର୍ବଧର୍ମାନ୍‌ପରିତ୍ୟଜ୍ୟମାମେକଂଶରଣଂ ବ୍ରଜ। ଅହଂ ତ୍ୱା ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମୀ ମା ଶୁଚ: " ବୋଲି କହୁଥିବା ମହାମନା ସଂଜୟଙ୍କ ଠାରୁ ଶୁଣି ବି ଅନ୍ଧ ଅଂହକାରୀ ସମ୍ରାଓ଼ ଙ୍କର ଭକ୍ତିହୀନତା କବଳିତ ପ୍ରାଣ ହୃଦ୍‌ବୋଧ କରି ନାହିଁ ବୋଲି ହୁଏତ ସଂଜୟଙ୍କୁ ପଚାରିଥିବେ ଯୁଦ୍ଧର ଶେଷ ପରିଣାମ କଣ ହେବ ? ଏବଂ ମହାମନା କ୍ଷୁବ୍ଧହୋଇ କହିଥିବେ " ତଚ୍ଚ ସଚ୍ଚତ୍ୟ ରୂପତ୍ୟଭୁତଂ ହରେ:। ବିସ୍ମୟୋ ମେ ମହାନ୍ ରାଜନ ଦୃଷ୍ୟାମି ଚ ପୁନ: ପୁନ:।। " ଓ ଅନ୍ତିମ ଘୋଷଣା ଭାବରେ ଅହଂକାର ଅନ୍ଧ ସମ୍ରାଟଙ୍କୁ କହିଥିବେ "ଯତ୍ର ଯୋଗେଶ୍ୱର: କୃଷ୍ଣୋ ଯତ୍ର ପାର୍ଥୋ ଧନୁର୍ଦ୍ଧର: । ତତ୍ର ଶ୍ରୀବିଜୟୋର୍ଭୁତି ଧ୍ରୁବା ନୀତିର୍ମତିର୍ମମ" ।। ଘୋଷଣା କରି ବିରାମ ଦେଇ କ୍ଷାନ୍ତ ହୋଇଥିବେ ବୋଲି ଅନୁଭବ କରୁଛି। ଏପରି ଭାବରେ ସକଳ ଜଜ୍ଞାସାର ସମାଧାନକାରୀ ମୋକ୍ଷମୁକ୍ତି ପ୍ରଦାୟିନୀ ପାବନୀ ଭଗବତ୍‌ଗୀତାର ମୋକ୍ଷସନ୍ୟାସଯୋଗ ଭାବରେ ବିଦିତ ଅଷ୍ଟାଦଶ ଅଧ୍ୟାୟ ସମାପିତ ହୋଇଛି।

ଆପଣାର ଦିବ୍ୟ ଆର୍ଯ ଭାରତର ଦ୍ୱିତୀୟ ଶାସ୍ତ୍ରୀୟ ମର୍ଯାଦା ବିଭୂଷିତ "ଓଡ଼ିଆ"ରେ ତାହା ସବୁରି ସକାଶେ ହୃଦୟଗ୍ରାହୀ କରିବା ଅଭିଳାଷରେ ବ୍ୟକ୍ତ କରିବା ସମୀଚୀନ ହେବ ବୋଲ ବିଚାର କରୁଛି।

ମହାମନା ସଂଜୟ କହିଲେ - "ମୁଁ ନିଜେ ଶ୍ରୀକୃଷ୍ଣଦ୍ୱୈପାୟନ ନାରାୟଣ ସ୍ୱରୂପ ବ୍ୟାସଦେବଙ୍କ କରୁଣାରୁ ପ୍ରତ୍ୟକ୍ଷ୍ୟ ଭଗବାନ ଯୋଗେଶ୍ୱର ଶ୍ରୀକୃଷ୍ଣ ଏହି ପରମ ଅନୁପମ ଗୋପନୀୟ ଶ୍ରୀଗୀତା ପାର୍ଥଙ୍କୁ ଶୁଣେଇ କହିଥିବା ଶୁଣିଲି। ହେ ରାଜନ୍ ! ଯୋଗେଶ୍ୱର ଭଗବାନ ଶ୍ରୀକୃଷ୍ଣ ଓ ପାର୍ଥଙ୍କର ଏହି ପରମ ପାବନ ତଥା ଅଦ୍ଭୁତ ଅକଳ୍ପନୀୟ ସଂବାଦ ସ୍ମରଣ କରି କରି ମୁଁ ବାରମ୍ବାର ହର୍ଷ୍ ରୋମାଂଚିତ ହେଉଛି। ହେ ରାଜନ୍ ! ଭଗବାନଙ୍କର ଅପ୍ରମେୟ ବିରାଟ ବିଶ୍ୱରୂପର ସ୍ମରଣ କରି କରି ମୁଁ ବିସ୍ମିତ ଚକିତ ହେଉଛି। ବାରମ୍ବାର ପୁଲକ ରୋମାଂଚିତ ହେଉଛି। ହେ ରାଜନ୍! ଯେଉଁଠାରେ ଯୋଗେଶ୍ୱର ଭଗବାନ ଶ୍ରୀକୃଷ୍ଣ ଅଛନ୍ତି ଓ ଯେଉଁଠାରେ ଗାଣ୍ଡୀବ ଧାରଣ କରି ଧନଂଜୟ ପାର୍ଥ ଅଛନ୍ତି ସେଠାରେ ଶ୍ରୀ, ବିଜୟ.ବିଭୂତି, ଅଟଳ କୀର୍ତି ମଧ୍ୟ ବିରାଜିତ ହୋଇ ରହିଛନ୍ତି। ଏହା ମୋର ମତ ।

୦୦୦

ଏସବୁର ମୂଳରେ ସେଇ ଭକତି ଭାବେ ଭୋଳା ଏକନିଷ୍ଠ ପ୍ରତିବଦ୍ଧ ସମର୍ପଣ ହି ଭକତର ପରମ କାମ୍ୟ ହେଉ !

୦୦୦

୨୬.୧୦. ୨୦୨୨

## ସବକା ମାଲିକ ଏକ ... ...

୦

ପ୍ରଗାଢ଼ଭକ୍ତିର ପରମ ଚରମ ସମର୍ପଣର ସ୍ତରରେ ଭକତର ପ୍ରାର୍ଥନା ମୌନ ହୋଇଯାଏ। ତାହା ତୁରୀୟ ଅବସ୍ଥା। ପ୍ରଗାଢ଼ ଭକ୍ତିର ଭାବଭୋଳା ଭଗତ ଭଗତଦାସ ପ୍ରଭୁର ଅପ୍ରମିତ କରୁଣାରେ ଆରାଧ୍ୟ ଆରାଧକ ଏକ ଓ ଅଭିନ୍ନ ହୋଇଯାଆନ୍ତି । ସେରୂପ ଅଗଣିତ ସିଦ୍ଧ ଋଷିମୁନି ତପସ୍ୱୀ ସତୀ ସାଧ୍ୱୀ ତପସ୍ୱିନୀଙ୍କର ଆଖ୍ୟାନ ଉପାଖ୍ୟାନ ବୈଦିକ,ଉପନିଷଦୀୟ, ପୁରାଣାଦିରେ ରହିଛି। ସେମାନେ ଇଚ୍ଛା କରନ୍ତି ଓ ମଣିମା ତାହା ଅଙ୍ଗୀକାର କରି ସତ୍ୟ ଶାଶ୍ୱତ ରୂପହେଇଥଆନ୍ତି। ଯେପରି କି ଦୁହିଁଙ୍କର ଇଚ୍ଛା ଏକ ଓ ଅଭିନ୍ନ। ସେରୂପ ସିଦ୍ଧ,ଅଭିନ୍ନ ଋଷି ମୁନି ସିଦ୍ଧ ସାଧକ ତପସ୍ୱୀମାନଙ୍କର ବାକ୍‌ସିଦ୍ଧି ହେତୁ ଜଗତକର୍ତା, ପାଳକ ଏକମାତ୍ର ମାଲିକଙ୍କର ଅଭିନ୍ନାତ୍ମ ସିଦ୍ଧମାନେ "ସବକା ମାଲିକ ଏକ" ବୋଲି" ଘୋଷଣାକରନ୍ତି ଓ ଅନ୍ୟାନ୍ୟ ସକଳ ଦେବ ଦେବୀ ଭିନ୍ନ ଭିନ୍ନ ଦାୟିତ୍ୱ ସମ୍ପାଦନ ହେତୁ ନିୟୋଜିତ ହୋଇ ରହିଥାଆନ୍ତି। ସମକାଳୀନ ପ୍ରଶାସନର ଉଦାହରଣ ଦେଲେ ଏହା ଦୃଦ୍‌ବୋଧକରି ହେବ। ଏକ ଜିଲ୍ଲାରେ ଜିଲ୍ଲାପାଳ ସର୍ବମୟ କର୍ତାପୁରୁଷ। ମାତ୍ର ବିଭିନ୍ନ ବିଭାଗର ଅଧିକାରୀ ଅଛନ୍ତି, ସେମାନେ ତାଙ୍କର ଅଧସ୍ତନ। ଷ୍ଟେନୋ, ହିସାବ ରକ୍ଷକ, ବିଭିନ୍ନ ବର୍ଗର କିରାଣୀ ସମାନେ ଆପଣାଆପଣା ନିୟୋଜିତ କର୍ତବ୍ୟ ସମ୍ପାଦନ କରନ୍ତି। ସେପରି ବିଭୁ ନିୟୋଜିତ ହୋଇଥାଆନ୍ତି ଦେବ-ଦେବୀ। ସେମୋନେ ପ୍ରଭୁ ବରଗାରେ ସବୁ କିଛି ତୁଲେଇ ଥାଆନ୍ତି। ସେମାନେ, ମାତ୍ର ଇଚ୍ଛା ହିଁ କରିଥାଆନ୍ତି ଏବଂ ପ୍ରଭୁ ତାହାର ସାକାର ରୂପ ପ୍ରଦାନ କରିଥାଆନ୍ତି "ଗୋବିନ୍ଦ ରୀତି ଗୋବିନ୍ଦ ଜାନେ"। ମୁଁ ମୋର ଏ ପ୍ରଜ୍ଞାପନର ପୁଷ୍ଟିସାଧନସକାଶେ କେବଳ କରତା ପାଳକ ପ୍ରଭୁଙ୍କର ଅଭିନ୍ନାତ୍ମ ଶିରଡ଼ୀ ସାଇ ବାବାଙ୍କର କିଛି ଆଖ୍ୟାନର ଉପସ୍ଥାପନ କରିବି ବୋଲି ଅଭିଳାଷ କରିଛି, ଏ କ୍ଷୀଣକାୟ ପୁସ୍ତିକାର ନିରୂପିତ କଳେବର ଦୃଷ୍ଟିରୁ। ମୋର ଗୋଚର ସୀମାରେ ତସଦ୍‌ଗୁରୁ, ମୋର ହିତକାମୀ ପ୍ରଣମ୍ୟ ଚନ୍ଦ୍ରଭାନୁ ଶତପଥୀ ଅଛନ୍ତି। ପାବନ ଭାରତଭୂମିରେ ଆଉ ବି ସେରୂପ ପୂଜନୀୟ ବିଭୁ ପ୍ରତିରୂପ ନିଶ୍ଚିତ ଅଛନ୍ତି। ବିଶେଷତ: ଦେବତାତ୍ମା ହିମାଦ୍ରୀ ଶିଖରମାଳରେ । ସଦ୍‌ଗୁରୁ ମାନନୀୟ ଶତପଥୀ ନବନୀତ ଶିରଡ଼ୀ ର ନିର୍ମାଣ ପ୍ରତିଷ୍ଠା ର ଅଭିଳାଷ କରିଛନ୍ତି ଉତ୍‌କଳମାଟିରେ, ଗୁରୁଗ୍ରାମ ଭାବରେ ଏବଂ ତାହା କିଏ କିପରି କରୁଛନ୍ତି ତାହା ସେଇ " ଗୋବିନ୍ଦ ରୀତି ଗୋବିନ୍ଦ ଜାନେ। "

+++ ସେଦିନ ଗୋଧୂଳୀ ବେଳାରେ ମାଟି ଦୀପ ନେଇ ବାବା ଦୋକାନରେ କିଛି ତେଲ ମାଗିଆଣିବେ ବୋଲି ପହଂଚିଥିଲେ। ଦୋକାନୀ କହିଲା – "ଟୋପାଏ ବି ତେଲ ନାଇଁ ବାବା !"

ବାବା, ମୁରୁକ ହସି କହିଲେ-" ଠିକ ଅଛି, ଆଜି ମାଲିକର ଇଚ୍ଛାରେ ପାଣିରେ ଦୀପଜାଳି ନେବି। ଯାହା ମାଲିକର ମରଜୀ।" ଆଉ ଅଭୟ ମୁଦ୍ରାରେ ହାତଟେକି ଦୋକାନୀର କଲ୍ୟାଣକାମନା କରି ଚାଲିଗଲେ । ସଂଜ ନଇଁ ଆସିଲା। ଜଣେ ଗରାଖ ତେଲ କିଣିବାସକାଶେ ଆସି ଦୋକାନରେ ପହଂଚିଲା। କୋକାନୀ ଯେତେବେଳେ ତେଲଟିଣରେ ଟୋପା ଟାଏ ବି ତେଲ ନ ଥିବା ଦେଖିଲା ସେତେବେଳେ ତାର ସର୍ବାଙ୍ଗ ଝାଳେଇ ଗଲା ଆଉ ଗରାଖକୁ କିଛି ନ କହି, କହି ନ ପାରି ବାବାଙ୍କର ଦ୍ୱାରକା ମାଈରେ ପହଂଚି ଦେଖିଲା, ଦୀପ ଯୋଉଠି ଜଳୁଥାଏ ସେଇଠି ଜଳୁଛି। ବାବାଙ୍କର ପାଦତଳରେ ସାଷ୍ଟାଙ୍ଗ ପ୍ରଣାମ କରି ପଡ଼ିଯାଇ " ମୋତେ ମାଫ୍ କର, ମାଫକର ବାବା!" ବାରମ୍ବାର ଗୁହାରୀ କରିବାକୁ ଲାଗିଲା। ବାବା ଖାଲି ଏତିକି କହିଲେ – " ବାବା, ମିଛରୁ ବଳି ପାପ ଆଉ କିଛିନାଇଁ । ତୋର ଦେବାର ଇଚ୍ଛା ନଥିଲା ମନାକରି ଦେଇଥାଆନ୍ତୁ, ମାଲିକ ତାର ବେବସ୍ଥା କରି ଦେଇ ଥାଆନ୍ତା। ସବକା ମାଲିକ ଏକ। ଏକ ବହୀ ଦେନେୱାଲା । ଦେତା ୱହୀ ହୈ.ବେଇମାନୀ, ଝୁଠ, ଧୋଖାଧଡ଼ୀ ସେ ନାରାଜ ହୋ ଛୀନ ଭୀ ଲେତା ହୈ । ଯା ସବ ଠୀକ ହି। " ଆଉ ସେ ଦୋକାନୀ ପୁଣି ବାବାଙ୍କର ଚରଣସ୍ପର୍ଶ ପ୍ରଣାକ କରି ଚାଲିଗଲା।

ମୋର ଏକଦା ଭୋଲାର ପରମ ପାବନ ତୀର୍ଥ ଭୂମି ବାରାଣସୀ ର ଘଟଣା ମନେ ପଡ଼ିଲା, ତାହା ମୁଁ ଭକତି ଆସ୍ଥା ବିଶ୍ୱାସର ଏକ ଅକପଟ ଘଟଣା ବୋଲି ଉଲ୍ଲେଖ କରିବାର ଇଚ୍ଛା କରୁଛି ।

ଏକଦା ମୋର ବିଭୁଲୀନ ସାନଭାଇ ଶ୍ରୀପତି କୋଲକାତାର ପ୍ରସିଦ୍ଧ ମିଷ୍ଟାନ୍ନ ଭଣ୍ଡାର ଓ ବୈଦେଶିକ ଆମଦାନୀ ରପ୍ତାନୀ ସୂତ୍ରରେ ଭାରତୀୟ ସୂତ୍ରରେ ତିୱାରୀ ଭାଇମାନଙ୍କର ବଡ଼ଭାଇ ରମାଭୈୟା ଆଦିଙ୍କର ପରମ ବିଶ୍ୱାସୀ ଭାଇଭଳି ତାଙ୍କରି ସହିତ ସେଇ ଭବନର ଗୋଟାଏ କକ୍ଷରେ ରହିଥିଲା। ଆଜି ଏ ପରିଣତ ଆୟୁଷ୍କାଳରେ ଯେତେ ମନେ ଅଛି ତାହାଠାରୁ ଅଧିକ ଭୁଲିଯାଇଥିବା ଭଳି ମନେ ହେଉଛି। ତେବେ ମୁଁ ଭକ୍ତିର ଯେଉଁ ମର୍ମକଥା କହିବାର ଅଭିଳାଷ କରିଛିତାହା ସକାଶେ ନାମ, ତିଥିବାର ଆଦିର ସୂଚନା ଦେବା ବିଶେଷ ଆବଶ୍ୟକ ନୁହେଁ। ସେମାନେ ଭାଇମାନେ ବାରାଣସୀ ଗୋଦୋଲିଆରେ ( ଏବେ ଅଛି ନା ନାହିଁ, ଜାଣେନାହିଁ –"ଠିଗନେ ବରଗାଛ କେ ଆଗେ) ଶ୍ରୀପତିର ଇଚ୍ଛା ଓ ଯୋଜନାରେ ଏକ ଅତିଥିଶାଳା ଓ ସେମାନଙ୍କର ବାରାଣସୀରେ

ଅସ୍ଥାୟୀ ଆବାସ ଭାବରେ " ତିଓ୍ୱାରୀ ନିବାସ" ନାମରେଏକ ଭବନ ନିର୍ମାଣ କରିଛନ୍ତି । " ଗଙ୍ଗାରାମ" ଜଣେ ବିଶ୍ୱସ୍ତ ତତ୍ତ୍ୱାବଧାରକ ତାର ଦେଖାରେଖା କରୁଥିଲା। ମୁଁ ଓଡିଶା ସାହିତ୍ୟ ଅକାଦେମୀର ପ୍ରତିନିଧିଭାରେ ସଦସ୍ୟ ବିନିମୟ ଯୋଜନାରେ ଏକମାସ ସକାଶେ ଅକାଦେମୀ ଅର୍ଥରେ ସପତ୍ନିକ ଭ୍ରମଣ କରୁଥିବା ସମୟରେ ଶ୍ରୀପତି ଆମର ବାରାଣସୀ ରହଣୀ ବ୍ୟାବସ୍ଥା ଗଙ୍ଗାରାମ କୁ ଚିଠି ଦେଇ କରେଇଥିଲା। ପାଖକୁ ଲାଗି ଚୌବେ ଜୀ ଙ୍କର ମିଠାଦୋକାନ ଓ ନିରାମିଷ ଭୋଜନାଳୟ ଥିଲା । ଆମେ ପତିପତ୍ନୀ ସେଠାରେ ଲଘୁଆହାର ଓ ଭୋଜନ କରୁଥିଲୁଁ। ବାରାଣସୀ ଭୈରବନାଥ ମନ୍ଦିର ଛକର ବାଆଁପଟ ଗଳିରେ ମୋର ପରମମିତ୍ର ଡା କମଲଗୁପ୍ତ, ଅଭିନ୍ନାତ୍ମମିତ୍ର ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ କଥାକାର ବିଭୁଲୀନ କମଲେଶ୍ୱରଙ୍କବି ବନ୍ଧୁ କହାନୀକାର ନାମରେ ଏକ ଏକ କଥା ପତ୍ରିକାର ପ୍ୟକାଶ କରୁଥିଲେ। ସେ ତାର ସମ୍ପାଦକ ( କେ. ଅରବିନ୍ଦ କୁଟୀର। ) ଆମେ ତାଙ୍କର ସହିତ ବାରାଣସୀ,ସାରନାଥ ଆଦି ବୁଲିଛୁଁ ସେ ତାର ବ୍ୟବସ୍ଥା କରିଥିଲେ । ଆମେ ବାରାଣସୀରେ ଆପାତତ: ଗୋଟାଇ ସପ୍ତାହ ରହି ସେଠାରୁ ଲକ୍ଷ୍ନୌ ଆସିଥିଲୁଁ ।

ଦିନେ ସକାଳୁ ସକାଳ ଆମେ ଚା'ଖାଇବାକୁ ଚୌବେଜୀଙ୍କର ଦୋକାନକୁ ଆସି, ସେ ଟୋପାଏ ପାଣିମିଶିନଥିଲା ଆଉ ଚୂଲୀରେ ଫୁଟୁଥିବା ଦୁଧର ଚା'କରିଦେବା ବେଳେ ଦେଖି କହୁଁକହୁଁ କହିଦେଲି – " ଆପକେ ଫାୟଦେ କେଲିୟେ କହତାହୂଁ ଚୌବେ ଜୀ କୁଛପାନୀ ତୋ ମିଲାତେ ଦୁଧ ମେଁ?" ଆଉ ବିସ୍ମିତ-ଲଜ୍ଜିତ ହେଲି ତାଙ୍କର ଉତ୍‌ତର ଶୁଣି। ଚୌବେ ଜୀ କହିଲେ – " କ୍ୟା ବାତ୍ କରତେ ହୋ, ପଣ୍ଡତ୍, ଅମରିତ କେ ସାଥ ଜହର ମିଲାଏଁ? ମୈଁ ତୋ ନଫା ଉଠାହୀ ଲୂଂଗା। ପର କୋଈ ଭୋଲେ ପର ଚଢ଼ାନେ ବିଶ୍ୱାସ କରକେ ଲେ ଚଲେ ତୋ ଭୋଲେ କୋ ତୋ ପତାଚଲ ହୀ ଜାଏଗା କି ଉସ ଚୈବେ ନେ ବେଇମାନୀ କୀ ହୈଁ। ଉସ ଗରାଖ କୋ ଗୁନାହଗାର ନ ମାନକର ମୁଝେ ତୋ କତଈ ମାଫ କରେଗା ନହୀଁ ? ତାହା ଥିଲା ବାରାଣସୀ। ପ୍ରଚୂର ଭୋଜନପ୍ରିୟ ଥିଲେ ସେଠାକାର ଭଗତମାନେ । ଆଧ ଜଲେବୀ ଦୂଧ, ବା ଆଧ ଜଲେବୀ ଦହୀ ମାନେ ଗୋଆ ଜିଲେବୀ ଅଧ ସେର କୁ ଅଧ ସେର ଦୁଧ ବା ଦହୀ, ତାହା ସେତେବେଳେ ଥିଲା ଲଘୁ ଆହାର ।

ଆଜି ସମକାଳୀନ ଶଠ, ପ୍ରବଂଚନା ପ୍ରତାରଣାର ବିଷମ କାଳରେ ସେ ବାରାଣସୀ କେମିତି ଥିବ କହି ପାରିବିନାହିଁ । ତେବେ ମୋର ପରମାତ୍ମୀୟା କନ୍ୟା ନୀରଜା, ତାର ପତି ଡ.ବେଣୀମାଧବ ସେମାନଙ୍କର ପୁତ୍ରକନ୍ୟା କୁହୂ କେତନ ଅଛନ୍ତି ଆପଣା ଭବନ "ମଧୁବନ", ସାରନାଥ ରେ। ଜାମାତା ବେଣୀ ମାଧବ ଶରଙ୍ଗଦେବ ମହାବିଦ୍ୟାଳୟର

ଅଧ୍ୟକ୍ଷ ଓ ସାରନାଥର ପି.ଆର୍‌ଓ। ଘରେ ସବୁକିଛି ଅମିଶ୍ର ଦୂଧ ଦହୀ, ଗୋଘୃତର ଓ ଗୋସେବା ନିତ୍ୟ ଆରାଧନା ପର୍ଯ୍ୟାୟରେ ରହିଛି । ମାତାକୁ ନିଜେ ହାତରେ ଗାଧେଇ ଦେବା, ଗୁହାଳ ପରିଷ୍କାର କରିବା କାର୍ଯ୍ୟ ସମ୍ପାଦନ ବାରାଣସୀ ର ବାଦଶାହ ଜାମାତା କରନ୍ତି...

ସେଇମାନେ ଭକ୍ତିଭାବେ ଭୋଳା, ସତ୍ୟନିଷ୍ଠ ଭଗତମାନେ ...

୦୦୦

୭.୧୧.୨୦୨୨।

ଓଁ

## ଶ୍ରୀ ଶ୍ରୀ ମହାପୁରୁଷ ଅରକ୍ଷିତ ଦାସାୟ ନମଃ...

୦

**ଶ୍ରୀ**ଶ୍ରୀ ମହାପୁରୁଷ ଅରକ୍ଷ ରକ୍ଷକ ଅରକ୍ଷିତ ଦାସଙ୍କର ମସ୍ତକରୁ ଝଡ଼ିପଡ଼ିଥିବା କେଶକୁ ସଯତ୍ନେ ସାଇତି ସମ୍ପାଦି ରଖିଥିଲେ ବିଭୁଲୀନ ଆର୍ତ ମହାରଣାଙ୍କର ଧର୍ମପତ୍ନୀ ସ୍ୱର୍ଗତା ଅମ୍ବୀ ମହାରଣା।

ସମ୍ପ୍ରତି ମହାପୁରୁଷଙ୍କର ବିବେଚନାରେ "ନିଜଘରେ" ବିଭୁପାରୁଶରେ ଆଶ୍ରିତ ହୋଇ ନିବାସ କରୁଥିବା ଆର୍ତ ମହାରଣାଙ୍କର ବଂଶୋଦ୍ଭବ ସମୁଦାୟର କ୍ରମବିବରଣୀ ଏହିଭଳି :-

୧. ଆର୍ତ ମହାରଣା - ଧର୍ମପତ୍ନୀ- ଅମ୍ବୀ ମହାରଣା

୨. ଅନ୍ତର୍ଯାମୀ ମହାରଣା -ଭାଇ - ଅବିବାହିତ

୩. ପରୀକ୍ଷିତ ମହାରଣ -ପୁତ୍ର ପତ୍ନୀ ଦୁଲ୍ଲୀ ମହାରଣା

୪. ଭୋବନୀ ମହାରଣା - ଧର୍ମପତ୍ନୀ - ଜନ୍ମ ମହାରଣା

୫. ତାଙ୍କର ପୁତ୍ର କମ୍ବୁ ମହାରଣା - ଧର୍ମପତ୍ନୀ - ସୋବନୀ ମହାରଣା

୬. ଅନନ୍ତ ମହାରଣା- ଭାଇ - ଅବିବାହିତ

୭. କମ୍ବୁ ମହାରଣାଙ୍କର ପୁତ୍ର ଭୋକୀ ମହାରଣା - ଧର୍ମପତ୍ନୀ -ସୁକୁଟୀ ମହାରଣା

୮. ସେମାନଙ୍କର ପୁତ୍ର ଶୁକଦେବ ମହାରଣା - ଧର୍ମପତ୍ନୀ - ଗୁରୁବାରୀ ମହାରଣା

(ଏହି ପବିତ୍ର ଅଲୌକିକ ତଥ୍ୟର ପ୍ରଦାନକାରୀ ହେଉଛନ୍ତି ଶୁକଦେବ ମହାରଣା ଯେ ଅମ୍ବୀ ମହାରଣାଙ୍କର ଚତୁର୍ଥ ପୁରୁଷର ବଂଶଧର । ସେମାନଙ୍କର କଟକ ଜିଲ୍ଲାସ୍ଥିତ ମହାଙ୍ଗା ଥାନାନ୍ତର୍ଗତ ଲଳିତଗିରୀ ଗ୍ରାମର ଶୁକଦେବ ମହାରଣରଙ୍କର ବାସଭବନରେ ନିତ୍ୟ ଆରାଧିତ ହୋଇ ପୂଜାପୀଠରେ ସେହିକେଶ ରହିଛନ୍ତି। ଅଲୌକିକ ଓ ବିସ୍ମୟକର ଯେ ସେହି କେଶ କ୍ରମ ଅଭିବୃଦ୍ଧ ହୋଇ ଚାଲିଛି।

ପୁନଶ୍ଚ: ଲଳିତଗରି ର ପ୍ରବେଶ ପଥରେ ଜଗରକରତା ପାଳକ ପ୍ରଭୁ ଅରୂପ ଆଣାକାର,ଅବ୍ୟକ୍ତ, ଅସୀମ ଅନନ୍ତ, ଅଚ୍ୟୁତ,ଅକ୍ଷୟ ପରମବ୍ରହ୍ମଙ୍କର ନବମ ଅବତାର

ତଥାଗତ ବୁଦ୍ଧଦେବଙ୍କର ପବିତ୍ର ଅସ୍ଥି ଏକ ସୁବର୍ଣ୍ଣ ଫରୁଆରେ ଆବିଷ୍କୃତ ହୋଇ ଥିଲା ତାହା ଅପର ଏକ ପ୍ରମାଣ ଯେ ତଥାଗତଙ୍କର ଜନ୍ମସ୍ଥାନ କପିଳବାସ୍ତୁ ନୁହେଁ ଉତ୍କଳର କପିଳପ୍ରସାଦ, ତାର ଅନତିଦୂରରେ ରତ୍ନଗିରୀ ବିହାର ତାହା ସପ୍ରମାଣ ତର୍କସିଦ୍ଧ ପ୍ରଜ୍ଞାପନ କରିଛନ୍ତି ବୋଧଦର୍ଶୀ ପ୍ରସିଦ୍ଧ, ଅପ୍ରମିତ ପ୍ରତିଭାଧର କଥାକାର ପରମ ସୁହୃଦ୍ ଶ୍ରୀ ଶାନ୍ତନୁ କୁମାର ଆଚାର୍ଯ୍ୟ - ରଚନାକାର) *ସୂଚନା - ସୁଶ୍ରୀ ବିଜୟଲକ୍ଷ୍ମୀ*

୦୦୦

୭.୧୧.୨୦୨୨

ଓଁ

## ଆତଙ୍କ ନାଶନ ହେ...

୦

ଆମେ କୋସଲ ସାହିତ୍ୟ ସଁସକୁରୁତି ଅକାଦେମୀ, ଦି କୋସଲ ହେରିଟାଜ ଟ୍ରଷ୍ଟ ପକ୍ଷରୁ ଗତ ସେପ୍ଟେମ୍ବର ୨୦୧୯ ଦ୍ୱିତୀୟ ସପ୍ତାହରେ କୋସଲର ବୃହତ୍‌ତମ ସ୍ୱାର୍ଥ ସାଧନ ଓ ନୂଆଁଖାଇ ଭେଟଘାଟର ଜୁହାର ପରିବାର ପକ୍ଷରୁ ଆୟୋଜିତ ଭବ୍ୟ ସମାରୋହରେ ଯୋଗ ଦେବାକୁ ଅଧକ୍ଷ ଭାବରେ ମୁଁ, ସାଧାରଣ ସମ୍ପାଦକ ବାକକୀଳ ସାଂବାଦିକ ଲେଖକ ଶ୍ରୀ ଗୋରେଖନାଥ ସାହୁ, କୋଷାଧକ୍ଷ ବରିଷ୍ଠ ଓକିଲ ଓ ସାମ୍ବାଦିକ ଶ୍ରୀ ନିମାର୍ଇ ଚରଣ ନାୟକ, ଶିକ୍ଷାବିଦ୍ ଲେଖକ ଶ୍ରୀ ବ୍ରଜମୋହନ ଦାନୀ ଦିଲ୍ଲୀଯାତ୍ରା କରି ୧୪ ତାରିଖ ଦିନ ଝାରସୁଗୁଡ଼ା ବିମାନ ବନ୍ଦରକୁ ଫେରି ଆସିଥିଲୁଁ । ଏହି ଅବସରରେ ଜୁହାର ପରିବାର ନାଟ୍ୟଭୂଷଣ ଶ୍ରୀ ଜଗଦାନନ୍ଦ ଛୁରିଆଙ୍କୁ ତାଙ୍କର ଅଶେଷ ଅବଦାନ ହେତୁ ଅଭିନନ୍ଦିତ କରି ପୁରସ୍କୃତ କରିଥିଲେ । ଅନେକ ରାଜନେତା, ସାଂବାଦିକ, ପ୍ରେସକ୍ଲବ, ଦିଲ୍ଲୀ ବିଶ୍ୱବିଦ୍ୟାଳୟ ପ୍ରେସମିଟ ଆଦିର ବିସ୍ତାରିତ ବିବରଣୀ ଜାତୀୟ ସମ୍ବାଦପତ୍ରମାନଙ୍କରେ ପ୍ରକାଶିତ ହୋଇଛି। ଆମର ଉଦ୍ୟମ ଯଦିଓ ଏକ ସଫଳ ପଦକ୍ଷେପ, ତାହା ଅବଶ୍ୟ ଏକ ଦୀର୍ଘ ଯାତ୍ରାର ପ୍ରଥମ ସୋପାନ।

୦୦୦

ମୁଁ ଅଭିନ୍ନାତ୍ମ ପରମହଂସ ସ୍ୱାମୀ ପ୍ରଣମ୍ୟ ଶ୍ରୀଶ୍ରୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀ ଜୀ ମହାରାଜଙ୍କୁ ତାଙ୍କର ଏକ ଆଶୀର୍ବାଦୀ ମାଳା ସହିତ ଏକ ବଡ଼ବଡ଼ ରୁଦ୍ରାକ୍ଷର ମାଳା ଶୋଭନ ଅଭିଳାଷରେ ମାଗିଥିଲି । ସେ ଧାରଣ ହେତୁ ପ୍ରଦାନ କରିଛନ୍ତି, ତାଙ୍କର ପାଖରେ ତତ୍କାଳ ନଥିବା ହେତୁ ପରେ ବ୍ୟବସ୍ଥା କରି ଦେବେ ବୋଲି କହି ଆମେ ଦିଲ୍ଲୀରେ ଥିବା ବେଳେ ସେ ତାଙ୍କର ସହଯୋଗୀ ମିତ୍ର ତତ୍ୱାବଧରକ ଶ୍ରୀ ସଂବିତ ସାହୁ ଙ୍କ ସହିତ ମାନସରୋବର ଯାତ୍ରାକରିଥିଲେ । ସେମାନେ ବି ଅକ୍ଷରଧାମ ଆସି ସ୍ୱାମୀନାରାୟଣଙ୍କର ଦର୍ଶନ କରି ଯାଇଛନ୍ତ। ଅକ୍ଷର ଧାମର ଡ଼ିଟେକସନ କଟକଣା କଡାକଡିରୁ ବି କଠୋର । ସମଗ୍ର ମନ୍ଦିରରେ ଆପାତତ: ପନ୍ଦର ଟି ଅର୍ଗଳ ରହିଛି ଯେ ଛୁଂଚୀ ପର୍ଯନ୍ତକୁ ତାହା କେଁକେଁ

କରି କରି ଲାଲ ବତୀ ଜଳୁଛି। ସେତେବେଳେ ସେମାନେ ବାରଣଯୋଗ୍ୟ ସାମଗ୍ରୀ ଜମାଦେଇ ଯିବାକୁ କହୁଛନ୍ତି । ଆମେ ସାଥିମାନଙ୍କ ସହିତ ସେହି ଜାଁଚ କଟକଣାରେ ଆଗେଇ ଚାଲିଥିବା ବେଳେ ଅକସ୍ମାତ୍ ମୋ ଆଗରେ ଯେ ଉଭା ହେଲେ ସେମାନେ ତାଙ୍କୁ ଦେଖିନାହାନ୍ତି ଅଂଟାରେ ଆଂଠୁ ଯାଏଁ ରକ୍ତବସ୍ତ୍ର, କମରରେ ଆଉ ଏକ ରକ୍ତ ଉତ୍ତରୀୟ ଭିଡ଼ି ହୋଇ ରହିଛି। ଗଳାରେ ରୁଦ୍ରାକ୍ଷ ମାଳା ସର୍ବାଙ୍ଗ ଭସ୍ମ ବିଲେପିତ। ଆଲୁଳାୟିତ ଜଟା ବିଲମ୍ବିତ କପାଳରେ ସିନ୍ଦୂର ଗୋରଚନାର ଚିତା। ମଥାରେ ପଗଡ଼ିପରି ଏକ ସୂକ୍ଷ୍ମ ବନ୍ଧନ। ହାତରେ ବିଶାଳ ତ୍ରିଶୂଳ । ମୁଁ ଚକିତ ବିସ୍ମିତ ହୋଇ ଅନେଇଲି । ଯେଉଁ ଅର୍ଗଳ ମୁନିଆ ବୋଲି ଛୁଂଚୀ ପର୍ଯ୍ୟନ୍ତକୁ ଆକଟ କରୁଛି, ତାକୁ ଭେଦ କରି ଏ ତ୍ରିଶୂଳ ଆସିଲା କେମିତି ? ମୁଁ ତାଙ୍କୁ କେବଳ ମଥାନତ ହୋଇ ପ୍ରଣାମ କଲି । ଗମ୍ଭୀର କଣ୍ଠରେ ସେ ଇ ମୋ ସାମନାରେ ଠିଆ ହୋଇ ପଚାରିଲେ...” “ଏକ ମାଲା ଚାହିୟେ ଥା ନ ତୁହ୍ମେ ? “ ମୁଁ ମଥାନତ ହୋଇ ସ୍ୱୀକାର କଲାରୁ କହିଲେ – “ ଠିକ୍ ହୈ, ହମ ହୀ ଦେତେ ହେଁ ।” ଆଉ ତତ୍କାଳ .ଉପରକୁ ହାତଟେକି ସତରେ ଯେମିତି ଶୂନ୍ୟରୁ ଆଣି ମୋତେ ଏକ ବିଶାଳ ରୁଦ୍ରାକ୍ଷର ମାଳା ବଢ଼େଇ ଦେଇ କହିଲେ – “ ଇସମେ ଫୁଲ୍ଲରୀ ନହିଁ ହୈ । କ୍ୟୌଂ କି ହମ କିସୀ ଏକ ଜଗହ ନହୀଂ ହର ଜଗହ ହୋତେ ହୈଂ. ସ୍ୱୟଂ ବନା ଲେନା। ଧାରଣ କରନା ନହୀଂ, ସମ୍ଭାଲ ନହୀଂ ପାଓଗେ, ରଖେ ରହନା ...ଅବ ଯାଓ ଆଗେ ତୁହ୍ମେ କୋଇ ରୋକେଗା ନହୀଂ । ଆଶୀର୍ବାଦ ହୈ”... ଆଉ ତାପରେ ... “ଅବ ଯାଓ ଦର୍ଶନ କରୋ” ବୋଲି କହି ମୋତେ ସେ ନିଜେ ବାହୁ ଧରି ବୁଲେଇ ଦେଲେ ...ମୁଁ କ୍ଷଣିକ ପରେ ବୁଲିପଡ଼ି ଅନେଇଲା ବେଳକୁ ସେ ଅନ୍ତର୍ଦ୍ଧାନ ହୋଇ ସାରିଥିଲେ । ମୋର ବନ୍ଧୁମାନେ ତାଙ୍କୁ ଦେଖି ନାହାନ୍ତି ମାତ୍ର ମୋର ହାତରେ ମାଳା ଦେଖି “କୋଉଠୁ ପାଇଲେ” ବୋଲି ପଚାରଲେ ଓ ସେମାନେ ପାଖରେ ଥାଇ କିଛି ଦେଖି ଜାଣି ନଥିବା କହି ବିସ୍ମିତ ହେଲେ । ତାପରେ ଆଗର କୌଣସି ବି ଅର୍ଗଳ ରକ୍ଷକ ମୋତେ ଅଟକେଇ ନାହାନ୍ତି ଓ ପ୍ରଣାମ କରି ବାହାରୁ ଆଗେଇଯିବାକୁ କହିଛନ୍ତି।

ମୁଁ ସେଇ ଅକ୍ଷରଧାମରୁ ପୂଜ୍ୟ ସ୍ୱାମୀଜୀଙ୍କୁ ଫୋନ କଲି ମାତ୍ର ଅନ୍ୟ ରାଷ୍ଟ୍ରର କ୍ଷେତ୍ର ରେ ସେତେବେଳେ ସେମାନେ ଥିବା ହେତୁ ରୋମିଙ୍ଗ କି କଣ କହି ଲାଗିଲା ନାହିଁ। ସଂବିତ୍ ମୋର ନାତି। ଆଶ୍ରମ ଅନ୍ତେବାସିନୀ ତପସ୍ୱନୀ ବିଶାଖାନାନୀର ଝିଅର ପୁଅ। ତାର ପ୍ରବୀଣା ବିଦୂଷୀ ବଡ଼ଭଉଣୀ ଆଶ୍ରମର ପ୍ରତ୍ୟେକ ରଚନାତ୍ମକ ପ୍ରକାଶନର ତତ୍ୱାବଧାରିକା ହୋଇଥିବା ସହିତ ଆଶ୍ରମର ସବୁକିଛି। ମୁଁ ଫେରି ଆସି ଆଶ୍ରମରେ ସ୍ୱାମୀଜୀଙ୍କୁ ସଂବିତ ନେଇ ଯିବାରେ ମାଳ ଦେଖେଇ ସବୁ କଥା କହିଛି ଓ ସ୍ୱାମୀଜୀ ସ୍ୱାମୀନାରାୟଣ ଆମରି ସମ୍ପ୍ରଦାୟର କହି ଅନେକ କଥା କହିଛନ୍ତି । ବୋଧହୁଏ ମୁଁ ଫୁନ୍ଦଲୀ ବୋଲି

କହିଲାରୁ ସେ ତାହା ଫୁଲୁରୀ ବୋଲି କହି ତାଙ୍କର ଗଳାର ମାଳା ଦେଇଛନ୍ତି ଓ ଆପଣଙ୍କ ପ୍ରତି ଦେବ ଭଗବତ୍ କୃପା ରହିଛି । ସେତେବେଳେ ଶ୍ରୀ ଗୋରେଖନାଥ ସାହୁ ଜୀ ଉପସ୍ଥିତ ଥିଲେ ଓ ସାହୁଜୀ ତାକୁ ତାଙ୍କର ରଚନାର କିଛି ଉପହାର ଦେଇଥିଲେ ।...ଛୟାଅଶୀ ହେଲା ଆଖିକୁ ଭଲ ଦେଖା ଯାଉନାହିଁ । ଯବକାଚ ଦେଇ ଅକ୍ଷର ଚିହ୍ନୁଛି । କମ୍ପ୍ୟୁଟରରେ ଅକ୍ଷର ଜୁମ୍ କରି ବିନା ଚିଠାରେ ଲେଖି ଯାଉଛି ଯାହା ଯେତିକି ସ୍ମୃତିରେ ସାଇତି ଦେଇଛନ୍ତି କର୍ତ୍ତାପୁରୁଷ ଶ୍ୟାମସଖା ।

ଏ ପରିଣତ ଆୟୁଷ୍କାଳରେ ଅନୁଭବ କରୁଛି ଯେତେ ମନେ ଅଛି, ତାଠାରୁ ଅଧିକ ଭୁଲି ଯାଇଛି । ଏଇନେ ମନେ ପକେଇ ପାରୁ ନାହିଁ, କିନ୍ତୁ ହୁଏତ ପରକ୍ଷଣରେ କିଏ ମନେ ପକେଇ ଦେଉଛି ।

ହେ କର୍ତ୍ତାପୁରୁଷ ଜଗତ୍‌ପାଳକ ଆତଙ୍କନାଶନ ହେ, ମଣିମାଙ୍କର କିଛି ଦକନାହିଁ ହୁଏତ ଆଉ ଆପଣଙ୍କର ଅସହାୟ ଆପଣଙ୍କର ଭଗତମାନେ ଯେଉଁ ମାରାତ୍ମକ ସ୍ଥିତି ଘଡ଼ିଘଡ଼ିକେ ବଢ଼ିବଢ଼ି ଚାଲିଛି ଆପଣ କରୁଣାନିଧାନ ଆତଙ୍କନାଶନଙ୍କପରି ପ୍ରଭୁ ଥାଉଁଥାଉଁ ଆତଙ୍କିତ ।...

୦୦୦

୧୬.୯.୨୦୨୦

## ସର୍ବନାମ କୃପାମୟ କରତା ପୁରୁଷର...

୦

**ସ**ବୁରି ମାଲିକସେଇ ଜଣେ। ଦାସ ଭକତର ମରମ ବୁଝିଲା ମାଲିକ ସିନା ଆମର ଅସଲ ମାଲିକ? ବିଶ୍ୱର କ୍ଷେତ୍ର, ଜାତି ଧର୍ମ ବର୍ଣ୍ଣ ଆସ୍ଥା ବିଶ୍ୱାସରେ ଭିନେ ଭିନେ ନାଆଁରେ ସେ ଜଣେ ଲୟ ଅତୁଟ ରଖି ବିଳୟ କରୁଛି ଆଉ ଅସଲ ଭକତ କୋଟିଏ କୁ ନଜାଣି ଗୋଟିଏ କୁ ଜାଣିଛି, ଯେ ଦଣ୍ଡିତ କରୁଛି ସେଇ କ୍ଷମା ଆଚରି କୃପାର ଅମୃତ ବରଷଣ କରୁଛି ଅହଂକାର ଗରବଗଞ୍ଜନ କରି ଗୁହାରୀ ଘେନା କରୁଛି ବି।

ଧର୍ମକ୍ଷେତ୍ର, କୁରୁକ୍ଷେତ୍ରର ସମରାଙ୍ଗଣରେ ପିତାମହ ଭୀଷ୍ମ ଯେତେଯେତେ ସିଦ୍ଧ ତୀର ସନ୍ଧାନ ସେଇ ଅରୂପ ଅଣାକାର ଅଣୁରେ ଅଣୁରେ ବିଦ୍ୟମାନ ଲୀଳାମୟଙ୍କର ଉଦ୍ଦେଶ୍ୟରେ ସନ୍ଧାନ କରି ଚାଲିଥିଲେ, ତାହା ପ୍ରଭୁ ପାଖରେ ପହଂଚି ପାରୁଥିବା ଦେଖି ଚକିତ ବିସ୍ମିତ ଭକ୍ତି ଭାବେ ଭୋଳ ପିତାମହ ଅନ୍ତରାତ୍ମାରେ ଦିବ୍ୟପୁରୁଷର ଦରଶନ କରି ଗୁହାରୀ କରି ଥିଲେ "ଗୋବିନ୍ଦ, ମୋର କଉଣସି ଦିବ୍ୟାସ୍ତ୍ର ତୁମପାଖରେ ପଂହଚିପାରୁନାହିଁ କାହିଁକି? "ଉତ୍ତରରେ ପ୍ରଭୁ କହିଲେ କୋଉଠିକି ପହଂଚିବେ ସେମାନେ ? ମୁଁ କେଉଁଠାରେ ନାହିଁ ଯେ ଆସି ଲକ୍ଷଭେଦ କରିବେ ସେମାନେ! ମୁଁ ଗୋଟାଏ ମୁହୂର୍ତ୍ତରେ ଆପଣଙ୍କର ସକଳ ଦେବଦତ୍ତ ବରଦାନ ନିଷ୍ଫଳ କରି ଦେଇ ପାରିବି। ପ୍ରଭୁ କୃପାରେ ପିତାମହ ଭୂଲୁଣ୍ଠିତ ହେଲେ ନାହିଁ, ଏବଂ ସବ୍ୟସାଚୀ ତାଙ୍କର ସର୍ବାଙ୍ଗ ଭେଦ କରି ଏକ ଶଯ୍ୟା ପ୍ରସ୍ତୁତ କରି ଦେଲେ ଲୁଳାୟିତ ମସ୍ତକ ଲାଗି ତୀର ସନ୍ଧାନ କରି ଉପାଧାନ ର ବ୍ୟବସ୍ଥା ବି କରି ଦେଲେ। ପିତାମହ ଗୁହାରୀ କଲେ, ଗୋବିନ୍ଦ, ମୋତେ ଶରଶଯ୍ୟାରେ ଥିବା ବେଳେ ମୋତେ ଦରଶନ ଦେବାର କୃପା କରିବ। ଭାବି ସମ୍ରାଟ ଧର୍ମରାଜ ଯୁଧିଷ୍ଠିରଙ୍କ ସହିତ ଆସିବ। ଭାବବୋଧରେ ପ୍ରତିଜ୍ଞା କରି ଦାରାଗ୍ରହଣ ନ କରି ମୁଁ ଅବିବାହିତ ରହିଥିବା ହେତୁ ମୋର ଅପୁତ୍ରିକ ଦୋଷ ଖଣ୍ଡନ କରିବ। ମୁଁ ହୃଦୟଙ୍ଗମ କରୁଛି ଯଥାର୍ଥରେ ମୁଁ କୌରବମାନଙ୍କୁ ସୁରକ୍ଷିତ, ସଂରକ୍ଷିତ କରି ଉଢୁଆଳ କରି ରଖିପାରିନାହିଁ। ସତ୍ୟ, ଧରମର ଅଙ୍ଗୀକାର ନ କରି ଦୁରାଚାରୀ ଅହଂକାରୀ ଦୁର୍ଯୋଧନର କର୍ମ ଆଚରଣରେ ମୌନ ହୋଇ ଅଲକ୍ଷରେ ସମ୍ମତିପ୍ରକାଶ କରିଛି। ସେତେବେଳେ ପରମ କୃପାଳୁ ତାଙ୍କର ଅପୁତ୍ରିକ ଦୋଷ ଖଣ୍ଡନ କରି କହିଥିଲେ - "ଯେଉଁମାନେ ଆପଣା ଆପଣା ପିତୃପୁରୁଷଙ୍କର ଶ୍ରାଦ୍ଧ ତିଥିରେ

ଏବଂ ପିତୃପକ୍ଷ ର ନିରୂପିତ ତିଥିରେ ତଥା ମହାଳୟା ପାର୍ବଣ ତିଥିରେ ଶ୍ରାଦ୍ଧ କରିବେ ବିଧିରେ ସେମାନେ ଆପଣଙ୍କର ଉଦ୍ଦେଶ୍ୟରେ ତିଳତର୍ପଣ ପିଣ୍ଡଦାନାଦି କରିବେ । ପ୍ରଭୁ ଯେତେବେଳେ ଧର୍ମରାଜଙ୍କ ସହିତ ଆସି ଶରଶଯ୍ୟାରେ ରହିଥିବା ପିତାମହଙ୍କୁ ଦର୍ଶନ ଦେଲେ ସେ ଯେଉଁ ଯେଉଁ ନାମରେ ପ୍ରଭୁଙ୍କୁ ବିବିଧ ନାମରେ ସ୍ତୁତି କରି ଥିଲେ ତାହା ଶ୍ରୀ ବିଷ୍ଣୁ ସହସ୍ର ନାମରେ ଖ୍ୟାତ ଓ ପରମ ପାବନ ଗ୍ରନ୍ଥଭାବରେ ଅଙ୍ଗୀକୃତ। ସେତେବେଳେ ସେଠାରେ ପାଣ୍ଡବ ଅନ୍ୟସବୁ ଭ୍ରାତା ଓ କୌରବ ଭ୍ରାତାମାନେ ବି ଉପସ୍ଥିତ ଥିଲେ। ପ୍ରଭୁଙ୍କ ସମକ୍ଷରେ ସେ ତୃଷାର୍ତ୍ତ ଓ ଜଳପାନ କରିବାର ଇଚ୍ଛା ପ୍ରକାଶ କରି ମୋର ପତିତପାବନୀ ମାତାର ଜଳବୋଲି କହିଥିଲେ ସେତେବେଳେ ବିଭୁ ଆଦେଶରେ ପାର୍ଥ ଶରସନ୍ଧାନ କରିବା ଫଳରେ ତାହା ଅତଳ ଭେଦ କରି ମାତା ଜାହ୍ନବୀ ଗଙ୍ଗାଙ୍କର ପାବନ ଜଳ ଉଚ୍ଛଳିତ ସ୍ଫୁରିତ କରି ପିତାମହଙ୍କର ତୃଷାନିବାରଣ କରି ଥିଲା। ଏହି ସବୁର ମୂଳରେ ଭକ୍ତି ଭାବେ ଭୋଳା ତନ୍ମୟ ହୃଦୟର ଆତୁର ଆସକ୍ତ ଅନୁରାଗ ହିଁ ରହିଥିଲା ।

ଧର୍ମରାଜଙ୍କୁ ଆଗାମୀ ଭାରତବର୍ଷର ଭାବି ସମ୍ରାଟ ଭାବରେ ସଂବୋଧିତ କରି ପିତାମହ ଉପଦେଶ ଛଳରେ ଉତ୍କଳୀୟ ଆଦି ମହାକବି ଶୂଦ୍ରମୁନି ଶାରଳାଦାସଙ୍କର ଅନୁସର୍ଜିତ ଭାଷାରେ ମୋର ଯେତିକି ଯେଭଳି ମନେ ପଡୁଛି - ତାହା - "କବି କଥାକୁ ଅନ୍ୟଥା ନ କରିବୁ ବାବୁ।ଲେଖନକାରକୁ ସଦା ମାନ୍ୟ ଦେଉଥିବୁ।" ମୁଁ ମୋର ପ୍ରିୟ ବିଦଗ୍ଧ ପାଠକ ପାଠିକାଙ୍କ ନିକଟରେ କ୍ଷମାପ୍ରାର୍ଥନା କରୁଛି, ମୋର କ୍ଷୀଣଦୃଷ୍ଟି ହେତୁ ମୋ ଦ୍ୱାରା ଗ୍ରନ୍ଥମନ୍ଥନ ସମ୍ଭବ ନୁହେଁ । ନାରାୟଣସ୍ୱରୂପ ଶ୍ରୀକୃଷ୍ଣ ଦ୍ୱୈପାୟନ ବ୍ୟାସଦେବ ଏହା କିପରି ଭାବରେ ମୂଳ ଜୟକାବ୍ୟ ମହାଭାରତରେ ପ୍ରଜ୍ଞାପିତ କରିଛନ୍ତି ତାହା ମନେ ପକେଇ ପାରୁନାହିଁ। ମୋର ପରିଣତ ବୟସ ହେତୁ ହୃଦ୍‌ବୋଧ କରୁଛି, ଯେମିତି ଏହା ପୁନରୁକ୍ତି ହେଲେ ବି "ଯେତିକି ମନେ ଅଛି ହୁଏତ ଅଧିକ ଭୁଲିଯାଇଛି ।"ହେ ମୋର ଭକତି ଭାବେ ଭୋଳା ତନ୍ମୟ ପାଠିକା ପାଠକବର୍ଗ ମୋର ଅବୋଧ ଅବିଜ୍ଞତା କୁ କ୍ଷମଣୀୟ ମନେ କରି, "ଭକ୍ତିତେ ସୁଲଭ ହରି ତର୍କେ ବହୁଦୂରେ ବିଚାରରେ ଭାବରସାସ୍ୱାଦନ କରନ୍ତୁ। ଭାବଗ୍ରାହୀ ଘେନା କରି ଆପଣମାନଙ୍କ ଉପରେ କଲ୍ୟାଣର ଅମୃତବର୍ଷଣ କରିବେ...

ଜୟ ହେଉ। ନିରାମୟ ଯଶସ୍ୱୀ ସୁଖୀ ହୁଅନ୍ତୁ ଆପଣମାନେ।

୦୦୦

୧୧.୧୧.୨୦୨୨

## ହରି ଅନନ୍ତ ହରିକଥା ଅନନ୍ତା ।

୦

**ଅ**ନନ୍ତ ହରିକଥାର ରଚନାକାର ପ୍ରଜ୍ଞାପକ ମୃତ୍ୟୁଞ୍ଜୟୀ । ଅମରାତ୍ମା ହରିପ୍ରିୟ ସେମାନେ । କବିସମ୍ରାଟ ଉପେନ୍ଦ୍ରଭଞ୍ଜ କବି ନହୋଇ ରାଜପଦରେ ସିଂହାସନାଭିଷିକ୍ତ ହୋଇଥିଲେ ଆଜି ହୁଏତ ବିସ୍ମୃତିର ଅତଳଗର୍ଭରେ ବିଲୀନ ହୋଇ ସାରନ୍ତେଣି । ମାତ୍ରକ ଶାଶ୍ୱତ ସାରସ୍ୱତ ସର୍ଜନାକର କବି ଉପେନ୍ଦ୍ର ଭଞ୍ଜ କାଳକାଳକୁ ଅମର ପଦରେ ଅଧିଷ୍ଠିତ ହୋଇ ରହିଥିବେ ।

ଅନନ୍ତ ରାମକଥାର ଆର୍ଯଭାରତବର୍ଷର ସର୍ବପ୍ରାଚୀନ ଜନଭାଷା କୋସଲି ବର୍ଗର ଲଳିତ କୋସଲି ଅବଧିର ଅନୁପମ କାବ୍ୟରଚନା **"ରାମ ଚରିତ ମାନସ"** ତଥା ସେଇ ଆର୍ଯ ଭାରତୀୟ ଭାଷାବର୍ଗରେ ଦ୍ୱିତୀୟ ଶାସ୍ତ୍ରୀୟ ମର୍ଯାଦା ଗୌରବ ବିମଣ୍ଡିତ ଅପ୍ରମାଦୀ ସିଦ୍ଧ ବୟାକରଣିକ, ଅପୂର୍ବ ସଙ୍ଗୀତମୟୀ ଗେୟତାର ଆଳଂକାରିକ ଅନୁଶାସନରେ ବିନ୍ୟସିତ ଦିବ୍ୟଭାଷା "ଓଡ଼ିଆ"ରେ ପ୍ରଣୀତ **ବୈଦେହୀଶ ବିଳାସ,** ଉଭୟେ "ପ୍ରବନ୍ଧ କାବ୍ୟ" ବୋଲି ସାହିତ୍ୟ ରଚନା ରୀତିବିଦ୍ ବୋଧଦର୍ଶୀ ମହାପୁରୁଷମାନେ ପ୍ରତିପାଦିତ କରିଛନ୍ତି । ଉଭୟ ରଚନାର ଆଖ୍ୟାନ ଉପାଖ୍ୟାନକ୍ରମ ସମାନ । ମାତ୍ର "ମାନସ"ର ରସ ଭକ୍ତି । କିନ୍ତୁ "ବୈଦେହୀଶ ବିଳାସ" "ଶୃଙ୍ଗାର" ରସାପ୍ଳୁତ । ରାମକଥାର ର ବିନ୍ୟାସରେ ରସ ଶୃଙ୍ଗାର ହୋଇଥିଲେ ହେଁ ଅନ୍ତରାତ୍ମାରେ "ଭକ୍ତି" ର ଉପେକ୍ଷା ସମ୍ଭବ ନୁହେଁ ।

ମୁଁ ରସସିକ୍ତ ବୈଦେହୀଶ ବିଳାସରେ "ଭକ୍ତି"ର ପ୍ରଗାଢ଼ ପ୍ଲାବନର ସ୍ୱଚ୍ଛ ନିର୍ମଳ ଧାରାର ଅନୁପମ ଦୃଷ୍ଟାନ୍ତର ଉପସ୍ଥାପନ କରିବାର ବିନମ୍ର ପ୍ରୟାସ କରିବି ବୋଲି ଅଭିଳଷିତ । ଯାହା ସର୍ବଶ୍ରେଷ୍ଠ କବି,ସଙ୍ଗୀତଜ୍ଞ ନୃତ୍ୟବିଦ୍ କଳାକାର କୃପା-ଅକୂପାର ଶ୍ୟାମସଖାଙ୍କର ଇଚ୍ଛା ।ସେ ଯାହା ଯେପରି କହିବେ ଲିପିବଦ୍ଧ କରିଯିବି ।

"ଭକ୍ତି"ର ରୂପାୟନ ହେତୁ ମୁଁ ତାର ପୃଷ୍ଠଭୂମିର ପ୍ରଜ୍ଞାପନ-ଇଚ୍ଛା କରୁଛି । ବିଚାର କରୁଛି, ତାହା ଆବଶ୍ୟକ । ଅହଲ୍ୟା ପିତାମହ ବ୍ରହ୍ମାଙ୍କର ମାନସ କନ୍ୟା । ସକଳ ସୌନ୍ଦର୍ଯର ଆହରଣ କରି ସେ ଅହଲ୍ୟାଙ୍କର ସର୍ଜନା କରିଥିଲେ । ସେତେବେଳେ ବିଟପ ଲମ୍ପଟ ଦେବରାଜ ଇନ୍ଦ୍ର ମନେ ମନେ ଭାବିଥିଲେ ଯେ ବ୍ରହ୍ମା ଏ କନ୍ୟା ମୋତେ ସର୍ପଣ କରିବେ

ମାତ୍ର ପିତାମହ ତାହା ନକରି ସେତେବେଳେ ମହାମନା ମହର୍ଷି ଗୌତମ ବେଦମାନଙ୍କର ସର୍ବଜନ ବୋଧ ଭାଷ୍ୟ ରଚନା କରୁଥିଲେ ବୋଲି ତାଙ୍କର ପ୍ରମୋଦ ବିନୋଦନ ଅଭିଳାଷରେ ସେ କନ୍ୟା ତାଙ୍କୁ ଅର୍ପଣକଲେ, ମହର୍ଷି ଅଙ୍ଗୀକାର କଲେ, ଅଥଚ ପରମ ଲାବଣ୍ୟବତୀ ସକଳ ବିଦ୍ୟାବତୀ ଅହଲ୍ୟାଙ୍କୁ କହିଲେ, ମୁଁ ତୁମକୁ ସମ୍ପ୍ରତି ମାନସିକ ସ୍ତରରେ ସ୍ୱୀକାର କରିଛି, କାୟତ: ନୁହେଁ। କାରଣ, ତଦ୍ୱାରା ହୋଇପାରେ ମୋର ଏକାଗ୍ର ତପ ସାଧନା ବିଚଳିତ ହେବ। ତେଣୁ, ତୁମେ ସମୁଚିତ କାଳ ତପସ୍ୱିନୀସଦୃଶ ବ୍ରହ୍ମଚର୍ଯ୍ୟ ପାଳନ କରିବ ଯାହା ଅନନ୍ଦମନରେ ଅହଲ୍ୟା ସ୍ୱୀକାର କରିଥିଲେ।

ସେଦିନ ପ୍ରାତ:କାଳରେ ମହର୍ଷି ଆଶ୍ରମରୁ ସ୍ନାନାର୍ଥେ ଯିବା ହେତୁ, ତାଙ୍କର ଅନୁପସ୍ଥିତିର ସୁଯୋଗରେ ଦେବରାଜ ଇନ୍ଦ୍ର ମହର୍ଷିଙ୍କର ଛଦ୍ମ ରୂପରେ ଆଶ୍ରମରେ ଉପସ୍ଥିତ ହେଲେ। ଯେମିତି କି ସ୍ନାନ ସମାପନ କରି ଆସିଛନ୍ତି। ଆସି ବେଶ ସ୍ୱଳ୍ପ କାଳରେ ସ୍ନାନ ସାରି ପତିଙ୍କର ଆସିଥିବା ଦେଖି ତଥା ତାଙ୍କର କାମେଚ୍ଛା ବ୍ୟକ୍ତ କରିବା ହେତୁ, ହୁଏତ ସେହି ସମୁଚିତ କାଳ ଉପସ୍ଥିତ ହେଲା ବୋଲି ମନେ କରି ଅହଲ୍ୟା ପରିପୂର୍ଣ୍ଣ ମାନସରେ ଦେହଦାନ କରିଥିଲେ ଏବଂ ଇନ୍ଦ୍ର ପ୍ରତ୍ୟାବର୍ତ୍ତନ କରଗଲା ବେଳେ ତାଙ୍କୁ ଦେଖି ସର୍ବଜ୍ଞ ମହର୍ଷି ଘଟିତ ଘଟଣା ଜାଣିଗଲେ ଓ ଦେବରାଜଙ୍କର ସର୍ବାଙ୍ଗ ଯୋନିମୟ ହେଉବୋଲି ଅଭିଶାପିତ କରି ଥିଲେ। ଦେବରାଜ ଆହୁରି ବି କିଛି ଅଧିକ ଦଣ୍ଡବିଧାନ ମହାରଷି କରିପାରନ୍ତି ବୋଲି ଭୟରେ ଅନ୍ତର୍ହିତ ହୋଇଗଲେ।

ମହର୍ଷି ଅହଲ୍ୟଙ୍କୁ ପ୍ରସ୍ତର ବତ୍ ସର୍ବାନୁଭୂତିରହିତା କରି ଦେଲେ । କିନ୍ତୁ, ସେ ଅହଲ୍ୟାଙ୍କର କାତର ପ୍ରାର୍ଥନାରେ, ତାହା ଅହଲ୍ୟାଙ୍କର ନୁହେଁ, ଦୋଷୀ ଦେବରାଜ ବୋଲି ହୃଦ୍‌ବୋଧ କରି କହିଲେ ମୁଁ ଯାହା ଶ୍ରାପିତ କରିଛି, ତାହା ଅନ୍ୟଥା ହେବ ନାହିଁ । ତେବେ ଏହି ପଥ ଦେଇ ଭିବଷ୍ୟରେ ପ୍ରଭୁ ମର୍ଯାଦା ପୁରୁଷୋତ୍‌ତମ ଶ୍ରୀରାମ ସପତ୍ନୀ ସାନୁଜ ବନଗମନ କରିବେ। ତାଙ୍କର ଶ୍ରୀଚରଣ ରେଣୁ ର ପାବନ ପରଶରେ ତୁମେ ତୁମର କାୟାଶୁଦ୍ଧ ପୂର୍ବରୂପ ଫେରି ପାଇବ । ମୋର ତୁମ ପ୍ରତି କିଛି ଆକ୍ରୋଶ ଦୁର୍ଭାବନା ନାହିଁ। ସେତେବେଳେ ମୋର ଏକାଗ୍ର ତପସ୍ୟାବତ୍ ବେଦଭାଷ୍ୟର ପ୍ରଣୟନ ବି ସମ୍ପନ୍ନ ହୋଇ ସାରିଥିବ ।”

ତାହା ଜ୍ଞାତ ହୋଇ କରୁଣା ବରୁଣାଳୟ ପ୍ରଭୁ ଆପଣାର ଶ୍ରୀଚରଣରେଣୁ ପତିତ ଶିଳାଉପରେ ପାତନପୂର୍ବକ ଅହଲ୍ୟାଙ୍କ ଉପରେ କୃପାବର୍ଷଣ କରି ଥିଲେ ଏବଂ ଅହଲ୍ୟା ଏବଂ ସେ ପୂର୍ବରୂପ ଲାବଣ୍ୟ ହୋଇ ମହର୍ଷ ଗୌତମଙ୍କର ଅଙ୍ଗୀକାରରେ ଆଶ୍ରମରେ ଅବସ୍ଥାନ କରିଥିଲେ। ସତୀ ଶିରୋମଣି ପଂଚ ସତୀ, ସର୍ବ ପାତକହାରିଣୀ, ପ୍ରାତ: ବନ୍ଦନୀୟା ଭାବରେ ସମ୍ମାନନୀୟା, ପୂଜନୀୟା।

କବିସମ୍ରାଟ୍, ଶବ୍ଦବିନ୍ୟାସ. ଆଳଙ୍କାରିକ ଅନୁଶାସନର ଅପ୍ରତିମ ଯାଦୁଗର ଉପେନ୍ଦ୍ରଭଞ୍ଜ ଆପଣାର ଶୃଙ୍ଗାର ରସାପ୍ଳୁତ ଅନୁପମ କାବ୍ୟ "ବୈଦେହୀଶ ବିଳାସ" ଯେପରି ଭାବରେ ପ୍ରଗାଢ଼, ତନ୍ମୟ ଭକ୍ତିର ରସପ୍ଳାବନ କରିଛନ୍ତି ତାହା ପ୍ରଭୁଙ୍କର ବିଷ୍ଣୁପଦ ନଖକୋଣ ଉଦ୍‌ଭବିତା ମାତା ପତିତପାବନୀ ଗଙ୍ଗା ପାର କରିବାର ରାଗଚୋଖୀରେ ବିନ୍ୟାସିତ ସର୍ଗରେ ଗଭୀର ଭାବରେ ନିହିତ ହୋଇ ରହିଛି । ରାଗ ରୋଖୀ ଓଡ଼ିଶୀ ଗାୟନର କୌଣସି ରାଗ ନୁହେଁ, ତାହା ଏକ ଉତ୍କଳୀୟ କାବ୍ୟ ରଚନାର ରୀତି। ମୁଁ ତାହା ସଂକ୍ଷେପରେ ଉପସ୍ଥାପିତ କରିବି। ଭାରତବର୍ଷରେ "ରାମକଥା"ର ପରମ ଅଧିକାରୀ ଇଟାଲୀୟନ ଫାଦର କାମିଲ ବୁଲ୍କେ ଆପଣାର ରାମକଥା କେ ଉଭବ ଔର ବିକାଶ ଗ୍ରନ୍ଥରେ ସହସ୍ରାଧିକ ପ୍ରାଚ୍ୟ ପାଶ୍ଚାତ୍ୟ ରାମାୟଣ, ରାମାୟଣାଧାରିତ କାବ୍ୟ ନାଟକାଦି ର ସୂଚନା ଦେଇ ତାର ସମୀକ୍ଷା ବିବେଚନା କରିଛନ୍ତି। ସେପରି ଚିତ୍ରକୂଟ ଶ୍ରୀଶ୍ରୀ ପରମହଂସ ରାମାନନ୍ଦାଚାର୍ଯ୍ୟ ଯେ ପରମପାବନ ଶଙ୍କରାଚାର୍ଯ୍ୟ ପରାୟ ଅଧିଷ୍ଠିତ, ଆପଣାର ପ୍ରାଞ୍ଜ୍ୟ ପ୍ରବଚନରେ ରାମକଥାର ବିବିଧ ସୁକୁମାର ରସସିକ୍ତ ଆଖ୍ୟାନ ଉପାଖ୍ୟାନର ଉପସ୍ଥାପନ କରିଥାଆନ୍ତି। ବଲାଙ୍ଗୀରରେ ତାଙ୍କର ପ୍ରବଚନର ସପ୍ତାହବ୍ୟାପୀ "ମାନସ" ଆଧାରିତ ପ୍ରଜ୍ଞାପନର ମୁଗ୍ଧଶ୍ରୋତାମାନଙ୍କ ଭିତରେ ସତରେ ଯେମିତି ମର୍ଯ୍ୟାଦା ପୁରୁଷୋତ୍ତମ ବିଦ୍ୟମାନ ହୋଇ ରହିଥିଲେ। ଯେପରି ଚିତ୍ରକୂଟ ଘାଟରେ "ତୁଲସୀଦାସ ଚନ୍ଦନ ଘିସେ ତିଲକ କରେ ରଘୁବୀର "ଏ ସବୁରି ମୂଳରେ ଭକତି ଭାବେ ଭୋଳା ଏକ ସମ୍ପୂର୍ଣ୍ଣ ସମର୍ପିତ ହୃଦୟ ହିଁ ବିଦ୍ୟମାନ। ମୁଁ ମୋରଏହି ସୁକୁମାର ସଂକଳନ "ଭକ୍ତ"ରେ ଅର୍ନ୍ତନିହିତ ଭାବ ହିଁ ସମାବେଶିତ କରିବାର ବିନୀତ ପ୍ରୟାସ କରୁଛି।

ଶଙ୍କର ତଥା ଶ୍ରୀରାମ ଏହି ମହିମାମୟ ପ୍ରଭୁମାନେ ଏକାତ୍ମ,ଅଭିନ୍ନ । "ରାମେଶ୍ୱର" ର ଏରୂପ ଅର୍ଥାନ୍ୱୟନ ତତ୍ତ୍ୱଦର୍ଶୀ ବିଦ୍ୱାନ ଭକତମାନେ କରିଛନ୍ତି । ରାମସ୍ୟ ଈଶ୍ୱର ଯ: ସ: ରାମେଶ୍ୱର ତଥା ଅନୁରୂପ ରାମ: ଈଶ୍ୱର ଯସ୍ୟ ସ: ରାମେଶ୍ୱର। ଦୁହେଁ ଦୁହିଁଙ୍କର ଭକ୍ତ। ଯେତେବେଳେ ପରମଭକ୍ତ ମହାମନା ଲଙ୍କେଶ ରାବଣଙ୍କୁ ମହେଶ୍ୱର ସବୁଶକ୍ତିର କ୍ଷମତା ପ୍ରଦାନକରି ଦେଲେ ସେତେବେଳ ଉମା ଜିଜ୍ଞାସା କରିଥିଲେ, "ପ୍ରଭୁ ଆପଣ ତ ସବୁ ଦାନ କରି ଦେଲେ , କଣ ନେଇ ଆପଣ ତ୍ରେତୟାରେ ପ୍ରଭୁଙ୍କର ସେବା କରିବେ ପ୍ରଭୁ କହିଲେ ମୁଁ ରାବଣକୁ ମୋର ଏକାଦଶ ରୁଦ୍ରାବତାରର ଦଶ ମାତ୍ରକର ଶକତି ଦାନ କରିଛି ଯେ ମୁଁ ଲଙ୍କେଶର ପୂଜା ପୀଠରେ ନିଜେଉପସ୍ଥିତ ହୋଇ ତାଙ୍କର ପୂଜାର୍ଘ୍ୟ ଗହଣ କରିବି ଓ ମୋର ଅବଶେଷ ଏକାଦଶ ରୁଦ୍ରାବତାର ଅତୁଳିତବଳଧାମ ମାରୁତି ନନ୍ଦନ ରୂପରେ ଅବତରିତ ହେବି । ପ୍ରଭୁ ମହେଶ୍ୱର ଙ୍କୁ ଥରେ ପ୍ରଭୁଶ୍ରୀରାମ କହିଥିଲେ ମୁଁ ଆଜି ଆପଣଙ୍କର ରୂପରେ ଲଙ୍କେଶ ଙ୍କର ପୂଜା ପୀଠରେ ଆରାଧିତହେବାକୁ ଯିବାର ଇଚ୍ଛା କରୁଛି । ତଦନୁରୂପ ଉପସ୍ଥିତ ହେବି। ମାତ୍ର ଭକତିଭାବେଭୋଳା ମହାମନା ରାବଣ ତାହା

ଜାଣି ପ୍ରାର୍ଥନା କରି କହିଲେ ପ୍ରଭୁ ଏ ଲୀଳା କରନ୍ତୁ ନାହିଁ । ମୋକ୍ଷ ମୁକ୍ତିହିଁ ମୋର କାମ୍ୟ। କୃପାନିଧାନ କୃପା କରନ୍ତୁ ।

ବୈଦେହିଶ ବିଳାସରେ ପ୍ରଭୁ ଯେତେ ବେଳେ ଗଙ୍ଗା ପାର କରିବାକୁ ତଟରେ ସପତ୍ନୀସାନୁଜ ଉପସ୍ଥିତ ହେଲେ ସେତେବେଳେଯେତେ ଡାକିଲେ ବି ନାବିକ କୈବର୍ତ୍ତ ସେହାକଶୁଣିଲା ନାହିଁ । କିଛି କାଳପରେ କାତର କଣ୍ଠରେ କହିଲା – "ବଧିର ନୁହ ଇ ବୀର କହିଲା ତହୁଁ ଧୀବର ଜାଣିଲିଣି ପଥରେ ପଥର ଅବଳା । ବାଲି ପଡ଼ି ତୋଚରଣୁ ନଉକା ନାୟିକା ହେଲେ ବୁଡ଼ିବ ଭେଲା।"

ତମ ଚରଣରୁ ବାଲି ପଡ଼ି ପଥ ର କେମିତି ଜୀବନ୍ୟସିତ ପ୍ରାୟ "ଅବଳା" ହୋଇଗଲା। ତେଣୁ, ମୋର ସେହି ଆଶଙ୍କା ଯେ ତମର ଚରଣ ରଜ ଲାଗି ମୋର ଏ ନଉକା ନାୟିକା ହୋଇଯିବ ଯଦି ତାହେଲେ ମୋର ଭେଳା ବୁଡ଼ିଯିବ କାରଣ ଏଇମୋର ଏକମାତ୍ର ବୃତ୍ତି, ଯଦ୍ୱାର ମୁଁ ମୋର କୁଟୁମ୍ବ ପ୍ରତିପୋଷଣ କରୁଛି। ତେଣୁ ତୁମକୁ ନଉକାରେ ତମର ପାଦ ନଧୋଇ ବସାଇ ଦେବି ନାହିଁ ।" ଅନ୍ତର୍ଯାମୀ କୈବର୍ତ୍ତର ତନ୍ମୟ ଆସ୍ଥାମୟ ଭାବ ବୁଝିଗଲେ। ଭକତି ଭାବେ ଭୋଳା ତନ୍ମୟ ଏ କୈବର୍ତ୍ତ । ତାପରେ –" ବଢ଼ାଇ ଦେଲେ ପୟର ଭାବଗ୍ରାହୀ ରଘୁବୀର ବିଜ୍ଞାନୀ କୈବର୍ତ୍ତ ଧୋଇଲା। ଆପଣା ଗାମୁଛା କାନିରେ ପୋଛି ନେଲା । "ଯେଉଁ ଶ୍ରୀଚରଣ ପିତାମହ ବ୍ରହ୍ମା ପ୍ରକ୍ଷାଳନ କରି ଥାଆନ୍ତି । ଦେବ ଦୁର୍ଲଭ ଯଥାର୍ଥରେ ତାହା ଜନ୍ମ ଜନ୍ମର ତପସ୍ୟା ସାଧନାର ସିଦ୍ଧିସ୍ୱରୂପ କୈବର୍ତ୍ତକୁସେ ସୌଭାଗ୍ୟ ପ୍ରାପତ ହୋଇଥିଲା। ବିଜ୍ଞାନୀ, ବିଗତ ହୋଇଅଛି ଜ୍ଞାନ ଯାହାର ଓ ବିଶେଷ ଜ୍ଞାନର ଅଧିକାର 1 ଯେ ସେ, ଉଭୟ ହେବ । ପୟରେ ଜଳରେ ଓ ପୟର ଚରଣ ଅର୍ଥରେ ବି ବ୍ୟକ୍ତ ହୋଇଥାଏ।

ପ୍ରଭୁ ତାକୁ ମହାଶୁଳସ୍ୱରୂପ ଆପଣାର ମୁଦ୍ରିକା ହେବାବେଳେ ସେ ତାହା ଗ୍ରହଣ କଲାନାହିଁ କହିଲା ଆପଣ ବି ତ ବୃତ୍ତିରେ ନାଉରି । ଇହଲୋକରୁ ପରଲୋକକୁ ପାର କରେଇ ଥାଆନ୍ତି। ମୋତେ କୃପା କରି ଏ ଭବ ସରିତା ପାର କରେଇ ଦେବେ।

୦୦୦

କବି କୁଟୀର, ବଲାଙ୍ଗୀର

୨୮.୫.୨୦୨୨

## ଅନାଥର ନାଥ

(ଆତ୍ମାନୁଭୂତ ଲଳିତ ନିବନ୍ଧ)

୦

**କା**ହାକୁ ଅନାଥ କରି ରଖିଛ ବଳିଆରଭୁଜ ! ମହାଶୂନ୍ୟତାର ଅପ୍ରମେୟତାରେ ହେ ଅବ୍ୟକ୍ତ ଅଣାକାର, ପରିପୂର୍ଣ୍ଣ ହୋଇ ରହି ମହାବ୍ୟୋମ,ଅନନ୍ତ ଆକାଶକୁ ଜ୍ୟୋତିବନ୍ତ କରିଛ। ଆଲୋକ ଉଦ୍‌ଭାସରେ କୃତାର୍ଥ ପ୍ରମୁଦିତ ଆକାଶ କଲ୍ୟାଣର ବର୍ଷା କରି ତୁମର ପ୍ରିୟତମା ବସୁନ୍ଧରାର ବସ୍ତଳା ତନୁ ଅଧିକରୁ ଅଧିକ ଶିହରିତ କରି ପଲ୍ଲବିତ, ପୁଷ୍ପିତ, ଫଳବନ୍ତ କରି ଚାଲିଛି ଅନୁକ୍ଷଣ। ମୁଗ୍ଧ ବିଭୋର ଦୁହେଁ ନିରତ ନିରନ୍ତର ରାସ ରଚନା କରି ହେ ରସପୁରୁଷ, ଅହରହ ତୁମରି ଯଶୋଗାନ କରୁଛନ୍ତି । ସୁଗନ୍ଧ ସୁରଭିତ ମରୁତ୍ ପ୍ରୀତି ପରଶରେ ଆମୋଦିତ କରିଚାଲିଛି ପ୍ରକୃତିକୁ, କାମିନୀ ତଟିନୀକୁ ପୂର୍ଣ୍ଣଗର୍ଭା କରୁଛି, ଶ୍ୟାମଳ ଶୋଭାରେ ତଟ ବିମଣ୍ଡିତ କରି ଅପୂର୍ବ ଛନ୍ଦାୟିତ ଲାସ୍ୟ-ଉଲ୍ଲସିତ ଗତିରେ ହେ ମହାସାଗର, ତୁମର ମହାଶୂନ୍ୟତାରେ, ତନ୍ମୟ ଏକାତ୍ମତାରେ ଅଭିନ୍ନ ହେବାର ଆତୁର ଅଭିଳାଷରେ ଦ୍ରୁତ ଦ୍ରୁତତର ଲୟରେ ସମାହିତ ହେବାବେଳେ ନିବିଡ଼ ପରିରମ୍ଭରେ ସ୍ୱାଗତ କରୁଛ ନା ମହାବାହୁ !

କ୍ଷୁଧା-ତୃଷାର ମାପରେ ଜଳ ଭୋଜନ ଦେଇଛ। ଏପରିକି ପଙ୍କକୀଟ ବି ତହିଁରୁ ବଂଚିତ ନୁହେଁ। ଯାହାକୁ ଯେଉଁଠି ନିୟୋଜିତ କରି ପଠେଇଛ ତାକୁ ସେତିକି ଶକ୍ତି ସାମର୍ଥ୍ୟ ଦେଇଛ,ଯେମିତି ସେ ତମର ବରଗିଲା କାମ ପୂରା କରିଦେଇ ପାରିବ। କବିପଣକୁ ଭାଜନ କରିବ ବୋଲି ଦୁଃଖ ବେଦନା ଶୋକାତୁରତାରେ ମଣିଷକୁ ଏମିତି ଭାବପୀଡ଼ିତ କରିଛ କରୁଣାବାରିଧି ଯେ ସେ ତୁମର ମହିମାଗାନ କରିବ ବୋଲି ରାମାୟଣର ରଚନା କରିଛି ଓ ତୁମେ ତାକୁ ଆଦିମହାକବିର ମହିମା ବିମଣ୍ଡିତ କରି ପ୍ରତିଷ୍ଠିତ କରିଛ। ବ୍ରହ୍ମା ବାମଦେବ ନାରଦ ରତ୍ନାକରକୁ ବାଲ୍ମୀକିରେ ରୂପାନ୍ତରିତ କରି ପଣ୍ଡିତ, ସର୍ବଶାସ୍ତ୍ରଜ୍ଞ, ସବୁକିଛି ବିଦ୍ୟାଧୂରୀଣ କରିଦେଇ ପାରିଲେ ସିନା ! ଶୋକ-ଦୁଃଖାତୁରତାର ସିନା ସେ ସାମର୍ଥ୍ୟ ଥିଲା ଯେ ବାଲ୍ମୀକି ତୁମରି ଇଚ୍ଛାରେ କବି ବୋଲାଇଲେ। ସେ ବ୍ୟାଧ ତ ତୁମରି ସଂକଳ୍ପର ମାଧ୍ୟମ ଓ ନିମିତ୍ତ ମାତ୍ର। କାମମୋହିତ କ୍ରୌଂଚ ଯୁଗଳରୁ ପ୍ରିୟତମାର ବଧ କରେଇ ଯେପରି ବ୍ୟଥିତ କଲା ସେହି ବ୍ୟଥା, "ମା ନିଷାଦଂ ପ୍ରତିଷ୍ଠାଂ ତ୍ୱମଗଂମ ଶାଶ୍ୱତୀ ସମା,

ଯତ୍ କ୍ରୌଂଚ ମିଥୁନାତ୍ ଏକମବଧି କାମମୋହିତଂ" ଛଳରେ ପ୍ରଜ୍ଞାପିତ ହୋଇ, ଯଦିଓ ତାହା ଅଭିଶାପ ର ଶାଶ୍ୱତବାଣୀ, ଜଗତ ସକାଶେ କରୁଣାଦ ହେଲା ଓ ତୁମକୁ ବି ମର୍ଯାଦାପୁରୁଷୋତ୍ତମ ଭାବରେ ପରିଚିତ କରାଇଲା ! ହେ କୁଟିଳ ଦୟାମୟ, ବିଷମ ତୁମର ପରୀକ୍ଷାର ରୀତି । ଆପଣା କୂଳ କୁଟୁମ୍ବ ଆତ୍ମୀୟ ସ୍ୱଜନଙ୍କର ରକ୍ତରେ କର୍ଦ୍ଦମାକ୍ତ କୁରୁକ୍ଷେତ୍ର ରେ ଠିଆ କରେଇ ମହାଭାରତ ମହାସଂଗ୍ରାମର କଥା-ଇତିହାସର ଲିପିବଦ୍ଧ କରିବା ସକାଶେ ଦାୟିତ୍ୱ ଶ୍ରୀକୃଷ୍ଣ ଦ୍ୱୈପାୟନ ବ୍ୟାସଦେବଙ୍କ ଉପରେ ନ୍ୟସ୍ତ କଲ ନା, ତୁମର ଇଚ୍ଛା ଅଭୀପ୍ସାର ସୂତ୍ରରେ ? ତାଙ୍କର ସେହି ଶକ୍ତି ବି ଥିଲା ଯେ ସେ ଦିବ୍ୟଚକ୍ଷୁର ଅଧିକାରୀ କରିପାରିଥିଲେ ସଂଜୟଙ୍କୁ, ଆଉ ଏକ ଦୁରାଗ୍ରହୀ ଅନ୍ଧ-ସମ୍ରାଟକୁ ମହାସମରର ଚାକ୍ଷୁଷ ଧାରାବିବରଣୀ ପ୍ରଦାନ କରିବେ ବୋଲି । ତଥାପି ବି ପରମସତ୍ୟର ଉପଲବ୍ଧି କରି ନପାରି ପ୍ରାର୍ଥନା କରିଥିଲେ ଆଉ ତମରି ଦୟାରେ ମାତ୍ର "ତଥାସ୍ତୁ"ର ଉଚ୍ଚାରଣରେ ସର୍ବଶ୍ରେଷ୍ଠ ପ୍ରୀତି ମହାକାବ୍ୟ ଶ୍ରୀମଦ୍‌ଭାଗବତର ରଚନା କରି ତୁମର ପରିଚୟ ପ୍ରଜ୍ଞାପନ କରିଥିଲେ !

ହେ ଅରୂପ,ଅଣାକାର, ଅବ୍ୟକ୍ତ, ଅନିର୍ବଚନୀୟ, ଅପ୍ରମେୟ, ଅକଳ୍ପନୀୟ, ଅବର୍ଣନୀୟ, ଅଚିନ୍ତ୍ୟ, ଅସୀମ, ଅନନ୍ତ, ଅକ୍ଷର, ଅଜନ୍ମା,ଶୂନ୍ୟବିହାରୀ,ଅବତାରୀ ପୁରୁଷୋତ୍ତମ. ଆପଣା କଳାର ଅଂଶମାତ୍ର ଦେଇ ନିରୂପିତ କର୍ମ ସମ୍ପାଦନର ଭୂମିକାରେ ଯେଉଁ ଭଗବାନମାନଙ୍କୁ ଅବତରିତ କରିଛ, ସେମାନଙ୍କୁ,ସେମାନେ ଯଦିଓ ଜଗତର ହିତକାରୀ, ଦୁଃଖାପହାରୀ ; ଦୁଃଖମୁକ୍ତ କଲନାହିଁ କେମିତି ? କାଲି ସକାଳେ ରାଜା ହେବା ମଣିଷକୁ ବଣକୁ ପଠେଇଛ । ଆଉ କେତେ କଣ । ଆଉ କୋଉଠି ଥାନ ମିଳିଲା ନାହିଁ ଯେ ବନ୍ଦୀଶାଳାରେ, ଫାଟକରେ କୋଳପ ପଡ଼ିଛି, ସଶସ୍ତ୍ର ପ୍ରହରୀ ଜଗିଛନ୍ତି, ବାହାରେ ଘନଘୋର ବର୍ଷା, ଏପରି କି ବାପମାଆଙ୍କର ହାତ ପାଦରେ କଡ଼ି ବେଡ଼ୀ ଲାଗିଛି, ସେଇଠି ଭୂମିଷ୍ଠ କରାଇଲ ! କଂସ ଧାଉଡ଼ିରୁ ଲୁଚି ବାପ ନେଇ ଭରାନଈ ପାର କରି ଗୋପରେ ନନ୍ଦ-ଯଶୋଦା କୋଳରେ ଗୋପନରେ ଦେଇ ଆସିଲା ଯେ ସେଠି କଣ ଦାନବ ଉତ୍ପାତ କିଛି କମ କି ? ଏପରି କି ସାତଦିନର କଅଁଳା ଛୁଆକୁ ମାତୃବତ୍ ସ୍ନେହରେ କ୍ଷୀର ଖୁଆଇବାକୁ ଯୋଉ ରାକ୍ଷସୀ ଆସି ପହଂଚିଗଲା ସିଏ ବି ଥନରେ ବିଷ ବୋଳି ଆସିଥିଲା । ଆଉ କେତେ କଥା । ଆଜି ମଣିଷ, ଆପଣା ଦୁଃଖକୁ ଜଗତର ସବୁଠାରୁ ବଡ଼ଦୁଃଖ ବୋଲି ମଣୁଛି । ଅସଲ ସାଧୁ ସନ୍ଥମାନେ ଆପଣା ଦୁଃଖକୁ କିଛି ନଭାବି ଜଗତଦୁଃଖରେ ଆତୁର କାତର ହୁଅନ୍ତି ବୋଲି, ସେମାନେ ସନାଥ । ତମ ଜିମାରେ ସବୁ କିଛିକୁ ସଅଁପି ଦେଇ ସେମାନେ ନିଶ୍ଚିନ୍ତ ମନରେ ଭଜନ କୀର୍ତନରେ ତମର ନାମ ସଂକୀର୍ତନ କରୁଥାଆନ୍ତି ।

ଅନୁଭବୀ ଭକ୍ତ କବିମାନେ, ତୁମେ ବିନ୍ଦୁଏ ଭକ୍ତି-ପ୍ରୀତିର ବଦଳରେ ସିନ୍ଧୁପ୍ରାୟ ଫେରାଇ ଥାଅ ବୋଲି କହିଥାନ୍ତି । ଲୋଭ, ମାୟା, ମୋହ-ବନ୍ଧନରେ ଛନ୍ଦି ହେଲା ମଣିଷର

ଧନ ସିନା ଅସରା ନୁହେଁ ? ତମେ ତ ଅତୁଳିତ ରତ୍ନାକରଙ୍କର ଜାମାତା ତମର କୋଉ ଊଣା ଅଛି ! ଐଶ୍ୱର୍ଯ୍ୟର ଅଧିଷ୍ଠାତ୍ରୀ ମହାଲକ୍ଷ୍ମୀ ଯା'ର ପ୍ରିୟତମା ପତ୍ନୀ, ପଦ ସେବିକା, ତାର ଅମାପ ଧନର କଳନା କରିବା ବି ସହଜ ନୁହେଁ। ଆଉ ତମଭାଗର ଦରବ କାଣିଚାଏ ବି ହଡ଼ପ କରିଲା ମଣିଷର ହେଲେ କୋଉ ନିସ୍ତାର ଅଛି ? ମାୟା ରଚନା କରି ରଙ୍ଗ ଅଧରରେ ମନ୍ଦ ହାସ ଉକୁଟାଇ ଯାହା ଭିଆଣ କରିଥାଅ, ସେଇଆକୁ ସେ କବିମାନେ ତମର ଲୀଳା ବୋଲି କହିଛନ୍ତି। ତମେ ରସଭୋଗୀ । ଦ୍ୱାରକାର ପ୍ରମୋଦ ଉଦ୍ୟାନରେ ତମର ପ୍ରୀତି-ପ୍ରତିମା କୃଷ୍ଣାଙ୍କର ଭାବ-ବିନୋଦନସକାଶେ ନିଜେ କାଟିକାଟି ଆମ୍ବ ପରସି ନଦେଇ ଖୁଏଇ ଦେଲାବେଳେ ଜାଣିଜାଣି ଆଙ୍ଗୁଠିରେ ବଜେଇ ଦେଇ ଅଷ୍ଟପାଟବଂଶୀଙ୍କୁ ଏମିତି ଚମକେଇ ଦେଲ ଯେ ସେମାନେ ପ୍ରାସାଦ ଭିତରକୁ ତମର ରକ୍ତକ୍ଷରଣ ର ପ୍ରତିକାର ଓ ପୀଡ଼ା ଉପଶମନ ହେତୁ ପ୍ରାଥମିକ ବ୍ୟବସ୍ଥା ଓ ରାଜବୈଦ୍ୟଙ୍କୁ ସୂଚନା ଦେବାକୁ ଦଉଡ଼ିଗଲେ ସିନା ଅସଫଳ ହୋଇ ଖାଲିହାତରେ ଫେରିଆସିଲେ। ସ୍ମିତ ହସି ସେମାନଙ୍କୁ ସାନ୍ତ୍ୱନା ଦେବା ଆଳରେ କହିଲ, ଚିନ୍ତା କରନାହିଁ,ସଖୀ ତାଙ୍କର ବହୁମୂଲ୍ୟ ପାଟଶାଢ଼ୀ ଚିରି ଦେଇ କ୍ଷତରେ ଭିଡ଼ି ଦେଇଛନ୍ତି। ରକ୍ତକ୍ଷରଣ ଓ ପୀଡ଼ା କିଛି ନାହିଁ।ମୋର କେବଳ ଦୁଃଖ ଯେ ଅମୂଲ୍ୟ ପୀତାମ୍ବରୀ ପାଟ ... ... ଆଉ ସେ ଆଙ୍ଗୁଠି ଟେକି ଦେଖେଇଲେ। ... ଆଉ ସାନ୍ଦୀପନୀଙ୍କର ଆଶ୍ରମରେ ବିଦ୍ୟାର୍ଥୀ ଜୀବନରେ ସେଦିନ ପ୍ରଭାତରୁ ସମୀଧ ସଂଗ୍ରହର କାର୍ଯ୍ୟାନୁରୋଧରେ ସହପାଠୀ ମିତ୍ର ସୁଦାମା ସହିତ ଯିବା ବେଳେ ଗୁରୁମାତା ସୁଦାମା କାନିରେ, ବଣରେ ଭୋକ ହେଲେ ଦୁହେଁ ଖାଇନେବ ବୋଲି କହି ବାନ୍ଧି ଦେଇଥିବା ଭଜାଖୁଦ ମିଛ କହି ସୁଦାମା ନିଜେ ଖାଇ ନେଲେ । ସେଇ ତାଙ୍କରି ଭାଗର ଭଜାଖୁଦ ମୁଠାକ ଫେରି ପାଇବା ଯାଏଁ ସୁଦାମାଙ୍କୁ ଅରକ୍ଷିତ କାଙ୍ଗାଳ କରି ରଖିଦେଲ ନା ଆଉ ନିମିଷକରେ ଐଶ୍ୱର୍ଯ୍ୟ ବିଭୂତି ବିମଣ୍ଡିତ କଲାରୁ ଏମିତି ହେଲା ଯେ ସୁଦାମା ଆପଣା ଆବାସ କୁ ବି ବାରି ପାରିଲେ ନାହିଁ। କୁଡ଼ିଆ ରାଜାପ୍ରାସାଦପରି ରୂପାନ୍ତରିତ ହୋଇ ସାରିଥିଲା। ପତ୍ନୀ ରାଜରାଣୀ ବେଶରେ ଦୁଆର ମୁହଁରୁ ଭ୍ରମିତ ବିମୋହିତ ସ୍ୱାମୀଙ୍କୁ ବନ୍ଦାପନା କରି ପାଛୋଟି ନେବାକୁ ଆସିଲେ ସିନା ସୁଦାମା ସ୍ୱୀକାର କଲେ ନାହିଁ। ସେହି ପ୍ରାସାଦ ସମୀପରେ ଏକ କୁଟୀର ନିର୍ମାଣ କରି ରହି ପ୍ରଭୁଚିନ୍ତନ ମନନରେ ବୁଡ଼ି ରହିବାକୁ ମନ କଲେ । ସେ ଅନାଥ ବୋଲି ସନାଥ କରିବାକୁ ସଖାଙ୍କର କରୁଣା ହେଲା ସିନା ?

ଆଉ କୁରୁ ରାଜସଭାରେ ସେଇ ଚିରା କାନିର ବିନିମୟରେ ନିଜେ ବସ୍ତ୍ରାବତାର ରେ ପ୍ରିୟସଖୀକୁ ଆବୋରି ରହିଲ ନା କୃପାମୟ, କୁଟିଳ ପ୍ରିୟତମ !

ତେଣୁ, ମଥାନତ ହୋଇ ପଚାରୁଛି ଶ୍ୟାମସଖା, କାହାକୁ ଅନାଥ କରି ରଖିଛ ?

ହେ ଜଗଦାନନ୍ଦକନ୍ଦ, ଅନାଥମାନେ ତୁମକୁ ଲୋଡ଼ି ଥାଆନ୍ତି। ଆଉ ଆଉ କିଛିକୁ ସେମାନଙ୍କର ଲୋଭ ନଥାଏ। ସେମାନଙ୍କ ଭିତରେ ପ୍ରଖର ଆତ୍ମବିଶ୍ୱାସ ରୂପରେ ତୁମେ ହିଁ ଉଦେ ଓ ବିରାଜିତ ହୋଇ ରହିଥାଅ। ସେମାନେ ସତ୍ୟ ଅସତ୍ୟର, ଧର୍ମ-ଅଧର୍ମର ଭେଦବୋଧୀ। ସମର୍ପିତ ଭକ୍ତ। ଜାଣି ଥାଆନ୍ତି ଯେ ତୁମକୁ ଲୋଡ଼ିଲେ ସବୁ କିଛି ପ୍ରାପତ ହୋଇଥାଏ। ଆଉ ଆଉ କୁ ଲୋଡ଼ିଲା ମଣିଷ ତୁମକୁ ପାଏ ନାହିଁ ଆଉ ତୁମକୁ ନ ପାଇ ଆଉ କିଛି ବୋଲି କିଛି ନପାଇ ନିଃସ୍ୱ ନିକାଂଚନ ହୋଇଯାଏ ପଛକେ ଦର୍ପ ଦୁରାଗ୍ରହର ମାୟାଜାଲରୁ ମୁକୁଳି ପାରେନାହିଁ। ତାର ଚରମ ଦୃଷ୍ଟାନ୍ତ ତ ମହାଭାରତ ମହାସମରର ପରିଣତି ! ସମଦର୍ଶିତା ବିହୀନ ଭେଦବୁଦ୍ଧିର ମଣିଷ କିଛି ପାଏନାହିଁ। ସେ ଅନ୍ଧସମ୍ରାଟ ପଚାରିଲା - " ଧର୍ମ କ୍ଷେତ୍ରେ କୁରୁକ୍ଷେତ୍ରେ ସମବେତା ଯୁଯୁତ୍ସବ। ମାମକା ପାଣ୍ଡବାଶ୍ଚୈବ କିମକୁର୍ବତ ସଂଜୟ।" ପାଣ୍ଡବମାନେ କଣ ତୋର ନୁହନ୍ତି ଯେ ପଚାରି ବସିଲୁ ମୋର ଓ ପଣ୍ଡୁପୁତ୍ରମାନେ କଣ କଲେ। ସମସ୍ତଙ୍କୁ ମୋର ବୋଲି ଭାବି ପଚାରିଥିଲେ ହୁଏତ ଦୟାମୟ ଅନ୍ତିମ ପରିଣତି ବି ବଦଳେଇ ଦେଇଥାଆନ୍ତା। ମହାସମର ଟଳି ଯାଇଥାଆନ୍ତା ! ସବୁ ସବୁ ଶୁଣି ବୁଝି ଶେଷକୁ କେମିତି ପଚାରି ବସିଲୁ - ସମରର ଶେଷ ପରିଣତି କଣ ହେବ ସଂଜୟ ! ଯୋଗେଶ୍ୱର ଶ୍ରୀକୃଷ୍ଣ ଯହିଁ ବିଦ୍ୟମାନ, ଧନଞ୍ଜୟ ପାର୍ଥ ଯେଉଁଠାରେ ରହିଛନ୍ତି, ବିଜୟ ବିଭୂତି ତ ସେହିଠାରେ ଅବଶ୍ୟ ରହିଛି। କଣ ଏଇଆ ଶୁଣିବାକୁ ?

ଆବଶ୍ୟକତାଠାରୁ ଅଧିକ ନିଶ୍ଚିତ ଅବାଟରେ ଭରମେଇଥାଏ ବୋଲି କରୁଣାବରୁଣାଳୟ ପ୍ରଭୁ ଭକତକୁ ତାର ଲୋଡ଼ାରୁ ଅଧିକ କରି କିମ୍ବା ଅଲୋଡ଼ା କିଛି ଦିଅନ୍ତି ନାହିଁ। ଦୁର୍ଯୋଧନର ସତରେ କଣ ଅଭାବ ରହିଥିଲା ଯେ ତାହା ପୂରଣ କରିବ ବୋଲି ଅନ୍ୟର ନ୍ୟାଯ୍ୟ ଅଧିକାରର ହତ୍ୟା କରି ମୁଁ ମୋର ର ଅଭିମାନରେ, ଆସକ୍ତିରେ, ଯାହା ତାର ତାକୁ ବି ଭୋଗ କରି ପାରିଲା ନାହିଁ ? ସେଭଳି "ଅନାଥ"କୁ ସନାଥ କରିବାର ମନ ପ୍ରଭୁର ବି ନଥାଏ। ସଦାକାଳରେ ସେପରି ଆସନ, ଶାସନ, ପଦ, ମର୍ଯାଦା, ପ୍ରତିପତ୍ତି ବିଭୂଷିତ "ଅନାଥ"ମାନେ ଧନ ବିଦ୍ୟା ବୁଦ୍ଧି ସବୁ ଥାଇବି ସଖ୍ୟକାର୍ପଣ୍ୟ ହେତୁ ନିରପେକ୍ଷ, ସତ୍ୟ ଯଥାର୍ଥର ସ୍ତାବକ ହୋଇ ପାରନ୍ତି ନାହିଁ ବୋଲି ଅନ୍ୟର ଉତ୍ତରଣର ପଥରୋଧ କରି ନିଜେ ହିଁ ଅନାଥପଣରେ ପାଦେ ଧାପେ ବି ଆଗେଇ ପାରନ୍ତି ନାହିଁ।

ପ୍ରଭୁ ଜମାରୁ ଅଲଭ୍ୟ ନୁହନ୍ତି। ସେ ଯେତେ ପ୍ରୀତିକାଙ୍ଗାଳ ତାଙ୍କପରି ତାଙ୍କରି ସରଜିଲା ଜଗତରେ ଆଉ କେହି ଜଣେ ନାହାନ୍ତି। ତାଙ୍କୁ ପାଇବାର ସହଜ ବାଗଟି ହେଲା ନିଜେ ନିଜକୁ ଭଲପାଇବା, ନିଜକୁ ଭଲପାଇ ଆଉ ଜଣକୁ ଭଲ ପାଇବା, ଅନ୍ୟକୁ ଭଲପାଇ ଆଉମାନଙ୍କୁ ଭଲପାଇ ଜଗତକୁ ଭଲପାଇଲେ ପ୍ରଭୁ ନିଜେ ତମ ପାରୁଶକୁ ଆଗେଇ ଆସିବେ।

ଜଗତବନ୍ଧୁ ଦୀନବନ୍ଧୁ ସବୁରି ବନ୍ଧୁ ! ସାମାନ୍ୟ ବିଚାରରେ ଆମେ ବନ୍ଧୁହୀନ କେହି ଜଣକୁ ନିର୍ବିଚାର ଅନାଥ ବୋଲି କହି ପାରିବା। ପ୍ରଭୁପ୍ରତି ସମର୍ପିତ ଆସ୍ଥା ଓ ବିଶ୍ୱାସ ବଳରେ ମହାପ୍ରଭୁ ଯାହା କରିବେ ମଙ୍ଗଳବିଧାନ ହିଁ କରିବେ ବୋଲି ଯାହାର ଚେତନାରେ ଜଗତରନାଥ ରହିଛନ୍ତି ସେ ଆଉ ଅନାଥ କେମିତି ହେବ ?

ଭଗବାନ ତଥାଗତ ବୁଦ୍ଧଙ୍କର ମହାନିର୍ବାଣ ପରେ ଭିକ୍ଷୁ ଆନନ୍ଦ ସଂଘର ପୁରୋଧା ହେଲେ। ଦିନେ ଜଣେ ଆସି ବିଷାଦିତ ନିବେଦନ କଲା ... " ମୋତେ କିଛି ପଥ ପ୍ରଦର୍ଶନ କରନ୍ତୁ। ମୋର ସବୁ ଅଛି ମାତ୍ର ଶାନ୍ତି ପରିତୋଷ ନାହିଁ। ମୁଁ ଆପଣାକୁ ଅନାଥ ଅସହାୟ ମନେ କରୁଛି। ମୁଁ କଣ କଲେ ପରିତୋଷ ଲାଭ କରିବି । ମୋତେ ସେଇ ସାଧନା ନିରାଜନାର ପଥ ବତାଇ ଦିଅନ୍ତୁ।" ଭିକ୍ଷୁ ସ୍ମିତ ହସି କହିଲେ – " ତାହା କିଛି ଜଟିଳ କଥା ନୁହେଁ। ଗୋଟାଏ ସାମାନ୍ୟ ଅଭ୍ୟାସରେ ତୁମ ଭିତରେ ଶାନ୍ତି ପରିତୋଷ ପରିପୂର୍ଣ୍ଣ ହୋଇଯିବ । ପ୍ରତିଦିନ ପ୍ରଭାତରେ ଉଦିତ ସୂର୍ଯ୍ୟଙ୍କୁ ପ୍ରଣାମ କରି ଦୁଇ ହାତ ଟେକି ହସିଦେବ । ଭାବିବ ଯାହା ହୋଇଯାଇଛି, ତାହା ଭଲ, ଯାହା ହେଉଛି ତାହା ଭଲ ଓ ଯାହା ହେବାକୁ ଅଛି ତାହା ମଧ୍ୟ ଭଲ ହିଁ ହେବ। ପୁଣି ଆଦିତ୍ୟଙ୍କୁ ପ୍ରଣାମ କରିବ। ଏପରି ସାତଦିନ ଅଭ୍ୟାସରେ ସବୁ କିଛି ସୁଧୁରି ଯିବ।" ଲୋକଟି ଆନନ୍ଦମନରେ ଭିକ୍ଷୁଙ୍କୁ ପ୍ରଣାମ କରି ଗଲାବେଳେ ସେ ପୁଣି କହିଲେ – "ଦେଖ ସାତଦିନ ପରେ ତୁମେ ତୁମର ସବୁଠାରୁ ଆତ୍ମୀୟ ଅଭିନ୍ନାତ୍ମ ବନ୍ଧୁ ସହିତ ଆସି ମୋତେ ଭେଟିବ।" କିନ୍ତୁ, ଅନେକ ଦିନ ବିତିଗଲା ପରେ ବି ଲୋକଟି ଆସି ଭିକ୍ଷୁଙ୍କୁ ଭେଟିଲା ନାହିଁ। ଆଉ କିଛି ଦିନ ବିତିଗଲା ପରେ ଦିନେ ସେ ଏକାକୀ ଆସି ଭିକ୍ଷୁଙ୍କୁ ସାକ୍ଷାତ କଲା। ଭିକ୍ଷୁ ଆନନ୍ଦ ତାର ଏପରି ବିଳମ୍ବ ହେବାର କାରଣ କଣ ? ପଚାରିଲେ। ଲୋକ ଟି କହିଲା – "ମହାପ୍ରଭୁ, ମୁଁ ଏପର୍ଯ୍ୟନ୍ତ ମୋର କେହି ଅତି ନିକଟ ବନ୍ଧୁକୁ ପାଇଲି ନାହିଁ। କେହି ଜଣକୁ ମୋର ଅତି ଅନ୍ତରଙ୍ଗ ବନ୍ଧୁ ବୋଲି ଭାବିଲେ, ଆଉ କେହି ଜଣକର କଥା ମନେ ପକାଇ ପ୍ରକୃତରେ କିଏ ମୋର ଶ୍ରେଷ୍ଠ ବନ୍ଧୁ ସେହି ନିଷ୍ପତ୍ତି ନେଇ ପାରିଲି ନାହିଁ। ଆଜି ମଧ୍ୟ ଏକାକୀ ଆସିଛି। ମୋତେ ଉଚିତ ମାର୍ଗ ବତେଇ ଦିଅନ୍ତୁ। ଭିକ୍ଷୁ ହସିଦେଇ କହିଲେ – ସେଇ ତୁମର ଏକମାତ୍ର ସମସ୍ୟା। ତୁମର ନିଜର ଅତି ଆପଣାର କେହି ବନ୍ଧୁକୁ ବାରି ଦେଇ ପାରିଲ ନାହିଁ, ତାର ଅର୍ଥ ତମର ଶତ୍ରୁ ବି ଅଛନ୍ତି। ମନ ଭିତରେ ସଂଶୟ ଅନାସ୍ଥା ଭାବ ଭରି ରହିଛି। ଯାଅ, କାହାରିକୁ ବି ଶତ୍ରୁ ମନେ ନକରି, ସମସ୍ତଙ୍କୁ ବନ୍ଧୁ, ସଖା, ସହୋଦରବତ୍ ପୂର୍ଣ୍ଣ ପ୍ରାଣରେ ସ୍ୱୀକାର କରି ନେବ। ତାପରେ ତୁମର ଆଉ ମୋପାଖକୁ ସେହି ସମସ୍ୟା ନେଇ ଫେରିବା ଆବଶ୍ୟକ ହେବ ନାହିଁ। ଜଗତନାଥ ତୁମର ଭିତରେ ବାହାରେ ସର୍ବତ୍ର ବିରାଜିତ ହୋଇ ତୁମେ ଅନାଥ ନୁହଁ ସନାଥ ବୋଲି କୃତାର୍ଥ ସମର୍ଥ କରିଦେବେ... .... ...

୦୦୦

ସବୁରିମୂଳରେ ସେଇ ଭକତି । ଯାହା କରିବେ ସେଇକରତାପୁରୁଷ ହିଁ କରିବେ ବା କରାଇବେ ତାଙ୍କର ମରଜୀ ବିନା ଶାଖାରେ ପତର ବି ପବନ ହାନ୍ଦୋଳାରେ ହଲିବନାହିଁ। ଯେ କରେ ବା କରାଏ ସେ କର୍ତା। ଆଉ ବିନା ଭଗତିରେ ସେଇ କର୍ତାପୁରୁଷର ଭକତି ଭାବେ ଭୋଳା ହୋଇ ତାର କରୁଣା ପ୍ରାପତ ହେବା ସମ୍ଭବ ନୁହେଁ ବୋଲି ଦେବ ପୁରୁଷ ଅମର ସିଦ୍ଧ ତପସ୍ୱୀ ପୁରୁଷମାନେ ବି ଲଳାସୀ ହୋଇଆସି ଥାଆନ୍ତି।

ମୁଁ ରାମକଥାର ଅନନ୍ତ କଥାକ୍ରମର ଉପସ୍ଥାପନା କରିବିନାହିଁ । ଭଗତିରେ ପାଗି ହୋଇ ରହିଥିବା ଆଦି ମହାକବି ମହର୍ଷି ବାଲ୍ମୀକିଙ୍କର ପରାବତାର ଭକ୍ତି ପ୍ଳାବିତ ମହାର୍ଘ ରଚନା ରାମଚରିତ ମାନସ ର ଅମୃତଭକ୍ତି ରସ ମହାସାଗରର କିଛି ମୋର ପରମପ୍ରିୟ ପାଠକ ପାଠିକାଙ୍କତକର ପ୍ରାଶନ ହେତୁ ପଂଚାମୃତସଦୃଶ ବିତରଣ କରିବି ବୋଲି ବିନୀତ ପ୍ରୟାସ କରିବି। ଯାହା ପ୍ରଭୁ ଶ୍ରୀରାମ କୃପା କରିବେ ।

ଶିଶୁ ଶ୍ରୀରାମ।" ଠୁମକ ଚଲତ ରାମଚନ୍ଦ୍ର ବାଜତ ପୈଜନିୟା"ବିନୋଦ ପ୍ରମୁଦିତା "ଦଶରଥକୀ ରାନିୟାଁ " .,ସେତେବେଳେ ଦେବାଧିଦେବ ମହାଦେବ ଆଶୁତୋଷ ଦରଶନକୁ କେଳା ରୂପରେ ଓ ଏକାଦଶ ରୁଦ୍ରାବତାର ଅତୁଳିତବଳଧାମ ହନୁମାନ ସାଧାରଣ ବାନର ରୂପରେ "ମାଙ୍କଡ଼ ନାଚ " ପ୍ରଭୁଙ୍କୁ ଦେଖେଇବେବୋଲି ଉପସ୍ଥିତ । ତ୍ରିକାଳଜ୍ଞ ଅମର ତପସ୍ୱୀ କାକଭୁଷଣ୍ଡଙ୍କର ଅଯୋଧ୍ୟା ରାଜଭବନର ଅଗଣାରେ ଆସି ଉପସ୍ଥିତ ହୋଇ ପ୍ରଭୁ ବିନୋଦ-ରତ ହେବାର ତନ୍ମୟ ବର୍ଣନା ।(ବିଦ୍ୱାନ ବୋଧଦର୍ଶୀ ପ୍ରବଚକ ମନୋରମା ପବ୍ଲିଶର୍ସର କର୍ତାପୁରୁଷ ସତ୍‌ସାରସ୍ୱତପୁରୁଷ କାକାଭୁଷଣ୍ଡଙ୍କର ଆତ୍ମକଥା ରଚନାକରିଛନ୍ତି। ସେହି ଭକ୍ତ ଭାବେ ଭୋଳା ରଚନାର ହିନ୍ଦୀ ଭାଷାନ୍ତରଣ ମୁଁ କରିଛି(ଯନ୍ତସ୍ଥ) ତାହା ସହିତ କୃଷ୍ଣକଥା ଓ ସ୍ୱାମୀ ତ୍ରିକାଳଦର୍ଶୀ ସର୍ବଦ୍ରଷ୍ଟା ଚର୍ମଚକ୍ଷୁହୀନ ପରମ ଚକ୍ଷୁଷ୍ମାନ ସୂରଦାସ ଙ୍କର ଜୀବନବୃତ୍ତର ଆଧାରିତ ପ୍ରଣମ୍ୟ ବାବୁଜୀ ପବାଦ ରଚନାକାର ଅମୃତଲାଲ ନାଗରଙ୍କ ର ପ୍ରସିଦ୍ଧ ଉପନ୍ୟାସ "ଖଞ୍ଜନ ନୟନ" ବି ମନୋରମା କର୍ତୃକ ପ୍ରକାଶନାଧୀନ ହୋଇ ରହିଛି )। ଯାହାପ୍ରଭୁ ଶ୍ରୀରାମ ସରବ କରତା ଶ୍ୟାସଖାଙ୍କର ମରଜୀ। କେତେବେଳେ ଅରଜି ଘେନାକରିବେ ଗୋବିନ୍ଦ ରୀତି ଗୋବିନ୍ଦ ଜାନେ ! ଭଗତ ର ଭକତି ଭାବେ ଭୋଳା ତପସ୍ୟାର ସିଦ୍ଧିର ସୁନାସକାଳକୁ ପଥଚାହିଁ ରହବା କଥା। ଏହା ଶାଶ୍ୱତ ସତ୍ୟଯେ ବ୍ରାହ୍ମମୁହୂର୍ତରେ ପ୍ରାଚୀ ତୁଠରେ ସୁମଙ୍ଗଳୀଉଷାର ଚାରଣଧୁଆ ଅଳତାରେ ପୀତାଭା କିଂଚିତ ଅରୁଣାୟିତ ହୋଇ ନଭର ଘନ ପ୍ରଶାନ୍ତ ନୀଳରେ ଏକାକାର ହୋଇ ବିଷ୍ଣୁପ୍ରିୟା ବସୁନ୍ଧରା ଶ୍ୟାମଳ ଶୋଭା ବିମଣ୍ଡିତା ହେଉଥିବ। ପ୍ରତିଦିନ ବ୍ରାହ୍ମମୁହୂର୍ତରେ ପ୍ରାର୍ଥନା ମୁଦ୍ରାରେ ଊର୍ଦ୍ଧ୍ୱବାହୁ ଶାଳବୃକ୍ଷ ମାନଙ୍କର ମଧ୍ୟ ଲଲାଟରେ ଶୁକ୍ର ବ୍ରହ୍ମ କପାଳରେ ତିଳକ ସଦୃଶ ଦେଦୀପ୍ୟମାନ ହେଉଥିବେ ( ବୃହଦାରଣ୍ୟକୋପନିଷଦ) ନିଖିଳବିଶ୍ୱ ଭକତି ଭାବେ ଭୋଳା ତନ୍ମୟତାରେ

ଜଗଦୀଶ୍ୱରଙ୍କର ଯଶୋଗାୟନ କରୁଥିବେ । ତାହା ପରମବ୍ରହ୍ମ ଜଗତ କରତା ପାଳକଙ୍କର ମୁଖପତ୍ରିକା ବୀଣାବାଦିନୀ ମାତା ବାଣୀ, ଭାରତୀ, ଶାରଦାସରସ୍ୱତୀଙ୍କର ତଦ୍‌ଗତ ପ୍ରାର୍ଥନା ଅହୀର ଭୈରବ, ଶିବରଞ୍ଜନୀର ମନ୍ଦ୍ର ମୂର୍ଚ୍ଛନା। ଭଗତି ଭାବେ ଭୋଳା ଭଗତ ପ୍ରଭାତୀ ପ୍ରାର୍ଥନାରେ ଭୋଳ ହୋଇ "ସମୁଦ୍ରବସନେ ଦେବି ପର୍ବତ ସ୍ତନମଣ୍ଡଳେ ...ପଦସ୍ପର୍ଶ କ୍ଷମସ୍ୱ ମେ କହି ସର୍ବଂସହା ବସ୍ଛଳା ମାତା ବସୁନ୍ଧରା ପାଖରେ କ୍ଷମା ପ୍ରାର୍ଥନା କରୁଥିବ । ମାଆଗୋ ତୋ ଦେହରେ ପାଦଥାପି ବିଛଣାରୁ ତଳକୁ ଆସିବି, କରୁଣାମୟୀମାଅଟି ସହନକରି କ୍ଷମାକରିବୁ । ତାପରେ ଶଯ୍ୟାତ୍ୟାଗ କରିବ ସିନା।

ପରମେଶ୍ୱର ଈଶ୍ୱର ବିଦ୍ୟମାନ ଏ ଆସ୍ଥା ବିଶ୍ୱାସ ର ଆଶ୍ରିତ ଭକତି ଭାବେ ଭୋଳା ପ୍ରକୃତିର ସୁକୁମାର ସ୍ୱରୂପରୁ ପ୍ରାପତ ହୋଇଥାଏ । ବୈଷ୍ଣବୀୟ ମହାର୍ଘ ବିଚାରରେ ଏକମାତ୍ର ପରମପୁରୁଷ ପୁରୁଷ ଓ ଆଉ ସମସ୍ତ ମାନବ ମାନବେତର ବାନସ୍ପତିକ ଜଗତ ପ୍ରକୃତି, ନାରୀ। ଏକ କୁଣ୍ଡରେ ଥିବା ଫୁଲ ଚାରା। ଦିନେ ପ୍ରଭାତରେ ତହିଁରେ କିଛି କଢ଼ ଦେଖା ଗଲା, ତାପରେ ପ୍ରଭାତରେ ସେ କଢ଼ ର କିଛି ଫୁଟି ରହିଥିଲା, ତାପରେ ସେଇ ପ୍ରକାତରେ କିଛି ମଉଳି ଝଡିପଡ଼ିଥିଲା ତାହା ସାରାରାତି ଉଜାଗର ରହି କିଏ କରୁଛି ବୋଲି ଜିଜ୍ଞାସାର ଉତ୍‌ତର ସେଇ ଈଶ୍ୱର ବୋଲିବା ବ୍ୟତୀତ ଆଉ କିଛି କୁହାଯାଇ ପାରିବ କି ?

ଭକ୍ତି ଆଉ ପ୍ରୀତି ଅଭେଦୀ। ତାର ଅପ୍ରତିମ ନିଦର୍ଶନ ହେଉଛନ୍ତି ଷୋହଳ ସହସ୍ର ବ୍ରଜ ଗୋପାଙ୍ଗନା, ଯେଉଁମାନେ ତ୍ରେତୟାରେ ପ୍ରଭୁ ବନବାସୀ ଶ୍ରରାମଚନ୍ଦ୍ରଙ୍କର ମନ ମୋହନ ରୂପର ସମ୍ମୋହନରେ ପ୍ରଭୁ-ସନ୍ନିଧିର ଅଭିଳାଷରେ ପ୍ରାର୍ଥନା କରିଥିଲେ ଏବଂ ପ୍ରଭୁ ସେମାନଙ୍କୁ, ତାହା ଏ ଜନ୍ମରେ ନୁହେଁ, ତୁମମାନଙ୍କୁ ଏ ତ୍ରେତୟାରୁ ଦ୍ୱାପର ଯାଏଁ ପ୍ରତୀକ୍ଷା କରିବାକୁ ହେବ । ସେତେବେଳେ ମୁଁ ଶ୍ରୀକୃଷ୍ଣଚନ୍ଦ୍ର ସ୍ୱରୂପ ଅବତରିତ ହୋଇ ବ୍ରଜରେ ଲୀଳାବିହାର କରିବି ଏବଂ ତୁମେମାନେ ବ୍ରଭଗୋପାଙ୍ଗନା ଭାବରେ ଅବତରିତ ହେବ। ମୂଳତ ଭକତି ଭୋବେ ଭୋଳା ସେଇ ତପସ୍ୱୀ ସିଦ୍ଧରଷି ମୁନିଶ୍ରଦ୍ଧାରେ ଦଇର୍ଯ ଧରି ପ୍ରତୀକ୍ଷା କରି ଥିଲେ ତାହା ପ୍ରଭୁ ଅଭିନ୍ନାତ୍ମ ସାଇବାବା"ଶ୍ରଦ୍ଧା ସବୁରୀ"ର ତାତ୍ତ୍ୱିକ ଭାବ ଭାବରେପ୍ରଜ୍ଞାପିତ କରିଛନ୍ତି। ଶ୍ରୀମଭାଗତର ରାସ ପଂଚାଧ୍ୟାୟ ର ତନ୍ମୟ ମନନରୂପ ରସ ଅବଗାହନ କରିବେ ବୋଲି ମୋର ଅଳି ଘେନା କରିବେ । ଶ୍ରୀମଭାଗବତକୁ ରସପିପାସୀ ବୋଧବନ୍ତ ବିଦ୍ୱାନମାନେ ବିଶ୍ୱର ସର୍ବଶ୍ରେଷ୍ଠ ପ୍ରୀତି କାବ୍ୟ ବୋଲି କହିଛନ୍ତି। ପରମ ବୋଲି "ପ୍ରୀତିଆ" ସଂବୋଧନ କରିଛନ୍ତି ଅପ୍ରକୃତ ପ୍ରୀତିର ରସାଳ ଉତ୍କଳୀୟ କାବ୍ୟ ବିଦଗ୍ଧ ଚିନ୍ତାମଣି ର କବି ପ୍ରଣମ୍ୟ ଅଭିମନ୍ୟୁସାମନ୍ତସିଂହାର ପରମପ୍ରେମିକ ଲୀଳାବିହାରୀ ଶ୍ରୀକୃଷ୍ଣଙ୍କୁ କହିଛନ୍ତି। ପ୍ରଭୁର ଭଗତି-ପ୍ରୀତିର ପରମାୟୁଧ ମୋହନ ମୁରଲୀ, ଆବାହନର ମଧୁର ରାଗ ବାଗେଶ୍ରୀ । ଲୀଳାବିହାରୀଙ୍କର ମୁଦ୍ରରୀରେ ରାଧାନାମ। ଭାରତରତ୍ନ ପଣ୍ଡିତ

ଭୀମସେନ ଯୋଷୀ ଏବଂ ତନ୍ମୟୀ କୋକିଳକଣ୍ଠୀ ଲତାମଙ୍ଗେସକରଙ୍କର "ବାଁସରୀରେ ବାଗେଶ୍ରୀ ମୁନ୍ଦରୀ ମେଁ ରାଧା କା ନାମ"ଯୁଗଳଗାନ ସ୍ମରଣ କରିବାକୁ ଅନୁରୋଧ କରୁଛି ।

"ଖିଲ ହରିବଂଶ" ମହାପୁରାଣ ବ୍ୟବହାରିକ ଉଦାରା ମୁଦାରା ତାରା ତିନିଗ୍ରାମର ବଂଶୀ ନୁହେଁ ମୋହନର ମୋହନ ମୁରଲୀ ସପ୍ତଗ୍ରାମର, ଶୁଦ୍ଧ କୋମଳ ବାରକୁ ବାରରେ ଗୁଣିଲେ ।ହେବ ଏକଶତ ଚଉରାଳିଶ ଥାଟ, ତାର ଅଷ୍ଟ ଭେଦ, ତତ୍ପର ଶ୍ରୁତିଆଦିର ଗୁଣନ ଫଳରେ ନିବଦ୍ଧିତ ଷୋହଳ ସହସ୍ର ରାଗରାଗିଣୀ ହେଉଛନ୍ତି ସେହି ବ୍ରଜଗୋପାଙ୍ଗନା ବୋଲି ମୋର ପରମ ସୁହୃଦ୍ ପ୍ରବୀଣ ସଙ୍ଗୀତଜ୍ଞ ଶ୍ରୀ ସ୍ୱଦେଶ ରଞ୍ଜନ ବାବଚୀ ଗାଣିତିକ ସୂତ୍ରରେ ଉପସ୍ଥାପନ କରିଥିଲେ। ବର୍ତମାନ ସେ ବାରାଣସୀ ଗୋଦୋଲିଆରେ ଆପଣା ଆବାସରେ ଅବସ୍ଥାନ କରୁଛନ୍ତି। ପ୍ରବୁଦ୍ଧ ସୀତାର ବାଦକ, ପତ୍ନୀ ଗାୟିକା, କନ୍ୟା କୃତ୍‌ତିକା ବିରଜୂ ମାହାରାଜଙ୍କର ଶିଷ୍ୟା କତ୍‌ଥକ ନୃତ୍ୟାଙ୍ଗନା ! ସବୁରି ମୂଳରେ ସେ ଭକତି ଭାବେ ଭୋଳା ଅକପଟ ପ୍ରୀତିର କଥା । ଅଭିନ୍ନ, ଏକାତ୍ମତାରେ ନିବିଡ଼ ନିବିଡ଼ତର ହୋଇ ରହିଛି।

ଲୀଳାବିହାରୀ ପରମବ୍ରହ୍ମ ଶାଶ୍ୱତ ସନାତନ ଅରୂପ ଅଣାକାର ଆପଣଙ୍କର ଜୟ ହେଉ ମଣିମା ମହିମାର୍ଣବ ଙ୍କର ଯଶୋଗାନ ମୁଗ୍ଧ ବିଦଗ୍ଧ ଅମରାତ୍ମ କବିମାନଙ୍କର ଜୟ ହେଉ, ପ୍ରୀତିବତୀ ବିଷ୍ଣୁପ୍ରିୟା ସରସ୍ୱତୀଗନ୍ଧା ବସୁନ୍ଧରାର ଜୟ ହେଉ, ଭକତି ପ୍ରୀତିର ଜୟ ହେଉ ... ...

ଅବୋଧ ଅକିଂଚନ ସାମର୍ଥ୍ୟହୀନ ମୁଁ ଅଶେଷ ବଶଂମ୍ୱଦତାରେ କୃତଜ୍ଞତା ପ୍ରକାଶ କରି ଋଣ ସ୍ୱୀକାର କରି କରୁଣାବରୁଣାଳୟ ଶ୍ୟାମସଖାଙ୍କର ଶ୍ରୀଚରଣରେ ସାଷ୍ଟାଙ୍ଗ ପ୍ରଣିପାତ କରି ଅଳି କରିବି, ସଖା ମୁଁ ଉଋଣ ହେବାର କାମନା କରୁନାହିଁ । କୃପା ଅକୂପାର ଆଉ ଯେତିକି ଅବଶେଷ ରହିଛି ଅରଣ୍ୟ ପଥରେ ଭକତ କବି, ସର୍ବଦ୍ରଷ୍ଟା ଗାୟକ ଶିରୋମଣି ସୂରସ୍ୱାମୀ ଙ୍କୁ ଏକଦା ଯେମିତିନେଇଥିଲ ଏ ଅସହାୟ କୁ ସେପରି ପଥ ବତେଇ ନେଇଯିବ। ଅଳି ମୋର ଘେନା କରିବ.......

ସେଦିନ ପରମ ସନ୍ତୋଷରେ ମହାମନା ସର୍ବ ଶକ୍ତିମାନ ଭାବେ ଭୋଳା ଭକ୍ତ ରୁଦ୍ରବୀଣା ର ବିଚକ୍ଷଣ ଐନ୍ଦ୍ରଜାଲିକ ବାଦନ କ୍ଷମ ସଙ୍ଗୀତାର୍ଣବ ଚନ୍ଦ୍ରିକା ର ପ୍ରଣେତା ଲଙ୍କେଶ ଲଙ୍କାର ବେଳା ଭୂମିରେ ଅଳଂଘ୍ୟ ମହାସାଗରର ସେତୁବନ୍ଧନ କରି ଆସି ଶିବିର ସ୍ଥାପନ କରି ଅବସ୍ଥାନ କରିଥିବା ସହସ୍ର ସହସ୍ର ବଳବନ୍ତ ସମରକୁଶଳ ବାନର ଋକ୍ଷସେନା ଦେଖି ଆରାଧ୍ୟ ପ୍ରଭୁ ପଦାର୍ପଣ କରଛନ୍ତିଓ ଓ ମୋର ମୋକ୍ଷମୁକ୍ତିଦାତା ହେବାର କରୁଣା କରି ବୋଲ ଆଶ୍ୱାସିତ ହୋଇଥିଲେ। ଅତର୍କ୍କିତହୋଇନଥିଲେ । କାରଣ, ଐକମାତ୍ର ମାରୁତିନନ୍ଦନ ଶ୍ରୀଲଙ୍କା ଛରରଖାର କରି ଦେଇ ଯାଇଥିବା ସମୟରେ ସେ ଅତୁଳିତ ବଳଧାମଙ୍କୁ ସାଧାରଣ ଏକ ବାନର ନୁହେଁ ସେ ଏକାଦଶ ରୁଦ୍ରାବତାର ବୋଲି ଆପଣାର ସର୍ବଜ୍ଞତାରେ ଜ୍ଞାତ

ହୋଇଥିଲେ ଏବଂ ମାତାଙ୍କୁ ଦର୍ଶନ କରିବା ଅଶୋକବନରେ ଉପସ୍ଥିତ ହୋଇ ଆସ୍ଫାଳନ କରିଥିଲେ । ମହାକବି କାଳୀଦାସଙ୍କର "ରଘୁବଂଶମ୍"ରେ ସେ ଅଭିନୟସଦୃଶ ଆସ୍ଫାଳନ ଏ ମାତାଙ୍କର ଉତ୍ତର ର ଅଂଶ ମୁଁ ଯେତିକି ମନେ ପକେଇ ପାରୁଛି ଉଦ୍ଧାର କରିବାର ପ୍ରୟାସ କରୁଛି ।

ଲଙ୍କେଶ ରାବଣ-"ଭବିତ୍ରୀ ରମ୍ଭୋରୁ ତ୍ରିଦଶବଦନାଦ୍ ଗ୍ଲାନି ଭବତି

ଶତେ;ରାମସ୍ଥାତା ନଯୁଧି ପୁରତୋ ଲକ୍ଷ୍ମଣ ସଖ: ।। " ଯାହାର ଉତ୍ତରସ୍ୱରୂପ ମାତା କେବଳ କହିଥିଲେ - "ଲଘିଷ୍ଟେଦଂ ଷଷ୍ଠାକ୍ଷର ପଦ ବିଲୋପାତ୍ ପଠ ପୁନ:"ତାହା ହେଲେ ନଯୁଧି ଯୁଧିହୋଇ ଯିବ ଓ ତ୍ରିଦଶ ଦଶରେ ରୂପାନ୍ତରିତ ହୋଇ ଯିବ। ତାହାଫଳରେ ଭକ୍ତଚୂଡ଼ାମଣି ରାବଣ ମାତାଙ୍କୁ ପରୋକ୍ଷରେ ସୁଚିତକରି ଆସି ସେଦନ ଲଙ୍କାର ପ୍ରମୋଦ ଉଦ୍ୟାନରେଆନନ୍ଦ ପମୋଦରେ ସନ୍ଧ୍ୟା ଉପରାନ୍ତ ଭବ୍ୟ ସାଂସ୍କୃତିକ କାର୍ଯକ୍ରମର ଅନୁଷ୍ଠାନ ଆୟୋଜନ କରିଥିଲେ।

ସନ୍ଧ୍ୟାରେ ସାନୁଜ ପ୍ରଗୁ ଶ୍ରୀରାମ ମାରୁତି ନନ୍ଦନଙ୍କ ସହିତ ବିଭୀଷଣଙ୍କୁନେଇ ଋଶ୍ୟମୁକ ପର୍ବତରୁ ଦକ୍ଷିଣରେ କୋଟିଚନ୍ଦ୍ରପ୍ରଭ ଆଲୋକର ଉଦ୍‌ଭାସ ଦେଖି ବିସ୍ମୟରେ ଜିଜ୍ଞାସା କଲେ - " "ଲଙ୍କେଶ ଏ ଆଲୋକର ଅପୂର୍ବ ଉଦ୍‌ଭାସ କଣ?" ବିଭୀଷଣ ମଧ୍ୟ ବିସ୍ମିତ ହେଲେ ମାତ୍ର କ୍ଷେତ୍ରଜ୍ଞ ହୋଇଥିବା ହେତୁ ଉତ୍ତରସ୍ୱରୂପ କହିଲେ - ପ୍ରଭୁ ତାହା ଲଙ୍କାର ପ୍ରମୋଦ ଉଦ୍ୟାନ। ଆଶ୍ଚର୍ଯର କଥା ଶ୍ରୀରାମ ସେନା ଉପଗତ ହୋଇସାରିଛନ୍ତି। ତାହା ସେତ୍ୱେ ସେଠାରେ ଆନନ୍ଦ ଉତ୍ସବର ବାଦନ ଗାୟନ ନୃତ୍ୟାଦିର କାର୍ଯକ୍ରମ ଚାଲିଛି। ଯେଉଁ ହୀରକ ଇନ୍ଦ୍ରନୀଳମଣି ଗ୍ରଥିତ ତନ୍ଦ୍ରାତପ ତାହା ତଳେ ସହସ୍ର ସୁବର୍ଣ ପ୍ରଦୀରେ ଘୃତ ଗନ୍ଧ ପୂରିତ ପ୍ରଦୀପିତ ହୋ ରହିଛି।, ତାହା ତାର ଆଭା।" ପ୍ରଭୁ ପୁଣି ପଚାରିଲେ "ଏ ଯେ ବିଦ୍ୟୁତ୍‌ମଣିସଦୃଶ ଚମକି ଯାଉଛି ?" " ତାହା ସମ୍ରାଟଙ୍କର ରତ୍ନମଣି ଖଚିତ ମୁକୁଟ!" ଆଉ ଏ ଯେଉଁ ସମାନ୍ତରାଳ ଦୁଇଟି ଶମ୍ପା ଦଣ୍ଡତିବତ୍ ରେଖା ଝଲସି ଯାଉଛି ? "" ତାହା ସାମ୍ରାଜ୍ଞୀ ଙ୍କର କାନର କୁଣ୍ଡଳ!" ଦରହସିତ ପ୍ରଭୁ ଧନୁରେ ପ୍ରତ୍ୟଂଚା ଯୋଖି ଅଭିଭନ୍ତି କରି ଶରସନ୍ଧାନ କରନ୍ତେ ସେହି ଚନ୍ଦାତପ ଭୂଲୁଣ୍ଠିତ ହୋଇଗଲା, ଲଙ୍କେଶଙ୍କର ସୁବର୍ଣ ମୁକୁଟ ଭୂପତିତ ହୋଇ ସାମ୍ରାଙ୍କର ଉଭଞ୍ଚ କୁଣ୍ଡଳ ଭୂଲୁଣ୍ଠିତହୋଇଗଲା ଓ ଲଙ୍କେଶ ପଅମୁଦିତ ମନରେ ନୃତ୍ୟ କରିବାକୁ ଲାଗିଲେ। ଆନନ୍ଦ ଗଦ୍‌ଗଦ ହୋଇ ମନ୍ଦୋଦରୀଙ୍କୁ କହିଲେ - " ଦେଖିଲ, ମୋର ପ୍ରଭୁର ଶକ୍ତି ?"

ସାମ୍ରାଜ୍ଞୀ ବିସ୍ମିତ ହେଲେ । ତେବେ କହିଲେ - ମୁଁ ସେତେବେଳୁ କହୁ ଆସୁଛି ଜାନକୀଙ୍କୁ ସସମ୍ମାନ ପ୍ରତ୍ୟର୍ପଣ କରି କ୍ଷମାଯାଚନା କର। ପରନାରୀ ଅପହରଣର ମହା ପାତକ କର ନାହିଁ। ମାତ୍ର ସେତେବେଳେ ତୁମର ଗର୍ବ ଅହଂକାର ତୁମକୁ ବାରଣ ଆକଟ

କରୁଥିଲା ଏବଂ ସମ୍ପ୍ରତି ସମରର ନାନା ଆୟୋଜିତ ବ୍ୟବସ୍ଥା କରି ଆପାତତ: କୁଳନାଶ ହୋଇ ସାରିଲାଣି ।" ଲଙ୍କେଶ ସସ୍ମିତହାସ୍ୟ-ରୋଷିତ କଣ୍ଠରେ କହିଲେ - " କିଏ ପରନାରୀ ? ମୁଁ କାର ଅପହରଣ କରି ମହାପାତକ କରିଛି । ସେ ମୋର ମାତା। ପିତୃସତ୍ୟ ତୁମେ ସିନା ପାଳନ କରିବ ପ୍ରଭୁ ମୋର ମାଆକୁ ଅରଣ୍ୟର କଂଟକାକୀର୍ଣ ପଥରେ ଆଣି ସୁଖ ସ୍ୱାଚ୍ଛନ୍ଦ୍ୟ ପରିବର୍ତରେ ପୀଡ଼ିତ କରିବ କି? ତେଣୁ ମୁଁ ମାଆକୁ ଉଠେଇ ଆଣି ଶୋକ ରହିତ ଅଶେକବନରେ ରଖି ପ୍ରତି ପ୍ରଭାତ ସନ୍ଧ୍ୟାରେ ଦର୍ଶନ କରିବାକୁ ଯାଉଛି । କୋଉ ଶାସ୍ତ୍ର ବିଧିରେ ଅଛି ଯେ ମାତାର ସ୍ପର୍ଶ କରିବା ପାତକ ବୋଲି ? ଏଯାବତ୍ ମୋର ପୁର୍ଣବିଶ୍ୱାସ ନଥିଲା - ମାତୃବଚନ ରକ୍ଷାକରିବା କର୍ତା ଯଥାର୍ଥରେ ଉପଗତ । "

ଭକତି ଭାବେ ଭୋଳା ପରମଭକ୍ତ ସତଚରିତ୍ର ଲଂକେଶଙ୍କର ତାହା ବିବିଧ ରାକ୍ଷସ ଜନ୍ମର ସମାପନ ପର୍ବ ବୋଲି ଆସ୍ଥାମୟ ବିଶ୍ୱାସର ନିବେଦନ।

ତତ୍ ପରବର୍ତୀ ରାମାୟଣ ର ଭକ୍ତି ରସାଣିତ ଆଖ୍ୟା ଉପାଖ୍ୟାନମାନଙ୍କର ଏ ଆଲେଖ ପୁସ୍ତିକାର ସୀମିତ ନରୂପିତ କଳେବର ଦୃଷ୍ଟରୁ ନ କରି ବିରାମ ଦେଉଛି। କିନ୍ତୁ " ଲୀଳାମୟ ଶ୍ୟାମସଖା" ମହାମନା ରାବଣଙ୍କୁ ମହାନାୟକ କରି ଏକ ଉପନ୍ୟାସ ରଚନା କରିସବାକୁ ଅନୁପ୍ରେରିତ କରୁଛନ୍ତି। ଯାହା ତାଙ୍କର କରୁଣାମୟୀ ଇଚ୍ଛା।

+++

ଭକ୍ତ ପ୍ରୀତି ଏକାତ୍ମ .ଅଭିନ୍ନ। ଭକତି ପ୍ରୀତିଭାବରେ ସମର୍ପିତ ଚିତ୍ତରେ ଭୋଳ ହୋଇ ଯଥାର୍ଥରେ ହେ ବସୁଧାର ବତ୍ସଳ ପୁତ୍ର-କନ୍ୟାମାନେ ଆମେ ଆପଣାକୁ ଭଲପାଇ ଭୂମି ଭୂମା ଜଗତ-ଜନ ସମାଜକୁ ଭଲପାଇଲେ ସ୍ନେହ ପ୍ରୀତି କାଙ୍ଗାଳ ପ୍ରଭୁ ଶ୍ୟାମସଖା ମୋର ଆମେ ପାଦେ ଆଗେଇଲେ ସେ ଦଶପାଦ ଆଗେଇ ଆସିବେ।

ପାପ ଓ ପୁଣ୍ୟର ଭେଦ ବିଚାରକୁ ଜଟିଳ ସୂତ୍ର ସଂହିତାରେ ବାଟବଣା ନ ହୋଇ କେବଳ "ପରୋପକାର ପୁଣ୍ୟାୟ। ପାପାୟ ପର ପୀଡ଼ନେ ।!" ଏ ସରଳ ସହଜ ଉପଦେଶକୁ ଆପଣାର ଆଦର୍ଶ ଧ୍ୟେୟ ଭାବରେ ଅଙ୍ଗୀକାର କରିବା ସମୀଚୀନ।

ସୁଦୂର ଅତୀତ, ଆବହମାନ କାଳରୁ ବସୁନ୍ଧରା,ମାନବ ଏପରିକି ଦେବଲୋକ ବି ଦାନବ-ପ୍ରତାଡ଼ିତ ହୋଇ ତ୍ରସ୍ତ ଆତଙ୍କିତ ହୋଇ ଜଗତ କର୍ତା ପାଳକ କୁ ଗୁହାରୀ କରିବା ବ୍ୟତୀତ ଆଉ କିଛି ପରିତ୍ରାଣର ପନ୍ଥା ପାଇନାହିଁ। ପ୍ରଭୁ ଡାକ ଶୁଣି ଧରାବତରଣ କରିଛନ୍ତି ଦାନବ ସଂହାର କରି ସତ୍ୟ ଧର୍ମ ର ସଂସ୍ଥାପନ କରିଛନ୍ତି । ଆଜି ଏ ଭୟାନକ କଳିର ଶେଷ ଭାଗରେ ସେଇ ଅନାଚାରୀ ଦାନବୀ ଦୁର୍ଦ୍ଧର୍ଷ ଅତ୍ୟାଚାରର ପ୍ରବଳ ପ୍ରତାଡନା କବଳିତ ହୋଇ ରହିଛି ସମଗ୍ର ବିଶ୍ୱର ମାଟି ଆଉ ନିରୀହ ଅସହାୟ ମଣିଷ । ପ୍ରତିରାଷ୍ଟ୍ରର ଦାନବ ନାୟକମାନେ କେହି ମିତ୍ର ବନ୍ଧୁ ନୁହନ୍ତି ସେମାନେ ପ୍ରଖର ଶକତିମନ୍ତ ମାରଣାସ୍ତ୍ର

ରେ ପରସ୍ପରକୁ ସଂହାର କରିବାକୁ ତତ୍ପର ହୋଇ ରହିଛନ୍ତି ତେବେ ସତ୍ୟ ଯେ ସମସ୍ତେ ନାଶ ଯିବେ । ମାତ୍ର ଶାଶ୍ୱତ ସତ୍ୟ ଯେ ବିନାଶରେ ସର୍ଜନା ସମ୍ଭବ ନୁହେଁ ; ତାହା ସକାଶେ ବିକାଶ ସୁରକ୍ଷା ସଂରକ୍ଷଣ ନିତାନ୍ତ ବାଂଛନୀୟ । ପ୍ରଭୁ ଜଗତର ସେବା ସକାଶେ ପଂଚଭୂତଙ୍କୁ ନିଯୁକ୍ତ କରି ମାନବକୁ ଅଧିକ ବିବେକ ବୁଦ୍ଧି ର ମହାଦାନ କରିଛନ୍ତି ବୋଲି, ସେହି ପଂଚଭୂତଙ୍କର ସୁରକ୍ଷା ସେମାନଙ୍କୁ ଅପ୍ରଦୂଷିତ କରିବା ରଖିବା ମାନବର ମହତ କର୍ତବ୍ୟ କର୍ମ ହେବା ବିଧେୟ ।

ଏହି ଦାନବମାନେ ନଷ୍ଟଚରିତ୍ର, ଅହଂକାରୀ, ପ୍ରେମ ପ୍ରତାରଣା, ଧର୍ଷଣ ବଳାତ୍କାର, ହତ୍ୟା, କାବୁ କରି ଶୋଷଣ,କି ଦାନବ କି ଦାନବୀ,ଅବିରତ ମଦ୍ୟପାୟୀ,ଯେଉଁମାନେ ନିଶ୍ଚିତ ଅକଥନୀୟ ଯନ୍ତ୍ରଣା ସହନ କରି ବିନାଶ ଯିବେ, କେହି ବି ସେମାନଙ୍କର ପରିତ୍ରାଣ କରି ପାରିବେ ନାହିଁ। ଭଗତ ସାଧୁମାନେ ଭାବ ଭକତି ଭୋଳା ପ୍ରୀତିରେ ସରବେ ହୋଇ ଏକମୁଖ ହେ ନାରାୟଣ ରଖ ରଖ ବୋଲି ଗୁହାରୀ କରୁଛନ୍ତି। ଅନ୍ଧ ପରମ ଚକ୍ଷୁଷ୍ମାନ ତ୍ରିକାଳଦର୍ଶୀ ଭୀମ ଭୋଇ ସେଇ ଭଗତି ପ୍ରୀତି ଭୋଳା ସାଧୁମାନଙ୍କୁ ମାତ୍ର ଏତିକ କହୁଛନ୍ତି କେବଳ ନିରମଳ ମନରେ ପ୍ରଭୁ ମହିମା ଭଜନା କରି ଆନନ୍ଦ ଅଶଂକ ମନରେ ରହିଥାଅ ପ୍ରଭୁ ଅବତରିତ ହୋଇ ଦୁଷ୍କୃତ ବିନାଶ କରିବେ ତୁମମାନଙ୍କର ପରିତ୍ରାଣ କରିବେ ସତ୍ୟ ଧର୍ମର ପୁନ:ସଂସ୍ଥାପନ କରିବେ । ଜଗତର ଉଦ୍ଧାର କରିବେ, ତାଙ୍କର ପରମ ପ୍ରିୟତମା ମାତା ବସୁନ୍ଧରାର କ୍ଲେଶ ସହନ କେତେବେଳେ ବି କରୁଣାବରୁଣାଳୟ ପ୍ରଭୁ ପକ୍ଷରେ ସହଜ ସମ୍ଭବ ହେବନାହିଁ ।

ଶଠ ରାଜନୀତିର କର୍ତାପୁରୁଷମାନେ ଆପଣାର ଗାଦୀ ଅଳୀକ ବୋଲି ଜାଣିଜାଣି କୋଟୀକୋଟୀ ଋଣ କରି ଉଦାସୀନ ପ୍ରଜାଙ୍କୁ ଋଣବୋଝରେ ଲଦିଦେଇ ଯିବେ। ପ୍ରଜା ଆଜି ଯାହା ଭୋଗ କରୁଛି  ତାହାଠାରୁ ଅଧିକତର କ୍ଲେଶ ଭୋଗ କରିବ ଓ ତଥାକଥିକ ଜନସେବକ, ପ୍ରଶସନିକ କର୍ମ କର୍ତା, ବ୍ୟାଙ୍କ ତଥା ତାର ଉପଦେଷ୍ଟାମାନେ କୋଟିକୋଟି ଗିଳି ଓଡ଼ି ମାରିବେ । ସେମାନେ କଢତକର୍ମର ଫଳ ଅବଶ୍ୟ୍ୟ ଭୋଗିବେ। ନାନା ଦୁରରୋଗ୍ୟ ବ୍ୟାଧି, ବିନାଶ ହେତୁ। କିଛି ନାକିଛିସୂତ୍ରରେ କର୍ତା ଅବଶ୍ୟ ଦଣ୍ଡିତ କରିବ।,ୗକୁଟିଜନ

ମୁଁ ଜାଣିପାରୁଛି ମ୍ଳେଚ୍ଛ ଯବନ ଆତଙ୍କୀମାନେ ମାଡ଼ି ଆସିବେ। ମୁଁ ମହିମା ବାରାନିଧି ପ୍ରଭୁଙ୍କୁ ଜଣା କରିବି ।

ନତୁବା ପଛନ୍ତେ କହିବେ ଗୋସେଇଁ ସାମନ୍ତ ମହିମା ବାରାନିଧି ସବୁ ଦେଖୁଥିଲୁ, ଜାଣୁଥିଲ, ଆଉକହିଲୁ ନାହିଁ ଯେ ମ୍ଳେଚ୍ଛ ଯବନ ରାକ୍ଷସ ମାନେ ମାଡ଼ି ଆସିବେ ସରଳ ଭଗତଙ୍କୁ ଆତଙ୍କିତ କରିବାକୁ । ତମକୁ ସେକଥା ଅଗୋଚନ ନୁହେଁ। ତଥାପି ଜଣାକରିଛି। ସେମାନଙ୍କର ନିପାତ କରିବ ମହାବାହୁ । ଜଗତର ଉଦ୍ଧାର କରିବ। ଶାନ୍ତି, ଶାନ୍ତିର ପ୍ରତିଷ୍ଠା

କରିବ । ସେହି ଅତଙ୍କବାଦୀ ସୀମା ଟପି ଆକଟ ନ ମାନି ଅନୁପ୍ରେବଶ କରି ଶହଶହ ବନ୍ଦୀ ହେଉଛନ୍ତି, ମରୁଛନ୍ତି ଆଉ ସେ ଆତଙ୍କର ଅନ୍ତ ନାହିଁ।

ମୋତେ, ତେଣୁ, ହେ ମୋର ସାଧୁ ସଜ୍ଜନ, ଭକତି ଭାବେ ଭୋଳା ମନୁପୁତ୍ର-କନ୍ୟାମାନେ ଆସ, ପରସ୍ପରକୁ ଭଲପାଇବା, ପ୍ରମୁଦିତ ମନରେ ଭାବ ସଙ୍କୀର୍ତନ କରି ମିଳିତ ପ୍ରାଣର ମହୋତ୍ସବ ପ୍ରୀତିପର୍ବ ପାଳନ କରିବା । ପାରସ୍ପରିକ ସ୍ନେହର ଶ୍ରଦ୍ଧା ଈର୍ଷ୍ୟା, ମତ୍ସରରହିତ ସୋଦର ପଣରେ ଏକାତ୍ମ ଅଭିନ୍ନତାରେ ଜଗତକରତା ପାଳକ କୃପା ଅକୂପାର ଦୀନବାନ୍ଧବ ଅରୂପ, ଅବ୍ୟୟ,, ଅକ୍ଷୟ ଅସୀମ,ଅନନ୍ତ.ଅଚ୍ୟୁତଙ୍କର ଜୟଗାୟନ କରିବା ।

ଏ ପାବନ ଭୂମି, ସର୍ବେଶ୍ୱର ଭୂମାଙ୍କର ଜୟ ହେଉ, ସାଧୁସନ୍ଥ ସଜ୍ଜନଙ୍କର ଜୟ ହେଉ ଜୟହେଉ ସର୍ବଂସହାମାତା ବସୁନ୍ଧରାର !

୦୦୦

ବିଦ୍ୱାନ ବୋଧବନ୍ତ ସର୍ବଶ୍ରେଷ୍ଠ ବିଚାରକ ପାଠକ-ପାଠିକାଙ୍କ ଆଗରେ ଆମେ, ମୁଁ ଓ ବିଜୟଲକ୍ଷ୍ମୀ କ୍ଷମାପ୍ରାର୍ଥନା ନ କରିବା ଧୃଷ୍ଟତା ହେବ । କାରଣ ଆମେ ଯାହା କରିଛୁଁ ତାହା ପ୍ରମାଦ ରହିତ ବୋଲି ଦୃଢ଼ହୋଇ ଦାବି କରି ପାରିବୁନାହିଁ । ଆମର ମାନବୀୟ କ୍ଷମତାର ସୀମା ଭିତରେ ନିଷ୍ପାପର ପ୍ରୟାସ କରିଥିଲେ ହେଁ ଆମର ଅନିଚ୍ଛା ସତ୍ତ୍ୱେ ଯାହା ଆପଣଙ୍କର ଗୋଚର ହେବ ଆମର ବିନମ୍ର ଅନୁରୋଧ ଅଙ୍ଗୀକାର କରି ପରମାର୍ଜନ କରି ବାଚନ କରିବେ । କିଛି ନୁହେଁ ଭକ୍ତ ଭାବେ ଭୋଳା ହୋଇ ଭଲପାଇବେ ନିଜକୁ, ଜଗତକୁ ।

ଜୟ ଜଗତ୍ !

ଭକତି ଭାବର ସିଦ୍ଧ ଯୋଗୀ, ଶ୍ରୀ ଶ୍ରୀ ମହାପୁରୁଷ, ଅରକ୍ଷ ରକ୍ଷକ ଅରକ୍ଷିତ ଦାସ ଆପଣା କର୍ତାପଣରେ କରତାର ପ୍ରତିନିଧିଭାବରେ ଆମ ଦ୍ୱାରା ଯାହା କରେଇଛନ୍ତି,ତାହା ଆମମାନଙ୍କ ପ୍ରତି ଅନନ୍ତ କୃପା। ଅପରିସୀମ କରୁଣା।

ବାରମ୍ବାର ଶ୍ରୀଚରଣକମଳରେ ଆମର କୋଟି ପ୍ରଣିପାତ, ଘେନା କରନ୍ତୁ।।

ଜୟ ହେଉ, ଜୟ ହେଉ, ଜୟଜୟ ହେଉ !

ଓଁ ଶାନ୍ତି: ଶାନ୍ତି: ଶାନ୍ତି:

୦୦୦

କବି କୁଟୀର, ବଲାଙ୍ଗୀର

ସମ୍ପୂର୍ଣଂ, ପୂର୍ଣ ମିଦମ୍

୨୧ ସେପ୍‌ଟେମ୍ବର ୨୦୨୨





ମହାପୁରୁଷ ଅରକ୍ଷିତ ଦାସଙ୍କ ଜନ୍ମ ସ୍ଥାନ ବିଜୟ ନଗର ଗଡ ଖ୍ରୀଷ୍ଟାବ୍ଦ ୧୭୭୨
(ଅଧୁନା ଘୋଡାହାଡ ଡ୍ୟାମ ମଧ୍ୟରେ ଲୁପ୍ତ ପ୍ରାୟ) ର ଜଗନ୍ନାଥ ମନ୍ଦିର ୨୦୧୦ ମସିହା



ମହାପୁରୁଷ ଅରକ୍ଷିତ ଦାସଙ୍କ ସନ୍ୟାସ ଜୀବନ ପାଇଁ ତ୍ୟାଗ କରିଥିବା
ଦିଗପହଣ୍ଡି ସ୍ଥିତ କଚେରୀ ଘର ର ମୁଖ୍ୟ ପ୍ରବେଶ ପଥ



ଓଳାଶୁଣୀ ପୀଠର
ଆରାଧ୍ୟ ଦେବୀ ମା ଓଳାଶୁଣୀ



ମହାପୁରୁଷ ଅରକ୍ଷିତ ଦାସଙ୍କ
ସାଧନାପୀଠ ଅନନ୍ତଗୁମ୍ଫା



ମହାପୁରୁଷ ଅରକ୍ଷିତ ଦାସଙ୍କ
ସମାଧି ପୀଠ


9776343503, 9692504243, 9937632393
nabakishoresamal9@gmail.com
www.olasuni.com Olasuni App
Mahapurusa Arakhita Das's - Olasuni Gumpha YouTube